

ମାଛ ମାରିବାକୁ ହାତୁଡ଼ି ମାରନି

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 199 ଭାଗ ୩୪ | ସଂଖ୍ୟା ୧୯୯ | Saturday 10 October 2026 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର, ୧୦ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ‘ଫେରିଆସି ଭାରତ ଗଠନ କର’

ଚେନ୍ନାଇ,୯।୧୦ଃ ଆମେରିକାରେ କାର୍ଯ୍ୟରତ ସଫ୍ଟୱେର ଏକ୍ସପର୍ଟମାନଙ୍କୁ ଭାରତ ଫେରି ଆସିବା ପାଇଁ କ୍ଲାଉଡ୍ ଭିତ୍ତିକ ସଫ୍ଟୱେର ଆଣ୍ଡ ବିଜନେସ୍ କର୍ପୋରେସନ୍ ଜୁହୁର ପ୍ରତିଷ୍ଠାତା ଶ୍ରୀଧର ଭେମ୍ବୁ ଆହ୍ୱାନ ଦେଇଛନ୍ତି। ଆମେରିକା ସରକାର ଅନେକ ବଡ଼ ଟେକ୍ କମ୍ପାନୀର ବିଦେଶୀ କର୍ମଚାରୀଙ୍କ ପାଇଁ ଗ୍ରିନ୍ କାର୍ଡ ପ୍ରକ୍ରିୟାକୁ ସ୍ଥଗିତ ରଖିବା ଭେମ୍ବୁ କହିଛନ୍ତି ଯେ, ଆମେରିକା ଆଉ ତୁମମାନଙ୍କୁ ଲୋଡୁନାହିଁ। ତୁମେମାନେ ଭାରତ ଫେରିଆସ, ଆଉ ଭାରତ ଗଠନରେ ଅଂଶୀଦାର ହୁଅ। ଆମେରିକାକୁ ପ୍ରଯୁକ୍ତିକ୍ଷେତ୍ରରେ ଅଗ୍ରଣୀ ହେବା ଲାଗି ଭାରତୀୟଙ୍କର ବହୁ ଭୂମିକା ରହିଛି। ମାତ୍ର ସେହି ଭାରତୀୟମାନଙ୍କୁ ଆଉ ଆମେରିକା ଆବଶ୍ୟକ କରୁନାହିଁ। ଭିସାରେ ଆମେରିକାରେ ରହି କାମ କରୁଥିବା ଭାରତୀୟମାନେ ବର୍ଷ ବର୍ଷର ପରିଶ୍ରମରେ ଗଢ଼ିଥିବା ଜୀବନ ଓ କ୍ୟାରିୟର ଛାଡ଼ି ଫେରିବାର କଷ୍ଟକର ପରିସ୍ଥିତିରେ ପଡ଼ିପାରନ୍ତି। ଏହାକୁ ସେମାନେ ଭାରତରେ ଏକ ନୂଆ ଭବିଷ୍ୟତ ଗଢ଼ିବାର ସୁଯୋଗ ଭାବେ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି।



# ଲାଗୁ ହେବ ପ୍ରଭାବଶାଳୀ ‘ସୋସିଆଲ ମିଡିଆ ନୀତି’

- ସ୍ୱଚ୍ଛ ଓ ପାରଦର୍ଶୀ ବିଜ୍ଞାପନ ପରିଚାଳନା ପାଇଁ 'ଇ-ସଞ୍ଚାର ଆପ୍'
- ସଠିକ୍, ଶୀଘ୍ର ଓ ସରଳତା ସରକାରୀ ସୂଚନା ସଞ୍ଚାର'ର ମୁଖ୍ୟ ସ୍ତମ୍ଭ
- ମନିଟରିଂ ଜରିଆରେ ଲୋକଙ୍କ ଫିଡ୍‌ବ୍ୟାକ ତୁରନ୍ତ ଗ୍ରହଣ କରାଯାଉ
- ହିତାଧିକାରୀଙ୍କ କାହାଣୀକୁ ଲୋକଙ୍କ ସାମ୍ନାକୁ ଆଣିବାକୁ ପରାମର୍ଶ

ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ)ଃ ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ସୂଚନା ଓ ସଞ୍ଚାର ପାଇଁ ଏକ ପ୍ରଭାବଶାଳୀ ସୋସିଆଲ ମିଡିଆ ନୀତି ପ୍ରଣୟନ କରାଯିବ। ଜିଲ୍ଲାଠାରୁ ଆରମ୍ଭ କରି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଏକ ନିରବଚ୍ଛିନ୍ନ ଡିଜିଟାଲ୍ ସୂଚନା ଓ ଯୋଗାଯୋଗ ବ୍ୟବସ୍ଥା ଗଠନ କରାଯିବ ଏବଂ ଡିଜିଟାଲ୍ ମାଧ୍ୟମରେ ମିଥ୍ୟା ତଥ୍ୟ ତଥା ଗୁଜବର ମୁକାବିଲା ପାଇଁ ଏକ କଡ଼ାକଡ଼ି ତଥ୍ୟ ଯାଞ୍ଚ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୂଚନା ସେବା ଅଧିକାରୀଙ୍କ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ‘ସାମାଜିକ ଗଣମାଧ୍ୟମର ଉଦୀୟମାନ ଧାରା’ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଆଜିର ଯୁବ ବର୍ଗ ପାରମ୍ପରିକ ଗଣମାଧ୍ୟମଠାରୁ ବହୁ ଆଗରେ ରହି ସାମାଜିକ ଗଣମାଧ୍ୟମ ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ଲାଟଫର୍ମର ବ୍ୟାପକ ବ୍ୟବହାର କରୁଛନ୍ତି। ତେଣୁ ସରକାରୀ ସଞ୍ଚାର ବା ଯୋଗାଯୋଗ ପାଇଁ ଆମକୁ ମଧ୍ୟ ସାମ୍ପ୍ରତିକ ସମୟର ଏହି ଅତ୍ୟାଧୁନିକ ଟ୍ରେଣ୍ଡ୍‌ଗୁଡ଼ିକୁ ଆପଣାଇବାକୁ ପଡ଼ିବ ବୋଲି ସୂଚନା ସେବା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ସାମାଜିକ ଗଣମାଧ୍ୟମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରି କହିଛନ୍ତି ଯେ ବର୍ତ୍ତମାନର ସମୟ କେବଳ ପାରମ୍ପରିକ ପ୍ରିଣ୍ଟ ବା ଇଲେକ୍ଟ୍ରୋନିକ୍ସ ମିଡିଆର ସମୟ ନୁହେଁ, ବରଂ ସୋସିଆଲ ମିଡିଆ ଏବଂ କ୍ରିଏଟର ଇକୋନୋମିର ଯୁଗ। ପ୍ରତ୍ୟେକ ନାଗରିକଙ୍କ ହାତରେ ଥିବା ମୋବାଇଲ୍ ଫୋନ୍ ଆଜି ଏକାଧାରରେ ଖବରକାଗଜ, ଟେଲିଭିଜନ, ରେଡିଓ ଓ ଏକାଧିକ ଯୋଗାଯୋଗର ମାଧ୍ୟମ ପାଲଟିଛି। ତେଣୁ ସରକାରୀ ଅଧିକାରୀମାନଙ୍କୁ କେବଳ ପ୍ରେସ୍ ରିଲିଜ୍ ଜାରି କରିବାରେ ସୀମିତ ନ ରହି ଜଣେ ଦକ୍ଷ କମ୍ୟୁନିକେସନ ପ୍ରଫେସନାଲ୍ ଭାବେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ। ସୋସିଆଲ ➢ପୃଷ୍ଠା-୬

## ଟ୍ରମ୍ପଙ୍କ ସ୍ୱପ୍ନ ଧୂଳିସାତ
# ଶାନ୍ତି ପାଇଁ ପିଲ୍ଲେଙ୍କୁ ନୋବେଲ
### ବିଶ୍ୱବ୍ୟାପୀ ପ୍ରଶଂସା, ଇସ୍ରାଏଲ ପକ୍ଷରୁ କଡ଼ା ନିନ୍ଦା



ଷ୍ଟକହୋମ୍,୯।୧୦ଃ ସମ୍ପ୍ରତି ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତର ବିଶିଷ୍ଟ ଆଇନଜ୍ଞ, ମାନବାଧିକାର କର୍ମୀ ତଥା ଦକ୍ଷିଣ ଆଫ୍ରିକାରେ ଜନ୍ମିତ ଭାରତୀୟ ବଂଶୋଦ୍ଭବ ନଭନେଥେମ୍ ‘ନାଭି’ ପିଲ୍ଲେଙ୍କୁ ଶାନ୍ତି ପାଇଁ ଚଳିତ ବର୍ଷର ବହୁଚର୍ଚ୍ଚିତ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ବର୍ଣ୍ଣବୈଷମ୍ୟ ବିରୋଧରେ ଲଢ଼େଇ, ଯୁଦ୍ଧ ତଥା ମାନବତା ବିରୋଧୀ ଅପରାଧ ଓ ନରହତ୍ୟା ପାଇଁ ଦୋଷୀଙ୍କ ବିଚାର ଓ ଦଣ୍ଡବିଧାନ ସୁନିଶ୍ଚିତ କରିବା ସହ ଶାନ୍ତି ଓ ଅନ୍ତର୍ଜାତୀୟ ଆଇନର ପ୍ରସାର ପାଇଁ ପ୍ରୟାସ ସ୍ୱରୂପ ତାଙ୍କୁ ଚଳିତ ବର୍ଷର ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି ବୋଲି ସ୍ୱିସ୍ ନୋବେଲ ଏକାଡେମୀ ପକ୍ଷରୁ କୁହାଯାଇଛି।

ନଭନେଥେମ୍ ‘ନାଭି’ ପିଲ୍ଲେଙ୍କର ଭାରତ ସହ ଏକ ସିଧାସଳଖ ସମ୍ପର୍କ ରହିଛି। ସେ ଦକ୍ଷିଣ ଆଫ୍ରିକାର ଡର୍ବାନ୍‌ଠାରେ ଏକ ଭାରତୀୟ ମୂଳ ତାମିଲ ପରିବାରରେ ଜନ୍ମଗ୍ରହଣ କରିଥିଲେ। ୧୮୯୦ ଦଶକରେ ତାଙ୍କର ଜେଜେବାପା-ଜେଜେମାଆ ଚିନି ଚାଷ କ୍ଷେତରେ କାମ କରିବା ପାଇଁ ଚୁକ୍ତିବଦ୍ଧ ଶ୍ରମିକ ଭାବରେ ଭାରତରୁ ଦକ୍ଷିଣ ଆଫ୍ରିକାକୁ ଯାଇଥିଲେ। ସେ ଦକ୍ଷିଣ ଆଫ୍ରିକା ହାଇକୋର୍ଟର ପ୍ରଥମ କୃଷ୍ଣକାୟ ମହିଳା ବିଚାରପତି ଭାବେ କାର୍ଯ୍ୟ କରିଥିଲେ।

ନୋବେଲ ଶାନ୍ତି ପୁରସ୍କାର ପାଇଁ ନଭନେଥେମ୍ ‘ନାଭି’ ପିଲ୍ଲେଙ୍କୁ ଚୟନ କରିଥିବାରୁ ନୋବେଲ ଏକାଡେମୀକୁ ବିଶ୍ୱବ୍ୟାପୀ ଭୂୟସୀ ପ୍ରଶଂସା କରାଯିବା ସହ ଏଥିପାଇଁ ନୋବେଲ କମିଟିକୁ ଅସାଧାରଣ ସାହସ ପ୍ରଦର୍ଶନ ➢ପୃଷ୍ଠା-୬

## କୁଚିଣ୍ଡାରେ ‘ସେବା ସଂକଳ୍ପ ଅଭିଯାନ’ରେ ସାଂସଦ
# ଶିଶୁ ଓ ଗର୍ଭବତୀ ମା’ଙ୍କ ଯତ୍ନ ସାମାଜିକ ଦାୟିତ୍ୱ

- ଅଙ୍ଗନବାଡ଼ିର କର୍ମୀ, ଆଶା ଦିଦିଙ୍କ ସହ ଆଲୋଚନା
- ସହରକୁ ମିଳିବ ନୂତନ ପରିଚୟ



କୁଚିଣ୍ଡା/ସମ୍ବଲପୁର,୯।୧୦(ସଂଚାର ବ୍ୟୁରୋ)ଃ ନବଜାତ ଶିଶୁ ଓ ଗର୍ଭବତୀ ମା’ଙ୍କ ସୁସ୍ଥ ଶରୀର ପାଇଁ ଯତ୍ନ ନେବା ପ୍ରତ୍ୟେକ ନାଗରିକଙ୍କ ସାମାଜିକ ଦାୟିତ୍ୱ ବୋଲି ଆଜି ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କୁଚିଣ୍ଡା ଗସ୍ତ ଅବସରରେ ‘ସେବା ସଂକଳ୍ପ ଅଭିଯାନ’ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଆଜି କୁଚିଣ୍ଡାଠାରେ ନବନିର୍ମିତ ‘ଅଡିଟୋରିୟମ୍ ଏବଂ ସାଂସ୍କୃତିକ କେନ୍ଦ୍ର’ ସହ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ କେନ୍ଦ୍ର ସହ ସହରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏହି ଜନହିତକର ପ୍ରକଳ୍ପଗୁଡ଼ିକ କୁଚିଣ୍ଡାକୁ ଏକ ନୂତନ ପରିଚୟ ପ୍ରଦାନ କରିବ ବୋଲି ସେ ପ୍ରକାଶ କରିଥିଲେ। ଏହାପରେ ସାଂସଦ ଶ୍ରୀ ପ୍ରଧାନ କୁଚିଣ୍ଡାସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କ ଗହଣରେ କିଛି ସମୟ ଅତିବାହିତ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କରେ ପଚାରି ବୁଝିଥିଲେ। ‘ସେବା ସଂକଳ୍ପ ଅଭିଯାନ’ ଅନ୍ତର୍ଗତ ‘ଆଙ୍ଗନ ମିଳନ’ ଉତ୍ସବରେ ଅଙ୍ଗନବାଡ଼ି, ଆଶା କର୍ମୀ, ସ୍ଥାନୀୟ ମା’ମାନେ ଓ ବିଭିନ୍ନ ଯୋଜନାର ହିତାଧିକାରୀଙ୍କ ସହ ସେ ସିଧାସଳଖ ➢ପୃଷ୍ଠା-୬

# ବାର୍ଷିକ ୫୦୦ କୋଟି ଅଣ୍ଡା ଉତ୍ପାଦନ ଲକ୍ଷ୍ୟ
### ଚାଷୀଙ୍କୁ ମିଳିବ ୮ରୁ ୧୦ କୋଟି ସବସିଡି



ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ)ଃ ୨୦୨୯ ସୁଦ୍ଧା ବାର୍ଷିକ ୫୦୦ କୋଟି ଅଣ୍ଡା ଉତ୍ପାଦନ ଲକ୍ଷ୍ୟ ରହିଛି। ଆଉ ୨୦୩୬ ସୁଦ୍ଧା ହଜାରେ କୋଟି ଅଣ୍ଡା ଉତ୍ପାଦାନ ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ହାସଲ ପାଇଁ ବଡ଼ ଅଣ୍ଡା ଚାଷୀଙ୍କ ପାଇଁ ବ୍ୟାବସାୟିକ କୁକୁଡ଼ା ପାଳନ ଯୋଜନାର ଶୁଭାରମ୍ଭ କରାଯାଇଛି। ଏଣିକି ୮ରୁ ୧୦ କୋଟି ଯାଏଁ ସବସିଡି ମିଳିବ ବୋଲି କହିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଅଣ୍ଡା ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭର ହେବା ପାଇଁ ଆଜି ବିଶ୍ୱ ଅଣ୍ଡା ଦିବସରେ ବ୍ୟାବସାୟିକ କୁକୁଡ଼ା ପାଳନ ବା କମର୍ସିଆଲ ଲେୟାର ଫାର୍ମିଂ ଯୋଜନାର ଶୁଭାରମ୍ଭ ହୋଇଛି। ଏହି ଯୋଜନାରେ ସବସିଡିକୁ ବୃଦ୍ଧି କରାଯାଇ ସର୍ବାଧିକ ୮ କୋଟି ଓ କେବିକେ ଅଞ୍ଚଳରେ ୧୦ କୋଟି କରାଯାଇଛି। ➢ପୃଷ୍ଠା-୬

# ‘ଉତ୍କଳ ଭବନ’ ବିପଦସଙ୍କୁଳ

### ୭୦ ବର୍ଷର ପୁରୁଣା କୋଠା ଭାଙ୍ଗିବାକୁ ସୁପାରିସ
### ଭୂକମ୍ପ କିମ୍ବା ପବନର ଝଟକା ସମ୍ଭାଳିବାକୁ ବି ଅକ୍ଷମ




ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ)ଃ କୋଲକାତାରେ ଥିବା ଓଡ଼ିଶା ସରକାରଙ୍କ ‘ଉତ୍କଳ ଭବନ’ ଏବେ ବିପଦସଙ୍କୁଳ ଅବସ୍ଥାରେ। ପ୍ରାୟ ୬୫ରୁ ୭୦ ବର୍ଷ ପୁରୁଣା ଏହି ବହୁତଳ ବିଶିଷ୍ଟ କୋଠାର ସ୍ଥିତି ଅତ୍ୟନ୍ତ ବିପଜ୍ଜନକ ହୋଇପଡ଼ିଥିବାରୁ ଏହାକୁ ଭାଙ୍ଗି ନୂଆ ନିର୍ମାଣ କରିବା ଲାଗି ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଗୃହ ବିଭାଗକୁ ଚିଠି ଲେଖାଯାଇଛି।

ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ଗତ ୧ ତାରିଖରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମାଙ୍କୁ ଚିଠି ଲେଖି ଉତ୍କଳ ଭବନ କୋଠାଟି ସମ୍ପୂର୍ଣ୍ଣ ବିପଦସଙ୍କୁଳ ହୋଇ ରହିଛି। ଏହାକୁ ଭାଙ୍ଗିବା ପାଇଁ ପୂର୍ବ ନିଷ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଏହା ପୂର୍ବରୁ ଗୃହ ବିଭାଗର ଉପସଚିବ ଏକେ ସାହୁ ଗତ ମାସ ୮ରେ ଉତ୍କଳ ଭବନ କୋଠାର ବିପଦସଙ୍କୁଳ ଅବସ୍ଥା ସମ୍ପର୍କରେ ପୂର୍ତ୍ତ ବିଭାଗକୁ ଚିଠି ଲେଖି ଏହି କୋଠା ଭଙ୍ଗାଯିବା ନେଇ ପୂର୍ତ୍ତ ବିଭାଗରୁ ➢ପୃଷ୍ଠା-୬


# ଉର୍ଜା ଦକ୍ଷତା ବ୍ୟୁରୋ
(ବିଦ୍ୟୁତ୍ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନ ଏକ ସାଂବିଧାନିକ ସଂସ୍ଥା)
ଚତୁର୍ଥମହଲା, ସେବା ଭବନ, ଆର୍. କେ. ପୁରମ, ନୂଆଦିଲ୍ଲୀ – ୧୧୦୦୬୬
ୱେବସାଇଟ୍ଃ www.beeindia.gov.in | ଦୂରଭାଷଃ 011-26766700

सत्यमेव जयते

INDIAN Carbon MARKET

PAT SCHEME PERFORM, ACHIEVE & TRADE

## ୨୭ଟି ଅଧିସୂଚିତ କ୍ଷେତ୍ରର ଶକ୍ତି ଉପଭୋକ୍ତା ଦୟାକରି ଧ୍ୟାନ ଦିଅନ୍ତୁଃ

### ଶକ୍ତି ସଂରକ୍ଷଣ ଅଧିନିୟମ, ୨୦୦୧ (୨୦୦୧ର ୫୨) ଅନୁଯାୟୀ ବାର୍ଷିକ ଶକ୍ତି ଉପଭୋଗ ରିପୋର୍ଟ ଦାଖଲ ସମ୍ବନ୍ଧୀୟ ନୋଟିସ

ଶକ୍ତି ସଂରକ୍ଷଣ ଅଧିନିୟମ ୨୦୦୧ (୨୦୦୧ ର ୫୨)ର ଧାରା ୧୪ର ଉପଧାରା (ଡ) ଅନ୍ତର୍ଗତ ନିମ୍ନଲିଖିତ ଅଧିକ ଶକ୍ତି ବ୍ୟବହାର କରୁଥିବା କ୍ଷେତ୍ରଗୁଡ଼ିକରେ ବାର୍ଷିକ ଶକ୍ତି ବ୍ୟବହାର ନିର୍ଦ୍ଧାରିତ ସୀମା କିମ୍ବା ତା’ଠାରୁ ଅଧିକ ଥିବା ସମସ୍ତ ଗ୍ରାହକ/ଗ୍ରାହକ ଶ୍ରେଣୀଙ୍କୁସରକାରୀ ବିଜ୍ଞପ୍ତି ସଂଖ୍ୟା (କା.ଆ) ୩୯୪ (ଅ) ତାରିଖ ୧୨ ମାର୍ଚ୍ଚ ୨୦୦୭, କା.ଆ. ୩୫୪୨ (ଅ) ତାରିଖ ୨୯ ଡିସେମ୍ବର ୨୦୧୫, କା.ଆ. ୧୩୮୮ (ଅ) ତାରିଖ ୦୨ ମେ’ ୨୦୧୭, କା.ଆ. ୩୬୦୦ (ଅ) ତାରିଖ ୧୫ ନଭେମ୍ବର ୨୦୧୭, କା.ଆ. ୯୬୮ (ଅ) ତାରିଖ ୨୨ ଫେବୃଆରୀ ୨୦୧୯, କା.ଆ ୨୧୪୭ (ଅ) ତାରିଖ ୧୭ ଜୁନ୍ ୨୦୨୦, କା.ଆ. ୩୪୪୫ (ଅ) ତାରିଖ ୨୮ ସେପ୍ଟେମ୍ବର ୨୦୨୦, କା.ଆ. ୪୧୬୫ (ଅ) ତାରିଖ ୦୭ ସେପ୍ଟେମ୍ବର ୨୦୨୨, କା.ଆ. ୨୫୨୩ (ଅ) ତାରିଖ ୦୬ ଜୁନ୍ ୨୦୨୩ ଜରିଆରେ ‘ଡେଜିଗ୍ନେଟେଡ୍ କଞ୍ଜୁମର୍ସ’ (ନିର୍ଦ୍ଦିଷ୍ଟ ଗ୍ରାହକ) ଭାବରେ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

| କ୍ର.ସଂ. | ଅଧିସୂଚିତ କ୍ଷେତ୍ର | ପ୍ରତିବର୍ଷ ନ୍ୟୁନତମ ଶକ୍ତି ଉପଭୋଗ ମେଟ୍ରିକ୍ ଟନ୍ ତେଲ ସମତୁଲ (ଏମଟିଓଇ) |
|---|---|---|
| ୧ | ଆଲୁମିନିୟମ | ୭,୫୦୦ |
| ୨ | ସିମେଣ୍ଟ | |
| | (କ) ଏକୀକୃତ ସିମେଣ୍ଟ ୟୁନିଟ୍ | ୩୦,୦୦୦ |
| | (ଖ) ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ | ୧୦,୦୦୦ |
| ୩ | ବାଣିଜ୍ୟିକ ଭବନ/ସଂସ୍ଥା - | |
| | (କ) ହୋଟେଲ | ୫୦୦ |
| | (ଖ) ବିମାନ ବନ୍ଦର | ୫୦୦ |
| ୪ | କ୍ଲୋର୍-ଆଲକାଲି | ୧୨,୦୦୦ |
| ୫ | ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସକମ୍) | ଏସ୍‌ଇଆର୍ସି/ଜେଇଆର୍ସି ଦ୍ୱାରା ନିର୍ଦ୍ଧାରିତ ବିତରଣ କମ୍ପାନୀ |
| ୬ | ଉର୍ବରକ | ୩୦,୦୦୦ |
| ୭ | ଲୁହା ଓ ଇସ୍ପାତ | ୨୦,୦୦୦ |
| ୮ | କାଗଜ ଓ ପଲ୍ପ | ୭,୫୦୦ |
| ୯ | ପେଟ୍ରୋଲିୟମ୍ ରିଫାଇନାରୀ | ୯୦,୦୦୦ |
| ୧୦ | ପେଟ୍ରୋକେମିକାଲ୍ ୟୁନିଟ୍ - ଗ୍ୟାସ୍ କ୍ରାକର୍/ନାପ୍ଥା କ୍ରାକର୍/ଉଭୟ | ୧,୦୦,୦୦୦ |
| ୧୧ | ରେଳବାଇ | |
| | (କ) ସମସ୍ତ ଜୋନାଲ୍ ରେଳବାଇ (ଡିଭିଜନ୍) | ୭୦,୦୦୦ |
| | (ଖ) ରେଳବାଇ - କର୍ମଶାଳା | ୭୫୦ |
| | (ଗ) ରେଳବାଇ ଉତ୍ପାଦନ କାରଖାନା (ଆଇସିଏଫ, ଆରସିଏଫ, ସିଏଲଡବ୍ଲୁ, ବିଏଲଡବ୍ଲୁ, ପିଏଲଡବ୍ଲୁ, ଆରଡବ୍ଲୁଏଫ, ଏମସିଏଫ, ଆରଡବ୍ଲୁପି) | — |
| ୧୨ | ବସ୍ତ୍ର ଶିଳ୍ପ | ୩,୦୦୦ |
| ୧୩ | ତାପଜ ବିଦ୍ୟୁତ୍ କେନ୍ଦ୍ର | ୩୦,୦୦୦ |
| ୧୪ | ପେଟ୍ରୋକେମିକାଲ୍ ଉତ୍ପାଦନ | |
| | (୧) ଫାଇବର୍ ଇଣ୍ଟରମିଡିଏଟ୍ସ | ୫୦,୦୦୦ |
| | (୨) ପଲିମର୍ | ୧୦,୦୦୦ |
| | (୩) ଡିଟର୍ଜେଣ୍ଟ ଇଣ୍ଟରମିଡିଏଟ୍ସ | ୯,୦୦୦ |
| | (୪) ପରଫର୍ମାନ୍ସ ପ୍ଲାଷ୍ଟିକ୍ | ୩,୦୦୦ |
| | (୫) ଅନ୍ୟାନ୍ୟ ପେଟ୍ରୋକେମିକାଲ୍ ଉତ୍ପାଦ | ୬,୦୦୦ |
| | (୬) ସିନ୍ଥେଟିକ୍ ରବର୍ | ୧୫,୦୦୦ |
| | (୭) ସୁଗନ୍ଧିତ ପଦାର୍ଥ | ୨୦,୦୦୦ |
| ୧୫ | ଚିନି | ୧୦,୦୦୦ |
| ୧୬ | ରସାୟନ | |
| | (୧)ଆଲକାଲି ରସାୟନ (ସୋଡା ଆଶ୍, ପୋଟାସିୟମ୍ ହାଇଡ୍ରକ୍ସାଇଡ୍) | ୩,୦୦୦ |
| | (୨) ଅଜୈବିକ ରସାୟନ | ୩,୦୦୦ |
| | (୩) କାର୍ବନିକ ରସାୟନ | ୩,୦୦୦ |
| | (୪) କୀଟନାଶକ (ଟେକ୍ନିକାଲ୍) | ୩,୦୦୦ |
| | (୫) ରଙ୍ଗ ଓ ପିଗମେଣ୍ଟ | ୩,୦୦୦ |
| | (୬) ଔଷଧ ଉତ୍ପାଦନ (ସକ୍ରିୟ ଔଷଧୀୟ ଉପାଦାନ) | ୩,୦୦୦ |
| ୧୭ | ସେରାମିକ୍ | ୫,୦୦୦ |
| ୧୮ | କାଚ | ୧୦,୦୦୦ |
| ୧୯ | ଦସ୍ତା | ୨୦,୦୦୦ |
| ୨୦ | ତମ୍ବା | ୧୦,୦୦୦ |
| ୨୧ | ପୋର୍ଟ ଟ୍ରଷ୍ଟ | ୫୦୦ |
| ୨୨ | ଡାଏରୀ | ୨,୫୦୦ |
| ୨୩ | ଅଟୋମୋବାଇଲ୍ ଆସେମ୍ବଲି ୟୁନିଟ୍ | ୩,୦୦୦ |
| ୨୪ | ଟାୟାର୍ ନିର୍ମାତା | ୭,୦୦୦ |
| ୨୫ | ଫୋର୍ଜିଂ | ୧,୫୦୦ |
| ୨୬ | ଫାଉଣ୍ଡ୍ରି | ୫,୦୦୦ |
| ୨୭ | ରିଫ୍ରାକଟୋରିଜ | ୩,୦୦୦ |

କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସରକାରୀ ବିଜ୍ଞପ୍ତି ସଂଖ୍ୟା କା.ଆ. ୧୪୦୯(ଅ) ତାରିଖ ୨୮ ମାର୍ଚ୍ଚ ୨୦୧୮, କା.ଆ. ୧୪୭୩ (ଅ) ତାରିଖ ୨୯ ମାର୍ଚ୍ଚ ୨୦୧୯, କା.ଆ. ୧୨୫୪ (ଅ) ତାରିଖ ୧୩ ଅପ୍ରେଲ ୨୦୨୦, କା.ଆ. ୪୪୯୧(ଅ) ତାରିଖ ୨୬ ଅକ୍ଟୋବର ୨୦୨୧, କା.ଆ. ୪୫୫୨(ଅ) ତାରିଖ ୨୬ ସେପ୍ଟେମ୍ବର ୨୦୨୨, ଏବଂ କା.ଆ. ୨୭୯୪(ଅ) ତାରିଖ ୨୭ ଜୁନ୍ ୨୦୨୩ ଅନ୍ତର୍ଗତ, ନିଜ ନିଜ କ୍ଷେତ୍ରରେ ଧାର୍ଯ୍ୟ କରାଯାଇଥିବା ସୀମାଠାରୁ ଅଧିକ ଶକ୍ତି (ବିଜୁଳି/ଇନ୍ଧନ) ବ୍ୟବହାର କରୁଥିବା ସମସ୍ତ ସଂସ୍ଥା/ପ୍ରତିଷ୍ଠାନଗୁଡ଼ିକୁ ଅନୁରୋଧ କରାଯାଉଛି ଯେ, ସେମାନେ ଶକ୍ତି ସଂରକ୍ଷଣ ଅଧିନିୟମ, ୨୦୦୧ (୨୦୦୧ ର ୫୨) ର ଧାରା ୧୪ର ଉପଧାରା (୧) ଅନୁଯାୟୀ ବିଜ୍ଞପ୍ତି ପ୍ରକାଶିତ 'ଫର୍ମ-୧' (Form 1) ରେ ଗତ ଦୁଇଟି ଆର୍ଥିକ ବର୍ଷର ଅର୍ଥାତ ୨୦୨୧-୨୨ କିମ୍ବା ୨୦୨୨-୨୩ ସେମାନଙ୍କର ବାର୍ଷିକ ଉତ୍ପାଦନ ସହିତ ବାର୍ଷିକ ଶକ୍ତି ବ୍ୟବହାରର ସ୍ଥିତି ସମ୍ପର୍କିତ ଏକ ରିପୋର୍ଟ ସମ୍ପୃକ୍ତ ରାଜ୍ୟର ମନୋନୀତ ସଂସ୍ଥା ନିକଟରେ ଦାଖଲ କରିବେ ଏବଂ ଏହାର ଏକ ନକଲ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସିକୁ ପଠାଇବେ। ଏହି ରିପୋର୍ଟଟି ଶକ୍ତି ପରିଚାଳକ କିମ୍ବା ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଯଥାର୍ଥ ଭାବରେ ପ୍ରମାଣିତ ହୋଇଥିବା ଆବଶ୍ୟକ।

ଆବଶ୍ୟକୀୟ କ୍ଷେତ୍ର ପାଇଁ ପ୍ରଯୁଜ୍ୟ ପ୍ରୋଫର୍ମା (Pro-forma) କିମ୍ବା ଫର୍ମ-୧ (Form-1) ର ନକଲ **https://beeindia.gov.in/en/pat-proforma** ୱେବସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ।

ଯଦି କୌଣସି ବ୍ୟକ୍ତି ୩୧ ଡିସେମ୍ବର ୨୦୨୬ ସୁଦ୍ଧା ବାର୍ଷିକ ଶକ୍ତି ବ୍ୟବହାରର ସ୍ଥିତି ଇତ୍ୟାଦି ସମ୍ପର୍କିତ ରିପୋର୍ଟ ଦାଖଲ କରିବାରେ ବିଫଳ ହୁଅନ୍ତି, ତେବେ ଶକ୍ତି ସଂରକ୍ଷଣ ଅଧିନିୟମ, ୨୦୦୧ର ଧାରା ୨୬ ଅନୁଯାୟୀ ସେ ଜରିମାନା ପାଇଁ ଦାୟୀ ରହିବେ।

ଅଧିକ ସୂଚନା/ପ୍ରଶ୍ନ ପାଇଁ ଦୟାକରି ଆମ ସହ 011-26766700 ନମ୍ବରରେ ଯୋଗାଯୋଗ କରନ୍ତୁ କିମ୍ବା **newdc@beeindia.gov.in** ରେ ମେଲ୍ କରନ୍ତୁ।

ମିଶନ ନିର୍ଦ୍ଦେଶକ, ଏନ୍‌ଏମ୍‌ଇଇଇ

CBC 34106/11/0017/2627

beeindiadigital / bureauofenergyefficiency

SANCHAR ସଂଚାର

### କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ

# ୨୫ ଆଶାୟୀଙ୍କ ନାମାଙ୍କନ ଦାଖଲ

## ବୟସ ସୀମା ଉଲ୍ଲଂଘନ ଯୋଗୁଁ ଜଣଙ୍କ ପ୍ରାର୍ଥୀପତ୍ର ନାକଚ

କେନ୍ଦ୍ରାପଡ଼ା,୯।୧୦ (ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନକୁ ନେଇ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ବିଭିନ୍ନ ପଦପଦବୀ ପାଇଁ ମୋଟ ୨୫ ଜଣ ଆଶାୟୀ ଛାତ୍ରଛାତ୍ରୀ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ନିୟମ ଉଲ୍ଲଂଘନ ଅଭିଯୋଗରେ ସାଧାରଣ ସମ୍ପାଦକ ପଦର ଜଣେ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଛି। ଅନ୍ୟପକ୍ଷରେ, ନାମାଙ୍କନ ଦାଖଲ ପ୍ରକ୍ରିୟାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ କଲେଜ ପରିସରରେ ପୁଲିସ ମୁତୟନ କରାଯାଇଥିଲା। ସଭାପତି ପଦ ପାଇଁ ଶୁଭମରଞ୍ଜନ ଦାସ, ହିମାଂଶୁ ନାୟକ, ସୋମନାଥ ମଲ୍ଲିକ, ତୁଳସୀ ମଲ୍ଲିକ ଓ ଶୁଭମ କୁମାର ସେଠୀଙ୍କ ସମେତ ୫ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ଉପସଭାପତି ପଦ ପାଇଁ ଆକାଶ ବାରିକ, ଓମ ପ୍ରକାଶ ଦାସ ଓ ଚିରଞ୍ଜିତ ଜେନାଙ୍କ ସମେତ ୩ ଜଣ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି।

ସାଧାରଣ ସମ୍ପାଦକ ପଦ ପାଇଁ ଶୁଭେନ୍ଦୁ ବିକାଶ ମଲ୍ଲିକ, ମାନସ ରଞ୍ଜନ ବେହୁରା, ଆଲୋକ ସେଠୀ, ଅଭିଷେକ ସ୍ୱାଇଁ ଓ ଲକ୍ଷ୍ମୀଧର ସାହୁ ନାମାଙ୍କନ ଦାଖଲ କରିଥିଲେ। ତେବେ ପ୍ରାର୍ଥୀ ମାନସ ରଞ୍ଜନ ବେହୁରାଙ୍କ ବୟସ ୨୪ ବର୍ଷ ହୋଇଥିବା ଜଣାପଡ଼ିବା ପରେ ତାଙ୍କ ନାମାଙ୍କନପତ୍ର ନାକଚ କରାଯାଇଥିଲା। ଲିଙ୍ଗଡୋ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ଛାତ୍ର ସଂସଦ ନିର୍ବାଚନରେ ପ୍ରାର୍ଥୀଙ୍କ ବୟସ ସୀମା ୨୩ ବର୍ଷ ମଧ୍ୟରେ ରହିବା ଆବଶ୍ୟକ ବୋଲି ଜଣାପଡ଼ିଛି।

ସହକାରୀ ସାଧାରଣ ସମ୍ପାଦକ ପଦ ପାଇଁ ମହମ୍ମଦ ଆୱାସ ଓ ଅବିନାଶ ନାଥ ନାମାଙ୍କନ ଦାଖଲ କରିଛନ୍ତି।




ଶ୍ରେଣୀ ପ୍ରତିନିଧି ପଦ ପାଇଁ ବର୍ଷାରାଣୀ ସ୍ୱାଇଁ ପ୍ରାର୍ଥୀ ହୋଇଛନ୍ତି। ନାଟ୍ୟ ସଂସଦ ସମ୍ପାଦକ ପଦ ପାଇଁ ଦେବସ୍ମିତା ପି. ସୁତାର, ସ୍ୱାତୀ ସ୍ୱାଗତିକା ଜେନା ଓ ସୋମନାଥ ନାୟକ ନାମାଙ୍କନ ଦାଖଲ କରିଛନ୍ତି।

ଅନ୍ୟ ପଦବୀଗୁଡ଼ିକ ମଧ୍ୟରେ କଲେଜ ପତ୍ରିକାର ଛାତ୍ର ପ୍ରତିନିଧି ପଦ ପାଇଁ ଜିତ୍ ପ୍ରସାଦ ରାଉତ, କ୍ରୀଡ଼ା ସଂସଦ ସମ୍ପାଦକ ପଦ ପାଇଁ ଶୁଭଙ୍କର ସିଂ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ମଲ୍ଲିକ ଏବଂ କ୍ରୀଡ଼ା ସଂସଦ ସହକାରୀ ସମ୍ପାଦକ ପଦ ପାଇଁ ଆଲୋକ ଲେଙ୍କା ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ବାଳିକା ସାଧାରଣ କକ୍ଷ ସମ୍ପାଦକ ପଦ ପାଇଁ ପ୍ରିୟଦର୍ଶିନୀ ମଞ୍ଜୁ ପ୍ରାର୍ଥୀ ହୋଇଛନ୍ତି।

ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିରଞ୍ଜନ ଦାସ ଓ ନିର୍ବାଚନ ଅଧିକାରୀ ପ୍ରଫେସର ଗୌତମ ଚରଣ ଦାସ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦେଇଛନ୍ତି। ନିର୍ବାଚନ ପ୍ରକ୍ରିୟା ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ଏବଂ ଶୃଙ୍ଖଳା ବଜାୟ ରଖିବା ଲାଗି କଲେଜ ପରିସରରେ ପୁଲିସ ବ୍ୟବସ୍ଥା କରାଯାଇଥିଲା। ଫଳରେ ନାମାଙ୍କନପତ୍ର ଦାଖଲ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିଲା। ଏବେ ଛାତ୍ର ସଂସଦ ନିର୍ବାଚନକୁ ନେଇ ମହାବିଦ୍ୟାଳୟରେ ଉତ୍ସାହ ବଢ଼ିବା ସହ ପରବର୍ତ୍ତୀ ନିର୍ବାଚନୀ ପ୍ରକ୍ରିୟା ଉପରେ ସମସ୍ତଙ୍କ ନଜର ରହିଛି।

## ବିଜୁ ଛାତ୍ର ଜନତା ଦଳର ଛାତ୍ର ସଂସଦ ପ୍ରାର୍ଥୀ ଘୋଷଣା

କେନ୍ଦ୍ରାପଡ଼ା,୯।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ନିର୍ବାଚନକୁ ନେଇ ବିଜୁ ଛାତ୍ରଜନତା ଦଳ ପକ୍ଷରୁ ବିଭିନ୍ନ ପଦବୀ ନିମନ୍ତେ ଛାତ୍ର ପ୍ୟାନେଲ୍ ଘୋଷଣା କରାଯାଇଛି । ମହାବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଓ ସାମଗ୍ରିକ ବିକାଶକୁ ପ୍ରାଥମିକତା ଦେଇ ଏହି ପ୍ୟାନେଲ୍‌ର ସଦସ୍ୟମାନେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି ।

ଏହି ପ୍ୟାନେଲ୍‌ରେ ସଭାପତି ଭାବେ ଶୁଭମରଞ୍ଜନ ଦାସ, ଉପସଭାପତି ଭାବେ ଓମପ୍ରକାଶ ଦାସ, ସାଧାରଣ ସମ୍ପାଦକ ଭାବେ ଶୁଭେନ୍ଦୁ ବିକାଶ ମଲ୍ଲିକଁ, ସହକାରୀ ସାଧାରଣ ସମ୍ପାଦକ ଭାବେ ମହମ୍ମଦ ଆୱାସ, କ୍ରୀଡ଼ା ସମ୍ପାଦକ ଭାବେ ଶୁଭଙ୍କର ସିଂ ଓ ନାଟ୍ୟ ସମ୍ପାଦକ ଭାବେ ଦେବସ୍ମିତା ପି. ସୂତାରଙ୍କୁ ବିଜୁ ଛାତ୍ରଜନତା ଦଳ ସମର୍ଥିତ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି । ଏହି ପ୍ରାର୍ଥୀମାନେ ଛାତ୍ରଛାତ୍ରୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱାରୋପ କରିବା ସହ ମହାବିଦ୍ୟାଳୟରେ ଏକ ସୁସ୍ଥ, ସକାରାତ୍ମକ ପରିବେଶ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିବେ ବୋଲି ବିଜୁ ଛାତ୍ରଜନତା ଦଳ ଜିଲ୍ଲା ସଭାପତି ସାହେବ ସାହିଲ ରାଉତ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ଏଥିସହିତ ସମସ୍ତ ପ୍ରାର୍ଥୀମାନଙ୍କ ସଫଳତା କାମନା କରିଛନ୍ତି ସଭାପତି ଶ୍ରୀ ରାଉତ।

# ବାୟାବାବା ମହାବିଦ୍ୟାଳୟରେ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ



ମହାକାଳପଡ଼ା, ୯।୧୦ (ସଂଚାର ବ୍ୟୁରୋ): ଦୀର୍ଘ ଆଠବର୍ଷ ପରେ କଲେଜ କ୍ୟାମ୍ପସକୁ ଫେରିଛି ଛାତ୍ର ସଂସଦ ନିର୍ବାଚନ। ଯାହା ଫଳରେ ଚଳଚଞ୍ଚଳ ହୋଇପଡିଛନ୍ତି ଛାତ୍ର ଗୋଷ୍ଠୀ ଓ ମହାବିଦ୍ୟାଳୟ ପରିସର। ଏହି ଅବସରରେ ଆଜି ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜୁ ଛାତ୍ର ଜନତା ଦଳ ଓ ଏବିଭିପି ତରଫରୁ ଦୁଇପାକ୍ଷିକ ଲଢେଇ ଆରମ୍ଭ ହୋଇଛି। ଆଜି ନାମାଙ୍କନ ଦିନରେ ଜଣେ ଛାତ୍ରଙ୍କୁ ଆକ୍ରମଣ କରାଯାଇଥିବା ମଧ୍ୟ ଅଭିଯୋଗ ବି ହୋଇଛି।

ଅଭିଯୋଗ ଅନୁଯାୟୀ, ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ର ପ୍ରୀତିରଞ୍ଜନ ଗ୍ରହାଚାର୍ଯ୍ୟଙ୍କୁ କଲେଜ ଗେଟ୍ ନିକଟରେ ଆକ୍ରମଣ

### ଜଣେ ଛାତ୍ରଙ୍କୁ ମାଡ଼ ଅଭିଯୋଗ

କରାଯାଇଥିବା ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି ପ୍ରୀତି ରଞ୍ଜନ। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସହ ଜଡ଼ିତ ବୋଲି ଅଭିଯୋଗରେ ଉଲ୍ଲେଖ ଥିବା ଅଂଶୁ ପ୍ରସାଦ ଜେନା ତାଙ୍କ କଲର୍ ଧରିବା ସହ ଶରୀରର ସମ୍ବେଦନଶୀଳ ଅଂଶରେ ଆଘାତ କରିଥିବା ଛାତ୍ର ଜଣକ ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଆଧାରରେ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ଅଧ୍ୟକ୍ଷ ରଞ୍ଜିତ କୁମାର ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇ ପାରିନଥିଲା। କଲେଜର ମୋଟ ୬୧୮ ଜଣ ଯୁକ୍ତ ୩ ଛାତ୍ରଛାତ୍ରୀ ମତଦାନ କରିବେ ବୋଲି ଜଣାପଡ଼ିଛି।

# ଡେରାବିଶରେ ଛାତ୍ରସଂସଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ

ଡେରାବିଶ,୯।୧୦ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଚଳିତ ବର୍ଷର ଛାତ୍ରସଂସଦ ନିର୍ବାଚନ ନିମନ୍ତେ ଆଜି ପ୍ରାର୍ଥୀପତ୍ର ଦାଖଲ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ଦାୟିତ୍ୱରେ ଥିବା ମୁଖ୍ୟ ଅଧ୍ୟାପକ ସଞ୍ଜୟ କୁମାର ନାୟକ, ସହଯୋଗୀ ଅଧ୍ୟାପକ ମାନସ ରଞ୍ଜନ ଦାଶ, ବରଦା ପ୍ରସନ୍ନ ଯେନା ଓ ଅଧ୍ୟାପିକା ମିନାକ୍ଷୀ ପ୍ରଧାନଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଅଧ୍ୟାପକ ପ୍ରତାପ କୁମାର ଜେନା, ଶଶିଭୂଷଣ ଯେନା, ଅଧ୍ୟାପିକା ମନିଷା ମହାରଣା, ଜ୍ୟୋତିର୍ମୟୀ ନାଥଶର୍ମା, ସୌଭାଗ୍ୟ କୁମାର ପ୍ରଧାନ, ସୂଚାରୁ ରୂପେ କାର୍ଯ୍ୟନିର୍ବାହ କରିଥିଲେ।

ଆଜି ବିଭିନ୍ନ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ଛାତ୍ରଛାତ୍ରୀଙ୍କନାମାଙ୍କନପତ୍ରକୁ ଯାଞ୍ଚ କରାଯାଇଥିଲା। ଶେଷରେ ଛାତ୍ର ସଂସଦର ସାଭାପତି ପଦବୀ ପାଇଁ ବିପ୍ଲବ ପଣ୍ଡା, ତାରା ପ୍ରସନ୍ନ ଜେନା, ପ୍ରିୟଙ୍କା ତ୍ରିପାଠୀ, ଉପସଭାପତି ପାଇଁ ଚିନ୍ମୟ ମିଶ୍ର, ପିୟୁଷ ସ୍ୱାଇଁ, ଆଶୁତୋଷ ମହାରଣା,



ସାଧାରଣ ସମ୍ପାଦକ ପାଇଁ ମନିଷା ପରିଡ଼ା, କ୍ରିଷ୍ଣକାନ୍ତି ମଲ୍ଲ, ଓମ୍‌ପ୍ରକାଶ ରାଉତ, ଓମ୍‌ପ୍ରକାଶ ରଥ ଏବଂ ସହସାଧାରଣ ସମ୍ପାଦକ ପାଇଁ ସ୍ମୃତିରଞ୍ଜନ ବାରିକଙ୍କ ପ୍ରାର୍ଥୀତ୍ୱ କାଏମ ରହିଥିବା ଜଣାପଡ଼ିଛି। ସେହିପରି ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଭିତରବମ୍ପୁ ସ୍ଥିତ ଡେଲଟା ଡିଗ୍ରୀ କଲେଜର ସଭାପତି ଉଷାଶ୍ରୀ ବଳ, ଉପସଭାପତି ଶୁଭଲକ୍ଷ୍ମୀ ପ୍ରତାପ, ସାଧାରଣ ସମ୍ପାଦକ ପାଇଁ ଲିସା ମଲିକ, ମଧୁସ୍ମିତା ବେହେରା, କ୍ରୀଡ଼ା ସମ୍ପାଦକ ପାଇଁ ଅନିଲ ମଲିକ, ସରୋଜ କୁମାର ସାହୁ ଓ ସାଂସ୍କୃତିକ ସମ୍ପାଦକ ପାଇଁ ସୋନାଲି ରାଉତ (ରାଜନୀତି ବିଜ୍ଞାନ) ଓ ସୋନାଲି ରାଉତ (ଶିକ୍ଷାବିଭାଗ)ଙ୍କ ନାମାଙ୍କନ ପତ୍ର କାଏମ ରହିଥିବା ଜଣାପଡ଼ିଛି।

ସେହିପରି ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ମହାବିଦ୍ୟାଳୟ ଛାତ୍ର ସଂସଦ ପାଇଁ ହେବାକୁଥିବା ନିର୍ବାଚନରେ ବିଭିନ୍ନ ପଦବୀ ନିମନ୍ତେ ୧୯ ଜଣ ଛାତ୍ରୀଛାତ୍ର ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରୁ ସଭାପତି ପଦ ପାଇଁ ୩ ଜଣ, ଉପସଭାପତି ପଦ ପାଇଁ ୨ ଜଣ, ସାଧାରଣ ସମ୍ପାଦକ ପାଇଁ ୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ସହ-ସାଧାରଣ ସମ୍ପାଦକ ପଦବୀ ନିମନ୍ତେ ୨ଜଣ, ଡ୍ରାମାଟିକ୍ ସମ୍ପାଦକ ନିମନ୍ତେ ୨ ଜଣ, ଆଥେଲେଟିକ୍ ସେକ୍ରେଟେରୀ ନିମନ୍ତେ ୨ ଜଣ, ସହକାରୀ ଆଥଲେଟିକ୍ ସେକ୍ରେଟେରୀ ନିମନ୍ତେ ୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସହକାର ଡ୍ରାମାଟିକ୍ ସେକ୍ରେଟେରୀ, ଡିଏସ୍‌ଏ, ସହ-ଡିଏସ୍‌ଏ ଓ +୩ ପ୍ରଥମ ବର୍ଷ ଶ୍ରେଣୀ ପ୍ରତିନିଧି ନିମନ୍ତେ ଜଣେ ଲେଖାଏ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଆସନ୍ତା କାଲି ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ନିର୍ବାଚନ ନିମନ୍ତେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ।

# ମନୋଜ କୁମାର ନାୟକ ହେଲେ ମହାକାଳପଡ଼ା ବିଡ଼ିଓ

### *୨୧ ମାସ ଧରି ଖାଲି ପଡ଼ିଥିଲା ପଦବୀ, ତହସିଲଦାର ସମ୍ଭାଳୁଥିଲେ ଅତିରିକ୍ତ ଦାୟିତ୍ୱ*



ମହାକାଳପଡ଼ା,୯।୧୦(ସଂଚାର ବ୍ୟୁରୋ): ଦୀର୍ଘ ୨୧ ମାସର ଅପେକ୍ଷାର ଅନ୍ତ ଘଟିଛି। ମହାକାଳପଡ଼ା ବ୍ଲକ ପାଇଁ ଶେଷରେ ନିଯୁକ୍ତ ହୋଇଛନ୍ତି ସ୍ଥାୟୀ ବିଡିଓ। ନୟାଗଡ଼ ଜିଲ୍ଲାର ରଣପୁର ବ୍ଲକରେ ବିଡିଓ ଭାବେ କାର୍ଯ୍ୟ କରିଥିବା ମନୋଜ କୁମାର ନାୟକଙ୍କୁ ମହାକାଳପଡ଼ାର ନୂତନ ବିଡିଓ ଭାବେ ବଦଳି କରିଛି ପଞ୍ଚାୟତରାଜ ବିଭାଗ।

ସୂଚନା ଅନୁଯାୟୀ, ମହାକାଳପଡ଼ାର ତତ୍କାଳୀନ ବିଡିଓ ସାଗର ନନ୍ଦଙ୍କ ବଦଳି ପରେ ବ୍ଲକରେ ବିଡିଓ ପଦବୀକୁ ନେଇ ଅନିଶ୍ଚିତତା ଆରମ୍ଭ ହୋଇଥିଲା। ୧୪ ଫେବୃଆରୀ ୨୦୨୪ ରେ ସୌମ୍ୟଶ୍ରୀ ପାଣିଗ୍ରାହୀ ମହାକାଳପଡ଼ାର ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପ୍ରାୟ ନଅ ମାସ ପରେ ଅର୍ଥାତ୍ ୨୯ ନଭେମ୍ବରରେ ତାଙ୍କର ବଦଳି ହୋଇଥିଲା। ତାଙ୍କ ସ୍ଥାନରେ ସଞ୍ଜୀବ ସାହୁଙ୍କୁ ମହାକାଳପଡ଼ା ବିଡିଓ ଭାବେ ନିଯୁକ୍ତି ମିଳିଥିଲେ ମଧ୍ୟ ସେ ଏଠାରେ ଯୋଗ ଦେଇନଥିଲେ। ଯାହାଫଳରେ ୩୧ ଡିସେମ୍ବର ପର୍ଯ୍ୟନ୍ତ ସୌମ୍ୟଶ୍ରୀ ଦାୟିତ୍ୱରୁ ମୁକ୍ତ ହୋଇ ପାରି ନଥିଲେ। ସୌମ୍ୟ ମୁକ୍ତ ହେବା ପରେ ମହାକାଳପଡ଼ା ବ୍ଲକର ବିଡିଓ ପଦବୀ ପୁଣି ଅତିରିକ୍ତ ଦାୟିତ୍ୱରେ ଚାଲିଥିଲା। ୨୦୨୪ ଡିସେମ୍ବର ୩୧ରେ ତତ୍କାଳୀନ ତହସିଲଦାର ରବିନାରାୟଣ ଆଚାର୍ଯ୍ୟଙ୍କୁ ଅତିରିକ୍ତ ବିଡିଓ ଦାୟିତ୍ୱ ଦିଆଯାଇଥିଲା। ସେବେଠାରୁ ସେ ତହସିଲଦାର ପଦବୀ ସହ ବିଡିଓ, ସବ୍‌ରେଜିଷ୍ଟ୍ରାର ଏବଂ ଦୁଇଟି ମନ୍ଦିର ଟ୍ରଷ୍ଟର ଦାୟିତ୍ୱ ସମ୍ଭାଳି ଆସୁଥିଲେ।

ଏକାଧିକ ଗୁରୁତ୍ୱପୂର୍ଣ୍ଣ ପଦବୀର ଦାୟିତ୍ୱ ଜଣେ ଅଧିକାରୀଙ୍କ ଉପରେ ରହିବା ଯୋଗୁଁ ପ୍ରଶାସନିକ କାର୍ଯ୍ୟରେ ଚାପ ବଢ଼ିବା ସହ ବ୍ଲକର ସାଧାରଣ ପ୍ରଶାସନ ଓ ବିକାଶମୂଳକ କାର୍ଯ୍ୟକୁ ନେଇ ମଧ୍ୟ ବିଭିନ୍ନ ସମୟରେ ପ୍ରଶ୍ନ ଉଠିଥିଲା। ବିଡିଓ ପଦବୀରେ ଦୀର୍ଘ ସମୟ ଧରି ସ୍ଥାୟୀ ନିଯୁକ୍ତି ନହେବା ଏବଂ ଏକାଧିକ ପଦବୀର ଦାୟିତ୍ୱ ଜଣେ ଅଧିକାରୀ ସମ୍ଭାଳିବା ନେଇ 'ସଂଚାର'ରେ ଲଗାତର ଖବର ପ୍ରକାଶ ପାଇଥିଲା। ବିଶେଷକରି ବହୁଚର୍ଚ୍ଚିତ ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ଘଟଣାକୁ ନେଇ ବର୍ତ୍ତମାନ ଦାୟିତ୍ୱରେ ଥିବା ବିଡ଼ିଓ ତଥା ତହସିଲଦାର ବିବାଦୀୟ ହୋଇପଡିଥିଲେ। ଘଟଣାରେ ଜାତୀୟ ମାନବାଧିକାର କମିଶନ ଦୁଇଦିନ ଧରି ବିଡ଼ିଓ ଭାବେ କାର୍ଯ୍ୟରତ ରବିନାରାୟଣଙ୍କୁ ଜେରା କରୁଥିବା ବେଳେ ଗୁରୁବାର ମହାକାଳପଡ଼ାକୁ ନୂତନ ବିଡ଼ିଓ ଭାବେ ସରକାରୀ ଚିଠି ଏକ ନୂଆ ଆଲୋଚନାର ଖୋରାକ ଯୋଗାଇଛି।

ଏବେ ନୂତନ ବିଡିଓ ଭାବେ ମନୋଜ କୁମାର ନାୟକଙ୍କ ନିଯୁକ୍ତି ପରେ ମହାକାଳପଡ଼ା ବ୍ଲକ ପ୍ରଶାସନରେ ନୂଆ ଆଶା ସଞ୍ଚାର ହୋଇଛି। ଜନସାଧାରଣଙ୍କ ସମସ୍ୟା ସମାଧାନ ଅଧିକ ଗତିଶୀଳ ହେବ ବୋଲି ଅଞ୍ଚଳବାସୀ ଆଶା କରିଛନ୍ତି।

# ଓକିଲ ସଂଘ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ




ପଟ୍ଟାମୁଣ୍ଡାଇ,୯।୧୦ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ପରିସରର ବାର ହଲ ଠାରେ ଉତ୍କଳ ମଣି ଗୋପବନ୍ଧୁ ଦାସ ଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି। ଏହି ଅବସରରେ ଓକିଲ ସଂଘ ର ଉପ ସଭାପତି ଆଇନଜୀବି ଗୋପୀନାଥ ତ୍ରିପାଠୀ, ସମ୍ପାଦକ ରବିନ୍ଦ୍ର କୁମାର ଦାଶ, ଯୁଗ୍ମ ସଂପାଦକ କୁମାର ସତ୍ୟନାରାୟଣ ନାୟକ, କୋଷଧକ୍ଷ ଗୀତାଞ୍ଜଳି ପୃଷ୍ଟି , ଗଣେଶ ଚନ୍ଦ୍ର ବାରିକ, ଧୀରେନ୍ଦ୍ର ସାହୁ, ସୁଧିର ଦାସ, ପ୍ରଦୀପ କୁମାର ଦାସ ଓ ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ଆଇନଜୀବୀ ଉପସ୍ଥିତ ରହି ଗୋପବନ୍ଧୁ ଦାସଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଜୀବନୀ ସହ ତାଙ୍କର ଦେଶ ପାଇଁ ତ୍ୟାଗ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍କଳ ମଣି ଗୋପବନ୍ଧୁ ଦାସ ଙ୍କୁ ଭାରତ ରତ୍ନ ଉପାଧିରେ ସମ୍ମାନିତ କରିବା ପାଇଁପଟ୍ଟାମୁଣ୍ଡାଇ ଓକିଲ ସଂଘ ସରକାର ଙ୍କ ନିକଟରେ ଦାବି କରିଛନ୍ତି।

### ଗୋପବନ୍ଧୁ ଜୟନ୍ତୀ ପାଳିତ

# ତ୍ୟାଗ, ସେବା ଓ ମାନବିକତାର ପ୍ରତୀକ ଉତ୍କଳମଣି ଗୋପବନ୍ଧୁ

କୋରାପୁଟ,୯।୧୦ (ସଂଚାର ବ୍ୟୁରୋ): ନିଜ ପାଇଁ ନୁହେଁ, ସମାଜ ଓ ମାନବଜାତିର କଲ୍ୟାଣ ପାଇଁ ଜୀବନକୁ ଉତ୍ସର୍ଗ କରିବାର ମହାନ ଆଦର୍ଶ ଛାଡ଼ିଯାଇଛନ୍ତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ତାଙ୍କର ତ୍ୟାଗ, ସେବା, ସାମାଜିକ ଦାୟିତ୍ୱବୋଧ ଓ ମାନବିକତାର ସ୍ମୃତିକୁ ମନେ ପକାଇ କୋରାପୁଟରେ ପାଳିତ ହୋଇଛି ତାଙ୍କର ୧୪୯ତମ ଜୟନ୍ତୀ।

ଏହି ଅବସରରେ କୋରାପୁଟ ସହରସ୍ଥିତ ଗୋପବନ୍ଧୁ ପାର୍କଠାରେ ଏକ ସ୍ୱତନ୍ତ୍ର ସ୍ମୃତିଚାରଣ ଓ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉପସ୍ଥିତ ଅତିଥିମାନେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ମହାନ ଜୀବନ, ଆଦର୍ଶ ଓ ସମାଜ ପ୍ରତି ଅବଦାନକୁ ସ୍ମରଣ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ କୋରାପୁଟ ବିଧାୟକ ରଘୁରାମ ମାଚ୍ଛ ଉତ୍କଳମଣିଙ୍କ ଆଦର୍ଶ ଓ ଜୀବନଦର୍ଶନ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଗୋପବନ୍ଧୁ କେବଳ ଜଣେ ବ୍ୟକ୍ତି ନୁହନ୍ତି; ସେ ଏକ ଯୁଗ, ଏକ ଚିନ୍ତାଧାରା ଏବଂ



ଓଡ଼ିଶାର ପ୍ରାଣସ୍ପନ୍ଦନ। ତାଙ୍କ ଜୀବନରେ ପ୍ରତିଫଳିତ ତ୍ୟାଗ, ସେବା ଓ ମାନବିକତାର ମୂଲ୍ୟବୋଧ ଆଜିର ସମାଜ ପାଇଁ ମଧ୍ୟ ସମାନ ଭାବେ ଗୁରୁତ୍ୱ ବହନ କରୁଛି। ଏହି ଆଦର୍ଶକୁ ଅନୁସରଣ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ।

ଏହି ସ୍ମୃତିଚାରଣ ସଭାରେ କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ୍, ଜୟପୁର ଉପଜିଲ୍ଲାପାଳ ଶୁଭ୍ରା ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା ଓ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ସମେତ ସ୍ମୃତି କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ସମସ୍ତେ ଉତ୍କଳମଣିଙ୍କ ଜୀବନାଦର୍ଶ, ସମାଜସେବା ଓ ଓଡ଼ିଶା ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଜୟନ୍ତୀ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ ଓ ପରିଚାଳନା କରିବାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ। କାର୍ଯ୍ୟାଳୟର ଷ୍ଟୋର୍ କିପର୍ ସନ୍ତୋଷ ସେଠୀ ଓ ପ୍ରୋଜେକ୍ସନିଷ୍ଟ ଅଲିଭା କୁମାର ବେହେରାଙ୍କ ସମେତ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟର ଶୁଭାରମ୍ଭ




ଖୋର୍ଦ୍ଧା,୯।୧୦ (ସଂଚାର ବ୍ୟୁରୋ): ସାଧାରଣ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭିତ୍ତିଭୂମିର ବିକାଶ ଓ ଉନ୍ନତୀକରଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏଚ.ଡି.ଏଫ.ସିର 'ପରିବର୍ତ୍ତନ' ପ୍ରକଳ୍ପ ଅଧୀନରେ ଚିକିତ୍ସାଳୟର ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟର ଶୁଭାରମ୍ଭ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ପଦକ୍ଷେପ ଜିଲ୍ଲାର ସରକାରୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନଙ୍କୁ ଉନ୍ନତ ଓ ଅନୁକୂଳ ପରିବେଶ ଯୋଗାଇଦେବା ଦିଗରେ ସହାୟକ ହେବ ବୋଲି ଆଶା କରାଯାଉଛି।

ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ଶ୍ୟାମା ପ୍ରସନ୍ନ ମିତ୍ର ଓ ହସ୍ପିଟାଲ ମ୍ୟାନେଜର ଡାକ୍ତର ସୋନାଲି ନନ୍ଦଙ୍କ ସମେତ ଚିକିତ୍ସାଳୟର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ସେମାନଙ୍କ ଉପସ୍ଥିତିରେ ଏହି ଉନ୍ନତୀକରଣ ପଦକ୍ଷେପର ଶୁଭାରମ୍ଭ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଖୋର୍ଦ୍ଧା ଜିଲ୍ଲାର ବହୁ ରୋଗୀ ଚିକିତ୍ସା ପାଇଁ ନିର୍ଭର କରୁଥିବାରୁ ଏଠାକାର ଭିତ୍ତିଭୂମିର ଉନ୍ନତିକରଣର ଗୁରୁତ୍ୱ ଅଧିକ। ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ କରିବା ସହ ଚିକିତ୍ସାଳୟରେ ସୁବିଧାଜନକ ପରିବେଶ ସୃଷ୍ଟି କରିବା ଏକ ସୁଦୃଢ଼ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅନ୍ୟତମ ଆବଶ୍ୟକତା। ଏହି ଦୃଷ୍ଟିରୁ ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟକୁ ସ୍ୱାସ୍ଥ୍ୟସେବାର ଗୁଣାତ୍ମକ ମାନ ବୃଦ୍ଧି ଦିଗରେ ଏକ ସକାରାତ୍ମକ ପଦକ୍ଷେପ ଭାବେ ବିବେଚନା କରାଯାଉଛି।

ଏଚ୍‌ଡିଏଫ୍‌ସି ପକ୍ଷରୁ ଏହାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ 'ପରିବର୍ତ୍ତନ' ଅଧୀନରେ ଏହି ପ୍ରକଳ୍ପକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଅନ୍ୟପକ୍ଷରେ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ସଂସ୍ଥା 'ଡକ୍ଟର୍ସ ଫର ୟୁ' (ଡି.ଏଫ.ୱାଇ) ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଦାୟିତ୍ୱ ତୁଲାଉଛି। ଏହି ଦୁଇ ସଂସ୍ଥାର ସହଯୋଗରେ ଚିକିତ୍ସାଳୟର ଭିତ୍ତିଭୂମିକୁ ଅଧିକ ଉପଯୋଗୀ କରିବା ଏବଂ ରୋଗୀସେବାକୁ ସୁଦୃଢ଼ କରିବା ଲକ୍ଷ୍ୟ ରଖାଯାଇଛି। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆରମ୍ଭ ହୋଇଥିବା ଏହି ଉନ୍ନତୀକରଣ ପ୍ରକଳ୍ପ ଭବିଷ୍ୟତରେ ରୋଗୀସେବାର ମାନ ବୃଦ୍ଧି ଓ ଚିକିତ୍ସାଳୟର କାର୍ଯ୍ୟପରିବେଶକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି।

### ପାରାଦୀପ ମହାବିଦ୍ୟାଳୟରେ ରାଜନୈତିକ ଉଷ୍ମତା

# ସଭାପତି ପଦ ପାଇଁ ୫ ପ୍ରାର୍ଥୀ

## ନାମାଙ୍କନ ଶୋଭାଯାତ୍ରାରେ ବାଜା, ବାଣ ଓ ଭୋଜିଭାତ

## ନିର୍ବାଚନ ଖର୍ଚ୍ଚକୁ ନେଇ ଚର୍ଚ୍ଚା

ପାରାଦୀପ,୯।୧୦ (ସଂଚାର ବ୍ୟୁରୋ): ପାରାଦୀପ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଦୀର୍ଘବର୍ଷର ବ୍ୟବଧାନ ପରେ ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ



ବଢ଼ିଛି। ଶୁକ୍ରବାର ନାମାଙ୍କନ ଦାଖଲର ଶେଷ ଦିନରେ ବିଭିନ୍ନ ଛାତ୍ରଗୋଷ୍ଠୀ ପକ୍ଷରୁ ବାଜା, ବାଣ ଓ ମୋଟରସାଇକେଲ ଶୋଭାଯାତ୍ରାରେ ଆସି ପ୍ରାର୍ଥୀମାନେ ନିଜ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହାକୁ ନେଇ ପାରାଦୀପରେ ଛାତ୍ର ରାଜନୀତି ସରଗରମ ହୋଇଉଠିଛି।

କଲେଜ ପକ୍ଷରୁ ପ୍ରକାଶିତ ବୈଧ ପ୍ରାର୍ଥୀ ତାଲିକା ଅନୁଯାୟୀ, ଛାତ୍ର ସଂସଦର ସଭାପତି ପଦ ପାଇଁ ୫ ଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ସେମାନେ ହେଲେ ରାକେଶ ବେଜ, ଲକ୍ଷ୍ମୀପ୍ରିୟା ବାରିକ, ଶୁଭଲକ୍ଷ୍ମୀ ଦାସ, ଆଦିତ୍ୟ ପ୍ରସାଦ ମଲ୍ଲିକ ଓ ତ୍ରିଶିଳା ରାଉତ। ସେହିପରି ଉପସଭାପତି ପଦ ପାଇଁ ବିଜୁନା ରେଡ୍ଡୀ, ରଶ୍ମିତା ତମାଙ୍ଗ ଓ ଅରବିନ୍ଦ ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି। ସାଧାରଣ ସମ୍ପାଦକ ପଦ ପାଇଁ ଜୁଲି ସାହୁ, ମାନସୀ ବାରିକ ଓ ଅପର୍ଣ୍ଣା ଚକ୍ରବର୍ତ୍ତୀ ଏବଂ ସହସାଧାରଣ ସମ୍ପାଦକ ପଦ ପାଇଁ ଋତୁପର୍ଣ୍ଣା ସ୍ୱାଇଁ, ଶୁଭଲକ୍ଷ୍ମୀ ପାଲା ଓ ପ୍ରିୟଙ୍କା ପି. ବେହେରା ପ୍ରାର୍ଥୀ ହୋଇଛନ୍ତି।

ଶ୍ରେଣୀ ପ୍ରତିନିଧି ପଦ ପାଇଁ ମମାଲି ଜେନା ଏକମାତ୍ର ପ୍ରାର୍ଥୀ ଥିବାବେଳେ ଛାତ୍ରୀ ପ୍ରତିନିଧି ପଦ ପାଇଁ ପ୍ରିୟମ୍ବଦା ବାରିକ, ବର୍ଷା ପ୍ରିୟଦର୍ଶିନୀ ଦାସ ଓ ସୌଜନ୍ୟା ସାହୁ ପ୍ରାର୍ଥୀ ହୋଇଛନ୍ତି। କ୍ରୀଡ଼ା ସମ୍ପାଦକ ପଦ ପାଇଁ ସୌମ୍ୟରଞ୍ଜନ ତରାଇ, ଦିବ୍ୟଜ୍ୟୋତି ନାୟକ ଓ ଗୌତମ ଯାଦବ ନାମାଙ୍କନ ଦାଖଲ କରିଛନ୍ତି। ଏଥିସହ ନାଟ୍ୟ ସଂସଦ, ସାମାଜିକ ସେବା ଗିଲ୍ଡ, ଡେ ସ୍କଲାର୍ସ ଆସୋସିଏସନ୍, ଓଡ଼ିଆ ସାହିତ୍ୟ ସଂସଦ, କମନ୍ ରୁମ୍, ବିଜ୍ଞାନ ସମାଜ ଓ ପ୍ଲାନିଂ ଫୋରମ୍‌ର ବିଭିନ୍ନ ପଦପଦବୀ ପାଇଁ ମଧ୍ୟ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଛନ୍ତି।

ଅନ୍ୟପକ୍ଷରେ, ନିର୍ବାଚନକୁ ନେଇ କଲେଜ ବାହାରେ ବିଭିନ୍ନ ରାଜନୈତିକ ଦଳର ସମର୍ଥନ ରହିଥିବା ଚର୍ଚ୍ଚା ହେଉଛି। କଲେଜ ପରିସର ବାହାରେ ଛାତ୍ରଛାତ୍ରୀଙ୍କୁ ଆଇସ୍‌କ୍ରିମ୍, ଗୁପ୍‌ଚୁପ୍, ମୋମୋ ଓ ବିରିୟାନୀ ଖୁଆଇବା ସହ ବିଭିନ୍ନ ହୋଟେଲରେ ଭୋଜିଭାତର ଆୟୋଜନ ହେଉଥିବା ଦେଖିବାକୁ ମିଳିଛି। ନିର୍ବାଚନରେ ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ୫ ହଜାର ଟଙ୍କା ରହିଥିବା କୁହାଯାଉଥିବାବେଳେ ପ୍ରଥମ ଦିନରୁ ଶୋଭାଯାତ୍ରା, ବାଜା, ବାଣ ଓ ଖାଦ୍ୟପେୟରେ ହେଉଥିବା ଖର୍ଚ୍ଚକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଛି।

# ନୀଳଗିରି କଲେଜରେ ତିନି ଦଳର ସଭାପତି ଓ ସମ୍ପାଦକ ଓ ସ୍ୱର୍ଣ୍ଣଚୂଡ଼ କଲେଜରେ ନାମାଙ୍କନପତ୍ର ଦାଖଲ




ନୀଳଗିରି,୯।୧୦ (ସଂଚାର ବ୍ୟୁରୋ): ଆସନ୍ତା ୧୫ ତାରିଖ ରେ ସମଗ୍ର ଓଡ଼ିଶା ରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଥିବା ବେଳେ ଆଜି ଅର୍ଥାତ ଶୁକ୍ରବାର ଦିନ ସଭାପତି ଓ ସମ୍ପାଦକ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନୀଳଗିରି ମହାବିଦ୍ୟାଳୟରେ ଛାତ୍ର ବିଜେଡି ପକ୍ଷରୁ ସଭାପତି ଭାବେ ଧରଶ୍ରୀ ନାୟକ, ସାଧାରଣ ସଂପାଦକ ଭାବେ ସାଗର ପାତ୍ର, ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ଭାବେ ସୁରେଶ କୁମାର ମଲ୍ଲିକ ବେଳେ ସାଧାରଣ ସମ୍ପାଦକ ଭାବରେ ଯୋଗେଶ୍ୱର ବେହେରା ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ସେହିପରି ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଜଗଦିଶ୍ ଦାସ ସଭାପତି ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସାଧାରଣ ସମ୍ପାଦକ ଭାବରେ ଅପର୍ଣ୍ଣା ମହାନ୍ତି ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ସେହିପରି ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟରେ ବିସିଜେଡି ପକ୍ଷରୁ ସଭାପତି ସସ୍ମିତା ଭୋଳ, ସାଧାରଣ ସମ୍ପାଦିକା ରୁଚିସ୍ମିତା ବାରିକ, ବେଳେ ଏବିଭିପି ସଭାପତି ଭାବେ ସୋନାଲି ସେଠୀ, ସାଧାରଣ ସମ୍ପାଦିକା ଦିପ୍ତୀଲତାବେହେରା ନିର୍ବାଚନ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି। ନୀଳଗିରିର ୨ଟି କଲେଜରେ କେଉଁ ସଙ୍ଗଠନ କାହା ହାତକୁ ଯାଉଛି ତାହାହିଁ ସମୟ କହିବ। ଅପରପକ୍ଷରେ ୩ ପ୍ରମୁଖ ଦଳର ନେତାଙ୍କ ସମ୍ମାନ ର ପ୍ରଶ୍ନ ହୋଇଥିବାରୁ ନିଜ ନିଜ ପ୍ରାର୍ଥୀ ଙ୍କୁ ବିଜୟୀ ପାଇଁ ପ୍ରାଣ ମୂର୍ଚ୍ଛା ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି।

# ଢେଙ୍କାନାଳରେ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ

ଢେଙ୍କାନାଳ,୯।୧୦ (ସଂଚାର ବ୍ୟୁରୋ): ଦୀର୍ଘ ୮ବର୍ଷ ପରେ ରାଜ୍ୟରେ ବିଭିନ୍ନ କଲେଜର ଛାତ୍ର ସଂସଦ ନିର୍ବାଚନ ଆସନ୍ତା ୧୫ତାରିଖରେ ହେବାକୁ ଯାଉଛି । କଲେଜ ଛାତ୍ର ସଂସଦର ବିଭିନ୍ନ ପଦ ପଦବୀ ପାଇଁ ଆଶାୟୀ ପ୍ରାର୍ଥୀ ମାନେ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏଥିପାଇଁ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳ ମାନେ ସକ୍ରିୟ ହୋଇପଡିଛନ୍ତି। ପ୍ରାର୍ଥୀପତ୍ର ଦାଖଲ ପାଇଁ ନିଜ ନିଜର ଛାତ୍ର ସଂସଦ ପ୍ରାର୍ଥୀଙ୍କୁ ଶୋଭାଯାତ୍ରାରେ କଲେଜକୁ ନେଇଛନ୍ତି। ଆଉ ବାଜା ବାଣରେ କମ୍ପିଉଠିଛି କଲେଜ କ୍ୟାମ୍ପସ। ତେବେ ଢେଙ୍କାନାଳ ଜିଲ୍ଲାର ପ୍ରମୁଖ କଲେଜ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ସମେତ ଜିଲ୍ଲାର ବିଭିନ୍ନ କଲେଜରେ ଶାନ୍ତି ଶୃଙ୍ଖଳାର ସହିତ ଛାତ୍ର ଛାତ୍ରୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି। ତେବେ କଲେଜର ଉନ୍ନୟନ ଓ ଛାତ୍ର ଛାତ୍ରୀ ମାନଙ୍କର ବିଭିନ୍ନ ସମସ୍ୟାକୁ ସୁଧାରିବାକୁ ମୁଦା କରି ବିଜୟୀ ହେବେ ବୋଲି ଆଶା ବାନ୍ଧିଛନ୍ତି ଆଶାୟୀ ।





# ବିଧାନସଭା ପରିସରରେ ଉତ୍କଳମଣିଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ): ମାନବ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ନିରାଶ୍ରୟ ଓ ନିଃସହାୟ ବ୍ୟକ୍ତିମାନଙ୍କର ସେବା କରି ନିଜର ସେବା ମନୋବୃତ୍ତିକୁ ଯେଭଳି ଚରିତାର୍ଥ କରିଥିଲେ, ସେଭଳି ଯୁବସମାଜକୁ ଆଦର୍ଶ ମାର୍ଗରେ ଗଢ଼ିତୋଳିବା ପାଇଁ ସର୍ବଦା ତତ୍ପର ଥିଲେ। ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ବିପାକରେ ପ୍ରପୀଡ଼ିତ ଜନତାଙ୍କୁ ନିଃସ୍ୱାର୍ଥ ସେବା, ସାହାଯ୍ୟ ଓ ସହାନୁଭୂତି ଯୋଗାଇଦେଇ ପଣ୍ଡିତ ଗୋପବନ୍ଧୁ ମାନବୀୟ ଗୁଣ ଓ ଚିନ୍ତା-ଚେତନାରେ ଉତ୍କଳୀୟ ଭାବନା ରଖି ଜାତୀୟତାର ଉଦାହରଣ ସୃଷ୍ଟି କରିଯାଇଛନ୍ତି ବୋଲି ଆଜି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ପାଳନ ଅବସରରେ ଅତିଥିଗଣ ମତ ବ୍ୟକ୍ତ କରିଛନ୍ତି। ବିଧାନସଭା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ବାବୁ ସିଂ ଓ ଛବି ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଶାଶ୍ୱତି ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷିତ ହୋଇଥିବା ବେଳେ ଲୋକସମ୍ପର୍କ ଅଧିକାରୀ ଅଂଶୁମାନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ଗୋପବନ୍ଧୁ ଥିଲେ ଜାତୀୟ ଚେତନା ଓ ଅସ୍ମିତାର ଜୀବନ୍ତ ଆଲେଖ୍ୟ

- ଗୋପବନ୍ଧୁଙ୍କ ଆଦର୍ଶ ଆମ ପାଇଁ ନିରନ୍ତର ପ୍ରେରଣା : ମୁଖ୍ୟମନ୍ତ୍ରୀ
- ସମୃଦ୍ଧ ଓଡ଼ିଶା ଗଠନରେ ଗୋପବନ୍ଧୁଙ୍କ ଆଦର୍ଶ ଯୁବସମାଜ ପାଇଁ ପ୍ରେରଣା




ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ଆମର ଯୁବ ସମାଜ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଜି ଜୟଦେବ ଭବନଠାରେ ଆୟୋଜିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଏହି ଅବସରରେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ମୁଖ୍ୟମନ୍ତ୍ରୀ ତାଙ୍କର ତ୍ୟାଗ, ସେବା, ଦେଶପ୍ରେମ ଓ ସାରସ୍ୱତ ସାଧନାର ସ୍ମୃତିଚାରଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୋପବନ୍ଧୁ କେବଳ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଏକ ମହାନ୍ ଅନୁଷ୍ଠାନ, ଜାତୀୟ ଚେତନା ଓ ଓଡ଼ିଆ ଅସ୍ମିତାର ଜୀବନ୍ତ ଆଲେଖ୍ୟ। ଆଜିର ଯୁବପିଢ଼ି ଗୋପବନ୍ଧୁଙ୍କ ସେବା ମନୋଭାବକୁ ଆପଣାଇ ରାଷ୍ଟ୍ରଗଠନରେ ସକ୍ରିୟ ଯୋଗଦାନ ଦେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଯୁବପିଢ଼ିଙ୍କୁ ପରାମର୍ଶ ଦେଇ ସେ କହିଥିଲେ ଯେ ଆପଣମାନେ କେବଳ ନିଜ ବ୍ୟକ୍ତିଗତ ସଫଳତା ପାଇଁ ନୁହେଁ, ବରଂ ସମାଜ ପ୍ରତି ଆପଣଙ୍କର ଦାୟିତ୍ୱକୁ ବୁଝନ୍ତୁ। କେବଳ ନିଜ ପାଇଁ ବଞ୍ଚିବା ପ୍ରକୃତ ଜୀବନ ନୁହେଁ, ବରଂ ପଣ୍ଡିତ ଗୋପବନ୍ଧୁଙ୍କ ପରି ଅନ୍ୟର ମୁହଁରେ ହସ ଫୁଟାଇବାରେ ଓ ରାଜ୍ୟର ସେବାରେ ନିଜକୁ ନିୟୋଜିତ କରିବାରେ ହିଁ ଜୀବନର ସାର୍ଥକତା ରହିଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଉତ୍କଳମଣି ଆମ ପାଇଁ ନିରନ୍ତର ପ୍ରେରଣାର ଉତ୍ସ। ସମାଜର ଦରିଦ୍ର, ଅବହେଳିତ ଲୋକଙ୍କର ସେବା କରିବା ଓ ଅପହଞ୍ଚ ଇଲାକାରେ ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ କଲ୍ୟାଣ ପାଇଁ କାମ କରିବା ଥିଲା ଗୋପବନ୍ଧୁଙ୍କ ଆଦର୍ଶ। ଗୋପବନ୍ଧୁଙ୍କ ସେହି ଆଦର୍ଶକୁ ଅନୁସରଣ କରି ଆମ ସରକାର ସମାଜର ଗରିବ ଲୋକଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବା ଲକ୍ଷ୍ୟ ନେଇ ଆମ ସରକାର କେଉଁଠି ପିଠି ପର୍ଯ୍ୟନ୍ତ ନିଶ୍ଚିତ୍, ଶିକ୍ଷା, 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା', 'ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା', ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ବିନା ମୂଲ୍ୟରେ ଅତିରିକ୍ତ ୫ କେଜି ଚାଉଳ ପ୍ରଦାନ ଆଦି ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗ ଦେଇ ଏକାମ୍ର ବିଧାୟକ ବାବୁ ସିଂ ଆଦି ଯୁବପିଢ଼ିଙ୍କୁ ଉତ୍କଳମଣି ଗୋପବନ୍ଧୁଙ୍କ ପଦାଙ୍କ ଅନୁସରଣ କରିବାକୁ ପରାମର୍ଶ ଦେଇଛନ୍ତି।

## ପିସିସି ପକ୍ଷରୁ ଉତ୍କଳମଣିଙ୍କ ଜୟନ୍ତୀ



ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ପବିତ୍ର ଜୟନ୍ତୀ ଉତ୍ସବ ସ୍ଥାନୀୟ କଂଗ୍ରେସ ଭବନଠାରେ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଗୋପବନ୍ଧୁ ଛକଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସମୀର କୁମାର ରାଉତରାୟ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ପ୍ରକାଶ ଜେନା, ଅରବିନ୍ଦ ଦାସ, ମନୋରଞ୍ଜନ ଦାଶ, ଅମିୟ ପଟ୍ଟନାୟକ, ପ୍ରକାଶ ମିଶ୍ର, ମିହିର ଆଚାର୍ଯ୍ୟ, ରସିକ ପଟ୍ଟନାୟକ, ଲିଙ୍ଗରାଜ ସାହୁ, ଭାସ୍କର ସେଠୀ, ମନୋରଞ୍ଜନ ରାଉତରାୟ, ଜୟସ୍ମିତା ମହାନ୍ତି, ପ୍ରଭାତ ପ୍ରତାପ ସିଂ ଉପସ୍ଥିତ ଥିଲେ।

## ଶାନ୍ତିପୂର୍ଣ୍ଣ ଓଡ଼ିଶା ବନ୍ଦ୍‌ର ସଫଳତା ପାଇଁ ଇଣ୍ଡିଆ ବ୍ଲକ୍‌ର କୃତଜ୍ଞତା



ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ): ଇଣ୍ଡିଆ ବ୍ଲକ୍ ଆହ୍ୱାନରେ ଗତକାଲି ଶାନ୍ତିପୂର୍ଣ୍ଣ ବନ୍ଦ ପାଳିତ ହୋଇଥିବା ବେଳେ ରାଜ୍ୟବ୍ୟାପୀ ସରକାରଙ୍କ ଉପରେ କ୍ରମବର୍ଦ୍ଧିଷ୍ଣୁ ଅସନ୍ତୋଷ ଯୋଗୁଁ ଜନଗଣ ଏହି ବନ୍ଦ୍‌କୁ ବିପୁଳ ସମର୍ଥନ ଦେଇଥିବାରୁ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଏକ ମିଳିତ ବିବୃତିରେ କୃତଜ୍ଞତା ଜ୍ଞାପନ କରାଯାଇଛି। ଓଡ଼ିଶା ସମେତ ୧୫ରୁ ଊର୍ଦ୍ଧ୍ୱ ଖଣିଜ ସମ୍ପଦ ଭରପୂର ରାଜ୍ୟର ଖଣିଜ ସମ୍ପଦ ଉତ୍ତୋଳନ ଉପରୁ ରାଜ୍ୟ ସରକାରଙ୍କ ରାଜସ୍ୱ ଆଦାୟ ପାଇଁ ସୁପ୍ରିମକୋର୍ଟ ଗତ ୨୦୨୪ ଜୁଲାଇ ୨୫ରେ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଭିତ୍ତିରେ ଓଡ଼ିଶା ପାଇବାକୁ ଥିବା ବକେୟା ରାଜସ୍ୱ ୧ ଲକ୍ଷ ୧୦ ହଜାର କୋଟି ଟଙ୍କା ଓ ୨୦୨୪ରୁ କ୍ରମବର୍ଦ୍ଧିଷ୍ଣୁ ଖଣିଜ ଉତ୍ତୋଳନ ଭିତ୍ତିରେ ବାର୍ଷିକ ୧୫ ହଜାର କୋଟିରୁ ଟଙ୍କାରୁ ଅଧିକ ରାଜସ୍ୱ ପାଇବାକୁ ଓଡ଼ିଶା ହକଦାର ଥିଲା।

ସେହିଭଳି ମୋଦି-ଶାହଙ୍କ ବିଜେପିର ଭୋଟ ଚୋରିର ଏଜେଣ୍ଟ ଭାବେ ଜ୍ଞାନେଶ କୁମାର ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନର ଅପବ୍ୟବହାର କରି, ଏସଆଇଆରର ମୂଳ ଲକ୍ଷ୍ୟ ସମସ୍ତ ସାବାଳକ ନାଗରିକଙ୍କ ଭୋଟଦାନ ଅଧିକାର ସୁନିଶ୍ଚିତ କରିବା ପରିବର୍ତ୍ତେ ୧୩ କୋଟିରୁ ଅଧିକ ସାବାଳକ ନାଗରିକଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦେବା ଭଳି ସମ୍ବିଧାନବିରୋଧୀ ଦେଶବିରୋଧୀ ପଦକ୍ଷେପ ନେଲେ। ଫଳରେ ବିହାର, ପଶ୍ଚିମବଙ୍ଗ, ତାମିଲନାଡୁ ସମେତ କେତେକ ରାଜ୍ୟରେ ନିର୍ବାଚନ ଚୋରି ହୋଇଗଲା। ତେଣୁ ମୁଖ୍ୟ ନିର୍ବାଚନ କମିଶନର ପଦରୁ ଅବିଳମ୍ବେ ଜ୍ଞାନେଶ କୁମାରଙ୍କୁ ବରଖାସ୍ତ କରିବାକୁ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରାଇ ଓ ଭୁଲ୍ ପାଠ୍ୟପୁସ୍ତକ ପ୍ରକାଶନ କରାଇ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ରାଜ୍ୟର ଭବିଷ୍ୟତ ପିଢ଼ିକୁ ମୂର୍ଖ ବନାଇ ଶସ୍ତା ଦାଦନ ଶ୍ରମିକ କରାଇ ଶୋଷଣ ଅତ୍ୟାଚାର ଭିତରକୁ ଠେଲିଦେବାର ଷଡ଼ଯନ୍ତ୍ର କରିଛନ୍ତି। ତେଣୁ ଗଣଶିକ୍ଷା ମନ୍ତ୍ରୀ ପଦରୁ ନିତ୍ୟାନନ୍ଦ ଗଣ୍ଡଙ୍କୁ ଅବିଳମ୍ବେ ବହିଷ୍କାର କରିବାକୁ ଦାବି କରଯାଇଛି।

## ଦାରିଙ୍ଗବାଡ଼ିରେ ହାଲ୍‌କା ଶୀତ ଅନୁଭୂତ

ଦାରିଙ୍ଗବାଡ଼ି,୯।୧୦ (ସଂଚାର ବ୍ୟୁରୋ) : କନ୍ଧମାଳ ଜିଲାର ପର୍ଯ୍ୟଟନସ୍ଥଳୀ ଦାରିଙ୍ଗବାଡ଼ି ଅଞ୍ଚଳରେ ଧୀରେ ଧୀରେ ଶୀତର ଆଗମନ ଅନୁଭୂତ ହେବାରେ ଲାଗିଛି। ଗତ କିଛି ଦିନ ହେଲା ଅଞ୍ଚଳରେ ହାଲୁକା ଥଣ୍ଡା ଅନୁଭୂତ ହେଉଥିବା ବେଳେ ଗୁରୁବାର ସନ୍ଧ୍ୟାଠାରୁ ଶୀତର ପ୍ରକୋପ ଧୀରେ ଧୀରେ ବଢ଼ୁଥିବା ଜଣାପଡ଼ିଛି। ଅନ୍ୟପଟେ ଘନ କୁହୁଡ଼ି ଯୋଗୁ ଗାଡ଼ି ଚଳାଚଳରେ ମଧ୍ୟ ସମସ୍ୟା ଦେଖାଦେଉଛି। ଦାରିଙ୍ଗବାଡ଼ି ଅଞ୍ଚଳରେ ଦିନବେଳେ ପ୍ରଚଣ୍ଡ ଖରା ସହ ଶୁଖିଲା ପାଗ ରହୁଛି। ତେବେ ସନ୍ଧ୍ୟା ନଇଁବା ପରେ ପାଗରେ ପରିବର୍ତ୍ତନ ଅନୁଭୂତ ହେଉଛି। ଧୀରେ ଧୀରେ ଥଣ୍ଡା ବଢ଼ୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଶୀତ ଋତୁର ଆଗମନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅଞ୍ଚଳରେ କୁହୁଡ଼ିର ପ୍ରଭାବ ମଧ୍ୟ ଧୀରେ ଧୀରେ ବଢ଼ୁଥିବା ଦେଖାଯାଉଛି। ଘନ କୁହୁଡ଼ି ଯୋଗୁ ରାସ୍ତାରେ ଦୃଶ୍ୟମାନତା ହ୍ରାସ ପାଉଥିବାରୁ ଗାଡ଼ି ଚାଳକମାନଙ୍କୁ ଯାତାୟାତ ସମୟରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସ୍ଥାନୀୟ ଲୋକଙ୍କ ମତରେ, ପ୍ରତିବର୍ଷ ସେପ୍ଟେମ୍ବର ମାସରୁ ଦାରିଙ୍ଗବାଡ଼ିରେ ହାଲୁକା ଶୀତ ଅନୁଭୂତ ହେବା ଆରମ୍ଭ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଲଘୁଚାପଜନିତ ବର୍ଷା ଯୋଗୁ ଶୀତର ପ୍ରଭାବ ବିଳମ୍ବରେ ଅନୁଭୂତ ହେଉଥିବା ନେଇ ଅଞ୍ଚଳରେ ଆଲୋଚନା ହେଉଛି।

# ଉତ୍କଳମଣିଙ୍କ ଆଦର୍ଶ ଓଡ଼ିଆ ଜାତିର ଚିରନ୍ତନ ପ୍ରେରଣା

### ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ): ଓଡ଼ିଆ ଜାତିର ସ୍ୱାଭିମାନ, ତ୍ୟାଗ ଓ ମାନବିକତାର ଅନନ୍ୟ ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏହି ଜୟନ୍ତୀ ଅବସରରେ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧା ଓ ସମ୍ମାନ ଜଣାଇଛନ୍ତି ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର। ଏହି ଅବସରରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଥିଲେ ଏପରି ଜଣେ ମହାନ ଜନନାୟକ, ଯିଏ ନିଜ ଜୀବନକୁ ନିଜ ପାଇଁ ନୁହେଁ, ବରଂ ମାଟି, ମାତୃଭାଷା ଓ ମଣିଷର ସେବା ପାଇଁ ଉତ୍ସର୍ଗ କରିଥିଲେ। ତାଙ୍କ ପାଇଁ ମାନବ ସେବା ହିଁ ଥିଲା ଜୀବନର ସର୍ବୋଚ୍ଚ ଧର୍ମ। ଦୁଃଖୀର ଦୁଃଖରେ ସମବେଦନା, ଅସହାୟର ଆଖିରୁ ଲୁହ ପୋଛିବା ଓ ସମାଜର ଶେଷ ଧାଡ଼ିରେ ଥିବା ମଣିଷଟିକୁ ନ୍ୟାୟ ଓ ସମ୍ମାନ ଦେବା ଥିଲା ତାଙ୍କ ଜୀବନର ମୂଳମନ୍ତ୍ର। ତାଙ୍କର ତ୍ୟାଗ, ତପସ୍ୟା ଓ ନିଃସ୍ୱାର୍ଥପର ସେବା ଓଡ଼ିଶାର ଇତିହାସରେ ସଦାସର୍ବଦା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ।

ଗୋପବନ୍ଧୁ ଦାସଙ୍କ ଜୀବନ କେବଳ ଇତିହାସର ଏକ ଅଧ୍ୟାୟ ନୁହେଁ; ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ମହାନ ଆଦର୍ଶ ଓ ଦାୟିତ୍ୱର ବାର୍ତ୍ତା। ଓଡ଼ିଆ ଭାଷା, ସାହିତ୍ୟ, ଶିକ୍ଷା ଓ ସମାଜର ଉନ୍ନତି ପାଇଁ ସେ ଯେଉଁ ଅକ୍ଳାନ୍ତ ସଂଘର୍ଷ କରିଥିଲେ, ତାହା ଆଜି ମଧ୍ୟ ଆମକୁ ନୂତନ ଓଡ଼ିଶା ଗଠନ ପାଇଁ ପ୍ରେରଣା ଦେଉଛି। ତାଙ୍କ ଜୟନ୍ତୀ ପାଳନର ପ୍ରକୃତ ସାର୍ଥକତା କେବଳ ପୁଷ୍ପମାଲ୍ୟ ଅର୍ପଣରେ ସୀମିତ ନୁହେଁ; ବରଂ ତାଙ୍କ ଆଦର୍ଶକୁ ନିଜ ଜୀବନରେ ଅନୁସରଣ କରି ଜନସେବା, ସମାଜସେବା ଓ ରାଜ୍ୟର ସର୍ବାଙ୍ଗୀଣ ବିକାଶ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାରେ ହିଁ ରହିଛି ବୋଲି ସେ କହିଥିଲେ। ଏହି ଅବସରରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ଦଳର ବହୁ ବରିଷ୍ଠ ନେତା, କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ସାମାଜିକ ସେବା ସଂଗଠନର ପ୍ରତିନିଧି ଉପସ୍ଥିତ ରହି ଉତ୍କଳମଣିଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ।

## ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରୁଛି ବିପର୍ଯ୍ୟୟ ପରିଚାଳନା ମଡେଲ



ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ): ରାଜ୍ୟ ଓ ରାଜ୍ୟ ବାହାରୁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରିଛି ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ୍। ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସଏଡିଏମ)ଙ୍କ ତତ୍ତ୍ୱାବଧାନରେ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ କାର୍ଯ୍ୟର ଅନୁଭବରୁ ଶିକ୍ଷା ଲାଭ କରିବା ନିମନ୍ତେ ଆଜି ଜାଭିୟର ମ୍ୟାନେଜମେଣ୍ଟ ବିଶ୍ୱବିଦ୍ୟାଳୟର ୪୦ ଜଣ ଛାତ୍ରଛାତ୍ରୀ ଓଏସଏଡିଏମ କାର୍ଯ୍ୟାଳୟକୁ ଗସ୍ତ କରିଛନ୍ତି। ଏହି ପରିଦର୍ଶନ ସମୟରେ ଓଏସଏଡିଏମର ଉପଦେଷ୍ଟା ଡ. କମଳ ଲୋଚନ ମିଶ୍ର ୧୯୯୯ ମହାବାତ୍ୟା ପରଠାରୁ ବିଗତ ୨୫ ବର୍ଷ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ସଫଳ ଯାତ୍ରା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ।

ଏଥିସହ ବିପର୍ଯ୍ୟୟର ପ୍ରାକ୍-ସୂଚନା, ପୂର୍ବପ୍ରସ୍ତୁତି, ସ୍ଥାନାନ୍ତରଣ, ସମୁଦାୟ-ଆଧାରିତ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଆଧୁନିକ ବୈଷୟିକ ଜ୍ଞାନ ଓ ତଥ୍ୟ-ଆଧାରିତ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଏସଏଡିଏମର ଅଭିଜ୍ଞତା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବିଶେଷକରି ବାତ୍ୟା, ବନ୍ୟା ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶା ଗ୍ରହଣ କରିଥିବା ପ୍ରସ୍ତୁତିମୂଳକ ପଦକ୍ଷେପ, ଆଗୁଆ ସତର୍କ ସୂଚନା ବ୍ୟବସ୍ଥା, ଜନସାଧାରଣଙ୍କ ସ୍ଥାନାନ୍ତରଣ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସମ୍ପର୍କରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ।

## ଛାତ୍ର ସଂସଦ ନିର୍ବାଚନରେ ବିଜେପିର ଅରାଜକତା

- ଅଗଣତାନ୍ତ୍ରିକ ଉପାୟରେ ନିର୍ବାଚନ ଜିତିବାକୁ ଚେଷ୍ଟା
- ୨୦୬ କଲେଜରେ କ'ଣ ପାଇଁ ବନ୍ଦ ହୋଇଛି ନିର୍ବାଚନ ?

ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସରକାରୀ ସ୍ତରରେ ଯୋଜନା ଚାଲିଛି। ବିଜେପି ବିଧାୟକ ଓ ମନ୍ତ୍ରୀ କଲେଜ ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ରଣନୀତି ପ୍ରସ୍ତୁତ କରୁଛନ୍ତି। ଦେଶରେ ଗଣତନ୍ତ୍ରକୁ ବିଜେପି ହତ୍ୟା କରୁଥିବା ବେଳେ ଏବେ କ୍ୟାମ୍ପସ ରାଜନୀତିରେ ବିଜେପି ଗଣତନ୍ତ୍ରକୁ ହତ୍ୟା କରୁଥିବାରୁ କଡ଼ା




ସମାଲୋଚନା କରିଛି ବିଜେଡି। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ସାହୁ କ୍ୟାମ୍ପସ ରାଜନୀତିରେ ସରକାରୀ ହସ୍ତକ୍ଷେପକୁ ବିରୋଧ କରିଥିଲେ। ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ସାରା ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ନିର୍ଦ୍ଦିଷ୍ଟ ଛାତ୍ର ସଂଗଠନ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ନିଜର ପ୍ରସ୍ତୁତି ପର୍ବ ସାରିଲା ପରେ ସରକାର ନିର୍ବାଚନ ଘୋଷଣା କଲେ। ଆଜି ଓଡ଼ିଶାରେ ପ୍ରାୟ ୭୦୦ କଲେଜ ଓ ପାଖାପାଖି ୧୨ଟି ବିଶ୍ୱବିଦ୍ୟାଳୟରେ ନିର୍ବାଚନ ଅନୁଷ୍ଠିତ ହେଉଛି। ୩ଟି ବିଶ୍ୱବିଦ୍ୟାଳୟ ଓ ଅନ୍ୟ କଲେଜମାନଙ୍କରେ ଏବିଭିପି ପ୍ରାର୍ଥୀମାନେ ନିର୍ବାଚନ ଜିତିପାରିବେ ନାହିଁ ବୋଲି ସେଠାରେ ସରକାର ନିର୍ବାଚନ କରାଉନାହାନ୍ତି। ଛାତ୍ର ସଂସଦ ନିର୍ବାଚନରେ ନଗର ଉନ୍ନୟନ ମନ୍ତ୍ରୀ କଲେଜ ଅଧ୍ୟକ୍ଷ ଓ ଭିସିମାନଙ୍କୁ ଡାକି ରିଭ୍ୟୁ ନାଁରେ ଏବିଭିପି ଛାତ୍ର ସଂଗଠନ କିଭଳି ଜିତିବ, ସେଥିପାଇଁ ତାଙ୍କୁ ତାଗିଦ କରୁଥିବାର ଫଟୋ ସୋସିଆଲ ମିଡିଆରେ ଘୂରି ବୁଲୁଛି। ସେହିଭଳି ଚିକିଟି ବିଧାୟକ ପାତ୍ରପୁର ବ୍ଲକ ଅଫିସରେ ସନ୍ଧ୍ୟା ୫ଟାରେ ସବୁ କଲେଜର କର୍ମଚାରୀଙ୍କୁ ବୈଠକ କରାଇବା ପାଇଁ ଚିଠି କରାଯାଉଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ବିଜେପି କଲେଜ ରାଜନୀତିରେ ଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନେବାକୁ ଚକ୍ରାନ୍ତ କରୁଛି।

ସେହିପରି ଶ୍ରୀ ସାହୁ କହିଥିଲେ ଯେ ସରକାର ଯଦି ଛାତ୍ର ସଂସଦ ନିର୍ବାଚନ କରାଇବାର ଥିଲା, କାହିଁକି ଏକାଡେମିକ କ୍ୟାଲେଣ୍ଡରରେ ଆଗୁଆ ସୂଚନା ଦେଲେନାହିଁ। ଆଡମିଶନ ପ୍ରକ୍ରିୟା ଶେଷ ହୋଇ ନ ଥିବା ବେଳେ ସରକାର ତରବରିଆ ଭାବେ ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ କଲେ। ସରକାରୀ ଦଳର ମନ୍ତ୍ରୀମାନେ ସିଧାସଳଖ ଛାତ୍ର ସଂସଦ ନିର୍ବାଚନରେ ହସ୍ତକ୍ଷେପ କରି ଚାପ ପକାଉଛନ୍ତି।

### ବିଜେଡିକୁ ଝଟ୍‌କା

## ବିଜେପିରେ ସାମିଲ ହେଲେ ଶତାଧିକ ନେତା



ନବରଙ୍ଗପୁର, ଝରିଗାଁ, ୯।୧୦ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ଝରିଗାଁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭିକ୍ଷା ପଞ୍ଚାୟତର କୋଦୋଭାଟା ଗାଁରେ ବିଜେଡିକୁ ଲାଗିଛି ବଡ଼ ରାଜନୈତିକ ଝଟ୍‌କା। ବିଜେଡି ଛାଡ଼ି ଶତାଧିକ ନେତା, ଜନପ୍ରତିନିଧି ଓ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବକୁ ନେଇ ଝରିଗାଁ ଅଞ୍ଚଳର ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ, ସୁଶାସନ ଓ ଜନକଲ୍ୟାଣମୂଳକ ଯୋଜନାରେ ଅନୁପ୍ରାଣିତ ହୋଇ ସେମାନେ ବିଜେପିରେ ଯୋଗ ଦେଇଥିବା ଜଣାପଡ଼ିଛି। ଏହି ଦଳୀୟ ମିଶ୍ରଣ ମାଧ୍ୟମରେ ଅଞ୍ଚଳରେ ବିଜେପିର ସଂଗଠନକୁ ଆହୁରି ସୁଦୃଢ଼ କରିବା ଦିଗରେ ଦଳୀୟ କର୍ମୀମାନେ ଆଶାବାଦୀ ଅଛନ୍ତି। ଏହି ଅବସରରେ ଝରିଗାଁ ବିଧାୟକ ନରସିଂହ ଭତ୍ରା, ମଣ୍ଡଳ ସଭାପତି ଭୁଜବଳ ଗୌଡ଼, ଜିଲ୍ଲା କୃଷକ ସଭାପତି ଜଗଦୀଶ କଲାର, ଈଶ୍ୱର ଭତ୍ରା, ସୁଜନ ଭକ୍ତ, ସୋନୁ ଭତ୍ରା ଓ ବିଜେପି ପଞ୍ଚାୟତ ସଭାପତିଙ୍କ ସମେତ ଅନ୍ୟାନ୍ୟ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସେମାନଙ୍କ ଉପସ୍ଥିତିରେ ନୂତନ ଭାବେ ଦଳରେ ଯୋଗ ଦେଇଥିବା ବ୍ୟକ୍ତିମାନଙ୍କୁ ସ୍ୱାଗତ କରାଯାଇଥିଲା। ବିଜେପିରେ ସାମିଲ ହୋଇଥିବା ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଭିକ୍ଷା ପଞ୍ଚାୟତର ନାଏବ ସରପଞ୍ଚ ସୁବ୍ରତ ବିଶ୍ୱାସ, ୧୧ ନମ୍ବର ୱାର୍ଡର ସଭ୍ୟା କବିତା ବିଶ୍ୱାସ, ୧୦ ନମ୍ବର ୱାର୍ଡର ସଭ୍ୟ ପ୍ରେମାନନ୍ଦ ମଣ୍ଡଳ, ଦେବୀସିଂ ଭତ୍ରା, ପୂର୍ବତନ ୱାର୍ଡ ସଭ୍ୟ ରୁପିଚନ୍ଦ ଭତ୍ରା, ବାଦଲ ଗୋଲଦାର, ହରିପଦ ମଣ୍ଡଳ, ବୁଦନାଥ ରାୟ, ରଘୁନାଥ ଗୌଡ଼, ରୁଗଦାର ଗୌଡ଼ ଓ ଅନାଦ ଗୌଡ଼ଙ୍କ ସମେତ ଅନେକ କର୍ମୀ ରହିଛନ୍ତି। ସ୍ଥାନୀୟ ରାଜନୈତିକ ସମୀକରଣ ଦୃଷ୍ଟିରୁ ଏହି ମିଶ୍ରଣକୁ ବିଜେପି ପାଇଁ ଏକ ଉତ୍ସାହଜନକ ପଦକ୍ଷେପ ଭାବେ ଦେଖାଯାଉଛି। ବିଶେଷକରି ଭିକ୍ଷା ପଞ୍ଚାୟତରେ ଦଳର ସାଙ୍ଗଠନିକ ଉପସ୍ଥିତି ବୃଦ୍ଧି ପାଇବା ସହ ଆଗାମୀ ଦିନରେ ଝରିଗାଁ ଅଞ୍ଚଳର ରାଜନୀତିରେ ଏହାର ପ୍ରଭାବ କିପରି ରହିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ପଞ୍ଚାୟତ ଓ ପୌର ନିର୍ବାଚନ - ବଢ଼ିବକି ପଛୁଆ ବର୍ଗଙ୍କ ସଂରକ୍ଷଣ ?



ଭୁବନେଶ୍ୱର,୯।୧୦: ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ରାଜ୍ୟର ପଛୁଆର୍ ବର୍ଗ ବୋଲି କୁହାଯାଉଥିବା ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ଶ୍ରେଣୀ (ଏସ୍ଇବିସି) ବର୍ଗଙ୍କୁ ଅଧିକ ପ୍ରତିନିଧିତ୍ୱ ଦେବା ପାଇଁ ବିରୋଧୀ ଦଳରେ ଥିବାବେଳେ ଦାବି କରୁଥିବା ବିଜେପି ଏବେ ରାଜ୍ୟରେ ସରକାରକୁ ଆସିବା ପରେ ଏହି ପ୍ରକ୍ରିୟା ଆରମ୍ଭ କରିଛି। ଏଥିପାଇଁ ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏସ୍ଇବିସି କମିଶନ ଗଢ଼ାଯାଇଛି। ତେବେ ସୁପ୍ରିମକୋର୍ଟ ସଂରକ୍ଷଣ ସଂକ୍ରାନ୍ତରେ ଯେଉଁ ସୀମା ନିର୍ଦ୍ଧାରଣ କରିଛନ୍ତି ତାହା କାଏମ ରହିବ ନା ବଦଳିବ, ସେ ସଂକ୍ରାନ୍ତରେ ୨୦୨୭ ଜାନୁଆରୀ ପରେ ସ୍ପଷ୍ଟ ହୋଇଯିବ।

ପଛୁଆ ବର୍ଗଙ୍କ ସ୍ଥାନ ସଂରକ୍ଷଣ ସଂକ୍ରାନ୍ତରେ ମୋରାରଜି ଦେଶାଇଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ବିନ୍ଧେଶ୍ୱରୀ ପ୍ରସାଦ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଯାଇଥିଲା। ଏହି କମିଶନଙ୍କ ରିପୋର୍ଟ ଦୀର୍ଘବର୍ଷ ଧରି କେନ୍ଦ୍ର ସରକାରଙ୍କ ଶୀତଳ ଭଣ୍ଡାରରେ ପଡ଼ିରହିବା ପରେ ବିଶ୍ୱନାଥ ପ୍ରତାପ ସିଂହଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ୯୦ ଦଶକରେ କାର୍ଯ୍ୟକାରୀ ହୋଇଥିଲା। ମଣ୍ଡଳ କମିଶନଙ୍କ ସୁପାରିସର କାର୍ଯ୍ୟକାରିତାକୁ ବିରୋଧ କରି ଦେଶ ବ୍ୟାପି ଆନ୍ଦୋଳନ ହୋଇଥିଲେ ମଧ୍ୟ କେନ୍ଦ୍ର ସରକାର ଏହାକୁ ଲାଗୁ କରିଥିଲେ।

ସେତେବେଳେ ଏହି ସଂରକ୍ଷଣ ପ୍ରସଂଗରେ ସୁପ୍ରିମକୋର୍ଟ ଏକ ସାମ୍ବିଧାନିକ ଖଣ୍ଡପୀଠ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ସଂରକ୍ଷଣ ସୀମା ୫୦ ପ୍ରତିଶତକୁ ଟପିପାରିବ ନାହିଁ ବୋଲି କହିଥିଲେ। ଦେଶରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଜାତୀୟ ସ୍ତରରେ ୨୨.୫୦ ପ୍ରତିଶତ ସ୍ଥାନ ସମ୍ବିଧାନ ଆଧାରରେ ସଂରକ୍ଷିତ ରହିଥିବାରୁ କେନ୍ଦ୍ର ସରକାର ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଘୋଷଣା କରି ମୋଟ ସଂରକ୍ଷଣକୁ ୫୦ ପ୍ରତିଶତରେ ସୀମିତ ରଖିଥିଲେ।

୯୦ ଦଶକରେ ସେତେବେଳର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଗରିବର ଜାତି ନାହିଁ ବୋଲି ବିବୃତି ଦେଇ ମଣ୍ଡଳ କମିଶନଙ୍କ ସୁପାରିସକୁ ଅଗ୍ରାହ୍ୟ କରିବା ସହ ଓଡ଼ିଶା ପାଇଁ ଏ ସଂକ୍ରାନ୍ତରେ ନିର୍ଦ୍ଧାରଣ ଲାଗି ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ନବ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇଥିଲେ। ଏହି କମିଶନ ମଧ୍ୟ ସଂରକ୍ଷଣ ସୀମା ୫୦ ପ୍ରତିଶତ ମଧ୍ୟରେ ସୀମିତ ରଖିବା ପାଇଁ ସୁପାରିସ କରିଥିଲେ। ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଜନସଂଖ୍ୟା ଜାତୀୟ ହାର ଅପେକ୍ଷା ଅଧିକ ଥିବାରୁ ସେତେବେଳେ ଏହି ଦୁଇବର୍ଗଙ୍କ ପାଇଁ ୩୮ ପ୍ରତିଶତ ଆସନ ସଂରକ୍ଷିତ ରହିଥିଲା। ଏହାକୁ ଆଖି ଆଗରେ ରଖି ୧୯୯୩ ମସିହାରେ ଏସ୍ଇବିସିଙ୍କ ଲାଗି ଚାକିରି କ୍ଷେତ୍ରରେ ୧୨ ପ୍ରତିଶତ ସଂରକ୍ଷଣ ଦିଆଯିବାକୁ କୁହାଯାଇଥିଲା। ତେବେ ୧୯୯୫ର ନିର୍ବାଚନ ପୂର୍ବରୁ ସରକାର ଏହି ସଂରକ୍ଷଣ ସୀମା ବଢ଼ାଇବାରୁ ଏହା ବିରୋଧରେ ସ୍ୟାଟ୍‌ରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ମାମଲା ଚାଲିଲା ଏବଂ ଓଡ଼ିଶା ସରକାର ଏସ୍‌ସି/ଏସ୍‌ଟିଙ୍କ ଲାଗି ୩୮.୭୫ ପ୍ରତିଶତ ସ୍ଥାନ ସଂରକ୍ଷିତ ରଖିଥିବାରୁ ଅବଶିଷ୍ଟ ୧୧.୨୫ ପ୍ରତିଶତ ସ୍ଥାନ ଏସ୍ଇବିସିଙ୍କୁ ଦିଆଯାଇଥିଲା।

ତେବେ ୨୦୦୮ ମସିହାରେ ରାଜ୍ୟ ସରକାର ବିଧାନସଭାରେ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରି ଏସ୍ଇବିସିଙ୍କ ସଂରକ୍ଷଣ ୨୭ ପ୍ରତିଶତକୁ ବଢ଼ାଇବାରେ ଏହା ବିରୋଧରେ ବି ଆଇନ୍ ଅଦାଲତରେ ଲଢ଼େଇ ଚାଲିଲା ଏବଂ ସ୍ୟାଟ୍ ଓ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ସଂରକ୍ଷଣ ସୀମା ଏହି ବର୍ଗଙ୍କ ପାଇଁ ପୁଣି ୧୧.୨୫ ପ୍ରତିଶତକୁ କମିଛି। ବିଜେଡି ଶାସନ ସମୟରେ ଓଡ଼ିଶା ସରକାର ପଞ୍ଚାୟତ ଓ ପୌର ନିର୍ବାଚନରେ ଏସ୍ଇବିସିଙ୍କ ପାଇଁ ୨୭ ପ୍ରତିଶତ ଆସନ ସଂରକ୍ଷଣ ରଖିବାରୁ ଏହା ବିରୋଧରେ ବି ମାମଲା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲା ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଆଧାରରେ ଏହା ପୁଣି ୧୧.୨୫ ପ୍ରତିଶତକୁ ଖସିଛି। ଏ ପରିପ୍ରେକ୍ଷୀରେ ନବଗଠିତ ଏସ୍ଇବିସି କମିଶନ ଏହି ବର୍ଗଙ୍କ ପାଇଁ କ'ଣ ସୁପାରିସ କରିବେ ଏବଂ ଏମାନଙ୍କ ପ୍ରତିନିଧିତ୍ୱ ବଢ଼ାଇବା ଲାଗି ରାଜ୍ୟ ସରକାର କି ପଦକ୍ଷେପ ନେବେ ତାହା ଉପରେ ଏବେ ବିଭିନ୍ନ ମହଲ ସତର୍କ ଦୃଷ୍ଟି ରଖିଛନ୍ତି।(ତଥ୍ୟ)

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

## ସମ୍ପାଦକୀୟ

SANCHAR
ସଂଚାର
୪
ଶନିବାର ୧୦ ଅକ୍ଟୋବର ୨୦୨୬, ଭୁବନେଶ୍ୱର
Saturday 10 October 2026, Bhubaneswar

# ସୁପର ଡୁପର ଏଲ୍‌ନିନୋ

ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବ ଭାଗରେ ସମୁଦ୍ର ପୃଷ୍ଠର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବା ଘଟଣାକୁ ଏଲ୍‌ନିନୋ କୁହାଯାଏ। ଯେତେବେଳେ ଏହି ତାପମାତ୍ରା ସାଧାରଣଠାରୁ ୨ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ହୋଇଯାଏ, ତାକୁ ମିଡିଆରେ 'ସୁପର ଏଲ୍‌ନିନୋ' ବା 'ସୁପର ଡୁପର ଏଲ୍‌ନିନୋ' କୁହାଯାଏ। ଏହା କେବଳ ଏକ ଆବହାବିକ ପରିବର୍ତ୍ତନ ନୁହେଁ; ଏହା ବିଶ୍ୱର ଜଳବାୟୁ, କୃଷି ଓ ମାନବ ଜୀବନକୁ ଗଭୀର ଭାବେ ପ୍ରଭାବିତ କରୁଥିବା ଏକ ଶକ୍ତିଶାଳୀ ପ୍ରାକୃତିକ ଶକ୍ତି।



ବିଶ୍ୱ ସ୍ତରରେ ସୁପର ଏଲ୍‌ନିନୋର ପ୍ରଭାବ ବହୁମୁଖୀ। ଏହା ବିଶ୍ୱ ତାପମାତ୍ରାକୁ ବୃଦ୍ଧି କରେ ଏବଂ ବର୍ଷାର ପ୍ୟାଟର୍ନକୁ ବିପର୍ଯ୍ୟସ୍ତ କରେ। ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ଦକ୍ଷିଣ-ପୂର୍ବ ଏସିଆ, ଦକ୍ଷିଣ ଆଫ୍ରିକା ଓ ମଧ୍ୟ ଆମେରିକାରେ ଶୁଷ୍କ ପରିସ୍ଥିତି ଓ ଖରାପ ଖରା ସୃଷ୍ଟି ହୁଏ। ଏହି ଅଞ୍ଚଳଗୁଡ଼ିକ ଧାନ, ମକା, ଖଜୁରି ତେଲ, ଚିନି ଓ କଫି ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ ପେରୁ, ଏକ୍ୱାଡର ଭଳି ଦେଶରେ ଭାରି ବର୍ଷା ଓ ବନ୍ୟା ଆସେ। ସାମୁଦ୍ରିକ ଜୀବଜଗତ ମଧ୍ୟ ପ୍ରଭାବିତ ହୁଏ; ମାଛ ଉତ୍ପାଦନ କମିଯାଏ, ଯାହା ବିଶ୍ୱ ଖାଦ୍ୟ ଶୃଙ୍ଖଳାକୁ ବିପଦରେ ପକାଏ। ଇତିହାସରେ ୧୯୮୨-୮୩, ୧୯୯୭-୯୮ ଓ ୨୦୧୫-୧୬ର ସୁପର ଏଲ୍‌ନିନୋ ଘଟଣା ବିଶ୍ୱ ଖାଦ୍ୟ ମୂଲ୍ୟ ବୃଦ୍ଧି, ଖାଦ୍ୟାଭାବ ଓ ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରିଥିଲା। ଭାରତ ପାଇଁ ଏହାର ପ୍ରଭାବ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଭାରତର କୃଷି ମୁଖ୍ୟତଃ ଦକ୍ଷିଣ-ପଶ୍ଚିମ ମୌସୁମୀ ଉପରେ ନିର୍ଭର କରେ। ଏଲ୍‌ନିନୋ ସମୟରେ ମୌସୁମୀ ଦୁର୍ବଳ ହୋଇଯାଏ ଏବଂ ବର୍ଷା କମିଯାଏ। ଇତିହାସ ଦେଖିଲେ ୧୯୫୦ ପରଠାରୁ ୧୬ଟି ଏଲ୍‌ନିନୋ ବର୍ଷ ମଧ୍ୟରୁ ପ୍ରାୟ ୯ଟିରେ ଭାରତୀୟ ମୌସୁମୀ ବର୍ଷା ସାଧାରଣଠାରୁ କମ୍ ଥିଲା। ୨୦୦୨ ଓ ୨୦୦୯ରେ ଗମ୍ଭୀର ଖରାପ ପରିସ୍ଥିତି ଦେଖାଯାଇଥିଲା। ଖରିଫ ଫସଲ ଯଥା ଧାନ, ମକା, ତୁର, ବାଜରା, ସୋୟାବିନ୍ ଓ କପା ସବୁଠାରୁ ଅଧିକ ପ୍ରଭାବିତ ହୁଏ। ବର୍ଷାନିର୍ଭର ଅଞ୍ଚଳ ଯଥା ମହାରାଷ୍ଟ୍ର, ଗୁଜରାଟ, କର୍ଣ୍ଣାଟକ, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଫସଲ ଉତ୍ପାଦନ ୧୦ରୁ ୧୮ ପ୍ରତିଶତ ପର୍ଯ୍ୟନ୍ତ କମିପାରେ। ଧାନ ଉତ୍ପାଦନ ଗଡ଼େ ୩-୪ ନିୟୁତ ଟନ୍ କମିପାରେ। କୃଷକମାନଙ୍କ ଜୀବିକା ସିଧାସଳଖ ଆଘାତ ପାଏ। ଫସଲ ନଷ୍ଟ ହେଲେ ଆୟ କମିଯାଏ, ଋଣ ବଢ଼େ ଏବଂ ଗ୍ରାମୀଣ ଅର୍ଥନୀତି ଦୁର୍ବଳ ହୁଏ। ଜଳାଶୟରେ ଜଳ ସ୍ତର କମିଯିବା ଦ୍ୱାରା ସେଚନ କଷ୍ଟକର ହୁଏ। ତାପମାତ୍ରା ବଢ଼ିବା ଯୋଗୁଁ ତାପତରଙ୍ଗ ବଢ଼େ, ଯାହା କୃଷକ ଓ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦଜନକ। ଖାଦ୍ୟ ଉତ୍ପାଦନ କମିଲେ ଖାଦ୍ୟ ମୂଲ୍ୟ ବଢ଼େ, ଯାହା ସାଧାରଣ ଲୋକଙ୍କ, ବିଶେଷକରି ଗରିବ ପରିବାରଙ୍କ ଉପରେ ବଡ଼ି ଭାର ପକାଏ। ଜଳ ଅଭାବ ଓ ଖାଦ୍ୟ ମୂଲ୍ୟ ବୃଦ୍ଧି ସାମାଜିକ ଅସ୍ଥିରତା ମଧ୍ୟ ସୃଷ୍ଟି କରିପାରେ।

ତଥାପି ଭାରତ ଏବେ ଅଧିକ ସହନଶୀଳ ହୋଇଛି। ଜଳସେଚନ ବ୍ୟବସ୍ଥା ବଢ଼ିଛି, ବିକଳ୍ପ ଫସଲ ଓ ଜଳବାୟୁ-ସହନଶୀଳ ବୀଜ ବ୍ୟବହାର ବଢ଼ିଛି। ସରକାର ସମୟାନୁକୂଳ ପରିକଳ୍ପନା, ଫସଲ ବୀମା ଓ ଖାଦ୍ୟ ଭଣ୍ଡାର ବୃଦ୍ଧି କରି ପ୍ରଭାବକୁ କମାଇବାକୁ ଚେଷ୍ଟା କରୁଛନ୍ତି। ତଥାପି ବର୍ଷାନିର୍ଭର କ୍ଷେତ୍ର ଏବଂ ଛୋଟ କୃଷକମାନେ ଏବେ ବି ସଙ୍କଟରେ ଅଛନ୍ତି।

ସୁପର ଏଲ୍‌ନିନୋ କେବଳ ଏକ ପ୍ରାକୃତିକ ଘଟଣା ନୁହେଁ; ଏହା ଖାଦ୍ୟ ସୁରକ୍ଷା, ଅର୍ଥନୀତି ଓ ମାନବ ସ୍ୱାସ୍ଥ୍ୟର ପ୍ରଶ୍ନ। ବିଶ୍ୱ ସ୍ତରରେ ସହଯୋଗ, ଜଳବାୟୁ-ସହନଶୀଳ କୃଷି, ଜଳ ସଂରକ୍ଷଣ ଓ ସମୟାନୁକୂଳ ନୀତି ଆବଶ୍ୟକ। ଭାରତରେ କୃଷକଙ୍କୁ ସୂଚନା, ବିକଳ୍ପ ଆୟ ଓ ସୁରକ୍ଷା ପ୍ରଦାନ କରିବା ଆବଶ୍ୟକ। ପ୍ରକୃତିର ଏହି ଚକ୍ରକୁ ଆମେ ରୋକି ପାରିବୁ ନାହିଁ, କିନ୍ତୁ ପ୍ରସ୍ତୁତି ଓ ସଚେତନତା ଦ୍ୱାରା ଏହାର ଆଘାତକୁ ନିଶ୍ଚିତ ଭାବେ କମାଇ ପାରିବୁ।

# ଶିକ୍ଷାନୁଷ୍ଠାନରେ ନୈତିକ ଉନ୍ନତି ଓ ମୂଲ୍ୟବୋଧ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ମାନବ ସମାଜର ଉପଯୁକ୍ତ ବିକାଶ ପାଇଁ କେବଳ ଜ୍ଞାନ ଯଥେଷ୍ଟ ନୁହେଁ; ଏଥିପାଇଁ ନୈତିକତା ଏବଂ ମୂଲ୍ୟବୋଧ ଆବଶ୍ୟକ। ଜଣେ ବ୍ୟକ୍ତିକୁ ସଚ୍ଚୋଟ, ଦାୟିତ୍ୱବାନ ଏବଂ ଭଲ ନାଗରିକ ଭାବରେ ଗଢ଼ି ତୋଳିବାରେ ନୈତିକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ନୈତିକତାର ମୂଳଦୁଆ କେବଳ ଏକ ଶିକ୍ଷାନୁଷ୍ଠାନରେ ସ୍ଥାପନ କରାଯାଇପାରିବ। ସେହିପରି, ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ପ୍ରଦାନ କରିବା ପାଇଁ ନୁହେଁ, ବରଂ ମାନବ ଚରିତ୍ର ଗଠନ ପାଇଁ ପବିତ୍ର କେନ୍ଦ୍ର ଭାବରେ କାର୍ଯ୍ୟ କରନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକ ସମାଜର ମୂଳଦୁଆ। ଏଠାରେ, ଛାତ୍ରମାନେ କେବଳ ପୁସ୍ତକୀୟ ଜ୍ଞାନ ନୁହେଁ ବରଂ ଜୀବନ ମୂଲ୍ୟ ମଧ୍ୟ ଶିଖନ୍ତି। ଯଦି ପିଲାମାନଙ୍କୁ ଛୋଟ ବୟସରୁ ସତ୍ୟ, ଅହିଂସା, ଦୟା, ସହନଶୀଳତା, ସହଯୋଗ ଏବଂ ଶୃଙ୍ଖଳା ଭଳି ମୂଲ୍ୟବୋଧ ଶିକ୍ଷା ଦିଆଯାଏ, ତେବେ ସେମାନେ ଭବିଷ୍ୟତରେ ଭଲ ନାଗରିକ ହୋଇପାରିବେ। ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ଉନ୍ନତିର ବହୁତ ଗୁରୁତ୍ୱ ଅଛି। ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ନୈତିକତାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଗୁରୁକୂଳ ବ୍ୟବସ୍ଥାରେ, ଛାତ୍ରମାନେ ଜଣେ ଗୁରୁଙ୍କ ମାର୍ଗଦର୍ଶନରେ ରହୁଥିଲେ ଏବଂ ଶିକ୍ଷା ଗ୍ରହଣ କରୁଥିଲେ। ସେଠାରେ, ସେମାନଙ୍କୁ କେବଳ ଶୈକ୍ଷିକ ଜ୍ଞାନ ନୁହେଁ ବରଂ ନୈତିକ ଶିକ୍ଷା ଏବଂ ଜୀବନଶୈଳୀ ମଧ୍ୟ ଶିକ୍ଷା ଦିଆଯାଉଥିଲା। ଗୁରୁକୂଳଗୁଡ଼ିକ ଗୁରୁଙ୍କ ପ୍ରତି ସମ୍ମାନ, ସତ୍ୟବାଦୀ, ଶୃଙ୍ଖଳା ଏବଂ ଆତ୍ମନିୟନ୍ତ୍ରଣ ଭଳି ସଦ୍‌ଗୁଣ ଶିକ୍ଷା ଦେଉଥିଲେ। ଏହି ବ୍ୟବସ୍ଥା ଛାତ୍ରମାନଙ୍କୁ ଭଲ ଚରିତ୍ର ସହିତ ବିକଶିତ କରିଥିଲା।

କିନ୍ତୁ ଆଜି ଶିକ୍ଷା ବ୍ୟବସ୍ଥା ଅଧିକ ପ୍ରତିଯୋଗିତାମୂଳକ ହୋଇଗଲାଣି। ଛାତ୍ରମାନେ ଅଧିକ ନମ୍ବର ଏବଂ ଭଲ ଚାକିରି ପାଇବା ପାଇଁ ପାଠ ପଢ଼ୁଛନ୍ତି। ଏହି କାରଣରୁ, ନୈତିକତା ଏବଂ ମୂଲ୍ୟବୋଧର ଗୁରୁତ୍ୱ ହ୍ରାସ ପାଇଛି। କେତେକ ସମୟରେ ଆମେ ଛାତ୍ରଛାତ୍ରୀମାନଙ୍କୁ ଠକିବା, ମିଛ କହିବା ଏବଂ ଭୁଲ ପଥ ଅନୁସରଣ କରିବା ଭଳି କାର୍ଯ୍ୟକଳାପରେ ଲିପ୍ତ ହେଉଥିବାର ଦେଖୁ। ଏହି ପରିସ୍ଥିତି ଆମକୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାକୁ ପୁନଃ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ଅନୁଭବ କରାଏ। ନୈତିକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଦର୍ଶ ଭାବରେ କାର୍ଯ୍ୟ କରନ୍ତି। ସେମାନଙ୍କର ଆଚରଣ, ଆଦର୍ଶ ଏବଂ ଜୀବନଶୈଳୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରେ। ଯଦି ଶିକ୍ଷକମାନେ ସତ୍ୟବାଦୀ, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୁଅନ୍ତି, ତେବେ ଛାତ୍ରଛାତ୍ରୀମାନେ ସମାନ ଗୁଣ ଗ୍ରହଣ କରିବାକୁ ପ୍ରେରଣା ପାଇବେ। ତେଣୁ, ଛାତ୍ରମାନଙ୍କ ଜୀବନ ଗଠନରେ ଶିକ୍ଷକଙ୍କ ନୈତିକ ଆଚରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ବ୍ୟତୀତ, ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ନୈତିକ ବିକାଶ ହାସଲ କରାଯାଇପାରିବ। ପ୍ରାର୍ଥନା ସଭା, ପ୍ରବାଦ, ଜାତୀୟ ପର୍ବ ପାଳନ, ସମାଜସେବା କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ଅଭିଯାନ ଭଳି କାର୍ଯ୍ୟକଳାପ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ, ଦାୟିତ୍ୱ ଏବଂ ସହଯୋଗର ଭାବନା ସୃଷ୍ଟି କରେ। ଏହା ସେମାନଙ୍କୁ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱ ବୁଝିବାରେ ସାହାଯ୍ୟ କରେ।

ନୈତିକ ବିକାଶ ପାଇଁ ପରିବାର ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନେ ପ୍ରଥମେ ଘରେ ନୈତିକତା ଶିଖନ୍ତି। ଯଦି ପରିବାରରେ ସତ୍ୟବାଦୀ, ସମ୍ମାନ ଏବଂ ଶୃଙ୍ଖଳାର ପରିବେଶ ଥାଏ, ତେବେ ସେମାନେ ଏହି ଗୁଣଗୁଡ଼ିକୁ ଗ୍ରହଣ କରନ୍ତି। ଯଦି ଶିକ୍ଷାନୁଷ୍ଠାନ ଏବଂ ପରିବାର ପିଲାମାନଙ୍କୁ ନୈତିକ ଶିକ୍ଷା ଦେବା ପାଇଁ ଏକାଠି କାମ କରନ୍ତି, ତେବେ ସେମାନଙ୍କର ଚରିତ୍ର ସୁଦୃଢ଼ ହୋଇପାରିବ। ଆଜିର ଦୁନିଆରେ, ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ଗଣମାଧ୍ୟମ ଛାତ୍ରଛାତ୍ରୀଙ୍କ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି। କେତେକ ସମୟରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ, କିନ୍ତୁ କେତେକ ସମୟରେ ଏହା ନୈତିକ ମୂଲ୍ୟବୋଧକୁ ଦୁର୍ବଳ କରିପାରେ। ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନୀ ଭାବରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଏବଂ ଭଲ ଏବଂ ଖରାପ ମଧ୍ୟରେ ପାର୍ଥକ୍ୟ ଶିଖାଇବା ଉଚିତ। ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ ହେବାରେ ସାହାଯ୍ୟ କରେ ନାହିଁ ବରଂ ସେମାନଙ୍କୁ ଭଲ ମଣିଷ ହେବାରେ ମଧ୍ୟ ସାହାଯ୍ୟ କରେ। ନୈତିକତା ବିନା ଶିକ୍ଷା ସମାଜ ପାଇଁ କ୍ଷତିକାରକ ହୋଇପାରେ। ତେଣୁ, ଶିକ୍ଷା ବ୍ୟବସ୍ଥାରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନେ ନୈତିକ, ଦାୟିତ୍ୱବାନ ଏବଂ ସଚ୍ଚୋଟ ନାଗରିକ ବିକଶିତ ହୁଅନ୍ତୁ ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ। ତେଣୁ, ସମାଜର ପ୍ରଗତି ଏବଂ ଶାନ୍ତି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାରେ ଉନ୍ନତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**ଅରଙ୍ଗାବାଦ, ବରୀ, ଯାଜପୁର,ମୋବାଇଲ:୮୨୪୯୫୦୨୭୭୬**

# ଦରଦାମ ବୃଦ୍ଧି ଉପରେ ରେପୋରେଟ ବୃଦ୍ଧିର ପ୍ରଭାବ!



**ସୁବାସ ଷଡଙ୍ଗୀ**



ଦ୍ୱାରଦେଶରେ ଆସି ପହଞ୍ଚିଚି ଦଶହରା ପର୍ବ। ସବୁରି ଘରେ ଆରମ୍ଭ ହୋଇଯାଇଚି ଏକ ନବ ଉନ୍ମାଦନା। ପୋଷାକ ଠାରୁ ଆରମ୍ଭ କରି ବିଭିନ୍ନ ଘରକରଣା ଜିନିଷର କିଣାର ଇଏ ହେଉଚି ପ୍ରକୃଷ୍ଟ ସମୟ। ବୁଲାବୁଲି କରିବା ପାଇଁ ଯୋଜନା ମଧ୍ୟ ହୋଇସାରିଛି। କିନ୍ତୁ ଷଳାକମାନଙ୍କ ମଧ୍ୟରେ ଆଗ ଭଳି ସେତେଟା ଆଗ୍ର ନାହିଁ। ତାର କାରଣ ହେଉଛି ମହଙ୍ଗା ମାଡ। ଚାରି ବର୍ଷ ପରେ ରିଜର୍ଭ ବ୍ୟାଙ୍କ ପୁଣି ଥରେ ରେପୋରେଟ ବଢ଼ାଇଛି। ଦ୍ୱିମାସିକ ଋଣନୀତି ଘୋଷଣାରେ ରିଜର୍ଭ ବ୍ୟାଙ୍କ ରେପୋରେଟ ୨୫ ବେସିସ ପଏଂଟ ବଢ଼ାଇ ୫.୫ ଶତାଂଶ କରିଛି। ଯାହାଫଳରେ ଏଇ ପର୍ବରେ ଦେଶରେ ସାଧାରଣ ଲୋକମାନେ ବିଶେଷ କରି ମଧ୍ୟବିତ ଶ୍ରେଣୀର ଲୋକମାନେ ଅସୁବିଧାରେ ପଡ଼ିବେ। ଯେଉଁମାନେ ଗାଡି ବା ଘର କିଣିବା ପାଇଁ ଋଣ କରିବେ, ସେମାନଙ୍କୁ ଅଧିକ ସୁଧ ଦେବାକୁ ହେବ। ମୂଲ୍ୟବୃଦ୍ଧି ସରକାର ନିୟନ୍ତ୍ରଣ କରିବାକୁ ଅକ୍ଷମ। ଯାହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡୁଛି। କୁହାଯାଉଛି, ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଏପରି ପଦକ୍ଷେପ ନେଇଛି। ଅନେକ ପଚାରି ପାରନ୍ତି, ଏଇ ରେପୋରେଟ କଣ? ରେପୋରେଟ ହେଉଛି, ସେଇ ସୁଧ ହାର, ଯେଉଁ ହାରରେ ରିଜର୍ଭ ବ୍ୟାଙ୍କ ଯୋଗ୍ୟ ସର୍ତରେ ବାଣିଜ୍ୟିକ ବ୍ୟାଙ୍କମାନଙ୍କୁ ଅର୍ଥ ଦେଇଥାଏ। ଏଇ ହାର ବୃଦ୍ଧି ପାଇଲେ ବ୍ୟାଙ୍କ ଗୁଡିକର ଅର୍ଥ ସଂଗ୍ରହ ବଢ଼ିଯାଏ।

ଅନେକ ଯୁକ୍ତି ବାଢନ୍ତି, ରେପୋରେଟ ବଢ଼ାଇବା ଦ୍ୱାରା ଋଣ ମହଙ୍ଗା ହୋଇପାରେ ଓ ବଜାରରେ ଋଣ ଆଧାରିତ ଖର୍ଚ୍ଚ ଏବଂ ଚାହିଦା କମିପାରେ। ଯଦି ଦରଦାମ ବୃଦ୍ଧିର ଏକ ବଡ କାରଣ ଅତ୍ୟଧିକ ଚାହିଦା ହୋଇଥାଏ, ତେବେ ଏଇ ନୀତି ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ କିଛିଟା ସହାୟକ ହୋଇପାରେ।

ସଞ୍ଚୟକୁ ନେଇ ଚଳୁଥିବା ଲୋକମାନଙ୍କ ପାଇଁ ରେପୋରେଟ ବୃଦ୍ଧି କିଛିଟା ସହାୟକ ହୋଇପାରେ। ମିଆଦି ଜମାରେ ବ୍ୟାଙ୍କ ଅଧିକ ସୁଧ ଦେଇପାରେ। ତେବେ ଏହା ପୁରାପୁରି ସ୍ୱୟଂଚାଳିତ ନୁହେଁ। ବ୍ୟାଙ୍କର ଆବଶ୍ୟକତାକୁ ଦେଖି ଓ ଜମା ସଂଗ୍ରହ ନୀତି ଉପରେ ନିର୍ଭରଶୀଳ।

ସେୟାର ବଜାର ଓ ଟଙ୍କାର ମୂଲ୍ୟ ଉପରେ ଏହାର ପ୍ରଭାବ ପଡ଼ିବ। ପମ୍ପାନୀଗୁଡିକର ଋଣ ଖର୍ଚ୍ଚ ବଢ଼ିପାରେ। ଯାହାର ପ୍ରଭାବ ଲାଭ ଓ ସେୟାର ବଜାର ଉପରେ ପଡ଼ିବ। ତେବେ ସେୟାର ବଜାରର ଗତି କେବଳ ରେପୋରେଟ ଦ୍ୱାରାନିୟନ୍ତ୍ରିତ ନୁହେଁ। କମ୍ପାନୀର ଆୟ, ବିଦେଶୀ ବିନିଯୋଗ ଓ ବିଶ୍ୱ ଅର୍ଥନୀତି ଉପରେ ଏହା ନିର୍ଭର କରେ। ଗତ ଅଗଷ୍ଟ ମାସରେ ପଣ୍ୟର ଖୁଚୁରା ମୂଲ୍ୟ ବୃଦ୍ଧିହାର ୪.୪୫ ଶତାଂଶରୁ ବଢ଼ି ୪.୮ ଶତାଂଶରେ ପହଞ୍ଚିଥିଲା। ରିଜର୍ଭ ବ୍ୟାଙ୍କ ୪ତାଂଶ ଧାର୍ଯ୍ୟ କରିଥିଲା। ରିଜର୍ଭବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି, ଚଳିତ ଅର୍ଥବର୍ଷରେ ମୋଟ ମୂଲ୍ୟବୃଦ୍ଧିହାର ୫.୮ ଶତାଂଶରେ ରହିପାରେ। ଆସନ୍ତା ତିନିମାସରେ ମୋଟ ମୂଲ୍ୟବୃଦ୍ଧିହାର ୫.୯ ଶତାଂଶରେ ପହଞ୍ଚିପାରେ। ସରକାରଙ୍କ ପକ୍ଷରୁ ମୂଲ୍ୟବୃଦ୍ଧହାରକୁ ନିୟନ୍ତ୍ରଣରେ ରଖିବା ପାଇଁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ସରକାର କରିପାରି ନାହାନ୍ତି।

କୁହାଯାଉଛି, ଖାଦ୍ୟ ପଦାର୍ଥର ଅତ୍ୟେକ ମୂଲ୍ୟବୃଦ୍ଧି ଯୋଗୁଁ ଏପରି ମୂଲ୍ୟବୃଦ୍ଧି ଦେଖାଦେଇଛି। କିନ୍ତୁ ଖାଦ୍ୟପଦାର୍ଥର ଦାମ ବଢ଼ିଲା କାହିଁକି? ସରକାରୀ ଭାବରେ କୁହାଯାଉଛି, ଜଳବାୟୁରେ ପରିବର୍ତନ, ପର୍ଯ୍ୟାପ୍ତ ପରିମାଣରେ ବର୍ଷା ନହେବା, ବଂ ଜାଳେଣିତେଲରମୂଲ୍ୟବୃଦ୍ଧିଏହାରମୁଖ୍ୟକାରଣ।ଆମେରିକା-ଇରାନଯୁଦ୍ଧକୁଏଥିପାଇଁ ଦାୟି କରାଯାଉଛି। ଯୁଦ୍ଧ ହେବା ଫଳରେ ଆନ୍ତର୍ଜାତିକ ବଜାରରେ ଅପରିଶୋଧିତ ତେଲର ଦାବ ବଢ଼ିଛି। କିନ୍ତୁ ଏହାକୁ କେବଳ ଢାଲ କରି ଦରଦାମ ବଢ଼ିବାକୁ ଦାୟି କରାଯାଇ ପାରିବ ନାହିଁ। ଦେଶର ଆଭ୍ୟନ୍ତରୀଣ ବଜାରରେ ନିତ୍ୟ ପ୍ରୟୋଜନୀୟ ଜିନିଷପତ୍ରର ଦାମକୁ ସରକାର ନିୟନ୍ତ୍ରଣ କରିବାକୁ ସମର୍ଥ ହୋଇ ପାରିନାହାନ୍ତି।

ରେପୋରେଟ ବଢ଼ିବା ଫଳରେଋଣ ଉପରେ ସୁଧ ଅଧିକ ହେବ। ବେପାରୀମାନେ ଜିନିଷପତ୍ରର ଦାମ ବଢ଼ାଇବେ। କାରଣ ସେମାନଙ୍କୁ ଅଧବକ ସୁଧ ଦେବାକୁ ହେବ। ପାର୍ବଣ ଋତୁରେ ଯେତେବେଳେ ଲୋକମାନଙ୍କ ମଧ୍ୟରେ ଜିନିଷ କିଣିବାକୁ ଅଧିକ ଆଗ୍ରହ ସୃଷ୍ଟି ହୁଏ, ଠିକ ସେଇ ସମୟରେ ଏପରି ନିଷ୍ପତି ନିଆଯାଇଛି, ଯାହାକୁ ଲୋକମାନେ ପ୍ରତିବାଦ କରିବେ ନାହିଁ, ବରଂ ଗ୍ରହଣ କରିନେବେ। ଗାଡି, ଘର ବା ଇଲୋକଟ୍ରୋନିକ ଜିନିଷ ଏଇ ସମୟରେ ଅଧିକ ବିକ୍ରିହୁଏ। ତେଣୁ ପାର୍ବଣ ଋତୁକୁ ଉପଯୁକ୍ତ ସମୟ ବୋଲି ବଛାଯାଇଛି। ରିଜର୍ଭ ବ୍ୟାଙ୍କ ଏବେ ନୂଆ ନୀତି ଉପରେ ପରିଚାଳିତ। ଯଦି ଦରକାର ହୁଏ ପୁଣିଥରେ ରେପୋରେଟ କମାଯାଇପାରିବ। କିନ୍ତୁ ଅଦୂର ଭବିଷ୍ୟତରେ ରେପୋରେଟ କମିବା ଭଳି ଜଣା ପଡୁନି।

ଗତ ବର୍ଷ ସରକାରଙ୍କ ପକ୍ଷରୁ ଜିଏସଟି ହାର ସଂଶୋଧନ କରାଯାଇଥବାରୁ ପାର୍ବଣ ଋତୁ ବେଶ ଚାଙ୍ଗା ହୋଇ ଉଠିଥିଲା। ଗାଡି ଅଧିକ ପରିମାଣରେ ବିକ୍ରି ହୋଇଥିଲା। କାରଣ ଜିଏସଟି ହାର କମିଯିବାରୁ ଗାଡିର ଦାମ ମଧ୍ୟ କମିଯାଇଥିଲା। ସବୁ ଜିନିଷର ଦାମ କମିଥିଲା। କିନ୍ତୁ ବହୁ ପୂର୍ବରୁ ବିଭିନ୍ ଜିନଷ ବିଶେ କରି ଏଫଏମସିଜି ପ୍ରଡକ୍ଟର ଦାମ ବଢ଼ିବ ବୋଲି କମ୍ପାନୀମାନେ ସୂଚନା ଦେଇଥିଲେ। ଏଭଳି ଏକ ସମୟରେ ସୁଧ ବଢ଼ିବାର ଅର୍ଥ ବଜାରକୁ ମନ୍ଥର କରିଦେବା। ତେବେ ସରକାରଙ୍କ ପକ୍ଷରୁ ବେପାରୀମାନଙ୍କୁ ସାହାଯ୍ୟ କରିବା ପାଇଁ କିଛି ପଦକ୍ଷେପ ନିଆଯାଇଛି। ଟିକସ ଠିକ ସମୟରେ ଦେଇପାରୁନଥିବା ବେପାରୀମାନେ, ଏହା ଦ୍ୱାରା କିଛି ଲାଭବାନ ହେବେ।

ସରକାରୀଭାବେ କୁହାଯାଇଛି, ଚଳିତ ବର୍ଷ ଜିଡିପି ୮ ଶତାଂଶରେ ପହଞ୍ଚିବା ହୋଇପାରେ। ତେବେ ଖାଦ୍ୟ ଶସ୍ୟର ଦାମ ନ କମିଲେ ଲୋକଙ୍କ ବଜେଟ ଏପଟ ସେପଟ ହୋଇଯିବ। କିନ୍ତୁ ବ୍ୟାଙ୍କ ଗୁଡିକ ଯଦି ଲୋକମାନଙ୍କୁ ଅଧିକ ସୁଧ ଦିଅନ୍ତି, ତେବେ ବଜାରକୁ କିଛି ଟଙ୍କା ଆସିବ। ବରିଷ୍ଟ ନାଗରିକମାନେଜିନିଷ କିଣାକିଣିରେ ସାହାଯ୍ୟ କରିବେ, ପରିବାର ଗୁଡିକୁ।

# ସ୍ୱାମୀ ହେବ କେତେ ଦିନ ପାଇଁ

**ଦିପ୍ତିମୟୀ ନାୟକ**



ଜଣେ ଝିଅ ଯେତେବେଳେ ବାପାଙ୍କ ଘରେ ଥାଏ ସେତେବେଳେ ତା'ର ପୃଥିବୀଟି କେବଳ ହସ ଓ ଆଲୋକରେ ଭରାଥାଏ। ସେ କେବେବି କଳ୍ପନା କରିନଥାଏ ଯେ ଜୀବନର ସବୁଠାରୁ ବଡ଼ ପରିବର୍ତ୍ତନ ବିବାହ ତା' ଜୀବନରେ ଏକ ଅନ୍ଧକାର ଅଧ୍ୟାୟ ଆଣିବ। ବାପା-ମାଆ ଯେଉଁ ଝିଅକୁ ଖୁବ୍ ଯତ୍ନରେ ବଡ଼ କରିଥା'ନ୍ତି ଶାଶୁଘରେ ପାଦ ଦେବା ମାତ୍ରେ ତା'ର ସେହି ସ୍ନେହ ଓ ଆଦର କେଉଁଆଡ଼େ ମଉଳିଯାଏ।ଘରର ଚାରିକାନ୍ଥ ଭିତରେ ତାକୁ ଯୌତୁକର ଏକ ତାଲିକା ଭାବେ ଦଖଲ କରାଯିବ । ତୁମ ବାପା କ'ଣ ଦେଇଛନ୍ତି? ଏହି ଗୋଟିଏ ପ୍ରଶ୍ନ ଝିଅଟିର ସମସ୍ତ ଯୋଗ୍ୟତା, ଶିକ୍ଷା ଏବଂ ସ୍ୱପ୍ନକୁ ମାଟିରେ ମିଶାଇ ମିଶାଇଦେବ।ଶାଶୁଘରର ପ୍ରତ୍ୟେକଟି କଥା, ପ୍ରତ୍ୟେକଟି କଟୁକ୍ତି ଝିଅଟିର ମନକୁ ପ୍ରତିଦିନ ତିଳ ତିଳ କରି ମାରିଦେବ ।ଯେତେବେଳେ ଖାଦ୍ୟ ଥାଳିରେ ଅସନ୍ତୋଷ ପ୍ରକାଶ ପାଇବ ସେତେବେଳେ ଯୌତୁକର ଅଭାବ କଥା ମନେପକାଇ ଦିଆଯିବ ।ଯେତେବେଳେ ସେ ନିଜର ମତ ରଖିବାକୁ ଚେଷ୍ଟା କରିବ ତା'ର ମୁହଁକୁ ଚୁପ୍ କରାଇ ଦିଆଯିବ ।ସେ ଦିନସାରା କାମ କରିବ ସମସ୍ତଙ୍କୁ ଖୁସି ରଖିବାକୁ ଚେଷ୍ଟା କରିବ କିନ୍ତୁ ବଦଳରେ କେବଳ ଅପମାନ ପାଇବ । ସେ ନିଜର ଏହି ଦୁଃଖ କାହାକୁ କହିପାରେ ନାହିଁ। ଯଦି ସେ ନିଜ ସାଙ୍ଗସାଥୀ କିମ୍ବା ପରିବାରକୁ କହେ ତେବେ ସେମାନଙ୍କ ମନରେ କଷ୍ଟ ହେବ ଭାବି ସେ ସବୁକିଛି ନିଜ ଭିତରେ ଚାପି ରଖିବ ।ଝିଅଟି ଯେତେବେଳେ ଫୋନ୍‌ରେ ମାଆ ବା ବାପାଙ୍କ ସହ କଥା ହେଓ୍ୱ ସେତେବେଳେ ସେ ନିଜର ସମସ୍ତ କାନ୍ଦକୁ ଲୁଚାଇ ବାହାରୁ ହସିବାର ଅଭିନୟ କରିବ ।ମାଆ ଜାଣିବାକୁ ଚାହେଁ ତା' ଝିଅ ଖୁସିରେ ଅଛି କି ନାହିଁ। ବାପା ନିଜର ସଞ୍ଚୟ ଟଙ୍କା ଖର୍ଚ୍ଚ କରି ବିବାହ ଦେଇଥିବାରୁ ମନରେ ଏକ ଅଜଣା ଭୟ ରଖିଥା'ନ୍ତି ଯେ ତାଙ୍କ ଝିଅକୁ କେହି କଷ୍ଟ ଦେଉନଥିବ ତ?

ଝିଅଟି ସେମାନଙ୍କର ଏହି ଭୟକୁ ଆହୁରି ବଢ଼ାଇବାକୁ ଚାହେଁ ନାହିଁ। ତେଣୁ ସେ ନିଜ ଆଖିର ଲୁହକୁ ଲୁଚାଇ କହେ ମୁଁ ବହୁତ ଭଲରେ ଅଛି ବାପା ମୋ ପାଇଁ ଆଉ ଚିନ୍ତା କରନ୍ତୁ ନାହିଁ। କିନ୍ତୁ ସେହି ମିଛ ଭିତରେ ତା'ର ଅନ୍ତରାତ୍ମା କାନ୍ଦୁଥିବ ।ଏ ସବୁ ଅନ୍ୟାୟ ଭିତରେ ଯେତେବେଳେ ସ୍ୱାମୀ ଆଖି ଆଗରେ ସବୁ ଦେଖି ମଧ୍ୟ ନିରବ ରହେ ସେତେବେଳେ ସବୁଠାରୁ ବଡ଼ ଆଘାତ ଲାଗିଥାଏ । ସ୍ତ୍ରୀ ଭାବେ ଯିଏ ମୋର ଜୀବନସାଥୀ ହେବାକୁ କଥା ଦେଇଥିଲା ସେ ଆଜି ମୋର ଏ ଅବସ୍ଥା ଦେଖି କାହିଁକି ଚୁପ୍? ସେହି ନୀରବତା କେବଳ ମୌନତା ନୁହେଁ କି ଏହା ସ୍ୱାମୀର ଅସହାୟତା ନୁହେଁ ବରଂ ଏହା ଉଦାସୀନତାର ପ୍ରମାଣ ଦେଇଥାଏ । ଯେଉଁ ହାତ ସାହାଯ୍ୟର ହାତ ହେବା କଥା ସେହି ହାତଗୁଡ଼ିକ ନୀରବ ରହି ଅନ୍ୟାୟକୁ ସମର୍ଥନ କରେ। ଏହାଠାରୁ ବଡ଼ ଦୁଃଖ ଜଣେ ନାରୀ ପାଇଁ ଆଉ କ'ଣ ହୋଇପାରେ?

ସେଥିପାଇଁ ବୋଧେ ଆଜିର ସମାଜରେ ପ୍ରାୟ ଝିଅଙ୍କ ମନରେ ଏବେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଛି ସ୍ୱାମୀ ହେବ କେତେ ଦିନ ପାଇଁ? ସତ କୁହ କାରଣ ତୁମେ ବି ଯୌତୁକ ଜୁଇରେ ଗୋଟେ ଝିଅକୁ ମାରିଦେବନି ତ?ଏହା କେବଳ ଜଣେ ଝିଅର ପ୍ରଶ୍ନ ନୁହେଁ। ଏହା ଆମ ସମାଜକୁ ଜଣେ ଝିଅର ନୀରବ ଚିତ୍କାର। ଏହା ସେହି ଝିଅର ପ୍ରଶ୍ନ ଯିଏ ବାପାଙ୍କ ଘରେ ରାଜକୁମାରୀ ହୋଇ ବଢ଼ିଥିଲା କିନ୍ତୁ ବିବାହ ପରେ ଅନ୍ୟ ଘରେ ନିଜର ଅସ୍ତିତ୍ୱ ପାଇଁ ଲଢ଼ିବାକୁ ପଡ଼ିଲା।ଝିଅଟି ଯେତେବେଳେ ଛୋଟ ଥିଲା ତା'ର ବାପା ତାକୁ କୋଳରେ ଧରି କହିଥିଲେ ତୁ ମୋ ଘରର ଲକ୍ଷ୍ମୀ। ମାଆ ତା'ର କେଶ ସଜାଇ ଦେଇ କହିଥିଲେ ତୁ ଯେଉଁ ଘରକୁ ଯିବୁ ସେ ଘରକୁ ହସରେ ଭରିଦେବୁ।ସେ ମଧ୍ୟ ସ୍ୱପ୍ନ ଦେଖିଥିଲା।ସେ ଭାବିଥିଲା ଦିନେ ତା'ର ମଧ୍ୟ ଜଣେ ଜୀବନସାଥୀ ହେବ। ଯିଏ ତା'ର ହାତ ଧରି କହିବ ତୁ ଏକା ନୁହଁ ମୁଁ ଅଛି।ସେ ଭାବିଥିଲା ବିବାହ ମାନେ ଦୁଇଟି ମନର ସମ୍ପର୍କ। ଦୁଇଟି ପରିବାରର ମିଳନ। ଦୁଇ ଜଣଙ୍କ ମଧ୍ୟରେ ବିଶ୍ୱାସ, ସମ୍ମାନ ଓ ଭଲପାଇବା। କିନ୍ତୁ ସେ ଜାଣିନଥିଲା କେତେକ ଘରେ ବିବାହ ପରେ ଝିଅର ନାଁ ବଦଳିଯାଏ ନାହିଁ କିନ୍ତୁ ତା'ର ମୂଲ୍ୟ ବଦଳିଯାଏ।ବିବାହ ପୂର୍ବରୁ ସେ ବୋହୂ ନୁହେଁ ଝିଅ ଥିଲା। ବିବାହ ପରେ ହଠାତ୍ ତା'ର ଉପରେ ଅନେକ ଆଶା ଓ ଦାବି ରଖାଯାଏ। ଏତିକି ଯୌତୁକ ଆଣିଛ? ଗାଡ଼ି ଦେଲେ ନାହିଁ? ସୁନା ଆଉ କିଛି ଅଧିକ ହେବା ଦରକାର ଥିଲା।ତୁମ ବାପାଙ୍କ ଘରୁ ଆଉ କିଛି ଟଙ୍କା ଆଣିପାରିବୁ ନାହିଁ?ପ୍ରଥମେ ସେ ଏସବୁ କଥା ଶୁଣି ଚୁପ୍ ରହେ।କାରଣ ତାକୁ ଛୋଟବେଳୁ ଶିଖାଯାଇଥାଏ ଶାଶୁଘରେ ମୁହଁ ଖୋଲିବୁ ନାହିଁ। ସବୁ ସହିଯିବୁ। ସେଇ ତ ଝିଅର ଘର କିନ୍ତୁ ମନ ଭିତରେ ଗୋଟିଏ ପ୍ରଶ୍ନ ଧୀରେ ଧୀରେ ଜନ୍ମ ନିଏ ମୁଁ କଣ ସତରେ ଏହି ଘରର ଝିଅ ନୁହେଁ?ଦିନ ଗଡ଼େ, ତା'ର ହସ କମିଯାଏ, କଥା କମିଯାଏ।ଆଖିର ଲୁହ ବଢ଼ିଯାଏ।ସେ ତଥାପି ଆଶା କରେ ତା'ର ସ୍ୱାମୀ ଦିନେ ତା'ର ଦୁଃଖ ବୁଝିବ।କାରଣ ସେ ଭାବେ ଶାଶୁ-ଶ୍ୱଶୁରଙ୍କ ସହିତ ତା'ର ଯେତେ ଅଭିଯୋଗ ଥାଉ ତା'ର ସ୍ୱାମୀ ତ ତା'ର ନିଜର।ସେ ରାତିରେ ଚୁପ୍‌ଚାପ୍ ପଚାରେ ତୁମେ ମୋ ସାଙ୍ଗରେ ଅଛ ତ?ସ୍ୱାମୀ କିଛି କୁହେ ନାହିଁ।ସେ ପୁଣି ପଚାରେ ମୁଁ ତୁମ ପାଇଁ କେବଳ ଯୌତୁକ ଆଣିଥିବା ଜଣେ ଝିଅ ନା, ନା ମୁଁ ତୁମ ଜୀବନସାଥୀ?କିଛି ଉତ୍ତର ମିଳେ ନାହିଁ।ସେହି ନୀରବତା ତା' ପାଇଁ ହଜାରଟି ଶବ୍ଦଠାରୁ ଅଧିକ ଯନ୍ତ୍ରଣାଦାୟକ ହୋଇଯାଏ । ସେ ଭାବେ ଯେଉଁ ମଣିଷ ମୋ ହାତ ଧରି ମୋତେ ନିଜ ଘରକୁ ଆଣିଥିଲା ସେହି ମଣିଷ ଆଜି ମୋ ଲୁହ ଦେଖି କାହିଁକି ଚୁପ୍? ସେ ନିଜ ବାପାଙ୍କୁ କିଛି କହିପାରେ ନାହିଁ।କାରଣ ବାପା ଝିଅର ବିବାହ ପାଇଁ ନିଜର ସଞ୍ଚୟ ଖର୍ଚ୍ଚ କରିଦେଇଛନ୍ତି।ମାଆ ନିଜର ଗହଣା ବିକି ଝିଅକୁ ଶାଶୁଘରକୁ ପଠାଇଛନ୍ତି।ବାପା ଯଦି ପଚାରନ୍ତି ଝିଅ ତୁ



ଖୁସିରେ ଅଛୁ ତ?ସେ ଲୁହ ପୋଛି ହସି କହେ ହଁ ବାପା, ମୁଁ ଭଲରେ ଅଛି।କେତେ ବଡ଼ ମିଛ ଜଣେ ଝିଅ ନିଜ ଯନ୍ତ୍ରଣାକୁ ଲୁଚାଇବା ପାଇଁ ବାପାଙ୍କୁ ମିଛ କହିବାକୁ ବାଧ୍ୟ ହୁଏ।କାରଣ ସେ ଜାଣେ ତା'ର ବାପା ଯଦି ତା'ର ଦୁଃଖ ଜାଣିବେ ତେବେ ନିଜକୁ ଦୋଷ ଦେବେ।ମୁଁ ମୋ ଝିଅକୁ ସେହି ଘରକୁ କାହିଁକି ପଠାଇଲି?ଏହି ପ୍ରଶ୍ନ ବାପାଙ୍କୁ ଭିତରୁ ଭାଙ୍ଗିଦେବ।ଝିଅଟି ତେଣୁ ଚୁପ୍ ରହେ କିନ୍ତୁ ଚୁପ୍ ରହିଲେ କଣ ଦୁଃଖ କମିଯାଏ? ନା ନୀରବତା ମଧ୍ୟ କେତେବେଳେ ଚିତ୍କାର କରେ। ତା'ର ଆଖିର ଲୁହ କହେ ମୁଁ ଯୌତୁକ ନୁହେଁ।ମୁଁ କାହାର ସମ୍ପତ୍ତି ନୁହେଁ।ମୋ ବାପାଙ୍କ ସାମର୍ଥ୍ୟ ମୋ ମୂଲ୍ୟ ନୁହେଁ।ମୋ ଦେହ, ମୋ ଜୀବନ, ମୋ ସ୍ୱପ୍ନ କୌଣସି ଟଙ୍କାରେ ମାପିହେବ ନାହିଁ।ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ସ୍ୱାମୀ କିଏ?କେବଳ ବିବାହ ମଣ୍ଡପରେ ସିନ୍ଦୂର ପିନ୍ଧାଇଦେଇଥିବା ମଣିଷ? ନା ଜୀବନର ଭଲମନ୍ଦ ସମୟରେ ସାଥୀ ହୋଇ ଠିଆ ହେଉଥିବା ମଣିଷ?ଯଦି ସ୍ୱାମୀ ହେବାର ଅର୍ଥ କେବଳ ଜଣେ ଝିଅକୁ ନିଜ ଘରକୁ ନେଇଆସିବା ତେବେ ସେହି ସମ୍ପର୍କର ଅର୍ଥ କ'ଣ? ଯଦି ଜଣେ ସ୍ୱାମୀ ନିଜ ସ୍ତ୍ରୀକୁ ଯୌତୁକ ପାଇଁ ଅପମାନିତ ହେଉଥିବା ଦେଖି ଚୁପ୍ ରହେ ତେବେ ସେ ଚୁପ୍ ରହିବା କେବଳ ନୀରବତା ନୁହେଁ ଏହା ତା'ର ଦାୟିତ୍ୱ ପ୍ରତି ପ୍ରଶ୍ନ। ତେବେ ଜଣେ ଝିଅ ବିବାହ କରି ସ୍ୱାମୀ ଘରକୁ ଯାଏ ଭଲପାଇବା ଓ ସମ୍ମାନ ପାଇବା ପାଇଁ ବାପାଙ୍କ ଘରର ସମ୍ପତ୍ତି ନେଇ ନୂଆ ଘରକୁ ପ୍ରବେଶ କରିବା ପାଇଁ ନୁହେଁ।ଯୌତୁକ ନାମରେ ଜଣେ ଝିଅର ବାପାଙ୍କ ଉପରେ ଆର୍ଥିକ ଚାପ ପକାଇବା ମାନେ କେବଳ ଟଙ୍କା ମାଗିବା ନୁହେଁ ଏହା ଗୋଟିଏ ପରିବାରର ସ୍ୱପ୍ନକୁ ଭାଙ୍ଗିବା।ଜଣେ ବାପାଙ୍କ ଆଖିରୁ ଘୁମ ଛଡ଼ାଇବା।ଜଣେ ମାଆଙ୍କ ମନରେ ଭୟ ସୃଷ୍ଟି କରିବା ଏବଂ ଜଣେ ଝିଅକୁ ତା'ର ନିଜ ଜୀବନରେ ଅପରାଧୀ ଭଳି ଅନୁଭବ କରାଇବା। ଏହା କେମିତି ସମାଜ?ଯେଉଁ ସମାଜରେ ଝିଅ ଜନ୍ମ ହେଲେ କେତେକ ଲୋକ ତା'ର ଭବିଷ୍ୟତ ପାଇଁ ସଞ୍ଚୟ କରନ୍ତି କିନ୍ତୁ ସେହି ସଞ୍ଚୟକୁ ଝିଅର ଶିକ୍ଷା ଓ ସ୍ୱାଧୀନତା ପାଇଁ ନୁହେଁ ଯୌତୁକ ପାଇଁ ଭାବନ୍ତି?ଝିଅର ଶିକ୍ଷା ଅପେକ୍ଷା ବିବାହର ଖର୍ଚ୍ଚକୁ ବଡ଼ କରି ଦେଖୁଥିବା ମନୋଭାବ କେବେ ବଦଳିବ?ଝିଅକୁ ପର ଘରର ଧନ ବୋଲି ଦେଖିବା କେବେ ବନ୍ଦ ହେବ?ଝିଅ କାହାର ପର ନୁହେଁ।ସେ ମଧ୍ୟ ଜଣେ ସ୍ୱପ୍ନ ଦେଖୁଥିବା ମଣିଷ।ତା'ର ମଧ୍ୟ ନିଜର ଇଚ୍ଛା ଅଛି।ତା'ର ମଧ୍ୟ ନିଜର ମତ ଅଛି।ତା'ର ମଧ୍ୟ ନିଜ ଜୀବନ ବାଛିବାର ଅଧିକାର ଅଛି।ବିବାହ ତା'ର ଜୀବନର ଶେଷ ଲକ୍ଷ୍ୟ ନୁହେଁ।ବିବାହ ତା'ର ଜୀବନର ଏକ ଅଂଶ ଏବଂ ସେହି ଅଂଶଟି ଭଲପାଇବା, ସମ୍ମାନ ଓ ବିଶ୍ୱାସରେ ଗଢ଼ା ହେବା ଦରକାର।ଯୌତୁକ ଜୁଇରେ ଆଉ କୌଣସି ଝିଅର ସ୍ୱପ୍ନ ଜଳିଯିବା ଉଚିତ ନୁହେଁ। ଆଉ କୌଣସି ମାଆ ନିଜ ଝିଅର ଫଟୋକୁ ଧରି କାନ୍ଦିବା ଉଚିତ ନୁହେଁ।ଆଉ କୌଣସି ବାପା ନିଜକୁ ପଚାରିବା ଉଚିତ ନୁହେଁ ମୁଁ ମୋ ଝିଅର କ'ଣ ଦୋଷ କଲି?

ଦୋଷ ଝିଅର ନୁହେଁ।ଦୋଷ ସେହି ମନୋଭାବର ଯେଉଁଠାରେ ମଣିଷର ମୂଲ୍ୟ ଟଙ୍କାରେ ମପାଯାଏ।ଦୋଷ ସେହି ପ୍ରଥାର ଯେଉଁଠାରେ ବିବାହକୁ ସମ୍ପର୍କ ନୁହେଁ ଆର୍ଥିକ ଲେନଦେନ ଭାବେ ଦେଖାଯାଏ।ଦୋଷ ସେହି ନୀରବତାର ଯେଉଁ ନୀରବତା ଅନ୍ୟାୟ ଦେଖି ମଧ୍ୟ ଚୁପ୍ ରହେ।ଜଣେ ସ୍ୱାମୀଙ୍କ ପାଇଁ ତା'ର ସ୍ତ୍ରୀର ହାତରେ ଥିବା ଚୁଡ଼ିଠାରୁ ତା'ର ଆଖିର ଲୁହ ଅଧିକ ମୂଲ୍ୟବାନ ହେବା ଦରକାର।ତା'ର ବାପାଙ୍କ ଦେଇଥିବା ଟଙ୍କାଠାରୁ ତା'ର ହାତ ଧରିଥିବା ବିଶ୍ୱାସ ଅଧିକ ମୂଲ୍ୟବାନ ହେବା ଦରକାର।କାରଣ ସ୍ୱାମୀ ହେବା ଏକ ସମ୍ପର୍କର ନାଁ ନୁହେଁ ଏହା ଏକ ଦାୟିତ୍ୱ।ସ୍ୱାମୀ ହେବାର ଅର୍ଥ ହେଉଛି-ତୁମେ ଯେତେବେଳେ କାନ୍ଦିବ ମୁଁ ତୁମ ଲୁହ ପୋଛିବି।ତୁମେ ଯେତେବେଳେ ଭାଙ୍ଗିପଡ଼ିବ ମୁଁ ତୁମକୁ ଧରିବି।ତୁମ ଉପରେ ଅନ୍ୟାୟ ହେଲେ ମୁଁ ତୁମ ପାଖରେ ଠିଆ ହେବି। ତୁମ ବାପାଙ୍କ ଘରୁ କିଛି ନ ଆସିଲେ ମଧ୍ୟ ତୁମ ପ୍ରତି ମୋ ସମ୍ମାନ କମିବ ନାହିଁ।ଏହି ହେଉଛି ସତ ସମ୍ପର୍କ।ଏ ହେଉଛି ବିବାହର ଅର୍ଥ।ତେଣୁ ଆଜି ଏହି ପ୍ରଶ୍ନଟି କେବଳ ଝିଅର ନୁହେଁ।ପ୍ରଶ୍ନଟି ପ୍ରତ୍ୟେକ ସ୍ୱାମୀଙ୍କ ପାଇଁ ସ୍ୱାମୀ ହେବ କେତେ ଦିନ ପାଇଁ?ବିବାହ ଦିନଠାରୁ ଜୀବନର ଶେଷ ଦିନ ପର୍ଯ୍ୟନ୍ତ?ନା ଯୌତୁକର ଦାବି ଆସିବା ପର୍ଯ୍ୟନ୍ତ?ଯଦି ଭଲପାଇବା ଟଙ୍କାଠାରୁ ଛୋଟ ହୋଇଯାଏ ତେବେ ସେହି ସମ୍ପର୍କର ଅର୍ଥ କ'ଣ?

ଯଦି ଜଣେ ଝିଅର ଜୀବନ ଯୌତୁକର ଅଭାବରେ ନରକ ହୋଇଯାଏ ତେବେ ଆମେ କେଉଁ ସମାଜରେ ବଞ୍ଚୁଛୁ? କୌଣସି ଝିଅ ଚାହେଁ ନାହିଁ ତା'ର ସ୍ୱାମୀ ଧନୀ ହେଉ।ସେ କେବଳ ଏତିକି ଚାହେଁ। ତା'ର ସ୍ୱାମୀ ମଣିଷ ହେଉ।ତା'ର ଦୁଃଖ ବୁଝୁ।ତା'ର ସମ୍ମାନକୁ ନିଜ ସମ୍ମାନ ଭାବୁ।ତା'ର ବାପାଙ୍କ ଦେଇଥିବା ଯୌତୁକ ନୁହେଁ ତା'ର ହାତରେ ଥିବା ବିଶ୍ୱାସକୁ ଗ୍ରହଣ କରୁ।କାରଣ ଝିଅଟି ଯୌତୁକ ନୁହେଁ।ସେ ଜଣେ ମଣିଷ।ସେ ଜଣେ ଝିଅ।ସେ କାହାର ଭଉଣୀ।ସେ କାହାର ଝିଅ। ସେ ଦିନେ କାହାର ସ୍ତ୍ରୀ ହୁଏ କିନ୍ତୁ ସେ ସବୁଠାରୁ ପ୍ରଥମେ ଏବଂ ସବୁଠାରୁ ଶେଷରେ ଜଣେ ସ୍ୱାଧୀନ ମଣିଷ।ତା'ର ଜୀବନର ମୂଲ୍ୟ କୌଣସି ଯୌତୁକର ତାଲିକାରେ ଲେଖାଯାଇପାରିବ ନାହିଁ। ତେଣୁ ଆସନ୍ତୁ, ଆମେ ବଦଳାଇବା ଆମର ଚିନ୍ତାଧାରା।ବିବାହକୁ ବ୍ୟବସାୟ ନୁହେଁ ସମ୍ପର୍କ କରିବା।ଝିଅକୁ ଭାର ନୁହେଁ ସମାନ ମଣିଷ ଭାବେ ଦେଖିବା।ଯୌତୁକକୁ ପରମ୍ପରା ନୁହେଁ ଅନ୍ୟାୟ ଭାବେ ବୁଝିବା ଏବଂ ପ୍ରତ୍ୟେକ ସ୍ୱାମୀ ନିଜ ସ୍ତ୍ରୀକୁ ଏତିକି ନିଶ୍ଚିତତା ଦେବା ।ତୁମ ବାପାଙ୍କ ଘରୁ କିଛି ଆସୁ କି ନ ଆସୁ ତୁମେ ମୋ ଘରକୁ ଆସିଛ ମୋର ଜୀବନସାଥୀ ହୋଇ। ତୁମ ମୂଲ୍ୟ କୌଣସି ଟଙ୍କାରେ ନୁହେଁ। ଯେଉଁଦିନ ତୁମେ ମୋ ପାଇଁ ମଣିଷ, ମୋ ସାଥୀ, ମୋର ସମ୍ମାନ ବୋଲି କହିବା । ସେଦିନ ବୋଧହୁଏ କୌଣସି ଝିଅକୁ ଆଉ ଲୁହ ଲୁଚାଇ କହିବାକୁ ପଡ଼ିବ ନାହିଁ। ଝିଅଟିଏ ମଧ୍ୟ ନିର୍ଭୟରେ କହିପାରିବ ମୋ ସ୍ୱାମୀ ମୋ ସହିତ ଅଛନ୍ତି ଯୌତୁକ ପାଇଁ ନୁହେଁ ମୋ ପାଇଁ।

**ଅନ୍ଧାରୁଆ, ଭୁବନେଶ୍ୱର**
**ମୋବାଇଲ୍:୯୦୯୦୭୬୧୫୮୬**

# ସିଜେପି ଆନ୍ଦୋଳନ ପାଇଁ ଦିଲ୍ଲୀରେ କଡ଼ା ସୁରକ୍ଷା

## ଆଜି ରାତିରୁ ବନ୍ଦ ହେବ ୫୭ଟି ମେଟ୍ରୋ ଷ୍ଟେସନ!




ନୂଆଦିଲ୍ଲୀ,୯।୧୦: ଶୁକ୍ରବାର ରାତି ୯ଟାରୁ ଦିଲ୍ଲୀ ମେଟ୍ରୋର ୫୭ଟି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନର ପ୍ରବେଶ ଓ ପ୍ରସ୍ଥାନ ଗେଟ୍ ବନ୍ଦ ରଖିବା ସହ ଟ୍ରେନ ଚଳାଚଳର ବେଗ କମାଇବା ପାଇଁ ଦିଲ୍ଲୀ ପୁଲିସ ପକ୍ଷରୁ ଦିଲ୍ଲୀ ମେଟ୍ରୋ ରେଲ କର୍ପୋରେସନ (ଡିଏମଆରସି)କୁ ଚିଠି ଲେଖି ଅନୁରୋଧ କରାଯାଇଛି। ଶନିବାର ଅକ୍ଟୋବର ୧୦ ତାରିଖରେ ଜନ୍ତର ମନ୍ତର ଏବଂ ନୂଆଦିଲ୍ଲୀର ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ହେବାକୁ ଥିବା ପ୍ରତିବାଦ ସଭା ଓ ପଦଯାତ୍ରାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏହି କଟକଣା ପ୍ରସ୍ତାବ ଦିଆଯାଇଛି। ପୁଲିସ ପରିବହନ ବାହିନୀର ଯୁଗ୍ମ କମିଶନରଙ୍କ ପକ୍ଷରୁ ଅକ୍ଟୋବର ୮ ତାରିଖରେ ଡିଏମଆରସି ପରିଚାଳନା ନିର୍ଦ୍ଦେଶକ ବିକାଶ କୁମାରଙ୍କୁ ଲେଖାଯାଇଥିବା ଏହି ଚିଠି ଅନୁଯାୟୀ, ଅକ୍ଟୋବର ୯ ରାତିରୁ ଆରମ୍ଭ ହୋଇ ଅକ୍ଟୋବର ୧୦ ତାରିଖ ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିପାରେ।

ଏହି କଟକଣା ପରିସରରେ ଜନପଥ, ପଟେଲ ଚୌକ, ସେଣ୍ଟ୍ରାଲ ସେକ୍ରେଟାରିଏଟ, ରାଜୀବ ଚୌକ, ନୂଆଦିଲ୍ଲୀ, ମଣ୍ଡି ହାଉସ, ଆଇଟିଓ, ଦିଲ୍ଲୀ ଗେଟ, ସୁପ୍ରିମକୋର୍ଟ, କାଶ୍ମୀର ଗେଟ, କରୋଲ ବାଗ, ଆଇଏନଏ, ହାଉଜ ଖାସ ଏବଂ ଲାଜପତ ନଗର ଭଳି ୫୭ଟି ପ୍ରମୁଖ ମେଟ୍ରୋ ଷ୍ଟେସନ ରହିଛି। ବିଶେଷ କରି କେନ୍ଦ୍ରୀୟ ଦିଲ୍ଲୀ, ଦକ୍ଷିଣ ଦିଲ୍ଲୀ, ଉତ୍ତର ଦିଲ୍ଲୀ ଏବଂ ପୂର୍ବ ଦିଲ୍ଲୀର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଅପ୍ରୀତିକର ପରିସ୍ଥିତି ଏବଂ ଅନିୟନ୍ତ୍ରିତ ଜନସମାଗମକୁ ରୋକିବା ପାଇଁ ପୁଲିସ ଏହି ପଦକ୍ଷେପ ନେଇଛି। ପ୍ରକାଶଯୋଗ୍ୟ ଯେ, ନିର୍ବାଚନ ଆୟୋଗଙ୍କ ପକ୍ଷରୁ କରାଯାଉଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର୍) ପ୍ରକ୍ରିୟାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ମଧ୍ୟରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି 'କୋକ୍ରୋଚ ଜନତା ପାର୍ଟି' (ସିଜେପି) ପକ୍ଷରୁ ଅକ୍ଟୋବର ୧୦ରେ 'ଚଲୋ ଦିଲ୍ଲୀ' ଆନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇଛି।

## ବାତିଲ୍ ହେଲା ବହୁ ପ୍ରମୁଖ ଏକ୍ସପ୍ରେସ୍



ନୂଆଦିଲ୍ଲୀ: ସିଜେପି ପ୍ରସ୍ତାବିତ ବିକ୍ଷୋଭ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଅକ୍ଟୋବର ୧୦ ତାରିଖ ସକାଳ ୪ଟାରୁ ଅପରାହ୍ଣ ୨ଟା ମଧ୍ୟରେ ନୂଆଦିଲ୍ଲୀ ଓ ହଜରତ ନିଜାମୁଦ୍ଦିନ ରେଳ ଷ୍ଟେସନରେ ପହଞ୍ଚିବାକୁ ଥିବା କେତେକ ପ୍ରମୁଖ ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନକୁ ସେଗୁଡ଼ିକର ଆରମ୍ଭ ଷ୍ଟେସନରୁ ବାତିଲ କରାଯାଇଛି। ୧୦ ତାରିଖରେ ମଧ୍ୟ ଦିଲ୍ଲୀରେ ହେବାକୁ ଥିବା ବିକ୍ଷୋଭ କାରଣରୁ ରେଳ ଷ୍ଟେସନ ଆଖପାଖ ରାସ୍ତାରେ ପ୍ରବଳ ଟ୍ରାଫିକ ଜାମ ହେବାର ଆଶଙ୍କା ରହିଛି। ପୂର୍ବରୁ ସମାନ ପରିସ୍ଥିତି ଯୋଗୁଁ ପ୍ରାୟ ୫, ୦୦୦ ଜଣ ଯାତ୍ରୀ ଠିକ୍ ସମୟରେ ଷ୍ଟେସନରେ ପହଞ୍ଚି ନପାରି ଟ୍ରେନ୍ ଛାଡ଼ିଯାଇଥିଲେ। ଯାତ୍ରୀମାନଙ୍କର ଏହି ଅସୁବିଧାକୁ ଏଡ଼ାଇବା ପାଇଁ ରେଳବାଇ ପକ୍ଷରୁ ପୂର୍ବରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ବାତିଲ୍ ହୋଇଥିବା ଟ୍ରେନ୍ ଗୁଡ଼ିକ ମଧ୍ୟରେ ମୁମ୍ବାଇ ରାଜଧାନୀ ଏକ୍ସପ୍ରେସ୍ (୨୨୨୨୧), ତେଜସ୍ ରାଜଧାନୀ ଏକ୍ସପ୍ରେସ୍ (୧୨୩୦୯), ସମ୍ପର୍କ କ୍ରାନ୍ତି ସୁପରଫାଷ୍ଟ (୧୨୩୯୩), ଅମୃତ ଭାରତ ଏକ୍ସପ୍ରେସ୍ (୨୨୩୬୧), ସିଆଲଦା ରାଜଧାନୀ (୧୨୩୧୩), ହାଓଡ଼ା ରାଜଧାନୀ (୧୨୩୦୧), ପ୍ରୟାଗରାଜ ଏକ୍ସପ୍ରେସ୍ (୧୨୪୧୭), ଶ୍ରମଶକ୍ତି ଏକ୍ସପ୍ରେସ୍ (୧୨୪୫୧), ଲକ୍ଷ୍ନୌ ମେଲ୍ (୧୨୪୨୯) ଓ ମୁମ୍ବାଇ ସେଣ୍ଟ୍ରାଲ୍ ରାଜଧାନୀ (୧୨୯୫୧) ସାମିଲ ଅଛି।

## ଦୂରରୁ ଖବର ସଂଗ୍ରହ କରିବାକୁ ସାମ୍ବାଦିକଙ୍କୁ ଅନୁରୋଧ



ନୂଆଦିଲ୍ଲୀ: ସାମ୍ବାଦିକଙ୍କୁ ଗୃହବନ୍ଦୀ ରଖାଯାଇଥିବା ଅଭିଯୋଗ ମଧ୍ୟରେ ପ୍ରତିବାଦସ୍ଥଳଠାରୁ ଦୂରରୁ ଖବର ସଂଗ୍ରହ କରିବାକୁ ଦିଲ୍ଲୀ ପୁଲିସ କହିଛି। ଶୁକ୍ରବାର ନୂଆଦିଲ୍ଲୀର ଅତିରିକ୍ତ ଡିସିପି ମଞ୍ଜିତ ଶେଓରାନ୍ ସାମ୍ବାଦିକମାନଙ୍କୁ ବିକ୍ଷୋଭ କଭରେଜ୍ କରିବା ସମୟରେ ପ୍ରତିବାଦକାରୀଙ୍କଠାରୁ ଦୂରତା ବଜାୟ ରଖିବାକୁ ଅନୁରୋଧ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, କିଛି ଗଣମାଧ୍ୟମ କର୍ମଚାରୀ ପ୍ରତିବାଦରେ ଯୋଗ ଦିଅନ୍ତି ଓ ପୁଲିସ କାର୍ଯ୍ୟରେ ବାଧା ସୃଷ୍ଟି କରନ୍ତି। ସାମ୍ବାଦିକତାର ଏକ ଭୂମିକା ଅଛି, କିନ୍ତୁ ଅନ୍ୟ ଭୂମିକା ସହିତ ନିଜକୁ ମିଶାଇବା କଥା ନୁହେଁ ବୋଲି ଦିଲ୍ଲୀ ପୁଲିସ ପକ୍ଷରୁ 'ଏକ୍ସ'ରେ ପୋଷ୍ଟ କରି କୁହାଯାଇଛି। ପ୍ରତିବାଦରେ ଯୋଗ ଦେବାରୁ ଲୋକଙ୍କୁ ରୋକିବା ପାଇଁ ଜୋରଜବରଦସ୍ତି ଟ୍ରେନରୁ ବାହାର କରାଯାଉଛି, ଘରୁ ଉଠାଇ ନିଆଯାଇଛି ଓ ଅଜ୍ଞାତ ସ୍ଥାନକୁ ନିଆଯାଇଛି ବୋଲି ଅଭିଯୋଗ ମଧ୍ୟରେ ଦିଲ୍ଲୀ ପୁଲିସର ପ୍ରତିକ୍ରିୟା ଆସିଛି।



## ବିସ୍ଫୋରକ ନଷ୍ଟ ବେଳେ ବିସ୍ଫୋରଣ

● ୪ ସିଆରପିଏଫ ଯବାନ ଆହତ, ୨ ଗୁରୁତର

ସୁକମା,୯।୧୦: ଗୁରୁବାର ସନ୍ଧ୍ୟାରେ ଛତିଶଗଡ଼ର ସୁକମା ଜିଲ୍ଲାରେ ଅବ୍ୟବହୃତ ବିସ୍ଫୋରକ ସାମଗ୍ରୀକୁ ସୁରକ୍ଷିତ ଭାବେ ନଷ୍ଟ କରାଯାଉଥିବା ସମୟରେ ଏକ ଆକସ୍ମିକ ବିସ୍ଫୋରଣ ଘଟି ୪ ଜଣ କେନ୍ଦ୍ରୀୟ ସଂରକ୍ଷିତ ପୁଲିସ ବଳ (ସିଆରପିଏଫ) ଯବାନ ଆହତ ହୋଇଛନ୍ତି। ଭେଜି ପୁଲିସ ଷ୍ଟେସନ ପରିସରଭୁକ୍ତ ଏଲାରମାଡଗୁ ସୁରକ୍ଷା କ୍ୟାମ୍ପ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏହି ସୁରକ୍ଷା ଅପରେସନରେ ନିୟୋଜିତ ଥିବା ସିଆରପିଏଫ ୫୦ତମ ବାଟାଲିୟନର ଆସିଷ୍ଟାଣ୍ଟ ସବ-ଇନ୍ସପେକ୍ଟର ଏମ କେ ତିୱାରୀ, ଆସିଷ୍ଟାଣ୍ଟ ସବ-ଇନ୍ସପେକ୍ଟର ଅନିସ ଖାନ, ଇନ୍ସପେକ୍ଟର ଅମରନାଥ ମିଶ୍ର ଏବଂ ହେଡ କନଷ୍ଟେବଳ କୁଲଦୀପ ରାଜ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣ ଏଏସଆଇ ଗୁରୁତର ଭାବେ ଆହତ ହୋଇଥିବା ପୁଲିସ ଅଫିସର ସୂଚନା ଦେଇଛନ୍ତି। କୋଣ୍ଟା ରେଞ୍ଜ ଅଧୀନରେ ଥିବା ଏହି ସୁରକ୍ଷା କ୍ୟାମ୍ପଗୁଡ଼ିକୁ ଯାଞ୍ଚ କରିବା ଓ ପୁରୁଣା ବିସ୍ଫୋରକ ନଷ୍ଟ କରିବା ପାଇଁ ଜଗଦଲପୁରରୁ ସିଆରପିଏଫର ୫୦ତମ ବାଟାଲିୟନର ଏକ ଆମ୍ୟୁନିସନ ଟେକ୍ନିକାଲ ଟିମ୍ (ଏସିସି) ଆସିଥିଲା। ନିର୍ଦ୍ଧାରିତ ସୁରକ୍ଷା ନିୟମାବଳୀ ଅନୁସରଣ କରି କ୍ୟାମ୍ପଠାରୁ ପ୍ରାୟ ୨୦୦ ମିଟର ଦୂର ବୋଡରାଜପଦର ନାଳ ନିକଟରେ ଏହି କାର୍ଯ୍ୟ ଚାଲିଥିବା ବେଳେ ହଠାତ ଏକ ବିସ୍ଫୋରକର ଖଣ୍ଡ ଛିଟିକି ପଡ଼ି ନିକଟରେ ବିସ୍ଫୋରଣ ଘଟିଥିଲା।

କୃଷ୍ଣସାର ମୃଗ ଶିକାର ମାମଲା

## ସଲମାନଙ୍କୁ ହାଇକୋର୍ଟଙ୍କ ନୋଟିସ୍



ନୂଆଦିଲ୍ଲୀ,୯।୧୦: ଜୀବନର ୬୦ ବର୍ଷ ପରେ ବି କୃଷ୍ଣସାର ମୃଗ ମାମଲା ସଲମାନ ଖାନ୍‌ଙ୍କ ପିଛା ଛାଡୁ ନାହିଁ। ପୁଣିଥରେ ଏହି ମାମଲାରେ ଦିଲ୍ଲୀ ହାଇକୋର୍ଟ ସଲମାନ ଖାନଙ୍କୁ ନୋଟିସ୍ କରିଛନ୍ତି। 'କାଲା ହିରନ: ଦ ବେଟଲ ଅଫ ଲିଗାସି' ଫିଲ୍ମର ପ୍ରଯୋଜକ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଛନ୍ତି। ଏହି ପିଟିସନ ଆଧାରରେ ଉତ୍ତର ରଖିବାକୁ କୋର୍ଟ ସଲମାନ ଖାନଙ୍କୁ ନୋଟିସ୍ କରିଛନ୍ତି। ପ୍ରକୃତରେ ଏହି ନାଁରେ ଫିଲ୍ମ କରିବାରୁ ଏହାକୁ ବ୍ୟାନ୍ କରିବା ପାଇଁ ସଲମାନ ଖାନଙ୍କ ପକ୍ଷରୁ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିସନ ଦାଖଲ କରାଯାଇଥିଲା। ଜବାବରେ ଫିଲ୍ମର ପ୍ରଯୋଜକ ପାଲଟା ପିଟିସନ ଦାଖଲ କରିଛନ୍ତି। ଆବେଦନର ଶୁଣାଣି କରି ଅନୁପମ ଜୟରାମ ଭବାନୀଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସଲମାନଙ୍କୁ ନୋଟିସ୍ କରିଛନ୍ତି। ଏବଂ ୪ ସପ୍ତାହ ମଧ୍ୟରେ ଏହାର ଉତ୍ତର ରଖିବାକୁ କୁହାଯାଇଛି।

## ଶିକୁଳି ବନ୍ଧା ନବଦମ୍ପତିଙ୍କ ମୃତଦେହ ଉଦ୍ଧାର



ମୁମ୍ବାଇ,୯।୧୦: ମହାରାଷ୍ଟ୍ରର ଧୁଲେ ଜିଲ୍ଲାରୁ ଏକ ମର୍ମନ୍ତୁଦ ଏବଂ ରହସ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଜିଲ୍ଲାର ସାବଲଦେ ଅଞ୍ଚଳରେ ଥିବା ତାପି ନଦୀରୁ ଏକ ନବ ଦମ୍ପତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସବୁଠାରୁ ବଡ଼ କଥା ହେଉଛି, ମୃତଦେହ ଦୁଇଟିର ଗୋଡ଼ ଏକାଠି ଲୁହା ଚେନ୍ ବା ଶିକୁଳିରେ ବନ୍ଧା ହୋଇ ତାଲା ପକାଯାଇଥିଲା। ମୃତକ ଦ୍ୱୟ ହେଲେ ଜଳଗାଁ ଜିଲ୍ଲାର ଅମଳନେର ବାସିନ୍ଦା ଶ୍ୟାମହରି ପାଟିଲ ଓ ତାଙ୍କ ପତ୍ନୀ ସପ୍ନା ପାଟିଲ। କିଛି ମାସ ପୂର୍ବରୁ ଉଭୟଙ୍କର ବିବାହ ହୋଇଥିଲା। ନଦୀରୁ ଦମ୍ପତିଙ୍କ ମୃତଦେହ ମିଳିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମାତ୍ର ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହି ସମସ୍ତ ଦିଗକୁ ଦୃଷ୍ଟିରେ ରଖି ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଘଟଣାରୁ ପ୍ରକୃତ ସତ୍ୟତା ସାମ୍ନାକୁ ଆସିବ ବୋଲି ଜଣାପଡ଼ିଛି।

### ୫ ବିଧାନସଭା ଓ ୧ ଲୋକସଭା ଉପନିର୍ବାଚନ

## ନନ୍ଦୀଗ୍ରାମ ଓ ରେଜିନଗରରେ ବିଜେପିର ବାଜିମାତ୍


ଶୁକ୍ରବାର ରେଜିନଗରରେ ବିଜେପି କର୍ମୀମାନେ ବିଜୟ ଉତ୍ସବ ପାଳନ କରୁଛନ୍ତି

ନୂଆଦିଲ୍ଲୀ,୯।୧୦: ଦେଶର ବିଭିନ୍ନ ସ୍ଥାନରେ ୫ଟି ବିଧାନସଭା ଓ ଗୋଟିଏ ଲୋକସଭା ଆସନରେ ଉପନିର୍ବାଚନ ହୋଇଥିଲା। ଆଜି ଭୋଟ ଗଣତି ଚାଲିଥିବା ବେଳେ ଟ୍ରେଣ୍ଡ ସ୍ପଷ୍ଟ ହୋଇସାରିଛି। ତା'ପୂର୍ବରୁ ପଶ୍ଚିମବଙ୍ଗର ଦୁଇଟି ଆସନ ନନ୍ଦୀଗ୍ରାମ ଓ ରେଜିନଗରରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଥିବା ଜଣାପଡ଼ିଛି। ସେହିଭଳି ଆସାମର ଗୋଟିଏ ଲୋକସଭା ଆସନରେ ମଧ୍ୟ ଉପନିର୍ବାଚନ ହୋଇଥିଲା। ପ୍ରାରମ୍ଭିକ ଟ୍ରେଣ୍ଡରୁ ଜଣାପଡ଼ିଛି, ବିଜୟ ମୁହାଁ ବିଜେପି। ତାମିଲନାଡୁରେ ଦୁଇଟି ଆସନରେ ସିଏମ ଜୋସେଫଙ୍କ ଦଳ ଟିଭିକେ ଆଗୁଆ ରହିଛି। ପଶ୍ଚିମବଙ୍ଗର ୨ଟି, ତାମିଲନାଡୁର ୨, ପୁଡୁଚେରୀର ଗୋଟିଏ ବିଧାନସଭା ଆସନ ଏବଂ ଆସାମର ଗୋଟିଏ ଲୋକସଭା ଆସନ ସମେତ ୬ଟି ଆସନରେ ଉପନିର୍ବାଚନ ହୋଇଥିଲା। ଆଜି ଭୋଟ ଗଣତି ହୋଇଛି। ଟ୍ରେଣ୍ଡ ଅନୁଯାୟୀ, ଭାରତୀୟ ଜନତା ପାର୍ଟି (ବିଜେପି) ପଶ୍ଚିମବଙ୍ଗର ଉଭୟ ଆସନରେ ବିଜୟୀ ହୋଇଛି। ଏହା ସହିତ ଆସମାର ନଗାଓଁ ଆସନରେ ବିଜେପି ପ୍ରାର୍ଥୀ ଆଗୁଆ ରହିଛନ୍ତି। ସେପଟେ ତାମିଲନାଡୁର ୨ଟି ବିଧାନସଭା ଆସନରେ ଟିଭିକେ ପ୍ରାର୍ଥୀ ବିଜୟୀ ହୋଇପାରନ୍ତି। ପୁଡୁଚେରୀର ଥାଟ୍ଟନଚାଭଡ଼ି ଆସନରେ ଶାସକ ଅଲଇଣ୍ଡିଆ ଏନଆର କଂଗ୍ରେସ ପ୍ରାର୍ଥୀ ଅଶୋକ ଆନନ୍ଦ ୮, ୪୮୨ ଖଣ୍ଡ ଭୋଟରେ ବିଜୟ ହାସଲ କରିଛନ୍ତି।

● ପୁଡୁଚେରୀରେ ବାଜିମାରିଲା ଏନ୍‌ଆର କଂଗ୍ରେସ

● ତାମିଲନାଡୁରେ ଆଗରେ ଟିଭିକେ

## ଶୁଭେନ୍ଦୁଙ୍କ ରେକର୍ଡ ଭାଙ୍ଗିଲେ ହାସିରାଣୀ

କୋଲକାତା, ୯।୧୦: ରେଜିନଗରରେ ରେକର୍ଡ ବ୍ୟବଧାନରେ ବିଜେପି ଜିତିଛି। ହାସିରାଣୀ ରଥ ନନ୍ଦିଗ୍ରାମରୁ ଶୁଭେନ୍ଦୁ ଅଧିକାରୀଙ୍କ ରେକର୍ଡ ଭାଙ୍ଗିଛନ୍ତି। ବିଜେପି ପ୍ରାର୍ଥୀ ଦେଢ଼ ଲକ୍ଷରୁ ଅଧିକ ଭୋଟ୍ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ରେଜିନଗରରେ ବିଜେପି ପ୍ରାର୍ଥୀ ଶାଖାରଭ ସରକାର ୮୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଜିତିଛନ୍ତି। ନନ୍ଦିଗ୍ରାମରେ ବିଜେପି ପ୍ରାର୍ଥୀ ପ୍ରାୟ ୧ ଲକ୍ଷ ୬୪ ହଜାର ୪୨୭ଟି ଭୋଟ୍ ପାଇଥିବାବେଳେ କଂଗ୍ରେସ ପ୍ରାର୍ଥୀ ପ୍ରାୟ ୪୧ ହଜାର ଭୋଟ୍ ପାଇଛନ୍ତି।

## ପଞ୍ଚଭୂତରେ ବିଲୀନ ହେଲେ ନାନା

● ଶେଷକୃତ୍ୟ ପୂର୍ବରୁ ଦିଆଗଲା ଗାର୍ଡ ଅଫ୍ ଅନର



ମୁମ୍ବାଇ,୯।୧୦: ପଞ୍ଚତତ୍ତ୍ୱରେ ବିଲୀନ ହୋଇଛନ୍ତି ପ୍ରବୀଣ ଅଭିନେତା ନାନା ପାଟେକର। ଗତକାଲି ବିଳମ୍ବିତ ରାତିରେ ପୁଣେର ଡୋଞ୍ଜେ ଗାଁରେ ଥିବା ଫାର୍ମହାଉସରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ପ୍ରଶଂସକ, ବନ୍ଧୁ ଓ ପରିବାର ସଦସ୍ୟଙ୍କ ଗହଣରେ ପୁଅ ମହ୍ଲାର ପାଟେକର ବାପାଙ୍କୁ ମୁଖାଗ୍ନି ଦେଇଛନ୍ତି। ଶେଷକୃତ୍ୟ ପୂର୍ବରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ପୁଣେ ବିମାନବନ୍ଦରରେ ନାନା ପାଟେକରଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ତଥା ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ସୁନେତ୍ରା ପାୱାର ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ପରେ ପାର୍ଥିବ ଶରୀରକୁ ଡୋଞ୍ଜେ ନିଆଯାଇଥିଲା, ଯେଉଁଠାରେ କେନ୍ଦ୍ର ମନ୍ତ୍ରୀ ରାମଦାସ ଆଠୱାଲେ ଓ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ପ୍ରମୁଖ ସ୍ୱର୍ଗତ ଅଭିନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅଭିନୟ ବ୍ୟତୀତ 'ନାମ୍ ଫାଉଣ୍ଡେସନ୍' ମାଧ୍ୟମରେ ସାମାଜିକ କାର୍ଯ୍ୟରେ ସଂଶ୍ଳିଷ୍ଟ ଥିଲେ। ବିଶେଷକରି କୃଷକ ଓ ମରୁଡ଼ି-ପ୍ରଭାବିତ ଗୋଷ୍ଠୀଙ୍କୁ ସହାୟତା ପ୍ରଦାନ ଦିଗରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ନାନା ପାଟେକରଙ୍କ ବିୟୋଗରେ ଭାରତୀୟ ଚଳଚ୍ଚିତ୍ର ଜଗତ ଓ ସାମାଜିକ କ୍ଷେତ୍ର ଜଣେ ପ୍ରତିଭାବାନ ଅଭିନେତା ତଥା ନିଷ୍ଠାବାନ ସମାଜସେବୀଙ୍କୁ ହରାଇଛି। ତାଙ୍କର ପରିପକ୍ୱ ଅଭିନୟ, ନିଆରା କଣ୍ଠସ୍ୱର ଓ ସାମାଜିକ କାର୍ଯ୍ୟ ପ୍ରତି ଥିବା ଉତ୍ସର୍ଗୀକୃତ ଭାବନାକୁ ଆଗାମୀ ପିଢ଼ି ମଧ୍ୟ ସର୍ବଦା ମନେ ରଖିବେ।

## ମାଛି ମାରିବାକୁ ହାତୁଡ଼ି ବ୍ୟବହାର କରନି

ମେଟ୍ରୋ କଟକଣାକୁ ନେଇ ସୁପ୍ରିମକୋର୍ଟଙ୍କ ଚିନ୍ତା



ନୂଆଦିଲ୍ଲୀ,୯।୧୦: ଆସନ୍ତାକାଲି ଦିଲ୍ଲୀରେ ସିଜେପିର ପ୍ରତିବାଦକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୁଲିସ ରେଳ ସେବା ଏବଂ ମେଟ୍ରୋ ଉପରେ ଲାଗୁ କରିଥିବା କଟକଣାକୁ ନେଇ ସର୍ବୋଚ୍ଚ ଅଦାଲତ ଚିନ୍ତାବ୍ୟକ୍ତ କରିଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ କହିଛନ୍ତି ଯେ, ଆଇନ ଶୃଙ୍ଖଳା ବଜାୟ ରଖିବା ସରକାରଙ୍କ ଦାୟିତ୍ୱ। କିନ୍ତୁ ଏଥିପାଇଁ ସମ୍ପୂର୍ଣ୍ଣ ବନ୍ଦକୁ ଗ୍ରହଣ କରାଯିବ ନାହିଁ। ଏହି ଅବସରରେ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ 'ମାଛି ମାରିବା ପାଇଁ ହାତୁଡ଼ି ବ୍ୟବହାର କରିବା ଉଚିତ୍ ନୁହେଁ' ବୋଲି କହିଛନ୍ତି। ମେଟ୍ରୋ ରେଳ ସେବା ବନ୍ଦ କରିବା ପାଇଁ ପ୍ରଶାସନର ନିଷ୍ପତ୍ତି ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ଏଭଳି ଆସିଛି। ସୁପ୍ରିମକୋର୍ଟ କହିଛନ୍ତି ଯେ ପୁଲିସ ଓ ପ୍ରଶାସନ ଅତ୍ୟଧିକ ବଳ ପ୍ରୟୋଗରୁ ଦୂରେଇ ରହିବା ଉଚିତ ଏବଂ ସମାନୁପାତିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ୧୦ ଅକ୍ଟୋବରରେ ସିଜେପି ଓ କିଛି ଛାତ୍ର ସଂଗଠନର ପ୍ରତିବାଦ ଡାକରା ଯୋଗୁ ଦିଲ୍ଲୀରେ ମେଟ୍ରୋ ଷ୍ଟେସନ ବନ୍ଦ କରିବା ଓ ଟ୍ରେନ ବାତିଲ କରିବାକୁ ଚ୍ୟାଲେଞ୍ଜ କରି ଶୁକ୍ରବାର ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରାଯାଇଥିଲା।

ବରିଷ୍ଠ ଓକିଲ କପିଲ ସିବଲ ସିଜେଆଇ ସୂର୍ଯ୍ୟକାନ୍ତ, ନ୍ୟାୟମୂର୍ତ୍ତି ଜୟମାଲ୍ୟ ବାଗଚୀ ଓ ନ୍ୟାୟମୂର୍ତ୍ତି ଭି. ମୋହନାଙ୍କ ଖଣ୍ଡପୀଠକୁ କହିଛନ୍ତି ଯେ ସମଗ୍ର ଦିଲ୍ଲୀକୁ ବନ୍ଦ କରିବା ପାଇଁ ଏକ ନିର୍ଦ୍ଦେଶ ଜାରି କରାଯାଇଛି, ଯେତେବେଳେ ନାଗରିକ ମାନଙ୍କର ପ୍ରତିବାଦ କରିବାର ମୌଳିକ ଅଧିକାର ଅଛି। 'ନାଗରିକମାନେ ସମ୍ମୁଖୀନ ହେଉଥିବା ଅସୁବିଧାକୁ ଧ୍ୟାନରେ ରଖି ସଂଶୋଧନମୂଳକ ପଦକ୍ଷେପ ନିଅନ୍ତୁ ବୋଲି ସର୍ବୋଚ୍ଚ ଅଦାଲତର ଖଣ୍ଡପୀଠ ସରକାରଙ୍କୁ କହିଛନ୍ତି।

## ସ୍ମିତ୍ ମଚ୍ଛାରଙ୍କୁ ଇସ୍ରାଏଲ୍‌ର ସର୍ବୋଚ୍ଚ ବେସାମରିକ ପୁରସ୍କାର

ନୂଆଦିଲ୍ଲୀ,୯।୧୦: ଫ୍ଲାଏଦୁବାଇ ବିମାନରେ ଏକ ବଡ଼ ଅଘଟଣକୁ ଏଡ଼ାଇ ଦେଇଥିବା ଭାରତୀୟ ପାଇଲଟ୍ କ୍ୟାପ୍‌ଟେନ୍ ସ୍ମିତ୍ ମଚ୍ଛାରଙ୍କୁ ଇସ୍ରାଏଲ ସମ୍ମାନିତ କରିବ। ଇସ୍ରାଏଲୀ ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗ୍ ଗୁରୁବାର ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ମଚ୍ଛାରଙ୍କୁ ନାଗରିକ ବୀରତ୍ୱ ପାଇଁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯିବ। ସ୍ମିତ୍ ମଚ୍ଛାର ବର୍ତ୍ତମାନ ହସ୍ପିଟାଲରେ ଚିକିତ୍ସିତ ଅଛନ୍ତି। ରାଷ୍ଟ୍ରପତି ହର୍ଜୋଗ୍ ଜେରୁଜେଲମରେ ଛଅଜଣ ଇସ୍ରାଏଲୀ ଯାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିବା ସମୟରେ ମଚ୍ଛାରଙ୍କ ନାମ ଉଲ୍ଲେଖ କରିଥିଲେ। ସେ କହିଥିଲେ, ଆଜି ଆମେ ସମ୍ମାନିତ କରୁଥିବା ଇସ୍ରାଏଲୀ ନାୟକମାନଙ୍କ ସହିତ ଭାରତର କ୍ୟାପ୍ଟେନ୍ ସ୍ମିତ୍ ମଚ୍ଛାରଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛୁ। ଯେତେବେଳେ ସେ ସୁସ୍ଥ ହେବେ, ମୁଁ ଇସ୍ରାଏଲର ଲୋକଙ୍କ ପକ୍ଷରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିବାର ଗୌରବ ଅନୁଭବ କରିବି। ୨୦୨୩ ଅକ୍ଟୋବର ୭ ଆକ୍ରମଣ ପରେ ରାଷ୍ଟ୍ରପତି ହର୍ଜୋଗଙ୍କ ଦ୍ୱାରା ଏହି ପୁରସ୍କାର ପ୍ରତିଷ୍ଠା କରାଯାଇଥିଲା। ଏହା ଅନ୍ୟମାନଙ୍କ ଜୀବନ ରକ୍ଷା କରିବାରେ ଅସାଧାରଣ ସାହସ ପ୍ରଦର୍ଶନ କରୁଥିବା ନାଗରିକମାନଙ୍କୁ ଦିଆଯାଏ।



## ବାଘ ମାରିବାକୁ ୧୫୦ ଟଙ୍କା



● ବିଦେଶୀ ମୁଦ୍ରା ପାଇଁ ପର୍ଯ୍ୟଟନ ଥିଲା ବାଘ ଶିକାର

● ୧୧୫୭ଟି ବାଘ ମାରିଥିଲେ ସୁରଜପୁର ମହାରାଜା

ନୂଆଦିଲ୍ଲୀ,୯।୧୦: ଆଜିର ସମୟରେ ବାଘ ସଂରକ୍ଷଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ଓ କଡ଼ା ନିୟମ ପ୍ରଣୟନ କରିଛନ୍ତି। ମାତ୍ର ସ୍ୱାଧୀନତା ପରେ ପରେ ଭାରତ ସରକାରଙ୍କ ଏକ ଅଜଣା ଅଧ୍ୟାୟ ସାମ୍ନାକୁ ଆସିଛି, ଯେଉଁଥିରେ ବିଦେଶୀ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଦେଶରେ ବାଘ ଓ ଅନ୍ୟାନ୍ୟ ବନ୍ୟପ୍ରାଣୀ ଶିକାରକୁ ପ୍ରୋତ୍ସାହନ ଦିଆଯାଉଥିଲା। ବିଦେଶୀ ମୁଦ୍ରା ଅର୍ଜନ କରିବା ଲକ୍ଷ୍ୟରେ ସରକାର ନିଜେ ଏହି ଶିକାର ପର୍ଯ୍ୟଟନକୁ ପ୍ରଚାର କରୁଥିଲେ।

ବ୍ରିଟିଶ ଶାସନ ଓ ରାଜାମହାରାଜାଙ୍କ ଅମଳରୁ ଚାଲିଆସିଥିବା ଶିକାର ପ୍ରଥା ସ୍ୱାଧୀନତା ପରେ ମଧ୍ୟ ବନ୍ଦ ହୋଇନଥିଲା। ୧୯୫୭ ମସିହାରେ ରାଜସ୍ଥାନ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନିୟମ ଅନୁଯାୟୀ, ଗୋଟିଏ ବାଘ ଶିକାର ପାଇଁ ଦେବାକୁ ପଡୁଥିଲା ମାତ୍ର ୧୫୦ ଟଙ୍କା। ସେହିପରି ଚିତାବାଘ ପାଇଁ ୩୫ ଟଙ୍କା, ଭାଲୁ ବା ସମ୍ବର ପାଇଁ ୫୦ ଟଙ୍କା ଓ ଚିତଲ (ସ୍ପଟେଡ଼ ଡିୟର) କିମ୍ବା ନୀଳଗାଈ ପାଇଁ ୩୦ ଟଙ୍କା ନିର୍ଦ୍ଧାରଣ କରାଯାଇଥିଲା। ଏହି ଶୁଳ୍କ କେବଳ ଶିକାର କରିବା ଅନୁମତି ପାଇଁ ଥିଲା।

ନୂତନ ଭାବରେ ସ୍ୱାଧୀନ ହୋଇଥିବା ଭାରତରେ ବିଦେଶୀ ମୁଦ୍ରାର ପ୍ରବଳ ଅଭାବ ଥିଲା। ଏହି ଅଭାବକୁ ଦୂର କରିବା ପାଇଁ ପର୍ଯ୍ୟଟନ ବିଭାଗ ଆମେରିକା ଓ ୟୁରୋପୀୟ ଦେଶମାନଙ୍କରେ ଶିକାର ପର୍ଯ୍ୟଟନର ବ୍ୟାପକ ପ୍ରଚାର କରିଥିଲା। ନ୍ୟୁୟର୍କ ଓ ସାନଫ୍ରାନ୍ସିସ୍କୋରେ ଥିବା ଭାରତୀୟ ପର୍ଯ୍ୟଟନ କାର୍ଯ୍ୟାଳୟ ଜରିଆରେ ବିଦେଶୀ ପର୍ଯ୍ୟଟକମାନଙ୍କୁ ଭାରତର ଜଙ୍ଗଲରେ ରୋମାଞ୍ଚକର ଶିକାର ଅଭିଜ୍ଞତା ହାସଲ କରିବାକୁ ଆମନ୍ତ୍ରଣ କରାଯାଉଥିଲା।

ଶିକାର କେବଳ ବ୍ରିଟିଶମାନଙ୍କ ମଧ୍ୟରେ ସୀମିତ ନଥିଲା, ବରଂ ଭାରତୀୟ ରାଜାମାନେ ମଧ୍ୟ ଏଥିରେ ଆଗୁଆ ଥିଲେ। ଛତିଶଗଡ଼ର ସୁରଜପୁରର ମହାରାଜା ରମାନୁଜ ସରନସିଂହ ଦେଓ ୧୯୫୩ ମସିହା ସୁଦ୍ଧା ୧୧୦୦ରୁ ଅଧିକ ବାଘ ମାରିଥିବା ଦାବି କରିଥିଲେ, ଯାହା ପରବର୍ତ୍ତୀ ସମୟରେ ୧୧୫୭ରେ ପହଞ୍ଚିଥିଲା।

## ମତେ ଡର ଲାଗୁଛି ମା'...

● ନୃତ୍ୟ କରିବାକୁ ଆସି ଶବ ହୋଇ ଫେରିଲେ ଛାତ୍ରୀ

ଗୁଆହାଟୀ,୯।୧୦: ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର ରେଳଧାରଣା ନିକଟରୁ ଆସାମର ଜଣେ ୨୦ ବର୍ଷୀୟ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଏକ ନୃତ୍ୟ ପ୍ରତିଯୋଗିତାରେ ଭାଗନେବା ପରେ ଛାତ୍ରୀ ଜଣକ ଅକ୍ଟୋବର ୬ ତାରିଖ ରାତି ପ୍ରାୟ ୧୨ଟା ୧୫ରେ ବିଶାଖାପାଟଣା ଷ୍ଟେସନରୁ ୨୨୫୦୩ ନମ୍ବର ଟ୍ରେନ୍ ରେ ଚଢ଼ିଥିଲେ।



ଟ୍ରେନ୍‌ରେ ଚଢ଼ିବା ପରେ କୋଚ୍ ଭିତରେ ଥିବା କିଛି ନିଶାସକ୍ତ ପୁରୁଷଙ୍କ ଯୋଗୁଁ ସେ ନିଜକୁ ଅସୁରକ୍ଷିତ ମନେ କରୁଥିବା ନେଇ ନିଜ ଭାଉଜ, ମା' ଓ ଜଣେ ବାନ୍ଧବୀଙ୍କୁ ଫୋନ୍ କରି ଜଣାଇଥିଲେ। ଏଥିସହ କୋଚ୍ ଭିତରର ପରିସ୍ଥିତି ଭିଡିଓ କରି ଜଣେ ବାନ୍ଧବୀଙ୍କୁ ମଧ୍ୟ ପଠାଇଥିଲେ। ଛାତ୍ରୀଙ୍କ ଭାଉଜଙ୍କ କହିବା ଅନୁଯାୟୀ, ଅକ୍ଟୋବର ୬ ତାରିଖ ରାତି ପ୍ରାୟ ୨ଟା ୩୦ରୁ ୩ଟା ମଧ୍ୟରେ ତାଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏହାପରେ ପରିବାର ପକ୍ଷରୁ ରେଳବାଇ ହେଲ୍ପଲାଇନକୁ ସୂଚନା ଦିଆଯାଇଥିଲା। ରେଳବିଭାଗ ପକ୍ଷରୁ ରେଳ ସୁରକ୍ଷା ବାହିନୀ(ଆରପିଏଫ)ର କର୍ମଚାରୀ ଏ ସମ୍ପର୍କରେ ଯାଞ୍ଚ କରିବେ ବୋଲି କହିଥିଲେ। ଅକ୍ଟୋବର ୭ ତାରିଖରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାରେ ରେଳଧାରଣା ନିକଟରୁ ଛାତ୍ରୀଙ୍କ ମୃତଦେହ ମିଳିଥିଲା।

## ମେକ୍ସିକୋ ଜେଲ୍‌ରେ ଭୀଷଣ ଦଙ୍ଗା: ୧୦ ମୃତ, ୧୬ ଆହତ

ମେକ୍ସିକୋ ସିଟି,୯।୧୦: ମେକ୍ସିକୋର ହିଂସାପ୍ରବଣ ରାଜ୍ୟ ସିନାଲୋଆରେ ଗୁରୁବାର ଏକ ଜେଲରେ ଭୀଷଣ ଦଙ୍ଗା ଘଟି ନଅ ଜଣ କଏଦୀ ଓ ଜଣେ ପରିଦର୍ଶକଙ୍କ ମୃତ୍ୟୁ ଘଟିଥିବା ରାଜ୍ୟ ସୁରକ୍ଷା କାର୍ଯ୍ୟାଳୟ କହିଛି। ଏହି ଘଟଣାରେ ୧୬ ଜଣ କଏଦୀ ମଧ୍ୟ ଆହତ ହୋଇଛନ୍ତି। ଗୁଳିବିନିମୟରେ ତିନିଜଣ ପୁଲିସ ଅଧିକାରୀ ଓ ଚାରିଜଣ କଏଦୀଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ଛଅ ଜଣ ପୁଲିସ ଅଧିକାରୀ ଓ ସାତ ଜଣ କଏଦୀ ଆହତ ହୋଇଥିଲେ। ଜେଲ ଭିତରେ କଏଦୀମାନେ କୌଣସି ପ୍ରକାରେ ବନ୍ଧୁକ ପାଇ କର୍ତ୍ତୃପକ୍ଷଙ୍କ ସହ ଲଢ଼ିଥିଲେ। ମାର୍ଚ୍ଚ ମାସରେ ଏହି ଜେଲରେ କଏଦୀମାନଙ୍କ ମଧ୍ୟରେ ସଂଘର୍ଷ ଘଟି ତିନି ଜଣ କଏଦୀଙ୍କ ମୃତ୍ୟୁ ହୋଇଥିଲା।

ଭୁବନେଶ୍ୱର ଶନିବାର, ୧୦ ଅକ୍ଟୋବର ୨୦୨୬ ସଂଚାର SANCHAR

### ଛାତ୍ର ସଂସଦ ନିର୍ବାଚନ

# କେଉଁଠି ଉତ୍ତେଜନା, କେଉଁଠି ସେଲିବ୍ରେସନ

**ପ୍ରାୟ ୫୦ କଲେଜରେ ନିର୍ବାଚନ ବାତିଲ**



**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ଛାତ୍ର ସଂସଦ ନିର୍ବାଚନକୁ ନେଇ କେଉଁଠି ଉତ୍ତେଜନ ତ କେଉଁଠି ସେଲିବ୍ରେସ ଚାଲିଛି। ବର୍ତ୍ତମାନ ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ ୫୦ରୁ ଅଧିକ କଲେଜରେ ନିର୍ବାଚନ ବାତିଲ ହୋଇସାରିଲାଣି। ପୂର୍ବରୁ ଯାଜପୁର ବ୍ୟାସନଗର କଲେଜ ନିର୍ବାଚନ ବାତିଲ ହୋଇଥିଲା। ଆଜି ଭଦ୍ରକର ଦୁଇଟ କଲେଜରେ ଛାତ୍ର ସଂସଦ ନିର୍ବାଚନ ବାତିଲ ହୋଇଛି। ଭଦ୍ରକ ମହିଳା କଲେଜକୁ ଆସନ୍ତାକାଲିଠାରୁ ସାଇନ-ଏ-ଡାଏ ଘୋଷଣା କରାଯାଇଛି। ପରବର୍ତ୍ତୀ ନୋଟିସ୍ ପର୍ଯ୍ୟନ୍ତ କଲେଜରେ ପାଠପଢ଼ା ସହ ପ୍ରଶାସନିକ କାର୍ଯ୍ୟ ବନ୍ଦ ରହିବ। ଶୁକ୍ରବାର କଲେଜ ଅଧ୍ୟକ୍ଷଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଭଣ୍ଡାରିପୋଖରୀ ବ୍ଲକ ନାଆମୀ ମହାବିଦ୍ୟାଳୟରେ ସାଇନ-ଏ-ଡାଏ ଘୋଷଣା ହୋଇଛି। କଲେଜରେ ଛାତ୍ର ସଂସଦ ନିର୍ବାଚନ ବାତିଲ ହେବା ପରେ କଲେଜରେ ଉତ୍ତେଜନା ପ୍ରକାଶ ପାଇଛି।

ସେହିପରି କେନ୍ଦ୍ରାପଡ଼ାରେ ଥିବା ତୁଳସୀ ମହିଳା ମହାବିଦ୍ୟାଳୟରେ ନିର୍ବାଚନକୁ ବାତିଲ କରାଯିବା ପରେ ଉତ୍ତେଜନା ଦେଖାଦେଇଛି। ତୁଳସୀ ମହିଳା ମହାବିଦ୍ୟାଳୟରେ ଆଜି ନାମାଙ୍କନ ପତ୍ର ଦାଖଲକୁ ନେଇ ଦୁଇ ଗୋଷ୍ଠୀ ଛାତ୍ରୀଙ୍କ ମଧ୍ୟରେ ତୁମୁଳକାଣ୍ଡ ହୋଇଥିଲା। କିଛି ଛାତ୍ରୀ ଜାଣିଶୁଣି କଲେଜ ପରିସରରେ ବାଧା ଉପୁଜାଇବା ସହିତ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ପ୍ରାକ୍ ନିର୍ବାଚନୀ ହିଂସା, ସୃଷ୍ଟି ହୋଇଥିବା ବିଶୃଙ୍ଖଳା ଏବଂ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କଲେଜରେ ଛାତ୍ରୀ ସଂସଦ ନିର୍ବାଚନକୁ ବାତିଲ କରାଯାଇଥିଲା। ଆଇନଶୃଙ୍ଖଳାର ଆଳ ଦେଖାଇ ନୟାଗଡ଼ ଜିଲ୍ଲାପାଳ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ମଡେଲ୍ ଡିଗ୍ରୀ କଲେଜ, ପଠାଣିସାମନ୍ତ କଲେଜ, ଏବଂ ବାଲୁଙ୍କେଶ୍ୱର କଲେଜ କଲେଜ ନିର୍ବାଚନକୁ ବାତିଲ କରିଛନ୍ତି।

# ଦ୍ୱିତୀୟ ଟି-୨୦ରେ ଇଣ୍ଡିଜ୍‌ର ଚମକପ୍ରଦ ବିଜୟ

● ଶାଇ ହୋପ୍‌ଙ୍କ ଅପରାଜିତ ଶତକ



**ରାଞ୍ଚି,୯।୧୦:** ଚଳିତ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ଏକ ଚମକପ୍ରଦ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ ପାଇଥିବା ଘରୋଇ ଭାରତ ୫ ୱିକେଟ୍‌ରେ ୨୪୯ ରନ୍ କରିଥିଲା। ଏହି ହାଇସ୍କୋରିଂ ମ୍ୟାଚ୍‌ରେ ଦଳ ପକ୍ଷରୁ ସଂଜୁ ସାମ୍‌ସନ୍ ୯ଟି ଚୌକା ଓ ୪ଟି ଛକା ସହ ୮୨, ଈଶାନ୍ କିଶନ୍ ୬ଟି ଚୌକା ଓ ୨ଟି ଛକା ସହ ୪୩, ତିଲକ ବର୍ମା ୩ଟି ଲେଖାଏଁ ଚୌକା ଓ ଛକା ଜରିଆରେ ଅପରାଜିତ ୪୪ ଓ ଅଧିନାୟକ ଶ୍ରେୟସ୍ ଆୟର୍ ୩ଟି ଲେଖାଏଁ ଚୌକା ଓ ଛକା ସହ ୪୦ ରନ୍ କରିଥିଲେ। ଇଣ୍ଡିଜ୍ ପକ୍ଷରୁ ରୋଷ୍ଟନ୍ ଚେଜ୍ ୩ଟି ଓ ଶମାର ସ୍ପ୍ରିଙ୍ଗର୍ ୨ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳର ଅଧିନାୟକ ତଥା ଓପନର ଶାଇ ହୋପ୍ ତାଙ୍କ ଚମତ୍କାର ଫର୍ମ କାଏମ ରଖି ମାତ୍ର ୪୫ଟି ବଲ୍‌ରେ ଶତକ ପୂରଣ କରିଥିଲେ। ସେ ୬ଟି ଚୌକା ଓ ୯ଟି ଛକା ସହ ୧୦୨ ରନ୍‌ରେ ଅପରାଜିତ ରହି ମ୍ୟାଚ୍‌ର ମୁଣ୍ଡି ମାରିଥିଲେ। ଏହା ପୂର୍ବରୁ ଶେରଫିନ୍ ରଦରଫୋର୍ଡ ମାତ୍ର ୩୭ ବଲ୍‌ରେ ୭ଟି ଲେଖାଏଁ ଚୌକା ଓ ଛକା ମାଧ୍ୟମରେ ୮୪ ରନ୍ କରିଥିଲେ। ଆହୁରି ରୋମାରିଓ ଶେଫର୍ଡ ମାତ୍ର ୧୩ଟି ବଲ୍‌ରେ ୩ଟି ଲେଖାଏଁ ଚୌକା ଓ ଛକା ଜରିଆରେ ୩୪ ରନ୍‌ରେ ଅପରାଜିତ ଥିଲେ। ଦଳ ହାତରେ ୬ଟି ୱିକେଟ୍ ଓ ୯ଟି ବଲ୍ ବାକି ଥିବା ବେଳେ ୨୫୨ ରନ୍ କରି ଦମ୍‌ଦାର ବିଜୟ ହାସଲ କରିଥିଲା। ହୋପ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏଥିସହ ସିରିଜ୍ ୧-୧ରେ ବରାବର ଥିବା ବେଳେ ତୃତୀୟ ମ୍ୟାଚ୍‌ଟି ଆସନ୍ତା ୧୧ରେ ଇନ୍ଦୋର୍‌ଠାରେ ଖେଳାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲାଗୁ ହେବ ପ୍ରଭାବଶାଳୀ...

ମିଡିଆ ମନିଟରିଂ ଓ ସୋସିଆଲ ଲିଷେନିଂ ଜରିଆରେ ଜନସାଧାରଣଙ୍କ ମତାମତ ଓ ସମସ୍ୟାଗୁଡ଼ିକୁ ଦ୍ରୁତ ଭାବେ ଗ୍ରହଣ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଖବର ପରିବେଷଣ ଓ ସରକାରୀ ଯୋଗାଯୋଗର ମୂଳଲକ୍ଷ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଯୋଗାଯୋଗ ଶୈଳୀ ସବୁବେଳେ ୩ଟି ପ୍ରମୁଖ ନୀତି ଉପରେ ପର୍ଯ୍ୟବେସିତ ହେବା ଉଚିତ୍। ସେଗୁଡ଼ିକ ହେଲା ତଥ୍ୟଗତ ସଠିକତା, ସମୟୋପଯୋଗୀ ଦ୍ରୁତତା ଓ ସରଳତା। ସରକାରୀ ତଥ୍ୟ କିମ୍ବା ପରିସଂଖ୍ୟାନରେ କୌଣସି ଭୁଲ ଗ୍ରହଣୀୟ ନୁହେଁ। ଡିଜିଟାଲ ଯୁଗରେ ସୂଚନା ପ୍ରଚାରରେ ବିଳମ୍ବ ହେଲେ ଏକ ସୂଚନା ଶୂନ୍ୟତା ସୃଷ୍ଟି ହୁଏ, ଯାହାର ସୁଯୋଗ ନେଇ ଅନେକ ସମୟରେ କିଛି ଲୋକ ଭୁଲ ଓ ବିଭ୍ରାନ୍ତିକର ସୂଚନା ପ୍ରଦାନ କରିଥାନ୍ତି। ତେଣୁ ସଠିକ୍ ସୂଚନାକୁ ଦ୍ରୁତ ଗତିରେ ଓ ସାଧାରଣ ଲୋକ ବୁଝିପାରିବା ଭଳି ସରଳ ଭାଷାରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ହେବ। ଏହି ସନ୍ଦର୍ଭରେ ମୁଖ୍ୟମନ୍ତ୍ରୀ କାହାଣୀ କହିବା ଶୈଳୀ ବା ଷ୍ଟୋରିଟେଲିଂ ଉପରେ ବିଶେଷ ଜୋର୍ ଦେଇଛନ୍ତି। କେବଳ ଶୁଷ୍କ ପରିସଂଖ୍ୟାନ ବା ତଥ୍ୟ ଦେବା ପରିବର୍ତ୍ତେ ସରକାରୀ ଯୋଜନାଗୁଡ଼ିକ କିପରି ଜଣେ ସାଧାରଣ ନାଗରିକଙ୍କ ଜୀବନରେ ପରିବର୍ତ୍ତନ ଆଣୁଛି, ତାହାର ମାନବୀୟ କାହାଣୀ ଲୋକଙ୍କ ସାମ୍ନାକୁ ଆଣିପାରିଲେ ଏହା ପ୍ରଭାବଶାଳୀ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜିର ଏହି କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଡିପ୍-ଫେକ୍, କ୍ଲୋନ୍ ହୋଇଥିବା ସ୍ୱର ଓ କୃତ୍ରିମ ଭିଡିଓଗୁଡ଼ିକ ସମାଜରେ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଥିବା କଥା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି ଯେ ସତ୍ୟ ସାମ୍ନାକୁ ଆସିବା ପୂର୍ବରୁ ଭୁଲ ଖବର ଶୀଘ୍ର ବ୍ୟାପିଥାଏ। ତେଣୁ ଯେକୌଣସି ତଥ୍ୟ ଶେୟାର କରିବା ପୂର୍ବରୁ ଏହାର ସତ୍ୟତା ଯାଞ୍ଚ କରିବା ଅତ୍ୟନ୍ତ ଜରୁରୀ। ସରକାରଙ୍କ ପକ୍ଷରୁ ସୂଚନା ସେବା ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି ଓ ଜିଲ୍ଲାଠାରୁ ମୁଖ୍ୟାଳୟ ପର୍ଯ୍ୟନ୍ତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିସ୍ତୃତ ପ୍ରସ୍ତାବ ଦେବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ଡିଜିଟାଲ ଯୁଗର ଏହି ପରିବର୍ତ୍ତନଶୀଳ ପରିବେଶରେ ଅଧିକାରୀମାନେ କେବଳ ସୂଚନା ପ୍ରଚାର କରିବାରେ ସୀମିତ ନ ରହି ସରକାରଙ୍କ ପ୍ରତ୍ୟେକଟି ଜନକଲ୍ୟାଣକାରୀ କାର୍ଯ୍ୟକୁ ସଚ୍ଚୋଟତା ଓ ପ୍ରତିବଦ୍ଧତାର ସହ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଚିତ। ସଠିକ ତଥ୍ୟର ପ୍ରଚାର ଓ ପ୍ରସାର ଦ୍ୱାରା ସରକାର ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱସନୀୟତା ଆହୁରି ଦୃଢ଼ ହୋଇପାରିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ବିଭାଗ ପକ୍ଷରୁ ବିଜ୍ଞାପନ ପରିଚାଳନା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ 'ଇ-ସଞ୍ଚାର ଆପ୍'କୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ସୂଚନା ସେବା ସଂଘ ପକ୍ଷରୁ ପ୍ରସ୍ତୁତ ବାର୍ଷିକ ପତ୍ରିକା 'ଲୋକସମ୍ପର୍କ'ର ଉନ୍ମୋଚନ କରିଥିଲେ।

### ଶାନ୍ତି ପାଇଁ...

କରିବାକୁ ପଡ଼ିଛି ବୋଲି ଏକ୍ସପର୍ଟମାନେ କହିଛନ୍ତି। କାରଣ ନୋବେଲ ଶାନ୍ତି ପୁରସ୍କାର ପ୍ରାପକ ଭାବେ 'ନାଭି' ପିଲ୍ଲେଙ୍କ ନାମ ଘୋଷଣା କରାଯିବା ସହିତ 'ତାଙ୍କୁ ଶାନ୍ତି ପୁରସ୍କାର ପ୍ରଦାନ କରାଯିବା ଉଚିତ' ବୋଲି ବାରମ୍ବାର ଦାବି କରି ଆସୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଶା ଓ ସ୍ୱପ୍ନ ଖାଲି ଚୁରମାର ହୋଇ ଯାଇଛି। ନୋବେଲ କମିଟିର ଏହା ଏକ ସାହସିକତାର କାର୍ଯ୍ୟ ବୋଲି ବହୁ ଶାନ୍ତିକାମୀ ବ୍ୟକ୍ତିବିଶେଷ ମତବ୍ୟକ୍ତ କରିଛନ୍ତି। ସେପଟେ ଇସ୍ରାଏଲ ପକ୍ଷରୁ ନରୱେଜିଅନ୍ 'ନାଭି' ପିଲ୍ଲେଙ୍କୁ ପୁରସ୍କାର ପ୍ରଦାନ ନିଷ୍ପତ୍ତିକୁ ତୀବ୍ର ନିନ୍ଦା କରାଯାଇଛି। ଇସ୍ରାଏଲର ବୈଦେଶିକ ମନ୍ତ୍ରାଳୟ ଏହାକୁ 'ଅଦ୍ଭୁତ ଓ ଅବିଶ୍ୱସନୀୟ' ବୋଲି ଟିପ୍ପଣୀ ଦେଇଛି। ଏକ 'ଏକ୍ସ' ପୋଷ୍ଟରେ ଇସ୍ରାଏଲର ବୈଦେଶିକ ମନ୍ତ୍ରାଳୟ କହିଛି ଯେ, ନରୱେଜିଅନ୍ 'ନାଭି' ପିଲ୍ଲେ ଅଧ୍ୟକ୍ଷତା କରୁଥିବା ଜାତିସଂଘର ଏକ କମିଶନ୍ ଗାଜାରେ ପାଲେଷ୍ଟିନୀୟଙ୍କୁ ଇସ୍ରାଏଲ ଗଣହତ୍ୟା କରିଥିବା ରାୟ ଦେଇଥିଲା। ତେଣୁ ଏହି ଶାନ୍ତି ପୁରସ୍କାର ନ୍ୟାୟର ସୁରକ୍ଷିତ ନୁହେଁ; ଅଧିକନ୍ତୁ ଏହା ଇସ୍ରାଏଲ-ବିରୋଧୀ ଘୃଣା ଓ ପକ୍ଷପାତିତାକୁ ବୈଧତା ଦେବା ପାଇଁ ପୁରସ୍କାରର ଅପବ୍ୟବହାର ବୋଲି ଇସ୍ରାଏଲ କହିଛି। ଅପରପକ୍ଷରେ, ନରୱେଜିଅନ୍ 'ନାଭି' ପିଲ୍ଲେ ଶାନ୍ତି ପାଇଁ ପାଇଥିବା ନୋବେଲ ପୁରସ୍କାରକୁ ଅନ୍ତର୍ଜାତୀୟ ସ୍ତରର ଅପରାଧର ଶିକାର ହୋଇଥିବା ତଥା ପୀଡ଼ିତମାନେ ଅନ୍ତର୍ଜାତୀୟ ଆପରାଧିକ ନ୍ୟାୟକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିମାନଙ୍କୁ ଉତ୍ସର୍ଗ କରିଛନ୍ତି। ଏଥିସହ ଏହି ପୁରସ୍କାରକୁ ଏକ ଚମତ୍କାର ଆଶ୍ଚର୍ଯ୍ୟଜନକ ଘଟଣା ବୋଲି ବର୍ଣ୍ଣନା କରିବା ସହ ସେ ପାଇଥିବା ପୁରସ୍କାରଗୁଡ଼ିକ ମଧ୍ୟରେ ଏହା ସର୍ବୋଚ୍ଚ ଓ ଶ୍ରେଷ୍ଠ ସମ୍ମାନ ବୋଲି ଏହି ୮୫ ବର୍ଷୀୟା ଆଇନଜ୍ଞ ପ୍ରକାଶ କରିଛନ୍ତି।

### ଶିଶୁ ଓ ଗର୍ଭବତୀ...

ଭାବ ବିନିମୟ କରିଥିଲେ। ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ସହ ସେମାନଙ୍କ ପୋଷଣ ଓ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବାରେ ଆମର ଅଙ୍ଗନବାଡ଼ି ଓ ଆଶା କର୍ମୀଙ୍କ ନିଷ୍ଠାପର ଭୂମିକାକୁ ଶ୍ରୀ ପ୍ରଧାନ ଉଚ୍ଚ ପ୍ରଶଂସା କରିଥିଲେ। ସଭାକୁ ସମ୍ବୋଧନ କରି ଶ୍ରୀ ପ୍ରଧାନ କହିଥିଲେ ଯେ ପୋଷଣ ମାଧ୍ୟମରେ ସୁସ୍ଥ ପରିବାର, ସ୍ୱଚ୍ଛତା ମାଧ୍ୟମରେ ସୁସ୍ଥ ପରିବେଶ ଓ ନିଶାମୁକ୍ତ ସମାଜ ମାଧ୍ୟମରେ ସୁରକ୍ଷିତ ଭବିଷ୍ୟତ, ଏହି ତିନୋଟି ସଂକଳ୍ପକୁ ଆମକୁ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଜାଗ୍ରତ କରିବାକୁ ହେବ।

ଏହି ସଂକଳ୍ପଗୁଡ଼ିକୁ ଏକ ବିଶାଳ ଜନଆନ୍ଦୋଳନରେ ପରିଣତ କଲେ ହିଁ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସ୍ୱପ୍ନ ପୂରଣ ହୋଇପାରିବ। କୁଚିଣ୍ଡାରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ଓ ଉତ୍ତମ ରାସ୍ତାଘାଟ ନିର୍ମାଣ କରି କୁଚିଣ୍ଡାର ସର୍ବାଙ୍ଗୀନ ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଉପସ୍ଥିତ ଥିଲେ।

### ବାର୍ଷିକ ୫୦୦ କୋଟି...

ପୂର୍ବରୁ ଅଣ୍ଡା ଚାଷୀ ସର୍ବାଧିକ ୧ କୋଟି ଯାଏଁ ସବସିଡି ପାଉଥିଲେ। ୨୫ ହଜାରରୁ ଅଧିକ କୁକୁଡ଼ା ଚାଷ କରୁଥିବା ଚାଷୀ ଏହାର ଫାଇଦା ପାଇପାରିବେ। ଲକ୍ଷ୍ମୀସାଗରସ୍ଥିତ ପ୍ରାଣୀ ଚିକିତ୍ସା ଅଧିକାରୀ ଟ୍ରେନିଂ ସେଣ୍ଟରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ।

ଏଥିସହ ଏକାଧିକ ଚାଷୀ ଓଉଦ୍ୟୋଗୀଙ୍କୁ ଗୋ ଆହେଡ୍ ସାଟିଫିକେଟ ବାଣ୍ଟିଥିଲେ ମନ୍ତ୍ରୀ। ବଡ଼ କଥା ହେଲା ରାଜ୍ୟରେ ଏବେ ଦୈନିକ ଅଢ଼େଇ କୋଟି ଅଣ୍ଡାର ଆବଶ୍ୟକତା ରହୁଥିବା ବେଳେ ଉତ୍ପାଦନ ହେଉଛି ମାତ୍ର କୋଟିଏ ୨୦ ଲକ୍ଷ। ଆଗାମୀ ୨୦୨୯ ସୁଦ୍ଧା ଦୈନିକ ୧ କୋଟି ୩୦ ଲକ୍ଷ୍ୟ ରହିଥିବା ବେଳେ ବାର୍ଷିକ ୫୦୦ କୋଟି ଅଣ୍ଡା ଉତ୍ପାଦନ ଲକ୍ଷ୍ୟ। ଆଉ ୨୦୩୬ ସୁଦ୍ଧା ହଜାରେ କୋଟି ଅଣ୍ଡା ଉତ୍ପାଦାନ ଲକ୍ଷ୍ୟ ରଖାଯାଇଛି। ଆଉ ଖୁବ୍‌ଶୀଘ୍ର ବିଭାଗ ଏନେଇ ନୂଆ ନୀତି ଆଣିବାକୁ ଯାଉଛି।

### 'ଉତ୍କଳ ଭବନ'...

କୌଣସି ସୁପାରିସ୍ ବା ମତାମତ ଏପର୍ଯ୍ୟନ୍ତ ଗୃହ ବିଭାଗକୁ ମିଳିନାହିଁ ବୋଲି ଜଣାଇବା ସହ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ତୁରନ୍ତ ସୁପାରିସ କରିବାକୁ କହିଥିଲେ। ଏହାର ଜବାବରେ ସେପ୍ଟେମ୍ବର ୨୨ ତାରିଖରେ ଇଆଇସି (ସିଭିଲ) ପ୍ରିୟବ୍ରତ ସାମନ୍ତରାୟ ସ୍ପଷ୍ଟ କରିଥିଲେ ଯେ କୋଠା ବିପଦସଙ୍କୁଳ ଥିବା ଓ ଏହାକୁ ଭାଙ୍ଗିବା ପାଇଁ ସୁପାରସ ରିପୋର୍ଟ ଗତ ୨୦୨୪ ଅଗଷ୍ଟ ୧ରେ ଗୃହ ବିଭାଗକୁ ପଠାଯାଇ ସାରିଛି। ତତ୍କାଳୀନ ମୁଖ୍ୟ ଯନ୍ତ୍ରୀ ଅଶୋକ କୁମାର ରାଉତ ଏହି କୋଠା ଭାଙ୍ଗିବା ପାଇଁ ଗୃହ ବିଭାଗକୁ ଚିଠି ଲେଖି ଅବଗତ କରିଥିଲେ। କୋଲକାତାର ଉତ୍କଳ ଭବନ ଏକ ଅଣଓସାରିଆ ତଥା ଜନବହୁଳ ଅଞ୍ଚଳରେ ପ୍ରାୟ ୪୪୧ବର୍ଗମିଟର ପରିମିତ ଅଂଚଳରେ ରହିଛି। ବେସମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ଓ ୫ମହଲା ବିଶିଷ୍ଟ ଏହି କୋଠାରେ ୬ଟି ଭିଆଇପି ସୁଇଟ୍ ସମେତ ଡବଲ ବେଡରୁମ୍, ଡରମିଟୋରୀ, କନଫରେନ୍ସ ହଲ ଓ ଡାଇନିଂ ହଲ ରହିଛି। ଅଡିଟରୁ ଜଣାପଡ଼ିଛି ଯେ, ଏତେ ପୁରୁଣା କୋଠାର କୌଣସି ମୂଳ ଷ୍ଟ୍ରକଚରାଲ ଡିଜାଇନ କିମ୍ବା ଡ୍ରଇଂ ଉପଲବ୍ଧ ନାହିଁ। ସମସ୍ତ ମହଲାର ଆରସିସି ବିମ୍, କଲମ, ଲିଣ୍ଟେଲ ଓ କାନ୍ଥରେ ବିରାଟ ଫାଟ ସୃଷ୍ଟି ହୋଇଛି ଓ ପାଣି ଗଳିବା ଯୋଗୁଁ କଂକ୍ରିଟ୍ ଖସି ରଡ୍ ବାହାରକୁ ଦିଶୁଛି। ରଡରେ ୫୦ରୁ ୯୦ପ୍ରତିଶତ ପର୍ଯ୍ୟନ୍ତ କଳଙ୍କି ଲାଗିଥିବାବେଳେ କାର୍ବୋନେସନସ୍ତର ୨୬ ମିଲିମିଟର ପର୍ଯ୍ୟନ୍ତ ଯାଇ ନିର୍ଦ୍ଧାରିତ ସୀମା ପାର କରିଛି। କଂକ୍ରିଟର ଶକ୍ତି ବହୁତ କମିଯାଇଥିବାରୁ ବିମ୍ ଓ କଲମଗୁଡ଼ିକ କୋଠାର ଭାର, ପବନ ଓ ଭୂକମ୍ପ ଝଟକା ସମ୍ଭାଳିବାକୁ ସମ୍ପୂର୍ଣ୍ଣ ଅକ୍ଷମ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ଅମିତ ସମ୍ବର୍ଦ୍ଧିତ



**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଭାରତୀୟ ପୁରୁଷ ହକି ଦଳର ଅଲିମ୍ପିଆନ୍ ଖେଳାଳି ତଥା ପୂର୍ବ ତଟ ରେଳପଥର କ୍ରୀଡ଼ା ଅଧିକାରୀ ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଜାପାନରେ ଗତ ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଭାରତୀୟ ପୁରୁଷ ହକି ଦଳର ସ୍ୱର୍ଣ୍ଣ ପଦକ ବିଜୟରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ଫୁଙ୍କୱାଲ ଅମିତଙ୍କ ଏହି ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ନିଷ୍ଠା, ସମର୍ପଣ ଭାବ ଓ ଉତ୍କୃଷ୍ଟ ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଥିଲେ। ସେ ଅମିତଙ୍କୁ ଯୁବ ହକି ଖେଳାଳି ତଥା ଭବିଷ୍ୟତର କ୍ରୀଡ଼ାବିତ୍‌ଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅଭିହିତ କରିଥିଲେ। ଅମିତ୍‌ଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମହାପ୍ରବନ୍ଧକ ଶ୍ରୀ ଫୁଙ୍କ୍‌ୱାଲ୍ ତାଙ୍କର କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାର ଉଚ୍ଚ ପ୍ରଶଂସା କରିଥିଲେ। ତାଙ୍କର ଅଭିଜ୍ଞତା ଓ ମାର୍ଗଦର୍ଶନ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରେରିତ କରିବା ସହ ପୂର୍ବତଟ ରେଳପଥରେ କ୍ରୀଡ଼ାର ଅଧିକ ପ୍ରସାର ଓ ପ୍ରୋତ୍ସାହନରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ।

# ୭୧ତମ ରାଜ୍ୟ ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପିତ



**କଟକ,୯।୧୦(ସଂଚାର ବ୍ୟୁରୋ):** ଗତ ତିନିଦିନ ଧରି କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ଚାଲିଥିବା ୭୧ତମ ରାଜ୍ୟ ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ରାଜ୍ୟ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଆଇନ ମନ୍ତ୍ରୀ କହିଥିଲେ ଯେ ଏଭଳି ବୃତ୍ତିଗତ ପ୍ରତିଯୋଗିତା ପୁଲିସ କର୍ମଚାରୀଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହିତ ସେମାନଙ୍କ ଦକ୍ଷତାକୁ ଶାଣିତ ଏବଂ ଭଲ କାମ କରିବାକୁ ପ୍ରେରଣା ପ୍ରଦାନ କରିଥାଏ । ପରିଶ୍ରମର ମାନ୍ୟତା ମିଳିଲେ କର୍ମଚାରୀମାନେ ଦ୍ୱିଗୁଣିତ ଉତ୍ସାହରେ କାର୍ଯ୍ୟ କରନ୍ତି। ପରିବାରଠାରୁ ଦୂରରେ ରହି ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା ପୋଲିସ କର୍ମଚାରୀଙ୍କ ସେବା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ସର୍ବଦା ପ୍ରଶଂସନୀୟ ବୋଲି ସେ କହିଥିଲେ। ଏହାସହ ବୃତ୍ତିଗତ ପ୍ରତିଯୋଗିତା ପୋଲିସ କର୍ମଚାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ସେମାନଙ୍କ ଦକ୍ଷତାର ବିକାଶ ଓ କାର୍ଯ୍ୟକୁଶଳତା ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। କର୍ମଚାରୀଙ୍କ ନିଷ୍ଠା ଓ ପରିଶ୍ରମର ସ୍ୱୀକୃତି ସ୍ୱରୂପ ସେମାନଙ୍କୁ ଅଧିକ ଉତ୍ସାହ ଓ ସମର୍ପଣ ମନୋଭାବର ସହ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇଥାଏ ବୋଲି ସେ କହିଥିଲେ।

### ପଞ୍ଚସଖା ଶିକ୍ଷା ସେତୁର ଷଷ୍ଠ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ

# ପୁରାତନ ଛାତ୍ରଛାତ୍ରୀଙ୍କ ଅବଦାନରେ ସୁଦୃଢ଼ ହେବ ବିଦ୍ୟାଳୟର ଭିତ୍ତିଭୂମି



**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ପୁରାତନ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ଓ ସାମୂହିକ ସହଯୋଗ ମାଧ୍ୟମରେ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ବିକାଶ ସହ ଶିକ୍ଷାର ଗୁଣାତ୍ମକ ଉନ୍ନତିକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ପଞ୍ଚସଖା ଶିକ୍ଷା ସେତୁର ଷଷ୍ଠ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ରାଜ୍ୟର ୨୯ଟି ଜିଲ୍ଲାରେ ବିଭିନ୍ନ ବିଦ୍ୟାଳୟର ଉନ୍ନତି ପାଇଁ ମୋଟ ୭. ୭୩ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ବିଦ୍ୟାଳୟ ସହ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ପର୍କକୁ ସୁଦୃଢ଼ କରିବା ସହ ସେମାନଙ୍କ ଅବଦାନକୁ ବିଦ୍ୟାଳୟର ବିକାଶରେ ବିନିଯୋଗ କରିବା ଦିଗରେ ପଞ୍ଚସଖା ଶିକ୍ଷା ସେତୁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇପାରିଛି। ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି, ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନର ସହଯୋଗରେ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମିର ବିକାଶ ହେବା ସହ ଶିକ୍ଷଣ ପରିବେଶକୁ ଅଧିକ ସୁଦୃଢ଼ କରିବାର ପ୍ରୟାସ ଜାରି ରହିଛି। ଚଳିତ ବୈଠକରେ ବିଦ୍ୟାଳୟଗୁଡ଼ିକର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ପକ୍ଷରୁ ମୋଟ ୨ କୋଟି ୫୭ ଲକ୍ଷ ୯୦ ହଜାର ୮୧୦ ଟଙ୍କାର ଆର୍ଥିକ ଅବଦାନ ମିଳିଛି। ଏହି ଅନୁଦାନ ସହ ପଞ୍ଚସଖା ଶିକ୍ଷା ସେତୁ ପକ୍ଷରୁ ଦୁଇଗୁଣା ଅନୁଦାନକୁ ମିଶାଇ ମୋଟ ୭ କୋଟି ୭୩ ଲକ୍ଷ ୭୨ ହଜାର ୪୩୦ ଟଙ୍କାର ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ଏହାଦ୍ୱାରା ସମାଜର ସାମୂହିକ ସହଯୋଗକୁ ଶିକ୍ଷାର ବିକାଶରେ ଉପଯୋଗ କରାଯାଇ ବିଦ୍ୟାଳୟଗୁଡ଼ିକର ବିକାଶ ହୋଇପାରିବ। ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ବିଦ୍ୟାଳୟର ଶ୍ରେଣୀଗୃହ ମରାମତି, ପାନୀୟ ଜଳ ବ୍ୟବସ୍ଥାର ଉନ୍ନତି, ପାଚେରି ନିର୍ମାଣ, ବିଦ୍ୟାଳୟ ପରିସରର ସୌନ୍ଦର୍ଯ୍ୟକରଣ, ଫାଟକ ନିର୍ମାଣ, ସାଇକେଲ ଷ୍ଟାଣ୍ଡ ସ୍ଥାପନ ଏବଂ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମିର ରକ୍ଷଣାବେକ୍ଷଣ କରାଯିବ। ଏହି ପଦକ୍ଷେପଗୁଡ଼ିକ ବିଦ୍ୟାଳୟ ପରିବେଶକୁ ଅଧିକ ସୁରକ୍ଷିତ, ସୁନ୍ଦର ଓ ଶିକ୍ଷା ଅନୁକୂଳ କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ଶିକ୍ଷଣ ପରିବେଶ ସୃଷ୍ଟି କରିବ।

**୨୯ ଜିଲ୍ଲାରେ ୭.୭୩ କୋଟି ଟଙ୍କାର ୭୦୭ଟି ପ୍ରକଳ୍ପକୁ ମଞ୍ଜୁରୀ**

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୭ ମୃତ, ୨୦ ଆହତ

**କଚ୍ଛ,୯।୧୦:** ଗୁଜରାଟର କଚ୍ଛ ଜିଲ୍ଲାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅତି କମ୍‌ରେ ୭ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି ଏବଂ ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଖାବଡ଼ାରେ ଏକ ଅକ୍ଷୟଶକ୍ତି (ଆର୍‌ଇ) ପାର୍କ ଭିତରେ ଆଜି ଏହି ଦୁର୍ଘଟଣା ହୋଇଛି। ପାର୍କ ଭିତରେ ଶ୍ରମିକମାନଙ୍କୁ ନେଉଥିବା ଏକ ବୋଲେରୋ ଅନ୍ୟ ଏକ ଗାଡ଼ି ସହ ଧକ୍କା ହୋଇଥିଲା। ଧକ୍କାର ପ୍ରଭାବ ଏତେ ଅଧିକ ଥିଲା ଯେ ବୋଲେରୋ ସମ୍ପୂର୍ଣ୍ଣ ଚେପା ହୋଇଯିବା ସହ ଏହା ଭିତରେ ଥିବା ଶ୍ରମିକମାନେ ମଧ୍ୟ ଚାପି ହୋଇଯାଇଥିଲେ।

ପ୍ରାଥମିକ ସୂଚନା ଅନୁଯାୟୀ, ୭ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ଏବଂ ଅନ୍ୟ ୨୦ ଜଣ ଆହତ ଏବେ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି। କିଛି ଆହତ ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ତୁରନ୍ତ ଜଣାପଡ଼ିନାହିଁ। ଦୁର୍ଘଟଣା ଖବର ପାଇ ପଶ୍ଚିମ କଚ୍ଛ ପୁଲିସ ଘଟଣାସ୍ଥଳକୁ ଯାଇଥିଲା। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ନିଆଯାଇଛି। ଚେପା ହୋଇଯାଇଥିବା ଗାଡ଼ିରୁ ଶ୍ରମିକମାନଙ୍କୁ କାଢ଼ିବା ପାଇଁ କ୍ରେନ୍‌ର ସାହାଯ୍ୟ ନିଆଯାଇଛି।

# ରୋଟାରୀ କ୍ଲବ୍ ଖାରବେଳ କଳିଙ୍ଗ ନଗର ପକ୍ଷରୁ ଏଆଇ ଶିକ୍ଷା

● ଘାଟିକିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ୬୪ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ




**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ରୋଟାରୀ କ୍ଲବ୍ ଖାରବେଳ କଳିଙ୍ଗ ନଗର, ଭୁବନେଶ୍ୱର ପକ୍ଷରୁ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ) ର ସହଯୋଗରେ ଘାଟିକିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୋଟ ୬୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଶେଷକରି ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହ ପରିଚିତ କରାଇବା ଓ ଏଆଇର ଶିକ୍ଷାମୂଳକ ପ୍ରୟୋଗ ବିଷୟରେ ଜ୍ଞାନ ଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମକୁ ରୋଟାରୀ ଇଣ୍ଟରନ୍ୟାସନାଲ୍ ଜିଲ୍ଲା ୩୨୬୨ର ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ୍ ଅନୀଲ କୁମାର ସାମଲ, ଆଇଏଏସ (ଅବସରପ୍ରାପ୍ତ) ଉଦ୍‌ଘାଟନ କରିଥିଲେ। ନିଜ ଉଦ୍‌ବୋଧନରେ ସେ ଛାତ୍ରଛାତ୍ରୀମାନେ ଆଧୁନିକ ଦକ୍ଷତା ଓ ନୂତନ ପ୍ରଯୁକ୍ତିବିଦ୍ୟା ସହ ପରିଚିତ ହେବା ଉପରେ ଗୁରୁତ୍ୱ ଦେଇଥିଲେ। ଡିଜିଟାଲ୍ ଯୁଗରେ ଆଗକୁ ବଢ଼ିବା ପାଇଁ ଏଆଇ ସମ୍ପର୍କିତ ଜ୍ଞାନ ଓ ଦକ୍ଷତା ହାସଲ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଉପଯୋଗୀ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ଉଦ୍‌ଘାଟନୀ ସଭାରେ କ୍ଲବ୍‌ର ସଭାପତି ରୋଟାରିଆନ୍ ପିଏସ୍‌ଏନ୍ ପାତ୍ର ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ବିଷୟରେ ବୁଝାଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବବିତା ସାହୁ ଛାତ୍ରଛାତ୍ରୀଙ୍କୁ ଏଆଇ ବିଷୟରେ ଅଧିକ ଜ୍ଞାନ ଆହରଣ କରିବାକୁ ଓ ଶିକ୍ଷାରେ ଏହାର ଉପଯୋଗୀ ବ୍ୟବହାର ଶିଖିବାକୁ ପରାମର୍ଶ ଦେଇଥିଲେ।

# ଶତାଧିକ ଏସ୍‌ଏଚ୍‌ଜି ମହିଳାଙ୍କୁ ଉଦ୍ୟୋଗୀ ସୁବିଧା ଦେଇଛି ବେଦାନ୍ତ




**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ଓଡ଼ିଶାର ଗ୍ରାମାଞ୍ଚଳରେ ମହିଳାମାନେ ପାରମ୍ପରିକ କୌଶଳ ଓ ସ୍ଥାନୀୟ ଉତ୍ପାଦକୁ ଅର୍ଥପୂର୍ଣ୍ଣ ଜୀବିକା ସୁଯୋଗରେ ରୂପାନ୍ତରିତ କରୁଛନ୍ତି। ମହିଳା ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଓ ଓଡ଼ିଶାରେ ଗ୍ରାମୀଣ ବିକାଶକୁ ଆଗେଇ ନେବା ଲାଗି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ତାହାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) କାର୍ଯ୍ୟକ୍ରମ 'ପ୍ରକଳ୍ପ ସଖୀ'ର ଅଂଶବିଶେଷ ସ୍ୱରୂପ ଲାଞ୍ଜିଗଡ଼ର ଏକାଧିକ ଗ୍ରାମ ପଞ୍ଚାୟତରେ ମାଣ୍ଡିଆରୁ ଜଳଖିଆ ପ୍ରସ୍ତୁତି ଉପରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଏହି ପଦକ୍ଷେପ ଏପର୍ଯ୍ୟନ୍ତ ୪ଟି ଗ୍ରାମ ପଞ୍ଚାୟତ ମଧ୍ୟରେ ଏସଏଚଜିର ୧୦୦ରୁ ଅଧିକ ମହିଳାଙ୍କୁ ଉପକୃତ କରିଛି, ଯାହା ସେମାନଙ୍କୁ ଲଘୁ ଉଦ୍ୟୋଗ ପ୍ରତିଷ୍ଠା ଓ ସମ୍ପ୍ରସାରଣ ପାଇଁ ଆବଶ୍ୟକ କୌଶଳ ସହ ସଜ୍ଜିତ କରିଛି। ଏହାଦ୍ୱାରା ଲାଞ୍ଜିଗଡ଼ରେ ନିଯୁକ୍ତି ସୃଷ୍ଟି ଓ ଗ୍ରାମୀଣ ଜୀବିକା ମଜବୁତ କରିବାରେ ଯୋଗଦାନ ଦେଇଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ପାଇକରାଣିପିଣ୍ଡା, ଲାଞ୍ଜିଗଡ ଓ ଶିବପଦର ଗ୍ରାମ ପଞ୍ଚାୟତଗୁଡ଼ିକରେ ଆୟୋଜିତ ହୋଇଥିଲା, ଯେଉଁଥିରେ ସଦ୍ୟତମ ପର୍ଯ୍ୟାୟରେ ୭୧ରୁ ଅଧିକ ମହିଳା ମାଣ୍ଡିଆଭିତ୍ତିକ ଉତ୍ପାଦ ବିକାଶ, ମୂଲ୍ୟ ସଂଯୋଜନ ଓ ଉଦ୍ୟମିତା ବିକାଶ ପ୍ରଶିକ୍ଷଣ ମାଧ୍ୟମରେ ଉପକୃତ ହୋଇଥିଲେ। ବ୍ୟାବହାରିକ କୌଶଳ ବିକାଶ ସହ ବ୍ୟବସାୟଭିତ୍ତିକ ଶିକ୍ଷାକୁ ମିଶାଇ ଏହି ପଦକ୍ଷେପ ଅଂଶଗ୍ରହଣକାରୀଙ୍କୁ ସ୍ଥାନୀୟ ଭାବେ ଉପଲବ୍ଧ ସମ୍ବଳ ମାଧ୍ୟମରେ ନୂତନ ଆୟ ସୃଷ୍ଟି ସୁଯୋଗ ଅନ୍ୱେଷଣ କରିବାରେ ସାହାଯ୍ୟ କରୁଛି। ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମୟରେ ଅଂଶଗ୍ରହଣକାରୀମାନେ ସ୍ଥାନୀୟ ଭାବେ ଉପଲବ୍ଧ ସମ୍ବଳ ବ୍ୟବହାର କରି ମାଣ୍ଡିଆ ବିସ୍କୁଟ, ମାଣ୍ଡିଆ ଫେଣି, ମୁଡୁକୁ, କୁକିଜ୍ ଓ ଅନ୍ୟାନ୍ୟ ମୂଲ୍ୟଯୁକ୍ତ ସ୍ନାକ୍ସ ସମେତ ପୁଷ୍ଟିକର ଓ ବିପଣନଯୋଗ୍ୟ ମାଣ୍ଡିଆ ଆଧାରିତ ଉତ୍ପାଦ ପ୍ରସ୍ତୁତ କରିବା ଶିଖିଥିଲେ। ଏହି ପ୍ରଶିକ୍ଷଣ ଅଂଶଗ୍ରହଣକାରୀଙ୍କୁ ଆଧୁନିକ ଉଦ୍ୟୋଗଗୁଡ଼ିକର ପ୍ରମୁଖ ସିଦ୍ଧାନ୍ତଗୁଡ଼ିକ ସହ ମଧ୍ୟ ପରିଚିତ କରାଇଥିଲା, ଯେପରିକି ଗୁଣବତ୍ତା ମାନକ, ଆକର୍ଷଣୀୟ ପ୍ୟାକେଜିଂ, ଅଭିନବ ବ୍ରାଣ୍ଡିଂ ଓ ବଜାର ସଂଯୋଗ ସୁନିଶ୍ଚିତ କରିବା, ଏହିପରି ଉତ୍ପାଦଗୁଡ଼ିକୁ ବଜାରକୁ ଆଣିବା ସହ ଜଡ଼ିତ ଦିଗଗୁଡ଼ିକ ବିଷୟରେ ଏକ ବ୍ୟାପକ ବୁଝାମଣା କରିବା। ଜୟ ଶ୍ରୀରାମ ଏସ୍‌ଏଚ୍‌ଜି, ପାଇକରାଣିପିଣ୍ଡାର ସୁକାନ୍ତ ପାତ୍ର କହିଛନ୍ତି ଯେ ସଖୀଙ୍କ ଦ୍ୱାରା ମାଣ୍ଡିଆ ସ୍ନାକ୍ସ ତାଲିମ ଗ୍ରହଣ କରିବା ପରେ ଆମେ ମାଣ୍ଡିଆ ଲଡ୍ଡୁ, ପିଠା ଓ ମିଶ୍ରଣ ଭଳି ପୁଷ୍ଟିକର ଉତ୍ପାଦ ପ୍ରସ୍ତୁତ କରିବା ଶିଖିଛୁ।

# ଦରମା ବୃଦ୍ଧି ଦାବିରେ 'ପେନ୍-ଡାଉନ୍' ଆନ୍ଦୋଳନ

**କୋଲକାତା, ୯।୧୦ (ସଂଚାର ବ୍ୟୁରୋ):** ପଶ୍ଚିମ ବର୍ଦ୍ଧମାନ ଜିଲ୍ଲାର କାଙ୍କସା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଦରମା ବୃଦ୍ଧି ସମେତ ବିଭିନ୍ନ ଦାବି ପୂରଣ ପାଇଁ ଅସ୍ଥାୟୀ କର୍ମଚାରୀମାନେ ଗୁରୁବାରଠାରୁ ଏକ 'ପେନ୍-ଡାଉନ୍' (କଲମ ଛାଡ) ଆନ୍ଦୋଳନ ଆରମ୍ଭ କରିଛନ୍ତି। ଖବର ଅନୁଯାୟୀ, ଏହି ଆନ୍ଦୋଳନ ଯୋଗୁଁ ବ୍ଲକ୍ କାର୍ଯ୍ୟାଳୟର କାର୍ଯ୍ୟକଳାପ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନରତ କର୍ମଚାରୀମାନେ କହିଛନ୍ତି ଯେ ସେମାନେ ଦୀର୍ଘ ଦିନ ଧରି ଦରମା ବୃଦ୍ଧି ପାଇଁ ଦାବି କରିଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ହାତରେ ପୋଷ୍ଟର ଧରି ସେମାନେ ନିଜର ଦାବିଗୁଡ଼ିକ ଉପସ୍ଥାପନ କରିଥିଲେ, ଯେଉଁଥିରେ 'ସମାନ କାମ ପାଇଁ ସମାନ ଦରମା' ଭଳି ଦାବି ଅନ୍ତର୍ଭୁକ୍ତ ଥିଲା।

# ବର୍ଦ୍ଧମାନ କାର୍ଯ୍ୟାଳୟରେ ବିଜେପିର ବିଜୟ ଉତ୍ସବ

**କୋଲକାତା,୯।୧୦ (ସଂଚାର ବ୍ୟୁରୋ):** ଶୁକ୍ରବାର ପୂର୍ବ ବର୍ଦ୍ଧମାନ ସ୍ଥିତ ବିଜେପିର ସାଙ୍ଗଠନିକ ଜିଲ୍ଲା କାର୍ଯ୍ୟାଳୟରେ ନନ୍ଦିଗ୍ରାମ ଓ ରେଜିନଗର ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପରେ ଦଳର କର୍ମୀ ଓ ସମର୍ଥକମାନେ ଉତ୍ସବ ପାଳନ କରିଥିଲେ। ସେମାନେ ସଙ୍ଗୀତ ବଜାଇ, ପରସ୍ପରକୁ 'ଅବିର' ବୋଳି ଏବଂ ମିଠା ଓ ଲଡ୍ଡୁ ବାଣ୍ଟି ଖୁସି ମନାଇଥିଲେ। ନେତା ଓ କର୍ମୀମାନଙ୍କ ସକ୍ରିୟ ଅଂଶଗ୍ରହଣ ଯୋଗୁଁ ସମଗ୍ର କାର୍ଯ୍ୟାଳୟ ପରିସର ଜୀବନ୍ତ ଓ ଆନନ୍ଦମୁଖର ହୋଇ ଉଠିଥିଲା।

# ସଡ଼କ ଦୁର୍ଘଟଣାରେ ୫ ମୃତ

**କୋଲକାତା,୯।୧୦(ସଂଚାର ବ୍ୟୁରୋ):** ରାୟଗଞ୍ଜରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ପାଞ୍ଚ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂତ୍ର ଅନୁଯାୟୀ, ଶୁକ୍ରବାର ଭୋର ସମୟରେ ୧୨ ନମ୍ବର ଜାତୀୟ ରାଜପଥ ଉପରେ ମାରାଇକୁରା ଗ୍ରାମ ନିକଟରେ କୁକୁଡ଼ା ବୋଝେଇ ଏକ ଗାଡ଼ି ବାଲି ବୋଝେଇ ହୋଇ ଛିଡ଼ା ହୋଇଥିବା ଏକ ଟ୍ରକର ପଛପଟେ ଧକ୍କା ଦେଇଥିଲା।

# ୧୧୦ ଗ୍ରାମ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

**କଟକ,୯।୧୦ (ସଂଚାର ବ୍ୟୁରୋ):** କଟକ ଅବକାରୀ ବିଭାଗ ପକ୍ଷରୁ କଟକ ଜଗତପୁର ଗୋଲେଇ ଛକ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୧୦ଗ୍ରାମ ବ୍ରାଉନ ସୁଗର ଜବତ କରାଯିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ହୋଇଥିବା ବ୍ରାଉନ ସୁଗରର ଆନୁମାନିକ ମୂଲ୍ୟ ୧୧ଲକ୍ଷ ଟଙ୍କା ହେବ। କଟକ ଗ୍ରାମାଞ୍ଚଳ ଅବକାରୀ ନିରୀକ୍ଷକ ନବସ୍ମିତା ନାୟକଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଅବୈଧ ନିଶା କାରବାର ଓ ବିକ୍ରି ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଓ ଯାଞ୍ଚକୁ ଅଧିକ ଜୋରଦାର କରାଯିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।

# ପଞ୍ଚାୟତ ପୂର୍ବରୁ କଲେଜ ନିର୍ବାଚନ ସେମିଫାଇନାଲ

**ସଭାପତି ରେସରେ ରେଶ୍ମୀ**

**ସହଯୋଗୀ କୃଷ୍ଣ-ରୁଦ୍ର-ରାଜଶ୍ରୀ**

**ତୁଷାରଙ୍କ ପାଇଁ ଅଗ୍ନି ପରୀକ୍ଷା**

**ସାଂସଦ ପ୍ରତିନିଧି ପାଇଁ ସମ୍ମାନର ପ୍ରଶ୍ନ**



କାକଟପୁର/ଅସ୍ତରଙ୍ଗ,୯।୧୦ (ସଂଚାର ବ୍ୟୁରୋ): ଦୀର୍ଘ ୮ ବର୍ଷ ପରେ ହେବାକୁ ଯାଉଥିବା ପୁରୀ ଜିଲ୍ଲା କାକଟପୁର ମଙ୍ଗଳା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ଏବେ କାକଟପୁର ରାଜନୀତିର ସବୁଠୁ ବଡ ଚର୍ଚ୍ଚା ପାଲଟିଛି। ଶୁକ୍ରବାର ନାମାଙ୍କନ ଦାଖଲ ସମୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ନିଜର ଦମଦାର ଉପସ୍ଥିତି ଦେଖାଇ ସମସ୍ତଙ୍କୁ ଚକିତ କରିଦେଇଛି। ଯାହାକି କାକଟପୁର ମଙ୍ଗଳା ପୀଠ ରୁ ମଙ୍ଗଳା କ୍ୟାମ୍ପସ ପୁରା ଏଭିବିପି ମାହୋଲ ସରଗରମ।

ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ମା' ମଙ୍ଗଳାଙ୍କ ପୀଠରେ ପୂଜାର୍ଚ୍ଚନା କରି ଶତାଧିକ ଏଭିବିପି କର୍ମୀ ଏକ ବିଶାଳ ରାଲିରେ ମହାବିଦ୍ୟାଳୟକୁ ଆସିଥିଲେ। ଭାରତ ମାତା କୀ ଜୟ ଓ ବନ୍ଦେ ମାତରମ ନାରାରେ ପୁରା କ୍ୟାମ୍ପସ ପ୍ରକମ୍ପିତ ହୋଇଥିଲା। ମା' ମଙ୍ଗଳା ପୀଠରୁ ମଙ୍ଗଳା କ୍ୟାମ୍ପସ ଯାଏଁ ଏହି ରାଲି ସାରା କାକଟପୁରରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ରାଲି ପରେ ସଭାପତି ପ୍ରାର୍ଥୀ ଭାବେ ରେଶ୍ମୀ ନାୟକ, ଉପ-ସଭାପତି ପାଇଁ କୃଷ୍ଣଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ପାଇଁ ରୁଦ୍ର ପ୍ରକାଶ ଖୁଣ୍ଟିଆ ଏବଂ ସହ ସମ୍ପାଦିକା ଭାବେ ରାଜଶ୍ରୀ ରାଉତ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଯାଞ୍ଚ ପରେ ସେମାନଙ୍କ ପ୍ରାର୍ଥୀପତ୍ର ବୈଧ ଘୋଷଣା ହୋଇଛି।

ଏଥର ଏଭିବିପିର ସବୁଠୁ ବଡ ରଣନୀତି ହେଉଛି ମହିଳା କାର୍ଡ ଓ ଜେନ-ଜି ଫ୍ୟାକ୍ଟର। ସୋସିଆଲ ମିଡିଆରେ ରିଲ୍, ଷ୍ଟାଟସ, ଇନଷ୍ଟାଗ୍ରାମରେ ସେ ବେଶ ଲୋକପ୍ରିୟ। ତାଙ୍କର ବାକ ପଟୁତା ଓ ସଙ୍ଗଠନ ଦକ୍ଷତା ଯୋଗୁଁ ସାଧାରଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତାଙ୍କର ବେଶ ଲୋକପ୍ରିୟତା ରହିଛି। ତାଙ୍କ ମୁଖ୍ୟ ପ୍ରସଙ୍ଗ ହେଉଛି - ଛାତ୍ରୀ ସୁରକ୍ଷା, ରାଗିଂ ମୁକ୍ତ କ୍ୟାମ୍ପସ, ହଷ୍ଟେଲ ଓ କମନ ରୁମର ସମସ୍ୟା ସମାଧାନ ଏବଂ ସଂସ୍କାରଯୁକ୍ତ ଶିକ୍ଷା। ତାଙ୍କ ସହ ଥିବା ଅନ୍ୟ ୩ ପ୍ରାର୍ଥୀ କୃଷ୍ଣଚନ୍ଦ୍ର, ରୁଦ୍ର ଓ ରାଜଶ୍ରୀ ମଧ୍ୟ ଯୁବ ଓ ଉତ୍ସାହୀ ଏବଂ କ୍ୟାମ୍ପସରେ ସେମାନଙ୍କର ଭଲ ଦକ୍ଷତା ରହିଛି।

ଏହି ନିର୍ବାଚନ କେବଳ ଛାତ୍ର ସଂସଦ ନୁହେଁ, ଏହା ହେଉଛି ବଡ ରାଜନୈତିକ ସମୀକରଣ। ରାଜ୍ୟରେ ବିଜେପି ସରକାର ଅଛି, କିନ୍ତୁ କାକଟପୁର ବିଧାୟକ ଅଛନ୍ତି ବିଜେଡିର ତୁଷାରକାନ୍ତି ବେହେରା। ମଙ୍ଗଳା ମହାବିଦ୍ୟାଳୟ ହେଉଛି ତାଙ୍କର ଗଡ। ପୂର୍ବରୁ ବିଜେଡି ସମର୍ଥିତ ପ୍ରାର୍ଥୀ ଏଠାରେ ରାଜ କରୁଥିଲେ। ଏବେ ରାଜ୍ୟରେ ପରିବର୍ତ୍ତନ ପରେ ଏହି ଗଡ ବଞ୍ଚାଇବା ତାଙ୍କ ପାଇଁ ସବୁଠୁ ବଡ ଚ୍ୟାଲେଞ୍ଜ ଓ ଅଗ୍ନିପରୀକ୍ଷା ପାଲଟିଛି। କାରଣ ଆଗକୁ ପଞ୍ଚାୟତ ନିର୍ବାଚନ ରହିଛି। ଯଦି ମଙ୍ଗଳା କଲେଜରେ ବିଜେଡି ହାରେ, ତେବେ ବିଧାୟକଙ୍କ ସଙ୍ଗଠନ ଦୁର୍ବଳ ବୋଲି ପ୍ରମାଣିତ ହେବ ଏବଂ ଏହାର ସିଧା ପ୍ରଭାବ ପଞ୍ଚାୟତ ନିର୍ବାଚନରେ ପଡିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏହି ସୁଯୋଗକୁ ଏଭିବିପି ପୂରା ଭାବେ ବ୍ୟବହାର କରିବାକୁ ଚାହୁଁଛି। ରାଜ୍ୟ ସରକାରର ସହଯୋଗ ଓ ରେଶ୍ମୀଙ୍କ ଭଳି ଜେନ-ଜି ଚେହେରାକୁ ସାମ୍ନାକୁ ଆଣି କାକଟପୁରରେ ପଦ୍ମ ଫୁଟାଇବାକୁ ରଣନୀତି କରିଛି।

ଏବେ କ୍ୟାମ୍ପସର ଚା ଦୋକାନଠୁ କ୍ଲାସରୁମ ଯାଏଁ କେବଳ ଗୋଟିଏ ଚର୍ଚ୍ଚା - ତୁଷାରଙ୍କ ଗଡରେ ପଦ୍ମ ଫୁଟିବ କି ନାହିଁ? ଉତ୍ତର ପାଇଁ ୧୫ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।

## ଆକାଶଙ୍କ ନେତୃତ୍ୱରେ ବଦଳୁଛି କୋରେଇର ଚିତ୍ର, ବିକାଶର ନୂଆ ଅଧ୍ୟାୟ



କୋରେଇ, ୯।୧୦ (ସଂଚାର ବ୍ୟୁରୋ): ବିରୋଧୀଙ୍କ ବର୍ଷ ବର୍ଷର ଅବହେଳାକୁ ପଛରେ ପକାଇ କୋରେଇରେ ଏବେ ବିକାଶର ଜୁଆର। ବିଧାୟକ ଆକାଶ ଦାସ ନାୟକଙ୍କ ନେତୃତ୍ୱରେ ସ୍ୱପ୍ନର କୋରେଇ ଗଢ଼ିବା ସ୍ୱପ୍ନ ଏବେ ବାସ୍ତବ ରୂପ ନେଉଛି। ବର୍ଷ ଦିନ ଧରି ମରଣଫାନ୍ଦ ସାଜିଥିବା ପାଳେଶିତି ଗାଡ଼ି-ଜିଆପାଳ ରାସ୍ତା, ଯାହା ପୂର୍ବ ସରକାରର ଅମଳରେ ଅବହେଳିତ ହୋଇ ରହିଥିଲା, ତାହାର ଉନ୍ନତୀକରଣ ଓ ପ୍ରଶସ୍ତିକରଣ ଏବଂ ଆଇଡପୁର ସ୍କୁଲ ଠାରୁ ଅବୁଲପୁରା ପର୍ଯ୍ୟନ୍ତ ନୂଆ ରାସ୍ତା ନିର୍ମାଣର ଶୁଭ ଶିଳାନ୍ୟାସ ଆଜି ବିଧାୟକଙ୍କ ଦ୍ୱାରା ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ବିଧାୟକଙ୍କ ଲାଗି କାମୁଡ଼େଇ ପାଠରୁ ଅଖାରୀ ଛକ ପର୍ଯ୍ୟନ୍ତ ଶତାଧିକ ବାଇକ ରାଲିରେ ଜନ ସମର୍ଥନର ସୁଅ ଛୁଟିଥିଲା। ଏହା କେବଳ ଏକ ରାସ୍ତା ନୁହେଁ, ଏହା କୋରେଇର ବିକଶିତ ଭବିଷ୍ୟତର ରାସ୍ତା ବୋଲି କର୍ମୀମାନେ କହିଛନ୍ତି। ବିଜେପି ସରକାର ଯାହା କହେ, ତାହା କରେ - ଏହା ତା'ର ପ୍ରମାଣ ବୋଲି ଅଂଚଳବାସୀ ମତ ପ୍ରକାଶ କରିଛନ୍ତି।

## ମାର୍ଚ୍ଚ ୨୦୨୭ ସୁଦ୍ଧା କନ୍ଧମାଳ ଓ ବୌଦ୍ଧ ଜିଲ୍ଲା ଗଞ୍ଜେଇ ମୁକ୍ତ ହେବ



ଫୁଲବାଣୀ, ୯।୧୦ (ସଂଚାର ବ୍ୟୁରୋ): କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ନିର୍ଦ୍ଦେଶ ମାର୍ଚ୍ଚ ୨୦୨୯ ସୁଦ୍ଧା ସାରା ଭାରତ ବର୍ଷ ନିଶା ମୁକ୍ତ ହେବା ଏହି ଲକ୍ଷ୍ୟରେ ଓଡ଼ିଶା ମଧ୍ୟ ନିଶାମୁକ୍ତ ହେବ। ଆଜି କନ୍ଧମାଳ ଜିଲ୍ଲା ଫୁଲବାଣୀ ପଞ୍ଚାୟତ ଭବନ ଠାରେ ପୁଲିସ ଦ୍ୱାରା ଆୟୋଜିତ ନିଶା ମୁକ୍ତ ଓଡିଶା ଅଭିଯାନରେ ଜିରୋ କାନାବିସ୍ କଲ୍ଟିଭେସନ୍ କାର୍ଯ୍ୟକ୍ରମ ମାଧ୍ୟମରେ ପୁଲିସ ଆଇଜି ତଥା ଏନ୍‌ଟିଏଫ ହିମାଂଶୁ କୁମାର ଲାଲ କନ୍ଧମାଳ ଓ ବୌଦ୍ଧକୁ ମାର୍ଚ୍ଚ ୨୦୨୭ ସୁଦ୍ଧା ଗଞ୍ଜେଇ ମୁକ୍ତ କରାଯିବ ବୋଲି ଘୋଷଣା କରିଛନ୍ତି। ଗଞ୍ଜେଇ ମୁକ୍ତ ନିମନ୍ତେ ଯଥେଷ୍ଟ ଅର୍ଥ ଯୋଗାଇ ଦିଆଯିବା ସହ ଅଧିକ ୪୦ ପ୍ଲାଟୁନ୍ ଫୋର୍ସ ଯୋଗାଇ ଦିଆଯିବ। ଗୁଗୁଲ୍, ଷ୍ଟେଲାଇଟ ସହ ପୂର୍ବରୁ ନକ୍ସଲ ଦମନ ପାଇଁ ବ୍ୟବହୃତ ସମସ୍ତ ଡ୍ରୋନକୁ ବ୍ୟବହାର କରାଯିବା ସହ ରାଜ୍ୟ ଏବଂ ଜିଲ୍ଲାସ୍ତରରୁ ୨୪ ଘଣ୍ଟା ନଜର ରଖାଯିବ। ପ୍ରତ୍ୟେକ ଅଞ୍ଚଳ ରେଞ୍ଜର, ବିଡିଓ, ତହସିଲଦାର, ଏକ୍ସାଇଜ ବିଭାଗ ନିଜନିଜ ଅଞ୍ଚଳର ଗଞ୍ଜେଇ ଚାଷ ଉପରେ ଦୃଷ୍ଟି ରଖି ହୋଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରିବା ସହ କିଭଳି ଚାଷ ହୋଇପାରିବ ନାହିଁ ସେଥିପ୍ରତି ଦୃଷ୍ଟିଦେବେ। ପ୍ରତିମାସରେ ତାହାର ରିପୋର୍ଟ ଦେବେ। ଯେଉଁମାନେ ଚାଷ କରିବେ ସେମାନଙ୍କୁ ଅଞ୍ଚଳର ଆଇଆଇସିମାନେ ଗିରଫ କରି କୋର୍ଟଚାଲାଣ କରିବେ ଏବଂ ଯେଉଁ ଅଧିକାରୀ କିମ୍ବା କର୍ମଚାରୀ ଗଞ୍ଜେଇ ଚାଷକୁ ସହଯୋଗ କରିବେ ସେମାନଙ୍କୁ ଧାରା ୪୭ ଅନୁଯାଇ ଦଣ୍ଡିତ କରାଯିବ ବୋଲି କହିଛନ୍ତି।

## ପାଣିକୋଇଲିରେ ୩୦ ସିଫ୍ଟ ବେଆଇନ କାଠ ଜବତ, ପିକଅପ୍ ଅଟକ



ଯାଜପୁର ରୋଡ଼, ୯।୧୦ (ସଂଚାର ବ୍ୟୁରୋ): ପାଣିକୋଇଲି ୧୬ ନମ୍ବର ଜାତୀୟ ରାଜପଥରେ ବନ ବିଭାଗର ବଡ଼ ଧରଣର ଚଢ଼ାଉ। ପିକଅପ୍ ଭ୍ୟାନରେ ଚାଲାଣ ହେଉଥିବା ପ୍ରାୟ ୩୦ ସିଫ୍ଟ ଚୋରା କାଠ ଜବତ କରିଛି ଯାଜପୁର ରୋଡ଼ ବନାଅଂଚଳ। ସୂଚନା ଅନୁଯାୟୀ, ଏକ ପିକଅପ୍ ଓଡି୩୪ଡବ୍ଲୁ୫୮୪୯ ଗାଡ଼ିରେ ଚୋରା କାଠ ଯାଉଥିବା ବିଶେଷ ସୂତ୍ରରୁ ଖବର ପାଇ ରେଞ୍ଜର ପ୍ରସନ୍ନ କୁମାର ସାହୁଙ୍କ ନିର୍ଦ୍ଦେଶରେ ଫରେଷ୍ଟର ଚିତରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଟିମ୍ ପେଟ୍ରୋଲିଂ କରୁଥିଲା। ତଲାସି ବେଳେ ଗାଡ଼ିରେ ଆମ୍ବ, ଧାଉ, ଦେବଦାରୁ ଚିରା କାଠ ଥିବା ଜଣାପଡ଼ିଲା। ଚାଳକ କୌଣସି ବୈଧ କାଗଜପତ୍ର ଦେଖାଇ ନପାରିବାରୁ କାଠ ସହ ଗାଡ଼ିକୁ ଜବତ କରାଯାଇଛି। ଚଢ଼ାଉରେ ଫରେଷ୍ଟ ଗାର୍ଡ ବିଜୟ ପ୍ରଧାନ, ତ୍ରିଲୋଚନ ଦାସ, ସାଇ ସ୍ମୃତି ବିଶ୍ୱାଳ, ପ୍ରଶାନ୍ତ ମଲ୍ଲିକ ସାମିଲ ଥିଲେ। ପାଣିକୋଇଲି ପୋଲିସ ସହଯୋଗ କରିଥିଲା।

## ଚୋରି ବାଇକ ସହ ଯୁବକ ଗିରଫ



ଯାଜପୁର ରୋଡ଼, ୯।୧୦ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଞ୍ଚଳ ସହରର ରାମ୍ପାସ ଯୋଗୀସାହିରୁ ବାଇକ ଓ ମୋବାଇଲ ଚୋରି ମାମଲାରେ ଯାଜପୁର ରୋଡ଼ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗତ ୬ ତାରିଖ ରାତି ୨.୧୫ରେ ଭଡ଼ାଘରୁ ଏକ ବାଇକ ଓ ମୋବାଇଲ ଚୋରି ହୋଇଥିଲା। ଏ ନେଇ ଥାନାରେ କେସ୍ ନଂ ୫୭୬/୨୬ ରୁଜୁ ହୋଇଥିଲା। ପୁଲିସ ତଦନ୍ତ କରି ଯୋଗୀସାହିର ବନମାଳୀ ସୋଏ-ଟାର୍ଜନ (୨୬)କୁ ଗିରଫ କରି ଚୋରି ବାଇକ ଓ ମୋବାଇଲ ଜବତ କରିଛି। ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ସରକାରୀ ଜମି ଜବରଦଖଲ, ବଢୁଛି ଅସନ୍ତୋଷ



ବାଲିଅନ୍ତା, ୯।୧୦ (ସଂଚାର ବ୍ୟୁରୋ): ବାଲିଅନ୍ତା ତହସିଲ ଅଧୀନ ବାଲିଅନ୍ତା ପଞ୍ଚାୟତ ଧମିଲୋ ଗ୍ରାମରେ ଥିବା ଗ୍ରାମ୍ୟ ଜଙ୍ଗଲ କିସମ ଯାହା ଖାତା ନମ୍ବର ୩୩୯ ପ୍ଲଟ ନମ୍ବର ୧୯୩/୪୭୫ ଭିବିଜିଆର୍‌ଏଏମ୍‌ଜି ଅନ୍ତର୍ଭୁକ୍ତ "ଏକ ପେଡ ମା କି ନାମ" ଯୋଜନାରେ ବାଲିଅନ୍ତା ପଞ୍ଚାୟତ ସମିତି ତରଫରୁ ୭୦୦ ବୃକ୍ଷ ଚାରା ରୋପଣ କରିବାର କାର୍ଯ୍ୟକ୍ରମ ଚାଲୁଥିଲା ବେଳେ ଉକ୍ତ ଜମିରେ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ ଶେଷ ହୋଇଥିବା ବେଳେ ଧମିଲ ଗ୍ରାମର କିଛି ମୁଷ୍ଟିମେୟ ଲୋକ ବୃକ୍ଷ ଲାଗୁଥିବା ଜାଗା ଆମର ବୋଲି କହି ଗଛ ଲଗା କାର୍ଯ୍ୟକ୍ରମ ବନ୍ଦ କରିଥିଲେ। ଏହାପରେ ଟ୍ରାକ୍ଟର ଡାକି ଉକ୍ତ ପଡିଆରେ ବିରି ଓ ମୁଗ ବିହନ ରୋପଣ କରି ଚାଲିଯାଇଥିବାର ଦେଖିବାକୁ ମିଳିଥିଲା। ପରେ ଯେଉଁ ଗଛ ଗୁଡିକ ଲାଗିଛି ସେଥିରେ ପାଣି ଦେବାକୁ ମଧ୍ୟ ବରଣ କରିଥିଲେ। ସ୍ଥାନୀୟ ସରପଞ୍ଚ ଉକ୍ତ ଘଟଣା ସମ୍ପର୍କରେ ତହସିଲଦାରଙ୍କୁ ଲିଖିତ ଜଣାଇଛନ୍ତି ଥିଲେ ହିଁ ପ୍ରଶାସନ ଏପର୍ଯ୍ୟନ୍ତ କିଛି ଆଖିଦୃଷ୍ଟିଆ ପଦକ୍ଷପ ଗ୍ରହଣ ନ ନେଇ ବସିଛନ୍ତି। ସେପଟେ ଲାଗିବାକୁ ଥିବା ଚାରା ଗୁଡିକ ଶୁଖିବା ଓ ଲାଗୁଥିବା ଗଛରେ ପାଣି ଦେବାକୁ ମଧ୍ୟ ଏହି ବୃକ୍ଷ ବିରୋଧୀ ଲୋକ ମାନେ ବରଣ କରୁଛନ୍ତି। ଏହି ବିଷୟ ସ୍ଥାନୀୟ ପରିବେଶବିତି ଓ ବୁଦ୍ଧିଜୀବୀ ଏନେଇ ଅସନ୍ତୋଷ ପ୍ରକାଶ କରି ଏଠାରେ ଜଙ୍ଗଲ ଜମିରେ ଜଙ୍ଗଲ ସୃଷ୍ଟି କରାଯାଉ ବୋଲି ଦାବୀ କରୁଛନ୍ତି। ଦେଖିବାକୁ ରହିଲା ପ୍ରଶାସନ କି ପ୍ରକାର ପଦକ୍ଷପ ନେଉଛି।

## ସୋଆ ଆଇଟିଇଆର ଏନ୍‌ଏସ୍‌ଏସ୍ ୟୁନିଟ୍‌ର ସ୍ୱତନ୍ତ୍ର ଶିବିର ଆୟୋଜିତ



ଭୁବନେଶ୍ୱର, ୯।୧୦ (ସଂଚାର ବ୍ୟୁରୋ): ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଆର)ର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ହରପୁର ଓ କାଶୀପୁର ଗ୍ରାମରେ ସେପ୍ଟେମ୍ବର ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ଏକ ସାତ ଦିନିଆ ସ୍ୱତନ୍ତ୍ର ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଗ୍ରାମବାସୀଙ୍କ ସହ ମିଳିତ ଭାବେ ସ୍ୱଚ୍ଛତା, ନିଶା ନିବାରଣ, ବୟସ୍କଙ୍କ ସେବା ଓ ଶିକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

ଗ୍ରାମବାସୀଙ୍କ ଆବଶ୍ୟକତା ଓ ସ୍ଥାନୀୟ ପରିସ୍ଥିତି ବୁଝିବା ପାଇଁ ସର୍ବେକ୍ଷଣରୁ ଶିବିରର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ସ୍ୱେଚ୍ଛାସେବୀମାନେ ଗ୍ରାମର ମନ୍ଦିର ପରିସର ସଫା କରିବା ସହ ସାର୍ବଜନୀନ ସ୍ଥାନ ଗୁଡ଼ିକୁ ପରିଷ୍କାର ରଖିବାକୁ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। 'ନଶା ମୁକ୍ତ ଯୁବା ଫର ବିକଶିତ ଭାରତ' କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀମାନେ ନିଶାମୁକ୍ତ ସମାଜ ଗଠନ ପାଇଁ ମିଳିତ ଭାବେ ଶପଥ ନେଇଥିଲେ।

'ବୟୋ ସେବା' ମାଧ୍ୟମରେ ସ୍ୱେଚ୍ଛାସେବୀମାନେ ବୟସ୍କ ବ୍ୟକ୍ତିଙ୍କ ପ୍ରତି ସ୍ନେହ, ସମ୍ମାନ ଓ ଦାୟିତ୍ୱବୋଧ ପ୍ରକାଶ କରିବା ନିମନ୍ତେ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମର ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହା ସହ ଶତାଧିକ ଗାଈ ରହୁଥିବା ଏକ ଗୋଶାଳାରେ ସ୍ୱେଚ୍ଛାସେବୀମାନେ ସଫେଇ କାର୍ଯ୍ୟ କରିଥିଲେ।

ଉଦଯାପନୀ ସମାରୋହରେ ଆଇଟିଇଆରର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ, ସୋଆ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କମଳ ଲୋଚନ ମହନ୍ତ, ଆଇଟିଇଆର ଏନ୍‌ଏସ୍‌ଏସ୍ ୟୁନିଟ୍- ୧ର କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ପଦ୍ମଜା ପଟେଲ ଏବଂ ୟୁନିଟ୍- ୨ର କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଶିବ ପ୍ରସାଦ ତ୍ରିପାଠୀ ଉପସ୍ଥିତ ଥିଲେ। ପ୍ରଫେସର ସାହୁ ଏନ୍‌ଏସ୍‌ଏସ୍ ଓ ସମାଜସେବା ମାଧ୍ୟମରେ ଚରିତ୍ର ଗଠନ କରିବାକୁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଡକ୍ଟର ମହନ୍ତ ସ୍ୱତନ୍ତ୍ର ଶିବିରରେ ଏନ୍‌ଏସ୍‌ଏସ୍ ୟୁନିଟଗୁଡ଼ିକର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ।

# ସରିଲା ନାମାଙ୍କନ, ଜମିବ ପ୍ରଚାର

**● ବିଶାଳ ପଟୁଆରରେ ନାମାଙ୍କନ ଭରିଲେ ପ୍ରାର୍ଥୀ ● ଲଢ଼େଇ ପାଇଁ ଅଣ୍ଟା ଭିଡ଼ିଲେ ଛାତ୍ର ନେତା**



ହିଞ୍ଜିଳିକାଟୁ, ୯।୧୦ (ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନକୁ ନେଇ ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଦେଖିବାକୁ ମିଳିଛି ଉତ୍ସାହ ଓ ଉତ୍କଣ୍ଠା । ଆଜି ନାମାଙ୍କନ ଦାଖଲ ଥିବାରୁ ଏବିଭିପି ଓ ବିସିଜେଡି ପ୍ରାର୍ଥୀମାନେ ନାଚି ନାଚି, ବାଜା ବଜାଇ, ଫୁଲମାଳ ପିନ୍ଧି ଏକ ପଟୁଆରରେ କଲେଜ୍ ସମ୍ମୁଖରେ ପହଞ୍ଚିଥିଲେ। ଏହାପରେ ନିଜ ନିଜର ନାମାଙ୍କନପତ୍ର ଦାଖଲ କରିଥିଲେ। ନୋମିନେସନ ଆରମ୍ଭରୁ ନିଜ ନିଜ ସମର୍ଥକଙ୍କ ସହ ପ୍ରାର୍ଥୀମାନେ ଶକ୍ତି ପ୍ରଦର୍ଶନ କରିଥିଲେ | ପ୍ରାର୍ଥୀ ମାନେ ଛାତ୍ରୀଛାତ୍ରଙ୍କୁ ନାନାଦି ଆଶ୍ୱାସନା ଦେଇ ରଣାଙ୍ଗନକୁ ଓହ୍ଲାଇଛନ୍ତି।

ଦୀର୍ଘ ୮ ବର୍ଷ ପରେ କ୍ୟାମ୍ପସ୍‌କୁ ରାଜନୀତି ଫେରିଥିବାରୁ କ୍ଲାସ୍‌ରୁମ୍‌ରୁ ହଷ୍ଟେଲ ସବୁଠି କୋଳାହଳ । ଛାତ୍ର ସଂସଦ ନିର୍ବାଚନରେ ମୌଳିକ ସୁବିଧା, ଭିତ୍ତିଭୂମି, କ୍ୟାମ୍ପସରେ ସୁରକ୍ଷା, ହଷ୍ଟେଲ ସମସ୍ୟାର ସମାଧାନ ପ୍ରମୁଖ ପ୍ରସଙ୍ଗ ପାଲଟିବ ନେଇ କୁହାଯାଉଛି | ତେବେ ଆଜି ସକାଳ ୧୦ଟାରୁ ଅପରାହ୍ଣ ୧ଟା ମଧ୍ୟରେ ପ୍ରାର୍ଥୀମାନେ ନିଜ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ ନେଇ ରହିଛି ଓ ଅପରାହ୍ଣ ୩ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ |

ନାମାଙ୍କନ ଦାଖଲ ପରେ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ରଣନୀତି ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ କ୍ୟାମ୍ପସ୍‌ରେ ନିର୍ବାଚନୀ ମାହୋଲ ଉଷ୍ମ ହୋଇଛି। ଆଜିଠୁ କିଏ କେତେ ପିଲାଙ୍କୁ ନିଜ ଆଡ଼କୁ ଟାଣିପାରିବ, ଚାଲିବ ବଳ କଷାକଷି। ନାମାଙ୍କନ ଦାଖଲ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ, ସେଥିପାଇଁ କଲେଜ ପକ୍ଷରୁ ଓ ପୁଲିସ ପ୍ରଶାସନ ପକ୍ଷରୁ କ୍ୟାମ୍ପସରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ସଜାଗ ରହିଥିଲା | ତେବେ ଛାତ୍ରଛାତ୍ରୀ କାହା ଉପରେ ଭରସା କରୁଛନ୍ତି ଏବଂ କେଉଁ ସଂଗଠନ ବାଜିମାତ କରୁଛି, ତାହା ଅକ୍ଟୋବର ୧୫ ତାରିଖରେ ହିଁ ସ୍ପଷ୍ଟ ହେବ । ଛାତ୍ର ସଂସଦ ନିର୍ବାଚନରେ ସମ୍ଭାବ୍ୟ ହିସାଂକୁ ନେଇ କ୍ୟାମ୍ପସରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉପରେ ହିଞ୍ଜିଳି ପୋଲିସର ଫୋକସ୍ ରହିଛି |

## ୧୪୯ତମ ଗୋପବନ୍ଧୁ ଜୟନ୍ତୀ ପାଳିତ

*ବିଜେଡିର ଜନସମ୍ପର୍କ ପଦଯାତ୍ରା, ବିଜେପିର ସଂକଳ୍ପ ଶୋଭାଯାତ୍ରା; ପଞ୍ଚସଖା ସ୍ମୃତିପୀଠରେ ସର୍ବଧର୍ମ ସମନ୍ୱୟ ସଭା*



ସତ୍ୟବାଦୀ, ୯।୧୦ (ସଂଚାର ବ୍ୟୁରୋ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ଜନ୍ମଜୟନ୍ତୀ ସତ୍ୟବାଦୀରେ ବିଭିନ୍ନ କାର୍ଯ୍ୟକ୍ରମ ସହ ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ବିଜେଡି ପକ୍ଷରୁ ବିଶାଳ ଜନସମ୍ପର୍କ ପଦଯାତ୍ରା, ବିଜେପି ପକ୍ଷରୁ ବାଇକ ଶୋଭାଯାତ୍ରା ଏବଂ ସତ୍ୟବାଦୀ ସଂଗଠନ ପକ୍ଷରୁ ସର୍ବଧର୍ମ ସମନ୍ୱୟ ସଭା ଆୟୋଜିତ ହୋଇଥିଲା।

ବିଜେଡି ପକ୍ଷରୁ ବ୍ଲକ ଛକସ୍ଥିତ ବାଟ ମହାବୀର ମନ୍ଦିରଠାରୁ ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ବାହାରି ବକୁଳବନସ୍ଥିତ ପଞ୍ଚସଖାଙ୍କ ସମାଧିପୀଠରେ ପହଞ୍ଚିଥିଲା। ଏଥିରେ ବିଜେଡିର ରାଜ୍ୟସ୍ତରୀୟ ନେତାମାନେ ଯୋଗଦେଇଥିଲେ। ସମାଧିପୀଠରେ ପଞ୍ଚସଖାଙ୍କୁ ମାଲ୍ୟାର୍ପଣ ପରେ ବିଜେଡି ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ନେତାମାନେ ଯୋଗଦେଇଥିଲେ। ସେଠାରେ ସେମାନେ ସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ସମାଲୋଚନା କରିବା ସହ ଆଗାମୀ ଦିନରେ ଦଳକୁ ଆହୁରି ସୁଦୃଢ଼ କରିବା ପାଇଁ ଦଳୀୟ କର୍ମୀ ଓ ସମର୍ଥକଙ୍କୁ ଆହ୍ୱାନ ଦେଇଥିଲେ।

ଅନ୍ୟପକ୍ଷରେ ବିଜେପି ପକ୍ଷରୁ ସାଂସଦ ସମ୍ବିତ ପାତ୍ର ଓ ବିଧାୟକ ଓମପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ କଣାସ ବ୍ଲକର ଜଙ୍କିଆ-ଗଡ଼ସାହିଠାରୁ ଏକ ବାଇକ ଶୋଭାଯାତ୍ରା ବାହାରି ସୁଆଣ୍ଡୋ ଅଭିମୁଖେ ଯାଇଥିଲା। ସତ୍ୟବାଦୀଠାରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଶୋଭାଯାତ୍ରାରେ ସାମିଲ ହୋଇ ପଞ୍ଚସଖାଙ୍କ ସ୍ମୃତିପୀଠରେ ମାଲ୍ୟାର୍ପଣ କରିଥିଲେ। ପରେ ସେ ସୁଆଣ୍ଡୋସ୍ଥିତ ଗୋପବନ୍ଧୁଙ୍କ ଜନ୍ମପୀଠ ଅଭିମୁଖେ ଯାତ୍ରା କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ସତ୍ୟବାଦୀ ସଂଗଠନ ପକ୍ଷରୁ ବକୁଳବନସ୍ଥିତ ପଞ୍ଚସଖାଙ୍କ ପବିତ୍ର ସ୍ମୃତିପୀଠରେ ପ୍ରତିବର୍ଷ ଭଳି ସର୍ବଧର୍ମ ସମନ୍ୱୟ ସଭା ଆୟୋଜିତ ହୋଇଥିଲା ଓ ପ୍ରତିନିଧିମାନେ ନିଜ ନିଜ ଧର୍ମର ପବିତ୍ର ପଙ୍କ୍ତି ପାଠ କରି ପଞ୍ଚସଖାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ



ସୁନ୍ଦରଗଡ଼, ୯।୧୦ (ସଂଚାର ବ୍ୟୁରୋ): ବାଦ୍ ପଡ଼ିଥିବା ଭୋଟର ତଥା ନୂତନ କରି ଭୋଟର ହୋଇଥିବା ବା ଯୁବ ଭୋଟର ମାନଙ୍କ ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ। ଏହି ସ୍ୱତନ୍ତ୍ର ଅଭିଯାନର ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାରେ ନାମ ନଥିବା କିମ୍ବା ନାମ କଟିଯାଇଥିବା କୌଣସି ବି ବ୍ୟକ୍ତି ଯେକୌଣସି ସମୟରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଏହି ଅବସରରେ ଶୁକ୍ରବାର ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଜୟ ନାରାୟଣ ତ୍ରିପାଠୀ, ପର୍ଶୁରାମ ସରାଫ, ଅଜିତ୍ ପ୍ରସାଦ,ଭେଷଜ ରଥ, ରାଜେନ୍ଦ୍ର ପଟେଲ, ରାଧା ନମନ ପଟେଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଏହି ପରିପ୍ରେକ୍ଷୀରେ ବିଏଲଓମାନେ ୩୧ ଅକ୍ଟୋବର ସୁଦ୍ଧା ଏସଆଇଆର୍ ପ୍ରକ୍ରିୟା ସମୟରେ କଟିଯାଇଥିବା ସମସ୍ତ ଭୋଟରଙ୍କ ନାମ ପୁନଃ ଯାଞ୍ଚ କରିବେ ଏବଂ ବାଦ୍ ପଡ଼ିଥିବା ଭୋଟର ତଥା ନୂତନ ଭୋଟର ମାନଙ୍କ ନାମ ଭୋଟର ତାଲିକା ରେ ଅନ୍ତର୍ଭୁକ୍ତ କରିବା ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବେ। ସେହିଭଳି ନଭେମ୍ବର ୨ ତାରିଖ ଦିନ ବିଏଲଓ ମାନେ ଏହି ତାଲିକାକୁ ବୁଥସ୍ତରୀୟ ଏଜେଣ୍ଟ ଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ସେୟାର କରିବେ। ସେହିଭଳି ନଭେମ୍ବର ୪ ତାରିଖ ଦିନ ବିଏଲଓ ମାନେ ଯାଞ୍ଚ ଶେଷ ହୋଇଥିବା ନିଶ୍ଚିତ କରି କମ୍ପ୍ଲାଏନ୍ସ ରିପୋର୍ଟ ଦାଖଲ କରିବେ ଏବଂ ଫର୍ମ-୬ ମାଧ୍ୟମରେ ପୁନଃ ଯୋଡ଼ାଯାଇଥିବା ଭୋଟରଙ୍କ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ।

ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଟ୍ଟନାୟକ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ଏହି ସ୍ୱତନ୍ତ୍ର ଅଭିଯାନରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଆଥେଲେଟିକ୍ସରେ ଜିଲ୍ଲାର କ୍ରୀଡ଼ାବିତଙ୍କୁ ୮ ପଦକ



ମାଲକାନଗିରି, ୯।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଠାରେ ଗତ ୩ରୁ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ୭୦ତମ ରାଜ୍ୟ ବିଦ୍ୟାଳୟ ସମୂହ ଆଥେଲେଟିକ୍ସ ପ୍ରତିଯୋଗିତାରେ ମାଲକାନଗିରି ଜିଲ୍ଲାର କ୍ରୀଡାବିତ୍ ମାନେ ଚମତ୍କାର ପ୍ରଦର୍ଶନ କରି ୮ଟି ପଦକ ହାସଲ କରିଛନ୍ତି ।

୧୪ ବର୍ଷରୁ କମ ବାଳକ ବିଭାଗରେ ସରକାରୀ ଏସ୍. ଏସ୍. ଡି ବିଦ୍ୟାଳୟନ, ମୁଦୁଲିପଡାର ଛାତ୍ର ପୀତବାସ ଶିଷା ୪୦୦ମି. ଦୌଡରେ ସ୍ୱର୍ଣ୍ଣପଦକ, ୧୦୦ ମି. ଦୌଡରେ ବ୍ରୋଞ୍ଜ ପଦକ, ୨୦୦ ମି. ଦୌଡରେ ବ୍ରୋଞ୍ଜ ପଦକ ଓ ୪/୧୦୦ ମି. (ଦଳଗତ ) ରିଲେରେ ସ୍ୱର୍ଣ୍ଣପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ହାସଲ କରିଛନ୍ତି।

ସେହିପରି ୧୪ ବର୍ଷରୁ କମ୍ ବାଳକ ବିଭାଗରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କିଆଙ୍ଗର ମହେନ୍ଦ୍ର ନାୟକ ଉଚ୍ଚଡିଆଁରେ ରୌପ୍ୟ ପଦକ, ରିଲେ ଦୌଡ଼ରେ ସ୍ୱର୍ଣ୍ଣ ପଦକ, ସଦାଖିଲ ରିଲେ ଦୌଡରେ ସ୍ୱର୍ଣ୍ଣପଦକ, ରାଜେଶ ଗୋଲରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଆର୍ ଏସ ସି -୬ ଡିସ୍-କସ୍ ଥ୍ରୋରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

୧୪ ବର୍ଷରୁ କମ୍ ବାଳିକା ବିଭାଗରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଦଳପତିଗୁଡାର ଛାତ୍ରୀ କରିନା ଦଳପତି ସଟ୍-ପୁଟ୍ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଓ ୧୭ ବର୍ଷରୁ କମ୍ ବଳକ ବିଭାଗରେ ୪/୧୦୦ ମି. ରିଲେ ଦୌଡ଼ରେ ଜଗନ୍ନାଥ ନାୟକ, ଆକାଶ ବନ୍ଦମ୍, ସଲିମ ମାଡକାମୀ, ଅଭି ମାଡକାମି, ୩ୟ ସ୍ଥାନ ହାସଲ କାରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଏହି ପ୍ରତିଯୋଗିତାରେ ମାଲକାନଗିରି ଜିଲ୍ଲାକୁ ୨ଟି ସ୍ୱର୍ଣ୍ଣ, ୧ଟି ରୋପ୍ୟ ଓ ୫ଟି ବ୍ରୋଞ୍ଜ ପଦକ ସମେତ ମୋଟ ୮ଟି ପଦକ ମିଳିଛି। ମାଲକାନଗିରି ଜିଲ୍ଲାର ଏହି ସଫଳତା ଜିଲ୍ଲାର କ୍ରୀଡା ଜଗତରେ ଉତ୍ସାହ ସୃଷ୍ଟି କରିଛି।

# ବାରୁଆଁ ମୁଣ୍ଡାସାହି ରାସ୍ତା ନିର୍ମାଣକୁ ନେଇ ସଙ୍ଗୀନ ଅଭିଯୋଗ

**ଜଙ୍ଗଲ ନଷ୍ଟ ଓ ପାହାଡ଼ରୁ ମୋରମ ଉତ୍ତୋଳନ ଅଭିଯୋଗ**

**ବ୍ଲକ ପ୍ରଶାସନ ଓ ବନ ବିଭାଗ ନିରବ**



ଆନନ୍ଦପୁର, ୯।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତର ବାରୁଆଁ ମୁଣ୍ଡାସାହି ରାସ୍ତା ନିର୍ମାଣକୁ ନେଇ ଉଠିଛି ସଙ୍ଗୀନ ଅଭିଯୋଗ। ଲୋକଙ୍କ ଗମନାଗମନ ସୁବିଧା ପାଇଁ ରାସ୍ତା ନିର୍ମାଣକୁ ସ୍ୱାଗତ କରାଯାଉଥିବା ବେଳେ, ଏହାରି ଆଳରେ ଜଙ୍ଗଲ ନଷ୍ଟ ଓ ପାହାଡ଼ରୁ ମରମ ଉତ୍ତୋଳନ କରାଯାଉଥିବା ଅଭିଯୋଗ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏପରିକି ନିର୍ମାଣ କାର୍ଯ୍ୟସ୍ଥଳରେ ସୂଚନା ଫଳକ ନଥିବାରୁ କାମର ସ୍ୱଚ୍ଛତା ଓ ନିୟମାନୁଯାୟୀ ନିର୍ମାଣକୁ ନେଇ ପ୍ରଶ୍ନ ଉଠିଛି।

ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ପାଇଁ ଜଙ୍ଗଲ ଅଞ୍ଚଳ ସଫା କରାଯିବା ସହ ପାହାଡ଼ରୁ ମରମ ଖୋଳାଯାଉଛି। ଫଳରେ ବହୁ ଗଛ ନଷ୍ଟ ହେଉଥିବା ସହ ପାହାଡ଼ିଆ ଅଞ୍ଚଳରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଉଥିବା କୁହାଯାଉଛି। ଏଭଳି କାର୍ଯ୍ୟ ଜଙ୍ଗଲର ପରିବେଶ ସନ୍ତୁଳନକୁ ପ୍ରଭାବିତ କରିବା ସହ ବନ୍ୟଜନ୍ତୁ ଓ ପକ୍ଷୀମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ, ବର୍ଷା ଋତୁରେ ପାହାଡ଼ କଟାଯିବା ଯୋଗୁଁ ମାଟି ଧସିବା ଓ ପାହାଡ଼ ଭୁସୁଡ଼ିବାର ଆଶଙ୍କା ଥିବା ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକାଶ କରିଛନ୍ତି। ଏହାଦ୍ୱାରା ପାହାଡ଼ ତଳେ ବସବାସ କରୁଥିବା ପରିବାରଗୁଡ଼ିକର ସୁରକ୍ଷା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ତେବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏହି ନିର୍ମାଣ କାର୍ଯ୍ୟ ପାଇଁ ଜଙ୍ଗଲ ଅଞ୍ଚଳରୁ ମରମ ଉତ୍ତୋଳନ କରିବାକୁ କିଏ ଅନୁମତି ଦେଇଛି? ପାହାଡ଼ କାଟିବା ଓ ଗଛ କାଟିବା ପାଇଁ ଆବଶ୍ୟକ ଅନୁମୋଦନ ନିଆଯାଇଛି କି? ଏହି କାମର ଅନୁମୋଦିତ ଅର୍ଥରାଶି କେତେ ଏବଂ କେଉଁ ବିଭାଗ କିମ୍ବା ଠିକା ସଂସ୍ଥା ଏହାର ନିର୍ମାଣ ଦାୟିତ୍ୱ ନେଇଛି? କାର୍ଯ୍ୟସ୍ଥଳରେ ସୂଚନା ଫଳକ ନଥିବାର କାରଣ କ'ଣ? ଏହି ସମସ୍ତ ପ୍ରଶ୍ନ ମଧ୍ୟରେ ଆନନ୍ଦପୁର ବ୍ଲକ ପ୍ରଶାସନ ଓ ବନ ବିଭାଗର ଭୂମିକାକୁ ନେଇ ମଧ୍ୟ ଆଲୋଚନା ଜୋର ଧରିଛି।

ରାସ୍ତା ନିର୍ମାଣ ଦ୍ୱାରା ଗ୍ରାମବାସୀଙ୍କ ଯାତାୟାତ ସୁବିଧା ବଢ଼ିବା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଉନ୍ନୟନ କାର୍ଯ୍ୟ ନାଁରେ ଜଙ୍ଗଲ ଓ ପରିବେଶର କ୍ଷତି ହେବା ଉଚିତ ନୁହେଁ ବୋଲି ମତ ପ୍ରକାଶ ପାଇଛି। ତେଣୁ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରି ଅନୁମୋଦିତ ଅର୍ଥରାଶି, ନିର୍ମାଣର ମାନ, ମରମ ଉତ୍ତୋଳନର ଅନୁମତି ଓ ଜଙ୍ଗଲ କ୍ଷୟକ୍ଷତି ସମ୍ପର୍କିତ ତଥ୍ୟ ସାର୍ବଜନୀନ କରିବାକୁ ଦାବି ହେଉଛି।

### ଜମନକିରା ଓ ରେଙ୍ଗାଲିରେ 'ସେବା ସେତୁ ଶିବିର' ଅନୁଷ୍ଠିତ

# ବିସ୍ଥାପିତଙ୍କ ଅଧିକାର ପାଇଁ ସରକାର ସମ୍ବେଦନଶୀଳ

### ବିନା ହାତଗୁଞ୍ଜାରେ ହିତାଧିକାରୀଙ୍କ ପାଖରେ ପହଞ୍ଚୁ ସରକାରୀ ସହାୟତା



ଜମନକିରା/ରେଙ୍ଗାଲି,୯।୧୦(ସଂଚାର ବ୍ୟୁରୋ): ଶିଳ୍ପାଞ୍ଚଳ ଦ୍ୱାରା ସୃଷ୍ଟି ହେଉଥିବା ପ୍ରଦୂଷଣ, ରୋଜଗାର, ଜମିର ମୂଲ୍ୟାଙ୍କନ ଓ ବିସ୍ଥାପିତଙ୍କ ନ୍ୟାୟୋଚିତ ଅଧିକାର ପାଇଁ ସରକାର ସମ୍ପୂର୍ଣ୍ଣ ସଂବେଦନଶୀଳ। ସ୍ଥାନୀୟ ଲୋକଙ୍କ ମୌଳିକ ଜୀବନଜୀବିକା ଓ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପ୍ରଶାସନିକ ସ୍ତରରେ ବ୍ୟାପକ ପଦକ୍ଷେପ ନିଆଯାଉଛି ବୋଲି ଆଜି ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଜମନକିରା ଓ ରେଙ୍ଗାଲିଠାରେ ଆୟୋଜିତ ପ୍ରଥମ 'ସେବା ସଂକଳ୍ପ ଅଭିଯାନ' ଅଧୀନରେ 'ସେବା ସେତୁ ଶିବିର'ରେ ଯୋଗଦେଇ କହିଛନ୍ତି ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ସେବା ସେତୁ ଶିବିର କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କୁ ସହାୟତା ଓ ସାମାଜିକ ସୁରକ୍ଷା ଭତ୍ତା ବିତରଣ କରିଥିଲେ। ଜମନକିରାଠାରେ ଆୟୋଜିତ ସଭାରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଗତ ୨୫ ବର୍ଷର ସେବା ପ୍ରୟାସ ଦେଶରେ ବିକାଶର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଗରିବ, ମହିଳା, ଚାଷୀ, ଆଦିବାସୀ ଓ ଯୁବବର୍ଗଙ୍କ ସର୍ବାଙ୍ଗୀଣ ବିକାଶ ହିଁ ଏହି ସେବା ମଡେଲର ମୁଖ୍ୟ ଆଧାର। ଓଡ଼ିଶା ସରକାରଙ୍କ ଦ୍ୱାରା ଗାଁଙ୍କରେ ବହୁ ଅପେକ୍ଷିତ ନୂତନ ବୟସ୍କ ଗୁରୁଜନ ଓ ନିରାଶ୍ରୟମାନଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଦେବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି, ଯାହା ନିକଟ ଅତୀତରେ ଏକ ଐତିହାସିକ ପଦକ୍ଷେପ। ଏହି ଯୋଜନା ଅଧୀନରେ ଜମନକିରା ବ୍ଲକର ୬୦୦ରୁ ଊର୍ଦ୍ଧ୍ୱ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ପୂର୍ବରୁ ଆବେଦନ କରିଥିବା ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ବିନା ମଧ୍ୟସ୍ଥତାରେ ଓ ବିନା ହାତଗୁଞ୍ଜାରେ ଅନଲାଇନ୍ ବ୍ୟବସ୍ଥା ମାଧ୍ୟମରେ ସିଧାସଳଖ ଭତ୍ତା ପ୍ରଦାନ ସୁନିଶ୍ଚିତ କରିବାକୁ ସେ ସ୍ଥାନୀୟ ବିଡିଓ ଓ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରେଙ୍ଗାଲିଠାରେ ଆୟୋଜିତ 'ସେବା ସେତୁ' କାର୍ଯ୍ୟକ୍ରମରେ ସାଂସଦ ଶ୍ରୀ ପ୍ରଧାନ କହିଛନ୍ତି ଯେ ହୀରାକୁଦ ଜଳଭଣ୍ଡାରର ବିସ୍ଥାପିତ ପରିବାର ଓ ବୀର ସୁରେନ୍ଦ୍ର ସାଏଙ୍କ ଏହି ପବିତ୍ର ଭୂମିର ମୌଳିକ ସମସ୍ୟା ସହ ସେ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଉପସ୍ଥିତ ଥିଲେ।



### କାଠଯୋଡ଼ି ନଦୀପଠାରୁ ମୃତଦେହ ଉଦ୍ଧାର ଘଟଣା

# ହାତରେ ଥିବା ଟାଟୁ ଦେବ ପରିଚୟ!

କଟକ,୯।୧୦(ସଂଚାର ବ୍ୟୁରୋ): କଟକ କାଠଯୋଡ଼ି ନଦୀପଠାରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାରେ ନୂଆ ଟ୍ୱିଷ୍ଟ। ମୃତକଙ୍କ ହାତରେ ଥିବା ଟାଟୁ ଆଧାରରେ ଚିହ୍ନଟ ପାଇଁ ପୁଲିସ ଉଦ୍ୟମ କରୁଛି। ମହିଳାଙ୍କ ହାତରେ ଥିବା ଟାଟୁରେ 'ଅଭିନାଶ ଗୌରୀ' ବୋଲି ଲେଖା ରହିଛି। ଦୁଇ ଶବ୍ଦ ମଝିରେ ରହିଛି ଗୋଟିଏ ପ୍ରଜାପତିର ଚିହ୍ନ ରହିଥିବା ବେଳେ ଅନ୍ୟ ହାତରେ ଶର୍ଟରେ 'ଏଜି' ଲେଖା ରହିଛି। ମୃତକ ଜଣେ ବିବାହିତା ବୋଲି ପୁଲିସ ଅନୁମାନ କରିଛି। ପ୍ରାଥମିକ ତଦନ୍ତରୁ ଦୁଷ୍କର୍ମ ନେଇ କୌଣସି ପ୍ରମାଣ ମିଳିନାହିଁ। ମୃତ ମହିଳାଙ୍କ ସମ୍ପର୍କରେ ସୂଚନା ମିଳିଲେ ହ୍ୱାଟସଆପ ନମ୍ବର- ୮୨୮୦୩୩୮୩୦ରେ ଯୋଗାଯୋଗ କରିବା ପାଇଁ ପୁଲିସ୍ ପକ୍ଷରୁ ଅପିଲ୍ କରାଯାଇଛି। ଘଟଣାସ୍ଥଳରୁ ସାଇଣ୍ଟିଫିକ୍ ଟିମ୍ ହାତରେ କିଛି ତଥ୍ୟ ପ୍ରମାଣ ଲାଗିଛି। ଏଥିସହ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରୁଥିବା କଟକ ଡିସିପି ଋଷିକେଶ ଖିଲାରି ସୂଚନା ଦେଇଛନ୍ତି।

# ସେବା ଓ ବିକାଶରେ ବିଶ୍ୱାସ କରେ ବିଜେଡି

● ଡବଲ ଇଞ୍ଜିନ ସରକାର ଓଡ଼ିଶାର ଛବିକୁ ମଳିନ କରିଛି



ଭୁବନେଶ୍ୱର, ୯।୧୦ (ସଂଚାର ବ୍ୟୁରୋ): ଡବଲ ଇଞ୍ଜିନ ସରକାର ଉପରେ ଜୋରଦାର ଆକ୍ରମଣ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ ବିଜେଡି ସେବାରେ ବିଶ୍ୱାସ କରେ, ବିକାଶରେ ବିଶ୍ୱାସ କରେ। ବିଜେଡି ସରକାର ସମୟରେ ଦ୍ରୁତ ବିକାଶ ପାଇଁ ଓଡ଼ିଶା ସାରା ଦେଶରେ ଏକ ମଡେଲ ରାଜ୍ୟ ହୋଇପାରିଥିଲା। ହେଲେ ଏହି ଅପାରଗ ସରକାର, ଡବଲ ଇଞ୍ଜିନ ସରକାର, ଅଢ଼େଇ ବର୍ଷରେ ଓଡ଼ିଶାର ଛବିକୁ ପୂରା ମଳିନ କରିସାରିଲେଣି ବୋଲି କହି ସେ କ୍ଷୋଭ ପ୍ରକାଶ କରିଥିଲେ। ପଦଯାତ୍ରା ସମୟରେ ଡବଲ ଇଞ୍ଜିନ ସରକାରର ବିଫଳତାକୁ ପ୍ରତି ଘରେ ଘରେ ପହଞ୍ଚାଇ ଲୋକଙ୍କୁ ସଚେତନ କରିବାକୁ ନବୀନ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ନବୀନ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବିଧାୟକ ସୁଶାନ୍ତ ରାଉତରାୟ କହିଥିଲେ ଯେ ବର୍ତ୍ତମାନର ବିଜେପି ସରକାର ଓଡ଼ିଶା ପ୍ରତି ଅବହେଳା ପ୍ରଦର୍ଶନ କରୁଛି। ସଂଶୋଧିତ ଏମ୍ଏମ୍ଡିଆର୍ ଆଇନ ଯୋଗୁ ଓଡ଼ିଶା ଲକ୍ଷ ଲକ୍ଷ କୋଟି ଟଙ୍କା ରାଜସ୍ୱ ହରାଇବ। ଆଜି ରାଜ୍ୟରେ ମହିଳାମାନେ ଅସୁରକ୍ଷିତ, ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ଓ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। ଆଜି ମୁକ୍ତା, ଜାଗା ମିଶନ, ପକା ଘର ଭଳି ଯୋଜନାକୁ ଏବର ବିଜେପି ସରକାର ବନ୍ଦ କରିଦେଇଛି। ତା' ବିରୋଧରେ ସ୍ୱର ଉଠାଇବାକୁ ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ଓ ମନ୍ମଥ ରାଉତରାୟ ମଧ୍ୟ ଉଦ୍‌ବୋଧନ ଦେଇଥିବା ବେଳେ ସ୍ଥାନୀୟ କର୍ପୋରେଟରମାନେ ଉପସ୍ଥିତ ଥିଲେ।

# ନୟାଗଡ଼ର ୪ କଲେଜରେ ନିର୍ବାଚନ ବାତିଲ

### ମହିଳା କଲେଜରେ ଉତ୍ତେଜନା, ସରକାରଙ୍କୁ ଘେରିଲେ ଅରୁଣ ସାହୁ



ନୟାଗଡ଼,୯।୧୦(ସଂଚାର ବ୍ୟୁରୋ): ଆଇନଶୃଙ୍ଖଳାର ଆଳ ଦେଖାଇ ନୟାଗଡ଼ ଜିଲ୍ଲାପାଳ ଜିଲ୍ଲାର ୪ଟି କଲେଜରେ ନିର୍ବାଚନ ବାତିଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନୟାଗଡ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ନିର୍ବାଚନ ବାତିଲ ଏବଂ ସାଇନ ଡାଏ ଘୋଷଣା ପରେ କଲେଜ ଆଗରେ ଉତ୍ତେଜନା ଦେଖାଦେଇଛି। ବିଧାୟକ ଅରୁଣ ସାହୁ ଘଟଣାସ୍ଥଳରେ ପହଞ୍ଚି ସରକାର ଏବଂ ପ୍ରଶାସନ ହାରିଯିବା ଭୟରେ ଏଭଳି ନିଷ୍ପତ୍ତି ନେଇଥିବା ଅଭିଯୋଗ କରିଛନ୍ତି। ମହିଳା ମହାବିଦ୍ୟାଳୟରେ ପୁଲିସ ଉପସ୍ଥିତିରେ କିଭଳି ଏବିଭିପିର ଗୁଣ୍ଡାମାନେ ଗେଟ୍ ଭାଙ୍ଗି କଲେଜ ପରିସରରେ ପଶିଲେ ତାକୁ ନେଇ ଅରୁଣ ସାହୁ ପ୍ରଶ୍ନ କରିଛନ୍ତି। ଏପରିକି ପୋଲିସ ଅଧିକାରୀମାନଙ୍କୁ ଧମକାଉଥିବା ମଧ୍ୟ ଦେଖିବାକୁ ମିଳିଛି। ଆଗାମୀ ଦିନରେ ଏଥିପାଇଁ ବିଜେଡି ଦୁର୍ବାର ଆନ୍ଦୋଳନ କରିବ ବୋଲି ଅରୁଣ କହିଛନ୍ତି।

# ରାଜ୍ୟପାଳଙ୍କୁ ସାକ୍ଷାତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକ ଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟ ବିକାଶର ପ୍ରାଥମିକତା ଓ ବିଭିନ୍ନ ପ୍ରମୁଖ ପଦକ୍ଷେପ ସମ୍ପର୍କରେ ଉଭୟେ ମତ ବିନିମୟ କରିଥିଲେ। ଏହି ସାକ୍ଷାତ ସମୟରେ ଓଡ଼ିଶାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ବିକାଶମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଏବଂ ଜନକଲ୍ୟାଣକୁ ଅଧିକ ପ୍ରାଧାନ୍ୟ ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟର ପ୍ରଗତିକୁ ଆଗେଇ ନେବା ସହ ଜନସାଧାରଣଙ୍କ ଆବଶ୍ୟକତା ପୂରଣ ଲକ୍ଷ୍ୟରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ ଓ ପ୍ରସ୍ତାବିତ ପଦକ୍ଷେପଗୁଡ଼ିକ ଉପରେ ମଧ୍ୟ ଉଭୟେ ଆଲୋଚନା କରିଥିଲେ। ଏଥିସହ ବିଭିନ୍ନ ପ୍ରମୁଖ ଯୋଜନାର ଅଗ୍ରଗତି ଓ ଆଗାମୀ ଦିନରେ ସରକାରଙ୍କ ବିକାଶମୂଳକ ପ୍ରାଥମିକତା ସମ୍ପର୍କରେ ମତ ବିନିମୟ ହୋଇଥିଲା। ରାଜ୍ୟର ସାମଗ୍ରିକ ବିକାଶ ଓ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ଏହି ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା।

● ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତ ସୁନିଆକୁ ୨୦ ବର୍ଷ ଜେଲ୍

କେନ୍ଦୁଝର,୯।୧୦(ସଂଚାର ବ୍ୟୁରୋ): ବଡ଼ବିଲ ଥାନା ଭୁସୁଗାଁରେ ୮ ବର୍ଷର ନାବାଳିକାକୁ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ସୁନିଆ ଚାମ୍ପିଆକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ। ଭୁସୁଗାଁରେ ୮ ବର୍ଷର ନାବାଳିକାକୁ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ସୁନିଆ ଚାମ୍ପିଆକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଜିଲ୍ଲା ପୋକ୍ସୋ କୋର୍ଟ। ନାବାଳିକାକୁ ଅନୁକମ୍ପାମୂଳକ ସହାୟତା ୧୦ ଲକ୍ଷ ଟଙ୍କା ପ୍ରଦାନ। ୨୦୨୨ ଏପ୍ରିଲ ୩ ତାରିଖରେ ନାବାଳିକା ପରିବାରବର୍ଗ ସହ ବଡ଼ବିଲ ଥାନା ଭୁସୁଗାଁକୁ ବୁଲିବାକୁ ଯାଇଥିଲେ। ଦିନ ସମୟରେ ୮ ବର୍ଷର ନାବାଳିକା ବାହାରେ ଖେଳୁଥିବା ସମୟରେ ସନିଆ ତାକୁ ଉଠାଇ ନିକଟସ୍ଥ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା। ଘର ଲୋକେ ଖୋଜାଖୋଜି କରୁଥିବା ବେଳେ ନାବାଳିକାକୁ ସନିଆ ଘର ପାଖରେ ଛାଡ଼ି ଦେଇଥିଲା। ଏନେଇ ପରିବାର ଲୋକେ ବଡ଼ବିଲ ଥାନାରେ ଏତଲା ଦେଇଥିଲେ। ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଆଜି ଜିଲ୍ଲା ପୋକ୍ସୋ କୋର୍ଟ ବିଚାର କରି ସୁନିଆ ଚାମ୍ପିଆକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

# ଓଲଟିଲା ବସ୍: ୧୪ ଯାତ୍ରୀ ଆହତ



ବଣାଇଁ,୯।୧୦(ସଂଚାର ବ୍ୟୁରୋ): ସମ୍ବଲପୁର ଜିଲ୍ଲା କୁଚିଣ୍ଡାରୁ ବଣାଇଁ ଆସୁଥିବା ଘରୋଇ ଯାତ୍ରୀବାହୀ ବସ୍ 'ଅଂଶିକା' ଆଜି ଗୁରୁଣ୍ଡିଆ ନିକଟସ୍ଥ ମଧୁପୁରଠାରେ ଭାରସାମ୍ୟ ହରାଇ ଓଲଟିପଡ଼ିଛି। ସେଥିରେ ପ୍ରାୟ ୩୦ ଜଣ ଯାତ୍ରୀ ଥିଲେ ଓ ସେମାନଙ୍କ ମଧ୍ୟରୁ ୧୪ ଜଣ ଏହି ଦୁର୍ଘଟଣାରେ ଆହତ ହୋଇଛନ୍ତି। ଖବର ପାଇ ଗୁରୁଣ୍ଡିଆ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିବା ପରେ ସମସ୍ତଙ୍କୁ ଗୁରୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ଯାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ଏବେ ଗୁରୁଣ୍ଡିଆରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଅନ୍ୟ ୧୨ ଜଣ ଆହତ ଯାତ୍ରୀଙ୍କ ଅବସ୍ଥା ସ୍ଥିର ଥିବା ପୁଲିସ ସୂଚନା ଦେଇଛି।

# ଟାଙ୍କି ସଫା ବେଳେ କରେଣ୍ଟ ଲାଗି ଜଣେ ମୃତ

ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ): ପାଣି ଟାଙ୍କି ସଫା ବେଳେ ଘଟିଛି ଅଘଟଣ। ଭୁବନେଶ୍ୱର ହାଇଟେକ୍ ଆପାର୍ଟମେଣ୍ଟରେ ଘଟିଛି ଏହି ଅଘଟଣ। ବିଦ୍ୟୁତ୍ କରେଣ୍ଟ ଲାଗି ଜଣଙ୍କର ମୃତ୍ୟୁ ହୋଇଯାଇଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱର ଏୟାରଫିଲ୍ଡ ଥାନା ସୁନ୍ଦରପଦାରେ ଏହି ଅଘଟଣ ଘଟିଥିବା ବେଳେ ମୃତକ ଜଣଙ୍କ ହେଲେ ଆଶିଷ କୁମାର ରାଉତରାୟ। ଆଜି ଅପରାହ୍ନରେ ପାଣି ଟାଙ୍କି ସଫା ପାଇଁ ଆଶିଷ ତାଙ୍କ ଟିମ୍ ସହ ସୁନ୍ଦରପଦା ହାଇଟେକ୍ ଆପାର୍ଟମେଣ୍ଟ ଯାଇଥିଲେ। ହେଲେ ଅଟୋମେଟିକ ପାଣି ପମ୍ପ ସିଷ୍ଟମ୍‌ର କରେଣ୍ଟ ସଂସ୍ପର୍ଶରେ ସେ ଆସିବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିବା ସହ ମୃତଦେହକୁ ବ୍ୟବଚ୍ଛେଦ ସକାଶେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ତେବେ ଆଶିଷଙ୍କ ଘର ଡେଲାଙ୍ଗ ଅଞ୍ଚଳରେ ବୋଲି ଜଣାପଡ଼ିଛି।

# ପୋଖରୀରେ ବୁଡ଼ି ଚାଲିଗଲା ୨ ଜୀବନ

ବ୍ରହ୍ମପୁର,୯।୧୦(ସଂଚାର ବ୍ୟୁରୋ): ପୋଖରୀରେ ବୁଡ଼ି ଚାଲିଗଲା ୨ଟି ଅମୂଲ୍ୟ ଜୀବନ। ଜଣେ ନାବାଳକଙ୍କ ସହ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଦାନଆମ୍ବଠା ପୋଖରୀରେ ବୁଡ଼ି ଏହି ୨ ଜଣଙ୍କର ମୃତ୍ୟୁ ହୋଇଛି। ନାବାଳକ ଜଣଙ୍କ ହେଲେ ଖଲିଙ୍ଗି ଗାଁର ପିଣ୍ଟୁ ମହାନ୍ତିଙ୍କ ପୁଅ ରାଜବୀର ମହାନ୍ତି ଓ ବୃଦ୍ଧା ଜଣଙ୍କ ଗାଁର ରାଜଲକ୍ଷ୍ମୀ ଦୋରା ବୋଲି ଜଣାପଡ଼ିଛି। ସୂଚନାନୁସାରେ, ପିଣ୍ଟୁ ମହାନ୍ତିଙ୍କ ସ୍ତ୍ରୀ ଓ ପୁଅ ଝିଅ ଅଜା ଘର ଗାଁ ଦାନଆମ୍ବଠା ଗାଁକୁ ଶ୍ରାଦ୍ଧ ସମୟରେ ଅସାବଧନତାରୁ ପୋଖରୀରେ ବୁଡ଼ିଯାଇଥିଲେ। ସେହିଭଳି ମହାନଳା ଗାଁର ବୃଦ୍ଧା ରାଜଲକ୍ଷ୍ମୀ ଗାଁ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ସେଠାରେ ପାଣିରେ ବୁଡ଼ିଯାଇଥିଲେ। ପାଟପୁର ପୁଲିସ ୨ଟି ଅପମୃତ୍ୟୁ ମାମଲା ରୁଜୁ କରିବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି।

### ଭିଜିଲାନ୍ସ ଜାଲରେ କୋଟିପତି ସରକାରୀ ବାବୁ

# ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକଙ୍କ ସହ ଜଡ଼ିତ ୮ ସ୍ଥାନରେ ଚଢ଼ାଉ



ସୁନ୍ଦରଗଡ଼,୯।୧୦(ସଂଚାର ବ୍ୟୁରୋ): ସାରା ରାଜ୍ୟରେ ଏବେ ଭିଜିଲାନ୍ସ ପୂରା ସକ୍ରିୟ ରହିଛି। କାହିକି ନା ପ୍ରତିଦିନ ପ୍ରାୟ ଏଭଳି ଖବର ସାମ୍ନାକୁ ଆସୁଛି, ଯେଉଁଥିରେ ଜଣେ ସରକାରୀ ବାବୁ ଭିଜିଲାନ୍ସ ସ୍କାନରରେ ରହୁଥିବା ଦେଖିବାକୁ ମିଳୁଛି। ଆଉ ଏବେ ପୁଣି ସେହିଭଳି ଏକ ଘଟଣା ସାମ୍ନାକୁ ଆସିଛି। ସୁନ୍ଦରଗଡ଼ ଦୁର୍ନୀତି ନିବାରଣ ଅଦାଲତର ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଆଜି ସକାଳୁ ସ୍ଥାନୀୟ ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ୱାଟରସେଡ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ କୁମାର ପାତ୍ରଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସଭବନ ସମେତ ୮ଟି ସ୍ଥାନରେ ଚଢ଼ାଉ ଚାଲିଛି। ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଶ୍ରାବଣୀ ରେସିଡେନ୍ସି ଫ୍ଲାଟ୍ ନଂ.୮ର ଦୁଇ ମହଲା, ମଞ୍ଚନାଥସ୍ଥିତ ଫ୍ଲଟ୍ ନଂ.୬୦୯/୨୦୧୨ରେ ଥିବା ଫେଜ-୨, ଏମ-୧୦୫ ଆବାସିକ ଦୁଇ ମହଲା କୋଠା ଓ ପ୍ଲଟ୍ ନମ୍ବର ୬୦୪/୨୦୧୧ରେ ସ୍ଥିତ ଫେଜ -୨ ଏମ-୧୧୦ ଆବାସିକ ଦୁଇ ମହଲା କୋଠା, ଫେଜ-୨ ଏମ୍୧୧୫ରେ ଆଉ ଏକ ଦୁଇ ମହଲା କୋଠା ଓ କଟକ ବାଙ୍କୀ ଥାନା ଚର୍ଚ୍ଚିକା ସାହିସ୍ଥିତ ତାଙ୍କ ଶ୍ୱଶୁର ଘରେ ଏହି ଖାନତଲାସୀ ଜାରି ରହିଛି। ଅପରାହ୍ନ ସୁଦ୍ଧା ତାଙ୍କ ଏମ-୧୦୫, ଏମ-୧୧୦ ଓ ଏମ୍-୧୧୫ କୋଠା ୨୪୦୦ ବର୍ଗ ଫୁଟ ଲେଖାଏଁ ରହିଥିବା ବେଳେ ଭୁବନେଶ୍ୱର ବାଲିଅନ୍ତାରେ ଦୁଇ ମହଲା କୋଠା ୩୦୦୦ ବର୍ଗଫୁଟ ଓ ନୟାପଲ୍ଲୀର ୩ ବିଏଚକେ ଫ୍ଲାଟ ପ୍ରାୟ ୧୧୫୦ ବର୍ଗ ଫୁଟ ରହିଛି। ସେହିପରି ଭୁବନେଶ୍ୱରରେ ଏକ କୋଟି ଟଙ୍କା ସେଲ ଡିଡ଼ର ୭ଟି ମୂଲ୍ୟବାନ ପ୍ଲଟ ରହିଥିବା ବେଳେ ଏହାର ବଜାର ମୂଲ୍ୟ ଯଥେଷ୍ଟ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ସେହିପରି ଖାନତଲାସୀ ସମୟରେ ତାଙ୍କ ଘରୁ ୨୧୧ ଗ୍ରାମ ଓଜନର ସୁନା, ନଗଦ ୧.୨୯ ଲକ୍ଷ ଟଙ୍କା, ପ୍ରାୟ ୧ କୋଟି ଟଙ୍କାର ବ୍ୟାଙ୍କ ଜମା ଓ ୩ଟି ଦୁଇଚକିଆ ଗାଡ଼ି ଠାବ ହୋଇଛି। ଉକ୍ତ ଚଢ଼ାଉରେ ଭିଜିଲାନ୍ସ ବିଭାଗର ଜଣେ ଅତିରିକ୍ତ ଏସପି, ୪ ଜଣ ଡିଏସପି, ୧୩ ଜଣ ଇନ୍ସପେକ୍ଟର, ୫ ଜଣ ଏଏସଆଇ ଓ ସହଯୋଗୀ କର୍ମଚାରୀ ସାମିଲ ହୋଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଭିଜିଲାନ୍ସର ତଲାସୀ ଜାରି ରହିଛି।

# ସିରିଜ୍ ଦୁର୍ଘଟଣାରେ ଜଣେ ମୃତ



ଫୁଲବାଣୀ,୯।୧୦(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ୫୯ ନମ୍ବର ଜାତୀୟ ରାଜପଥ ଏବେ ସଡ଼କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ାଇଛି। ଗୋଟିଏ ପଟେ ଦ୍ରୁତଗାମୀ କାର୍‌ର ସିରିଜ୍ ଦୁର୍ଘଟଣା, ଅନ୍ୟପଟେ କାର୍-ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ। ସୂଚନାନୁଯାୟୀ, ବାଲିଗୁଡ଼ା ସହର ନିକଟ ଦଣ୍ଡପଦରଠାରେ ଏକ ଦ୍ରୁତଗାମୀ ହ୍ୟୁଣ୍ଡାଇ କାର୍ ପ୍ରଥମେ ଜଣେ ପଥଚାରୀଙ୍କୁ ଧକ୍କା ଦେଇଥିଲା। ପରେ କାର୍‌ଟି ବାଲିଗୁଡ଼ା ସହର ଆଡ଼କୁ ଆସୁଥିବା ବେଳେ ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ଜଣେ ମୋଟର ସାଇକେଲ ଆରୋହୀଙ୍କୁ ଧକ୍କା ଦେଇ ଚାଳକ ଗାଡ଼ି ନେଇ ଫେରାର ହେବାକୁ ଉଦ୍ୟମ କରିଥିଲା। ବାଲିଗୁଡ଼ା ପୁଲିସ ଗାଡ଼ିର ପିଛା କରି ଜକିକିଆ ନିକଟରେ କାର୍‌ଟିକୁ ଜବତ କରିବା ସହ ଚାଳକଙ୍କ ସମେତ ଗାଡ଼ିରେ ଥିବା ୫ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସେମାନେ ବଲାଙ୍ଗୀର ବାସିନ୍ଦା ବୋଲି ଜଣାପଡ଼ିଛି। ଏହି ଘଟଣାରେ ଆହତ ଦୁଇ ଜଣଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ବାଲିଗୁଡ଼ା ଥାନା ଅନ୍ତର୍ଗତ ବାଟାଗୁଡ଼ା ନିକଟରେ ମାରୁତି ସ୍ୱିଫ୍ଟ କାର୍ ଓ ପଲସର ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବନେମିଲା ଗ୍ରାମର ପଦ୍ମ ମଲ୍ଲିକଙ୍କର ମୃତ୍ୟୁ ହୋଇଛି। ସେହିପରି ବାଇକ୍ ଚାଳକ ଗୋପାଳ ମଲ୍ଲିକ ଗୁରୁତର ଭାବେ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଉଭୟଙ୍କୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ଡାକ୍ତର ପଦ୍ମଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ସକାଳେ ଅଞ୍ଚଳରେ ଘନ କୁହୁଡ଼ି ରହିଥିବାରୁ ରାସ୍ତାରେ ଦୃଶ୍ୟମାନତା କମିଯାଇଥିଲା।

### ଆମ୍ବୁଲାନ୍ସ ବ୍ଲାଷ୍ଟରେ ରୋଗୀ ମୃତ୍ୟୁ

# ମୁଖ୍ୟ ଚିକିତ୍ସାଧିକାରୀ ମାଗିଲେ ରିପୋର୍ଟ

ଭୁବନେଶ୍ୱର,୯।୧୦ (ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲାରେ ଆମ୍ବୁଲାନ୍ସ ବ୍ଲାଷ୍ଟରେ ରୋଗୀଙ୍କ ଜୀବନ ଯିବା ଘଟଣାକୁ ନେଇ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି। ଚିକିତ୍ସା ପାଇଁ ଉଦଳାରୁ ଭୁବନେଶ୍ୱର ଯିବା ପାଇଁ ବାହାରିଥିବା ଘରୋଇ ଆମ୍ବୁଲାନ୍ସ ବିସ୍ଫୋରଣରେ ଜଣେ ରୋଗୀଙ୍କ ମୃତ୍ୟୁ ସହ ଅନ୍ୟ ୨ ଜଣଙ୍କ ଅବସ୍ଥା ଗୁରୁତର ହୋଇଛି। ଆମ୍ବୁଲାନ୍ସରେ ବୁହା ହେଉଥିଲେ ଉଦଳା କୁଣ୍ଡାବାଇ ଅଞ୍ଚଳର ସୁଯୋଗ ବାରିକ। ସାଙ୍ଗରେ ଜଣେ ସମ୍ପର୍କୀୟ ବି ଥିଲେ। ମନରେ ଅନେକ କଥା ଥିଲା, ଘରକୁ ଫେରିବାର ଇଚ୍ଛା ବି ଥିଲା। କିନ୍ତୁ କିଏ ଜାଣିଥିଲା ସବୁକିଛିକୁ ଓଲଟାଇ ଦେବ ଭୟଙ୍କର ବିସ୍ଫୋରଣ। ରାତି ପ୍ରାୟ ୯ଟାରେ ଉଦଳା ମେଡ଼ିକାଲ ସାମ୍ନାରେ ଲାଗିଥିଲା ଘରୋଇ ଆମ୍ବୁଲାନ୍ସ। ଭୁବନେଶ୍ୱରରେ ଚିକିତ୍ସା ପାଇଁ ଏହି ଆମ୍ବୁଲାନ୍ସରେ ସୁଯୋଗଙ୍କୁ ଲଦି ସାରିଥିଲେ ତାଙ୍କର ଜଣେ ସଂପର୍କୀୟ। ଆମ୍ବୁଲାନ୍ସର ଡ୍ରାଇଭର ବି ସହଯୋଗ କରିଥିଲେ। ଆଉ ଅକ୍ସିଜେନ ଦେବା ପାଇଁ ସେହି ଡ୍ରାଇଭର ହିଁ ସିଲିଣ୍ଡର ଭାଲବ ଖୋଲି ମାସ୍କ ଲଗାଉଥିଲେ ସୁଯୋଗଙ୍କ ମୁହଁରେ। ଠିକ୍ ସେତିକିବେଳେ ଶବ୍ଦ କରି ଭୁସ୍ ଭୁସ୍ ହୋଇ ବାହାରିଲା ଅକ୍ସିଜେନ। ଆଉ କେହି କିଛି ଭାବିବା ପୂର୍ବରୁ ନିଆଁ ଲାଗି ବ୍ଲାଷ୍ଟ ହୋଇଗଲା। ହୁତହୁତ ହୋଇ ଜଳିଗଲା ଆମ୍ବୁଲାନ୍ସ। ସେଥିରୁ ଡ୍ରାଇଭର, ରୋଗୀ ସୁଯୋଗ ଓ ତାଙ୍କ ସମ୍ପର୍କୀୟଙ୍କୁ ବଡ଼ କଷ୍ଟରେ ଉଦ୍ଧାର କରାଯାଇଥିଲେ ବି ଆଖି ବୁଜିଥିଲେ ୧୦ ବର୍ଷ ଧରି ଥାଲାସେମିଆରେ ପୀଡ଼ିତ ଥିବା ସୁଯୋଗ। ୨ ଆହତଙ୍କୁ ଉଦଳା ମେଡ଼ିକାଲରେ ଚିକିତ୍ସା କରାଯାଉଛି। ଆମ୍ବୁଲାନ୍ସରେ ଥିଲା ମୋଟ୍ ୪ଟି ଅକ୍ସିଜେନ ସିଲିଣ୍ଡର।



ଗୋଟିଏ ବ୍ଲାଷ୍ଟ ହୋଇଥିଲା, ଯାହା ବହୁତ ପୁରୁଣା ବୋଲି ଅନୁମାନ କରାଯାଉଛି। ଅନ୍ୟ ୩ଟି ସିଲିଣ୍ଡର ଆଜି ବି ଗାଡ଼ିରେ ରହିଛି, କିନ୍ତୁ ଲିକ୍ ହୋଇଛି କି ନାହିଁ, ତାହା ସ୍ପଷ୍ଟ ନୁହେଁ। ତେବେ ଏ ଦୁର୍ଘଟଣା ପାଇଁ ଦାୟୀ କିଏ। ଏକାକୁ ଏକ ଅଘଟଣ ବୋଲି କୁହାଯିବ ନା ଦାୟିତ୍ୱହୀନତା। ଏଭଳି ନାନା ପ୍ରଶ୍ନ ଭିତରେ ଉଦଳା ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକଙ୍କୁ ରିପୋର୍ଟ ମାଗିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ।

### ଗଞ୍ଜେଇ ମାଫିଆଙ୍କ ଦାଦାଗିରି

# ଅବକାରୀ ବିଭାଗ ଅଧିକାରୀଙ୍କୁ ଆକ୍ରମଣ

ଆଠଗଡ଼,୯।୧୦ (ସଂଚାର ବ୍ୟୁରୋ) : ଦେଶୀ ମଦ ଓ ଗଞ୍ଜେଇ କାରବାର ଅଭିଯୋଗରେ ଚଢ଼ାଉ ବେଳେ ଆଠଗଡ଼ ଅବକାରୀ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କୁ ଆକ୍ରମଣ। କଟକ ଜିଲ୍ଲା ବଡ଼ମ୍ବା ଥାନା ଅନ୍ତର୍ଗତ ରତାପାଟ ଗ୍ରାମରେ ଘଟିଛି ଏହି ଘଟଣା।

ସୂଚନା ଅନୁସାରେ, ଗୁରୁବାର ଆଠଗଡ଼ ଅବକାରୀ ବିଭାଗକୁ ରତାପାଟ ଗ୍ରାମରେ ଏକ ସ୍ଥାନରେ ଦେଶୀ ମଦ ରଖାଯାଇଥିବା ନେଇ ଖବର ମିଳିଥିଲା। ଏମିତିରେ ଅବକାରୀ ଟିମ୍ ଭାଟିକୁ ଯାଇ ରେଡ୍ କରିବା ସହ ମଦ ଜବତ କରିଥିଲା। ହେଲେ ରେଡ୍ ବେଳେ ଟିମ୍ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲା ଯେ, ଗ୍ରାମର ଜଣେ ବ୍ୟକ୍ତି ବେଆଇନ ଗଞ୍ଜେଇ ଚାଲାଣରେ ଲିପ୍ତ। ଏମିତିରେ ଟିମ୍



ଗଞ୍ଜେଇ ବ୍ୟବସାୟ କରୁଥିବା ଉକ୍ତ ବ୍ୟକ୍ତିଙ୍କ ଘରେ ରେଡ୍ କରିଥିଲା। କିନ୍ତୁ ଏହାକୁ ବିରୋଧ କରିଥିଲେ ଉକ୍ତ ବ୍ୟକ୍ତିଙ୍କ ପରିବାର ଲୋକ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଓ ଠେଲାପେଲା ସୃଷ୍ଟି ହୋଇଥିଲା। ଯେଉଁଥିରେ ବ୍ୟକ୍ତି ଜଣକ ଖସି ପଳାଇଥିଲେ। ଧସ୍ତାଧସ୍ତି ଯୋଗୁ ବିଭାଗର କର୍ମଚାରୀମାନେ ଆହତ ହୋଇଛନ୍ତି। ତେବେ ଏହା ସତ୍ତ୍ୱେ ବି ରେଡ୍ ସଫଳ ହୋଇଥଲା ଏବଂ ଚଢ଼ାଉରେ ତିନି କେଜି ଗଞ୍ଜେଇ ସହିତ ୨୨୪୦ ଲିଟର ଦେଶୀ ମଦ ଜବତ କରାଯାଇଛି।

### ବନପାଳ, ବନରକ୍ଷୀ ଓ ଅବକାରୀ କନଷ୍ଟେବଳ ପରୀକ୍ଷା ପ୍ରସ୍ତୁତିର ସମୀକ୍ଷା

# ସ୍ୱଚ୍ଛତା, ନିରପେକ୍ଷତା ଓ ପ୍ରାର୍ଥୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା

ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବନପାଳ, ବନରକ୍ଷୀ ଓ ଅବକାରୀ କନଷ୍ଟେବଳ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା-୨୦୨୫ (ଦ୍ୱିତୀୟ) ଅନ୍ତର୍ଗତ ଶାରୀରିକ ମାନଦଣ୍ଡ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ଆୟୋଜନ ନିମନ୍ତେ ପ୍ରସ୍ତୁତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଭିନ୍ନ ବିଭାଗର ସଚିବ, ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗର ଅଧ୍ୟକ୍ଷ ଉପସ୍ଥିତ ଥିବା ବେଳେ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଓଡ଼ିଶା ଅଧସ୍ତନ



କର୍ମଚାରୀ ଚୟନ ଆୟୋଗ ପକ୍ଷରୁ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ବିବରଣୀ ଉପସ୍ଥାପନ କରାଯାଇଥିଲା। ଆସନ୍ତା ୧୨ରୁ ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ଶାରୀରିକ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ମୋଟ ୪,୬୮୩ ଜଣ ଯୋଗ୍ୟ ପ୍ରାର୍ଥୀ ଏଥିରେ ଅଂଶଗ୍ରହଣ କରିବେ।

ପରୀକ୍ଷା ପ୍ରକ୍ରିୟାକୁ ସ୍ୱଚ୍ଛ, ନିରପେକ୍ଷ, ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ଉପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱାରୋପ କରିଥିଲେ। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମି, ପାନୀୟ ଜଳ, ଖାଦ୍ୟ, ଶୌଚାଳୟ, ସୁରକ୍ଷା ବ୍ୟବସ୍ଥା ଓ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ସହ ପ୍ରତ୍ୟେକ ପ୍ରାର୍ଥୀଙ୍କ ଶାରୀରିକ ପରୀକ୍ଷାର ଭିଡିଓଗ୍ରାଫି ଓ ଆବଶ୍ୟକ ରେକର୍ଡ ସଠିକ୍ ଭାବେ ସଂରକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଶେଷକରି ପ୍ରାର୍ଥୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଡାକ୍ତରୀ ଦଳ, ପ୍ରାଥମିକ ଚିକିତ୍ସା ଓ ଆଡଭାନ୍ସଡ୍ ଲାଇଫ୍ ସପୋର୍ଟ (ଏଏଲଏସ) ସୁବିଧାଯୁକ୍ତ ଆମ୍ବୁଲାନ୍ସ ମୁତୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ଜିଲ୍ଲାପାଳମାନେ ନିଜ ଜିଲ୍ଲାର ପ୍ରସ୍ତୁତି ନିୟମିତ ସମୀକ୍ଷା କରିବା ସହ ପରୀକ୍ଷା ପରିଚାଳନାରେ ସମସ୍ତ ନିର୍ଦ୍ଧାରିତ ନିୟମାବଳୀ ପାଳନ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୯,୫୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୭,୦୯୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୯,୫୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୭,୦୯୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୫୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୭,୦୯୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୯,୬୯୦ ଟଙ୍କା ଓ ୨୨ କ୍ୟାରଟେ ୧,୩୭,୨୪୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୯,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୭,୧୧୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୯,୫୬୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୭,୦୯୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୩୪,୯୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ।

# ଜିଏସଟି ନିୟମରେ ବଡ଼ ପରିବର୍ତ୍ତନ
# ବ୍ୟବସାୟୀଙ୍କୁ ଆଶ୍ୱସ୍ତି




ନୂଆଦିଲ୍ଲୀ,୯।୧୦: ଜିଏସଟି ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ପାଇଁ ପ୍ରସ୍ତାବ। ଟିକସଦାତା ଓ ବ୍ୟବସାୟୀଙ୍କୁ ଆଶ୍ୱସ୍ତି ଦେବା ଦିଗରେ କେନ୍ଦ୍ର ସରକାରଙ୍କ ପଦକ୍ଷେପ। ଗୁରୁବାର ଦିଲ୍ଲୀରେ ଅନୁଷ୍ଠିତ ୫୭ତମ ଜିଏସଟି କାଉନସିଲ୍ ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ପ୍ରସ୍ତାବ ସମ୍ପର୍କରେ ସୂଚନା ଦେଇଛନ୍ତି। ସବୁଠୁ ବଡ଼ ପ୍ରସ୍ତାବ ହେଉଛି ଜିଏସଟି ଅଧିକାରୀଙ୍କ ଗିରଫ କ୍ଷମତା ହଟାଇବା। ବର୍ତ୍ତମାନ ଏକ କୋଟି ଟଙ୍କାରୁ ଅଧିକ ଟିକସ ଫାଙ୍କି, ଜାଲ୍ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ କିମ୍ବା ବେଆଇନ ରିଫଣ୍ଡ ସମ୍ପର୍କିତ ଗୁରୁତର ମାମଲାରେ କମିଶନରସ୍ତରୀୟ ଅନୁମତି ନେଇ ଜିଏସଟି ଅଧିକାରୀ ଗିରଫ କରିପାରୁଛନ୍ତି। ନୂଆ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଏହି କ୍ଷମତା ହଟିବ। ଏଥିସହ ଅପରାଧିକ ମାମଲା ଆରମ୍ଭ କରିବା ପାଇଁ ଟିକସ ସମ୍ପର୍କିତ ଅର୍ଥରାଶିର ସୀମାକୁ ଏକ କୋଟିରୁ ପାଞ୍ଚ କୋଟି ଟଙ୍କାକୁ ବଢ଼ାଇବା ପ୍ରସ୍ତାବ ରହିଛି। ଜିଏସଟି ଆଇନର ୯ଟି ଅପରାଧକୁ ଅପରାଧିକ ଦଣ୍ଡ ବ୍ୟବସ୍ଥାରୁ ବାଦ୍ ଦେବା ଓ ଅନ୍ୟ ୨୪ଟି ଅପରାଧ ସମ୍ପର୍କିତ ନିୟମକୁ କୋହଳ କରିବା ପାଇଁ ମଧ୍ୟ ପ୍ରସ୍ତାବ ଆସିଛି। ନିର୍ଦ୍ଧାରିତ ସମୟରେ ଜିଏସଟି ରିଟର୍ଣ୍ଣ ଦାଖଲ ନକରିବା, ସାମଗ୍ରୀର ଟିକସ ବର୍ଗୀକରଣକୁ ନେଇ ବିବାଦ କିମ୍ବା ଅର୍ଥ ଅଭାବରୁ ଟିକସ ଜମାରେ ବିଳମ୍ବ ଭଳି ମାମଲାରେ ଟିକସ, ସୁଧ ଓ ନିର୍ଦ୍ଧାରିତ ଜରିମାନା ଦେଇ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ରିହାତି ପାଇବାର ବ୍ୟବସ୍ଥା ପ୍ରସ୍ତାବିତ ହୋଇଛି। ଜିଏସଟି ନୋଟିସ୍ ପଠାଇବା କ୍ଷେତ୍ରରେ ମଧ୍ୟ ନୂଆ ନିୟମକୁ ମଞ୍ଜୁରି ମିଳିଛି। ୧୦ ହଜାର ଟଙ୍କା କିମ୍ବା ତା'ଠାରୁ କମ୍ ଟିକସ ଦାବି ପାଇଁ ଆଉ ନୋଟିସ୍ ଜାରି କରାଯିବ ନାହିଁ। ପୂର୍ବରୁ ଜାରି ହୋଇଥିବା ଏଭଳି ନୋଟିସ୍ କୁ ମଧ୍ୟ ପ୍ରତ୍ୟାହାର କରାଯିବ। ସାଧାରଣ ଜରିମାନାକୁ ୨୫ ହଜାର ଟଙ୍କାରୁ ୧୦ ହଜାର ଟଙ୍କାକୁ ହ୍ରାସ କରିବା ପାଇଁ କାଉନସିଲ୍ ମଞ୍ଜୁରି ଦେଇଛି। କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଜିଏସଟି ପଞ୍ଜୀକରଣ ପ୍ରକ୍ରିୟାକୁ ସହଜ କରିବା, ଅନଲାଇନ୍ ବ୍ୟବସାୟୀଙ୍କୁ ସୁବିଧା ଦେବା ଏବଂ ଜିଏସଟି ରିଫଣ୍ଡ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନେଇ ମଧ୍ୟ ନିଷ୍ପତ୍ତି ହୋଇଛି।

ଅନ୍ୟପଟେ ରିଫଣ୍ଡ ଆବେଦନର ପ୍ରାପ୍ତିସ୍ୱୀକାର ପାଇଁ ସମୟସୀମା ୧୫ ଦିନରୁ ୧୦ ଦିନକୁ କମାଇବାକୁ ସୁପାରିସ କରାଯାଇଛି। ତେବେ ଏହି ବୈଠକରେ ଜିଏସଟି ଟିକସ ହାରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ନୂଆ ସଂସ୍କାରଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଟିକସ ବ୍ୟବସ୍ଥାକୁ ସରଳ କରିବା, ଛୋଟ ବ୍ୟବସାୟୀଙ୍କ ଉପରେ ଆଇନଗତ ଚାପ କମାଇବା ଏବଂ ବ୍ୟବସାୟ କରିବାକୁ ଅଧିକ ସହଜ କରିବା। ଆବଶ୍ୟକ ଆଇନଗତ ସଂଶୋଧନ ଓ ବିଜ୍ଞପ୍ତି ପରେ ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହେବ।

## ଶୁକ୍ରବାର ସୁନା ଓ ରୁପା ଦରରେ ବଡ଼ ବୃଦ୍ଧି



ନୂଆଦିଲ୍ଲୀ, ୯।୧୦: ସୁନା ଦରରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ଇଣ୍ଡିଆ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିସଏନସ(IBJA) ଅନୁଯାୟୀ ୧୦ ଗ୍ରାମ ୨୪ କ୍ୟାରେଟ ସୁନା ଦରରେ ୧୯୬୮ ଟଙ୍କା ବଢ଼ି ୧ ଲକ୍ଷ ୫୦ ହଜାର ଟଙ୍କା ହୋଇଛି। ଏହା ପୂର୍ବରୁ ଗତକାଲି ସୁନା ଦର ୧.୪୮ ଲକ୍ଷ ଟଙ୍କା ଥିଲା। ସେହିପରି ରୁପା ଦରରେ ମଧ୍ୟ ଆଜି ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ଏକ କେଜି ରୁପା ଦରରେ ଶୁକ୍ରବାର ୪,୦୬୪ ଟଙ୍କା ବଢ଼ିଛି। ଫଳରେ ରୁପା କିଲୋଗ୍ରାମ ପ୍ରତି ମୂଲ୍ୟ ୨.୨୧ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଏହା ପୂର୍ବରୁ ଗୁରୁବାର ରୁପା କେଜି ୨,୧୭ ଲକ୍ଷ ଟଙ୍କା ଥିଲା। ଚଳିତ ବର୍ଷ ସୁନା ଓ ରୁପା ମୂଲ୍ୟରେ ଲଗାତର ଉତ୍ଥାନପତନ ଦେଖିବାକୁ ମିଳିଛି। ଏହି ଅପ୍-ଡାଉନ ଭିତରେ ୨୦୨୬ରେ ସୁନା ଦର ୧୬,୪୧୫ ଟଙ୍କା ମହଙ୍ଗା ହେଲାଣି। ୩୧ ଡିସେମ୍ବର ୨୦୨୫ରେ ୧୦ ଗ୍ରାମ ସୁନା ଦର ୧.୩୩ ଲକ୍ଷ ଟଙ୍କା ରହିଥିଲା। ବର୍ତ୍ତମାନ ଏହା ୧.୫୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ହେଲେ ରୁପା କ୍ଷେତ୍ରରେ କିନ୍ତୁ ଓଲଟା ଗତି ଦେଖିବାକୁ ମିଳିଛି। ରୁପା ପୂର୍ବ ଦର ତୁଳନାରେ ୯,୨୫୦ ଟଙ୍କା ଶସ୍ତା ହୋଇଛି। ୩୧ ଡିସେମ୍ବର ୨୦୨୫ରେ ରୁପା କେଜି ୨.୩୦ ଲକ୍ଷ ଟଙ୍କା ଥିଲା। ହେଲେ ଏବେ ୨.୨୧ ଲକ୍ଷ ଟଙ୍କାକୁ ଖସି ଆସିଛି। ହେଲେ ବଡ଼ କଥା ହେଲା ଚଳିତ ବର୍ଷ ଜାନୁଆରୀ ମାସରେ ଉଭୟ ଧାତୁର ମୂଲ୍ୟ ରେକର୍ଡ ଭାଙ୍ଗିଥିଲା। ଚଳିତ ବର୍ଷ ୨୯ ଜାନୁଆରୀରେ ୧୦ ଗ୍ରାମ ୨୪ କ୍ୟାରେଟ ସୁନା ଦର ୧.୭୬ ଲକ୍ଷ ଟଙ୍କାରେ ପହଞ୍ଚି ଯାଇଥିଲା। ସେହିପରି ଏକ କିଲୋଗ୍ରାମ ରୁପାର ମୂଲ୍ୟ ୩.୮୬ ଲକ୍ଷ ଟଙ୍କାର ଅଲ୍ଟାଇମ ହାଇରେ ପହଞ୍ଚିଥିଲା।

## କାରବାର ଆରମ୍ଭରୁ ଗ୍ରୀନ୍ ଜୋନରେ ସେନସେକ୍ସ-ନିଫ୍ଟି

ନୂଆଦିଲ୍ଲୀ, ୯।୧୦: କାରବାରର ଶେଷ ଦିନରେ ଶୁଭ ସଙ୍କେତ ଦେଇଛି ସେୟାର ମାର୍କେଟ୍। ଗୁରୁବାର ବଜାର କ୍ରାଶ୍ କରିବା ପରେ ଆଜି କିନ୍ତୁ ଏଥିରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଆମେରିକାରେ ଟ୍ରମ୍ପ୍ ପ୍ରଶାସନ ଦ୍ୱାରା ଟିସିଏସ, ଇନଫୋସିସ, ଓ୍ୱିପ୍ରୋ, ଏଚସିଏଲ ଟେକ୍ ଆଦି କମ୍ପାନୀକୁ ଗ୍ରୀନ୍ କାର୍ଡ ଜନିତ ସୁବିଧା ଉପରେ ପ୍ରତିବନ୍ଧକ ଲଗାଇବା ସତ୍ତ୍ୱେ ବଜାର ଭଲ ଆରମ୍ଭ କରିଛି।

ଶୁକ୍ରବାର ବଜାର ଖୋଲିବା ପରେ ସେନସେକ୍ସ ୧୮୦ ଅଙ୍କ ବୃଦ୍ଧି ପାଇଥିଲା। ଆଇଟି ସେୟାର ମଧ୍ୟ ସବୁଜ ସଙ୍କେତରେ କାରବାର କରୁଛି। ସେହିପରି ନିଫ୍ଟି ୮୦ ଅଙ୍କ ବୃଦ୍ଧି ପାଇଛି। ଟଙ୍କା ମଧ୍ୟ ଡଲାର ତୁଳନାରେ ସାମାନ୍ୟ ମଜବୁତ ହୋଇଥିବା ପରିଲକ୍ଷିତ ହୋଇଛି। ଟଙ୍କା ଡଲାର ତୁଳନାରେ ପୂର୍ବଦିନର ୯୬.୭୮ ଅପେକ୍ଷା ଶୁକ୍ରବାର ୪ ପଇସା ମଜବୁତ ହୋଇ ୯୬.୭୪ ହୋଇଛି। କାରବାର ଆରମ୍ଭରେ ଟିସିଏସ, ଇନଫୋସିସ ଭଳି ଆଇଟି କମ୍ପାନୀର ସେୟାର ଗ୍ରୀନ୍ ଜୋନରେ କାରବାର କରିଥିଲେ। ଆମେରିକାର କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଆଇଟି ସେକ୍ଟର ସହ ଜଡିତ କମ୍ପାନୀ ଭଲ ଆରମ୍ଭ କରିଛନ୍ତି। ସକାଳ ୧୦ଟା ସୁଦ୍ଧା ବିଏସଇ ସେନସେକ୍ସ ୭୨୨୬୦ ପଏଣ୍ଟରେ କାରବାର କରୁଛି। ସେହିପରି ଏନଏସଇ ନିଫ୍ଟି ମଧ୍ୟ ସବୁଜ ସଙ୍କେତ ସହ ୨୨୪୪୦ରେ କାରବାର କରୁଥିବା ନଜର ଆସିଛି।

ସୂଚନାଯୋଗ୍ୟ, ଗୁରୁବାର ଭାରତୀୟ ଶେୟାର ବଜାରରେ ଦେଖିବାକୁ ମିଳିଥିଲା ହାହାକାର। ହଠାତ୍ ମାର୍କେଟ୍ କ୍ରାଶ୍ ଯୋଗୁ ନିବେଶକଙ୍କୁ ହରାଇବାକୁ ପଡ଼ିଥିଲା ପ୍ରାୟ ୮ ଲକ୍ଷ କୋଟି ଟଙ୍କା। ଏହି କ୍ରାଶ୍ ପଛରେ ଅଶୋଧିତ ତେଲ ଦାମ୍ ବୃଦ୍ଧି ଏକ ବଡ଼ କାରଣ ବୋଲି କୁହାଯାଉଥିବା ବେଳେ, ଆଉ କିଛି କାରଣକୁ ମଧ୍ୟ ଦାୟୀ କରିଥିଲେ ବିଶେଷଜ୍ଞ। ରିପୋର୍ଟ ଅନୁସାରେ, ପ୍ରଥମେ ଗୁରୁବାର କାରବାର ଆରମ୍ଭରୁ ହିଁ ମାର୍କେଟ ନିମ୍ନମୁଖୀ ରହିଥିଲା। ଅବଶ୍ୟ ଏହାର ଗତି ମନ୍ଥର ରହିଥିଲା। ମାତ୍ର କିନ୍ତୁ ଦ୍ୱିପ୍ରହର ବେଳକୁ ମାର୍କେଟରେ ସୃଷ୍ଟି ହୋଇଥିଲା ହଇଚଇ। ଦେଖୁ ଦେଖୁ ହଜାରେରୁ ଅଧିକ ପଏଣ୍ଟ ତଳକୁ ଖସି ଆସିଥିଲା। ଆଉ କାରବାର ଶେଷ ବେଳକୁ ବିଏସଇ ସେନସେକ୍ସ ୧,୦୪୫.୪୬ ପଏଣ୍ଟ ଖସି ୭୧, ୫୯୩.୨୪ରେ ବନ୍ଦ ହୋଇଥିବା ବେଳେ, ନିଫ୍ଟି ୫୦ ମଧ୍ୟ ୩୭୧.୨୫ ପଏଣ୍ଟ ହ୍ରାସ ପାଇ ୨୨,୨୩୧.୮୦ରେ ବନ୍ଦ ହୋଇଥିଲା।



## ବ୍ୟାଙ୍କ ଆକାଉଣ୍ଟ ନମ୍ବର ଏତେ ଲମ୍ବା କାହିଁକି ?

ନୂଆଦିଲ୍ଲୀ, ୯।୧୦:ବ୍ୟାଙ୍କ ପାସବୁକରେ ଆକାଉଣ୍ଟ ନମ୍ବର ଦେଖିଥିବେ ନିଶ୍ଚୟ। ବ୍ୟାଙ୍କ ପାସବୁକର ଆକାଉଣ୍ଟ ନମ୍ବରଗୁଡ଼ିକ ଲମ୍ବା (ସାଧାରଣତଃ ୯ ରୁ ୧୮ ଡିଜିଟ୍) ହୋଇଥାଏ। କାରଣ ଏଗୁଡ଼ିକ କେବଳ କିଛି ସାଧାରଣ ସଂଖ୍ୟା ନୁହଁନ୍ତି। ଆପଣଙ୍କ ଟଙ୍କା ଯେପରି ସୁରକ୍ଷିତ ଭାବରେ ସଠିକ୍ ଆକାଉଣ୍ଟକୁ ଯିବ, ସେଥିପାଇଁ ଏହି ନମ୍ବର ଗୁଡ଼ିକୁ ଏକ ବିଶେଷ ପ୍ରଣାଳୀରେ ତିଆରି କରାଯାଇଥାଏ। ତେବେ ଆସନ୍ତୁ ଆକାଉଣ୍ଟ ନମ୍ବର ଲମ୍ବା ହେବାର ମୁଖ୍ୟ କାରଣ ଏବଂ ଗଠନ ପ୍ରଣାଳୀ ସମ୍ପର୍କରେ ଜାଣିବା। ବଡ଼ ବଡ଼ ବ୍ୟାଙ୍କରେ କୋଟି କୋଟି ଗ୍ରାହକ ଥାଆନ୍ତି ଏବଂ ସେମାନଙ୍କର ସ୍ୱତନ୍ତ୍ର ଆକାଉଣ୍ଟ ନମ୍ବର ମଧ ଥାଏ। ଗ୍ରାହକଙ୍କର ସେଭିଂସ, କରେଣ୍ଟ କିମ୍ବା ଲୋନ୍ ଭଳି ଏକାଧିକ ଆକାଉଣ୍ଟ ଥାଇପାରେ। ଯାହା ପ୍ରତ୍ୟେକ ଆକାଉଣ୍ଟକୁ ସ୍ୱତନ୍ତ୍ର ପରିଚୟ ମିଳିଥାଏ। ଫଳରେ ପ୍ରତ୍ୟେକ ଆକାଉଣ୍ଟକୁ ସହଜରେ ଚିହ୍ନଟ କରିବା ସହ ଟଙ୍କା କାରବାରରେ ଦ୍ୱନ୍ଦ୍ୱ ଏଡ଼ାଇପାରେ। ଏଥିସହ ଭାରତରେ ଅନେକ ବ୍ୟାଙ୍କ୍ ମଧ ରହିଛି। ସବୁ ବ୍ୟାଙ୍କ 'Core Banking System' (CBS) ବ୍ୟବହାର କରନ୍ତି। ସେଥିପାଇଁ ପ୍ରତ୍ୟେକ ବ୍ୟାଙ୍କର ନିର୍ଦ୍ଦିଷ୍ଟ ଡିଜିଟର ନିୟମ ରହିଛି। ଯେପରିକି SBI ବ୍ୟାଙ୍କର ୧୧ ଡିଜିଟ୍, ICICI ବ୍ୟାଙ୍କର ୧୨ ଡିଜିଟ୍, ବ୍ୟାଙ୍କ୍ ଅଫ୍ ବରୋଦାର ୧୪ ଡିଜିଟ୍ ଏବଂ ପିଏନବିର ୧୬ ଟି ଡିଜିଟ୍ ରହିଛି। ଯାହା ଦ୍ୱାରା ଗ୍ରାହକଙ୍କର ଆକାଉଣ୍ଟ କେଉଁ ବ୍ୟାଙ୍କର ସହଜରେ ଚିହ୍ନଟ କରାଯାଇପାରିବ। ଆପଣଙ୍କୁ ଏହା ମଧ କହି ରଖିବାକୁ ଚାହୁଁଛୁ ଯେ ଛୋଟ ନମ୍ବରକୁ ଲୋକମାନେ ସହଜରେ ଅନୁମାନ କରି ଦେଇ ଥାଆନ୍ତି। ଯାହା ଦ୍ୱାରା ଠକେଇ ଅଧିକ ମାତ୍ରାରେ ବୃଦ୍ଧି ପାଇବାର ସମ୍ଭାବନା ଥାଏ। ତେଣୁ ଲମ୍ବା ନମ୍ବର ରହିବା ଫଳରେ ଏହି ପ୍ରକାରର ଭୁଲ୍ ଏବଂ ଜାଲିଆତିକୁ ରୋକିବାରେ ସାହାଯ୍ୟ କରେ। ତେବେ ଆସନ୍ତୁ ବର୍ତ୍ତମାନ ଆକାଉଣ୍ଟ ନମ୍ବରର ଗଠନ ପ୍ରଣାଳୀ ସମ୍ପର୍କରେ ଜାଣିବା। ଯେଉଁ ବ୍ୟାଙ୍କ୍ ଆକାଉଣ୍ଟରେ କିଛି ଖାସ୍ ସୂଚନା ଲୁଚି ରହିଥାଏ। ଏହି ଗଠନ ପ୍ରଣାଳୀରେ ୪ଟି ଷ୍ଟେପକୁ ଗୁରୁତ୍ୱ ଦିଆଯାଇଥାଏ। ପ୍ରଥମଟି ହେଉଛି ବ୍ୟାଙ୍କ୍ ପ୍ରତିନିଧିତ୍ୱ ବା Bank Identifier। ଯାହାର କିଛି ଡିଜିଟ୍ ଏହା କେଉଁ ଆକାଉଣ୍ଟର ବୋଲି ସୂଚନାଇଥାଏ। ଯେପରିକି ଗ୍ରାହକଙ୍କ ଆକାଉଣ୍ଟ SBI, ICICI ନା HDFCର ବୋଲି ଜଣାପଡିଥାଏ। ଦ୍ୱିତୀୟ ଷ୍ଟେପରେ ବ୍ରାଞ୍ଚ କୋଡକୁ ଧ୍ୟାନ ଦିଆଯାଇଥାଏ। ଯେଉଁଥିରେ ବ୍ୟାଙ୍କ ଆକାଉଣ୍ଟ କେଉଁ ବ୍ରାଞ୍ଚର ଜଣାପଡିଥାଏ। ସେହିପରି ତୃତୀୟ ଷ୍ଟେପରେ ବ୍ୟକ୍ତିଗତ ଆକାଉଣ୍ଟ ନମ୍ବର ବା Individual Account IDକୁ ପ୍ରାଧାନ୍ୟ ଦିଆଯାଇଥାଏ। ଯେଉଁଥିରେ ଗ୍ରାହକଙ୍କର ନିଜସ୍ୱ ସ୍ୱତନ୍ତ୍ର ନମ୍ବରକୁ ଚିହ୍ନଟ କରିଥାଏ। ଯାହା ବ୍ୟାଙ୍କ ରେକର୍ଡରେ ରହିଥାଏ। ଶେଷରେ ଅର୍ଥାତ୍ ଚତୁର୍ଥ ପ୍ରଣାଳୀରେ ଚେକ୍ ଡିଜିଟ୍ ଥାଏ। ଯାହା ନମ୍ବରର ଶେଷ ୧-୨ଟି ଡିଜିଟ୍ ଗାଣିତିକ ସୂତ୍ର (Algorithm) ଆଧାରରେ ପ୍ରସ୍ତୁତ କରାଯାଇଥାଏ। ଫଳରେ ଟଙ୍କା ପଠାଇବା ସମୟରେ ଯଦି ଗୋଟିଏ ବି ନମ୍ବର ଭୁଲ୍ ଟାଇପ୍ ହୁଏ, ତେବେ ଏହି ଚେକ୍ ଡିଜିଟ୍ ଯୋଗୁଁ ଟ୍ରାନ୍ସଫର ତୁରନ୍ତ ରଦ୍ଦ ହୋଇଯାଏ ଏବଂ ଭୁଲ୍ ଜାଗାକୁ ଟଙ୍କା ଯିବାରୁ ରକ୍ଷା ମିଳିଥାଏ।




### ଇନ୍‌ଫୋସିସ୍, ଟିସିଏସ ଓ ଏଚସିଏଲ ସମେତ ୮ କମ୍ପାନୀକୁ ବଡ଼ ଝଟ୍‌କା

## ଗ୍ରୀନ୍ କାର୍ଡ ପ୍ରୋଗ୍ରାମରୁ ଓହରିଲା ଆମେରିକା

ନୂଆଦିଲ୍ଲୀ,୯।୧୦: ଆମେରିକା ଭିସାକୁ ନେଇ ପୁଣି ଅଡୁଆ। ଟ୍ରମ୍ପ ପ୍ରଶାସନ ଆମେରିକୀୟ ଇମିଗ୍ରେଶନ ସିଷ୍ଟମକୁ କଡ଼ାକଡ଼ି କରିବା ଦିଗରେ ତତ୍ପର ହୋଇଚାଲିଛି। ଏଚ୍-୧ବି ଭିସାର ଦୁରୁପଯୋଗ ଏବଂ ଆମେରିକାରେ ଯୋଗ୍ୟ କର୍ମଚାରୀ ଥାଇ ବି ବିଦେଶୀ କର୍ମଚାରୀଙ୍କୁ ଚାକିରିରେ ରଖିବା ଅଭିଯୋଗ ମଧ୍ୟରେ ପ୍ରଶାସନ କେତେକ ବଡ଼ ଟେକ୍ନୋଲୋଜି କମ୍ପାନିଙ୍କୁ 'ପର୍ମାନେଣ୍ଟ ଲେବର ସାଟି ଫିକେଶନ'(ପିଆରଏମ୍) କାର୍ଯ୍ୟକ୍ରମରୁ ବାହାର କରିଦେଇଛି। ଏଥିରେ କଗ୍ନିଜାଣ୍ଟ, ଇନ୍ଫୋସିସ୍, ଟାଟା, ଓ୍ୱିପ୍ରୋ, କ୍ୟାପ୍‌ଜିମିନି ଏବଂ ଏଚ୍‌ସିଏଲ୍ ଭଳି କମ୍ପାନି ରହିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଭାରତୀୟଙ୍କ ଉପରେ ସିଧାସଳଖ ପ୍ରଭାବ ପଡ଼ିବ।

ଆମେରିକାର ଉପ-ରାଷ୍ଟ୍ରପତି ଜେ.ଡି. ଭାନ୍ସ ମାଇକ୍ରୋସଫ୍ଟ ଉପରେ ଅଭିଯୋଗ ଆଣିଛନ୍ତି ଯେ, କମ୍ପାନି ହଜାର ହଜାର ଆମେରିକୀୟ କର୍ମଚାରୀଙ୍କୁ ଚାକିରିରୁ ବାହାର କରିଦେଇଛି। ଅନ୍ୟପକ୍ଷରେ, ହଜାର ହଜାର ଏଚ୍-୧ବି ଭିସା ଏବଂ ଗ୍ରୀନ୍ କାର୍ଡର ଫାଇଦା ବି ଉଠାଇଛି। ପ୍ରଶାସନ ଭିସା ସହ ଜଡ଼ିତ ପ୍ରୋଗ୍ରାମ୍ସର ଦୁରୁପଯୋଗକୁ ନେଇ ୯ଟି ବିଶ୍ୱବିଦ୍ୟାଳୟ ବିରୋଧରେ ଯାଞ୍ଚ ଆରମ୍ଭ କରିଛି। ଏହାଦ୍ୱାରା ଆମେରିକାରେ ବିଦେଶୀ କର୍ମଚାରୀ ଏବଂ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କ ପାଇଁ ଅନିଶ୍ଚିତତା ବଢ଼ିଯାଇଛି। ପିଆର୍‌ଏମ୍ ପ୍ରୋଗ୍ରାମରୁ ମାଇକ୍ରୋସଫ୍ଟର ସସ୍ପେଣ୍ଡ ଘୋଷଣା କରି ଭାନ୍ସ କହିଲେ, କମ୍ପାନି ୬,୦୦୦ ଆମେରିକୀୟ କର୍ମଚାରୀଙ୍କୁ ଚାକିରିରୁ ବିଦା କରିଛି। ଅନ୍ୟପକ୍ଷରେ, ୬,୩୦୦ ଏଚ୍-୧ବି ଭିସା ଏବଂ ପ୍ରାୟ ୩,୦୦୦ ଗ୍ରୀନ୍ କାର୍ଡର ଫାଇଦା ଉଠାଇଛି।




ପିଆର୍‌ଏମ୍ କାର୍ଯ୍ୟକ୍ରମ କ'ଣ: ପର୍ମାନେଣ୍ଟ ଲେବର ସାର୍ଟିଫିକେଶନ ପ୍ରୋଗ୍ରାମ ବା ପିଆରମ୍ ଶ୍ରମ ବିଭାଗର ଏକ ପ୍ରକ୍ରିୟା, ଯାହା ଆମେରିକାର ନିଯୁକ୍ତିଦାତାଙ୍କୁ ବିଦେଶୀ କର୍ମଚାରୀଙ୍କୁ ସ୍ଥାୟୀ ଭାବେ ଚାକିରିରେ ରଖିବା ପାଇଁ ସାର୍ଟିଫିକେଶନ୍ ଅନୁମତି ଦେଇଥାଏ। ଏହି ପ୍ରକ୍ରିୟା ଅଧୀନରେ ନିଯୁକ୍ତିଦାତାଙ୍କୁ ସାଧାରଣତଃ ଏହା ପ୍ରମାଣିତ କରିବାକୁ ହୁଏ ଯେ, ଚାକିରି ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ଦକ୍ଷ, ଇଚ୍ଛୁକ, ଯୋଗ୍ୟ ଏବଂ ଉପଲବ୍ଧ ଆମେରିକୀୟ କର୍ମଚାରୀ ନାହାନ୍ତି। ବିଦେଶୀ କର୍ମଚାରୀଙ୍କୁ ଚାକିରିରେ ରଖିବା ଦ୍ୱାରା ସମାନ କାର୍ଯ୍ୟ କରୁଥିବା ଆମେରିକୀୟ କର୍ମଚାରୀଙ୍କ ଦରମା ଏବଂ କାର୍ଯ୍ୟ ସ୍ଥିତି ଉପରେ ଯେପରି ପ୍ରଭାବ ନ ପଡ଼େ ତାହା ସୁନିଶ୍ଚିତ କରିବାକୁ ହେବ। ଥରେ ଶ୍ରମ ବିଭାଗରୁ ଶ୍ରମ ପ୍ରମାଣନ ମଞ୍ଜୁରୀ ପାଇବା ପରେ ନିଯୁକ୍ତିଦାତା ଆମେରିକୀୟ ନାଗରିକତ୍ୱ ଏବଂ ପ୍ରବାସନ ସେବାରେ ଇମିଗ୍ରାଣ୍ଟ ପିଟିସନ ସହ ଆଗେଇପାରିବ। ଆମେରିକୀୟ କର୍ମଚାରୀଙ୍କୁ ସୁରକ୍ଷା ପ୍ରଦାନ କରିବା ଏହାର ଲକ୍ଷ୍ୟ।

## ସ୍ଥାୟୀ ନିର୍ବାହୀ ଅଧିକାରୀ ନିଯୁକ୍ତି ଦାବିରେ ଓଜେସି ପାର୍ଟିର ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ଯାଜପୁର ରୋଡ୍, ୯।୧୦ (ସଂଚାର ବ୍ୟୁରୋ): ଓଡ଼ିଶା ଜନତା କଂଗ୍ରେସ ଯାଜପୁର ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ଆଜି ଶତାଧିକ କର୍ମୀ ବ୍ୟାସନଗର ସହରର ବିକାଶ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସୁଫଳ ନମିଳିବାରୁ ଆଜି ଗୋପବନ୍ଧୁ ଛକରୁ ଶୋଭାଯାତ୍ରାରେ ବାହାରି କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ଏଡିଏମଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ୫ ଦଫା ସମ୍ବଳିତ ସ୍ମାରକପତ୍ର ଦିଆଯାଇଛି। ବ୍ୟାସନଗର ପୌରପରିଷଦରେ ଅସ୍ଥାୟୀ ବଦଳରେ ସ୍ଥାୟୀ ନିର୍ବାହୀ ଅଧିକାରୀ ନିଯୁକ୍ତି, ଭଗ୍ନ କେଏନଡିଏ ମାର୍କେଟ କମ୍ପ୍ଲେକ୍ସ ଭାଙ୍ଗି ନୂତନ ମାର୍କେଟ ନିର୍ମାଣ, କମ୍ପାନୀ ବସ୍ ଓ ଭାରୀଯାନ ସହର ମଧ୍ୟକୁ ପ୍ରବେଶ ନିଷେଧ, ସେଲିବ୍ରେସନ ମଣ୍ଡପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, କଳିଙ୍ଗନଗର ଶିଳ୍ପାଅଚଳରେ ବ୍ୟାସନଗର ଯୁବକ-ଯୁବତୀଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଭଳି ପ୍ରମୁଖ ୫ଦାବି ପ୍ରମୁଖ ଦାବି ରହିଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ଓଜେସି କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ଛାତ୍ର ସଂସଦ ନିର୍ବାଚନକୁ ନେଇ ବାଲିଆପାଳରେ ରାଜନୈତିକ ଉଷ୍ମତା

# ତ୍ରିମୁଖୀ ଲଢ଼େଇ ସମ୍ଭାବନା

### ପ୍ରାର୍ଥୀ ଚୟନ ପାଇଁ ଛାତ୍ର ନେତାଙ୍କ ତତ୍ପରତା

### କ୍ୟାମ୍ପସରେ ବଢୁଛି ଉତ୍ସାହ

ବାଲିଆପାଳ,୯।୧୦ (ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନକୁ ନେଇ ବାଲିଆପାଳ ବ୍ଲକରେ ଏବେଠାରୁ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ବ୍ଲକର ଦୁଇ ପ୍ରମୁଖ ମହାବିଦ୍ୟାଳୟ– ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ଦେଭୋଗ ଏବଂ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି। ନିର୍ବାଚନକୁ ନେଇ ଉଭୟ କଲେଜ କ୍ୟାମ୍ପସ ଧୀରେ ଧୀରେ ସରଗରମ ହେବାରେ ଲାଗିଛି।

ଚଳିତ ଥର ନିର୍ବାଚନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାର ସମ୍ଭାବନା ଥିବା ଜଣାପଡ଼ିଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି), ବିଜୁ ଛାତ୍ର ଜନତା ଦଳ (ବିଜେଡି ସମର୍ଥିତ) ଏବଂ କଂଗ୍ରେସ ସମର୍ଥିତ ସ୍ୱାଧୀନ ଛାତ୍ର ସଂଗଠନ ମଧ୍ୟରେ ମୁକାବିଲା ହେବା ନେଇ ଚର୍ଚ୍ଚା ଜୋର ଧରିଛି। ନିଜ ନିଜ ସଂଗଠନ ପକ୍ଷରୁ ଯୋଗ୍ୟ ପ୍ରାର୍ଥୀ ଚୟନ କରିବା ପାଇଁ ଛାତ୍ର ନେତାମାନେ ଜୋରସୋରରେ ଲବି ଆରମ୍ଭ କରିଦେଇଛନ୍ତି।



ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଛାତ୍ର ରାଜନୀତିକୁ ଦେଖିଲେ, ୨୦୧୬ ପୂର୍ବରୁ ମୁଖ୍ୟତଃ ବିଜୁ ଛାତ୍ର ଜନତା ଦଳ ଏବଂ ସ୍ୱାଧୀନ ଛାତ୍ର ସେବା ସଂଗଠନ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଆସୁଥିଲା। ତେବେ ଅଧିକାଂଶ ସମୟରେ ସ୍ୱାଧୀନ ଛାତ୍ର ସେବା ସଂଗଠନର ପ୍ରଭାବ ଅଧିକ ରହିଥିବା ଦେଖାଯାଉଥିଲା। କିନ୍ତୁ ଚଳିତ ନିର୍ବାଚନରେ ଏବିଭିପି ପୂର୍ବ ନିର୍ବାଚନ ତୁଳନାରେ ଅଧିକ ସକ୍ରିୟ ହୋଇଥିବାରୁ ନିର୍ବାଚନୀ ସମୀକରଣ ରୋଚକ ହେବାର ଆଶା କରାଯାଉଛି।ଛାତ୍ର ରାଜନୀତିରେ ରାଜନୈତିକ ଦଳଗୁଡ଼ିକ ସିଧାସଳଖ ଭାବେ ମଇଦାନକୁ ଓହ୍ଲାଇ ନଥିଲେ ମଧ୍ୟ ବିଭିନ୍ନ ଛାତ୍ର ସଂଗଠନ ପଛରେ ଶାସକ ଓ ବିରୋଧୀ ଦଳର ପରୋକ୍ଷ ସମର୍ଥନ ରହିଥିବା ନେଇ ଚର୍ଚ୍ଚା ହେଉଛି।

ଏବିଭିପି ମାଧ୍ୟମରେ ଶାସକ ବିଜେପି ନିଜର ସମ୍ମାନ ରକ୍ଷା କରିବାକୁ ଉଦ୍ୟମ କରୁଥିବାବେଳେ, କଂଗ୍ରେସ ମଧ୍ୟ ନିଜର ପୂର୍ବ ସଫଳତା ବଜାୟ ରଖିବା ଲକ୍ଷ୍ୟରେ ରହିଛି। ବାଲିଆପାଳ ବ୍ଲକର ପଞ୍ଚାୟତ ସମିତି କଂଗ୍ରେସ ଦଖଲରେ ଥିବାରୁ ଏହାର ପ୍ରଭାବ ଛାତ୍ର ରାଜନୀତିରେ କେତେଦୂର ପଡ଼ିବ, ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବ ସଫଳତା ବଜାୟ ରଖିବା ପାଇଁ କଂଗ୍ରେସ ସମର୍ଥିତ ଛାତ୍ର ନେତାମାନେ ଆଶାବାଦୀ ଥିବାବେଳେ ବିଜେଡି ମଧ୍ୟ ନିଜର ସ୍ଥିତି ମଜବୁତ କରିବା ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ଚର୍ଚ୍ଚା ହେଉଛି।

ତେବେ ସମସ୍ତ ରାଜନୈତିକ ସମୀକରଣକୁ ପଛରେ ପକାଇ ଶେଷରେ ଛାତ୍ରଛାତ୍ରୀ କାହା ସପକ୍ଷରେ ନିଜର ମତ ରଖୁଛନ୍ତି, ତାହା ହିଁ ନିର୍ବାଚନ ଫଳାଫଳ ନିର୍ଣ୍ଣୟ କରିବ। ଏଥିପାଇଁ ନିର୍ବାଚନ ଘୋଷଣା ପୂର୍ବରୁ ହିଁ ବାଲିଆପାଳର ଦୁଇ କଲେଜରେ ଆରମ୍ଭ ହୋଇଛି ରାଜନୈତିକ ଅଙ୍କକଷା। କିଏ ପ୍ରାର୍ଥୀ ହେବ, କାହାର ପଲା ଭାରି ରହିବ ଏବଂ ଛାତ୍ର ସମାଜ କାହାକୁ ବାଛିବ ଏସବୁକୁ ନେଇ ଏବେଠାରୁ ଚର୍ଚ୍ଚା ଜୋର ଧରିଛି।

## ହୋହାଲ୍ଲାରେ ସରିଲା ପଞ୍ଚାୟତ ସମିତି ବୈଠକ



କୋରେଇ, ୯।୧୦ (ସଂଚାର ବ୍ୟୁରୋ): କୋରେଇ ବ୍ଲକ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ପଂଚାୟତ ସମିତିର ଅଷ୍ଟମ ବୈଠକ ପ୍ରବଳ ହୋହାଲ୍ଲା ଓ ବାକ୍-ବିତଣ୍ଡା ମଧ୍ୟରେ ଶେଷ ହୋଇଛି। ତେବେ ଏପଟେ ବ୍ଲକ୍ ସ୍ତରିୟ ସେବା ସେତୁ କ୍ୟାମ୍ପ ଶିବିରରେ ଯୋଗଦେବାକୁ ଆସିଥିବା ଯାଜପୁର ସାଂସଦ ଶ୍ରୀ ରବିନାରାୟଣ ବେହେରା ଉକ୍ତ ବୈଠକରେ ଯୋଗ ଦେଇ ଚାଲିଯିବା ପରେ ପରେ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇଙ୍କ ଅଧ୍ୟକ୍ଷତା ଓ ବିଡିଓ ଅବନୀକାନ୍ତ ସାହୁଙ୍କ ଉପସ୍ଥିତିରେ ବୈଠକ ଆରମ୍ଭ ହେବା ମାତ୍ରେ ବିଭିନ୍ନ ପଂଚାୟତର ସରପଂଚ ଓ ସମିତି ମେମ୍ବରମାନେ ନିଜ ନିଜ ଅଂଚଳର ସମସ୍ୟାକୁ ନେଇ, ବିଗତ ଆର୍ଥିକ ବର୍ଷର ଅଧାପନ୍ତରିଆ କାର୍ଯ୍ୟ, ଟେଣ୍ଡର ବିଳମ୍ବ ଏବଂ ଜନକଲ୍ୟାଣ ଯୋଜନା ଲୋକଙ୍କ ପାଖରେ ପହଂଚୁନଥିବା ଅଭିଯୋଗରେ ବୈଠକ ଆରମ୍ଭ ପୂର୍ବରୁ

ଦୀର୍ଘ ସମୟ ଧରି ହୋହାଲ୍ଲା ଲାଗି ରହିବାରୁ କୌଣସି ନିର୍ଦ୍ଦିଷ୍ଟ ନିଷ୍ପତି ବିନା ବୈଠକ ଶେଷ କରିବାକୁ ପଡ଼ିଥିବା ଦେଖିବାକୁ ମିଳିଥିଲା।

## ଉମରକୋଟ ସହରରେ ସୁରକ୍ଷା ଚିନ୍ତା

# ଡିଭାଇଡର୍‌ରୁ ବିଜ୍ଞାପନ ବୋର୍ଡ ଓ ହୋର୍ଡିଂ ହଟାଇବାକୁ ଦାବି



ନବରଙ୍ଗପୁର/ଉମରକୋଟ,୯।୧୦ (ସଂଚାର ବ୍ୟୁରୋ): ଆସୁଛି ପାର୍ବଣ ଋତୁ, ଆସୁଛି ଦଶହରା! ଗାଁ ଗାଁରୁ ଲୋକଙ୍କ ସୁଅ ଛୁଟିବ ଉମରକୋଟ ସହରକୁ। ବଜାରରେ ବଢ଼ିବ ଭିଡ଼, ରାସ୍ତାରେ ବଢ଼ିବ ଯାନବାହନ ଚଳାଚଳ। ଏଭଳି ସମୟରେ ସହରର ମୁଖ୍ୟ ରାସ୍ତା ଓ ଡିଭାଇଡର୍‌ରେ ଲାଗିଥିବା ବିଭିନ୍ନ ବିଜ୍ଞାପନ ବୋର୍ଡ, ରାଜନୈତିକ ହୋର୍ଡିଂ, ବ୍ୟାନର୍ ଓ ପତାକାର ସୁରକ୍ଷାକୁ ନେଇ ଉଠିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ପାର୍ବଣର ଖୁସି ଭିତରେ ଯେପରି ଦୁର୍ଘଟଣାର ଭୟ ନ ରହୁ, ସେଥିପାଇଁ ଏବେଠାରୁ ସତର୍କ ହେବା ଜରୁରୀ।

ଉମରକୋଟ ସହରର ମୁଖ୍ୟ ରାସ୍ତାର ଡିଭାଇଡର୍‌ରେ ଲାଗିଥିବା ବଡ଼ ବଡ଼ ବିଜ୍ଞାପନ ବୋର୍ଡ ଏବଂ ଅନ୍ୟାନ୍ୟ ସ୍ଥାପନାର ସୁରକ୍ଷା ଯାଞ୍ଚ କରିବାର ଆବଶ୍ୟକତା ରହିଛି। ଦଶହରା ସମୟରେ ଯେତେବେଳେ ରାସ୍ତାରେ ଗାଡ଼ିମୋଟର ଓ ପଥଚାରୀଙ୍କ ଭିଡ଼ ବଢ଼ିବ, ସେତେବେଳେ ଅସୁରକ୍ଷିତ ଭାବେ ଲାଗିଥିବା କୌଣସି ବୋର୍ଡ କିମ୍ବା ହୋର୍ଡିଂ ଯେପରି ଦୁର୍ଘଟଣାର କାରଣ ନ ହୁଏ, ତାହା ଉପରେ ଗୁରୁତ୍ୱ ଦେବା ଦରକାର।

କେବଳ ବିଜ୍ଞାପନ ବୋର୍ଡ ନୁହେଁ, ରାସ୍ତା ମଝିରେ ଲାଗିଥିବା ବ୍ୟାନର୍, ପତାକା ଓ ଅନ୍ୟାନ୍ୟ ସ୍ଥାପନା ଯଦି ଯାତାୟାତରେ ବାଧା ସୃଷ୍ଟି କରୁଛି କିମ୍ବା ଚାଳକଙ୍କ ଦୃଶ୍ୟମାନତାକୁ ପ୍ରଭାବିତ କରୁଛି, ତେବେ ସେଗୁଡ଼ିକର ଯାଞ୍ଚ ମଧ୍ୟ ଜରୁରୀ।

ଏହି ପରିପ୍ରେକ୍ଷୀରେ ଉମରକୋଟ ପୌର ପ୍ରଶାସନ, ଟ୍ରାଫିକ୍ ପୋଲିସ ଏବଂ ସମ୍ପୃକ୍ତ ବିଭାଗକୁ ଅନୁରୋଧ— ଦଶହରା ପୂର୍ବରୁ ସହରର ସମସ୍ତ ମୁଖ୍ୟ ରାସ୍ତା ଓ ଡିଭାଇଡର୍‌ରେ ଲାଗିଥିବା ବିଜ୍ଞାପନ ବୋର୍ଡ, ହୋର୍ଡିଂ, ବ୍ୟାନର୍ ଓ ପତାକାର ସ୍ଥିତି ଯାଞ୍ଚ କରାଯାଉ। ଯେଉଁ ସ୍ଥାପନାଗୁଡ଼ିକ ଅସୁରକ୍ଷିତ କିମ୍ବା ଯାତାୟାତ ପାଇଁ ବାଧା ସୃଷ୍ଟି କରୁଛି, ସେଗୁଡ଼ିକୁ ନିୟମ ଅନୁଯାୟୀ ସୁରକ୍ଷିତ କରାଯାଉ କିମ୍ବା ହଟାଇବାର ବ୍ୟବସ୍ଥା କରାଯାଉ।

ସେହିପରି, ପାର୍ବଣ ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ସୁରକ୍ଷିତ ଯାତାୟାତ ପାଇଁ ଆଗୁଆ ଯୋଜନା କରାଯାଉ।

## ତେଲେନଡିହି ବାଳିକା ଉଚ୍ଚ ବିଦ୍ୟାଳୟରେ ସଦର ପୁଲିସର 'ଜୁଭେନ୍ତିକା' କାର୍ଯ୍ୟକ୍ରମ



ସୁନ୍ଦରଗଡ଼,୯।୧୦ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ସଦର ପୋଲିସ ପକ୍ଷରୁ ତେଲେନ ଡିହି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି 'ଜୁଭେନ୍ତିକା' କାର୍ଯ୍ୟକ୍ରମ। ଛାତ୍ରୀଙ୍କ ସୁରକ୍ଷା, ସଚେତନତା ଓ ଆତ୍ମବିଶ୍ୱାସ ବୃଦ୍ଧି ନେଇ ପୋଲିସ ପକ୍ଷରୁ ଦିଆଯାଇଛି ଆବଶ୍ୟକୀୟ ସୂଚନା। କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ମହିଳା ଓ ଶିଶୁ ସୁରକ୍ଷା, ସାଇବର ଠକେଇ, ଟ୍ରାଫିକ ନିୟମ ଏବଂ ଆଇନଗତ ଅଧିକାର ସମ୍ପର୍କରେ ସଚେତନ କରାଯାଇଥିଲା। କୌଣସି ଅସୁବିଧା କିମ୍ବା ଅପରାଧର ସମ୍ମୁଖୀନ ହେଲେ ଭୟଭୀତ ନହୋଇ ପୋଲିସର ସହାୟତା ନେବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଛାତ୍ରୀମାନଙ୍କୁ ସୁରକ୍ଷିତ, ସଚେତନ ଓ ସଶକ୍ତ କରିବା ଲକ୍ଷ୍ୟରେ ସଦର ପୋଲିସ ଆରମ୍ଭ କରିଛି ଏହି ପଦକ୍ଷେପ।

## ନୀଳଗିରି ମହିଳା କଲେଜରେ ଗୋପବନ୍ଧୁ ଜୟନ୍ତୀ ପାଳିତ



ନୀଳଗିରି,୯।୧୦ (ସଂଚାର ବ୍ୟୁରୋ): ଗରିବର ବନ୍ଧୁ ଗୋପବନ୍ଧୁ। ଗୋପବନ୍ଧୁ ସେବାର ପ୍ରତୀକ। ସାରସ୍ୱତ ସାଧକ ପଣ୍ଡିତ ଗୋପବନ୍ଧୁ ଆଦର୍ଶର ବିଗ୍ରହ । ସେବା ଦ୍ୱାରା ହୃଦୟ ଜିତିହୁଏ । ସାଧନା ଆଦର୍ଶର ଜନନୀ। ଭାଷା ଓ ଜାତୀୟତାର ଉଦାହରଣ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଯୁଗେଯୁଗେ ଉତ୍କଳର ପ୍ରାଣବୋଲି ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗରେ ଆୟୋଜିତ ତାଙ୍କର ଜୟନ୍ତୀରେ ମତପ୍ରକାଶ ପାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ମୁଖ୍ୟ ଅତିଥି ଭାବରେ ରାଜନୀତି ବିଭାଗର ବରିଷ୍ଠ ପ୍ରାଧ୍ୟାପକ ସୌରଭ ପଟ୍ଟନାୟକ, ମୁଖ୍ୟବକ୍ତା ଭାବରେ ଗୃହବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପିକା ମମତା ବରାଳ, ସମ୍ମାନୀତ ଅତିଥି ଭାବରେ ଅଧ୍ୟାପିକା ମୌସୁମୀ ଭୋଳ, ସୁଷମା ସିଂହ, ପବିତ୍ରା ବେହୁରିଆ ଯୋଗଦାନ କରିଥିବାବେଳେ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ଶିବାନୀ ଡଗର, ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଉପସ୍ଥିତ ଥିଲେ ।

## ତୁଡାଲଗା ବାଳିକା ଉଚ୍ଚ ବିଦ୍ୟାଳୟରେ ବଡ଼ଗାଁ ପୁଲିସର 'ଜୁଭେନ୍ତିକା' କାର୍ଯ୍ୟକ୍ରମ



ସୁନ୍ଦରଗଡ଼,୯।୧୦ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁନ୍ଦରଗଡ଼ଙ୍କ ନିର୍ଦ୍ଦେଶକ୍ରମେ ବଡ଼ଗାଁ ଥାନାର ଭାରପ୍ରାପ୍ତ ଅଧିକାରୀ ମୁକେଶ ସାହାଣୀଙ୍କ ନେତୃତ୍ୱରେ ତୁଡାଲଗା ବାଳିକା ଉଚ୍ଚ ବିଦ୍ୟାଳୟଠାରେ 'ଜୁଭେନ୍ତିକା' କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ସଚେତନତାମୂଳକ କାର୍ଯ୍ୟକ୍ରମ ରେ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରୀମାନଙ୍କ ମଧ୍ୟରେ ବାଲ୍ୟବିବାହ ନିରାକରଣ, ସାମାଜିକ ଦାୟିତ୍ୱବୋଧ ଏବଂ ସାଇବର ଅପରାଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା।

କାର୍ଯ୍ୟକ୍ରମରେ ବାଲ୍ୟବିବାହର କୁପରିଣାମ, ଏହାକୁ ରୋକିବାରେ ସମାଜର ଭୂମିକା ଏବଂ ଶିଶୁ ଓ କିଶୋରୀମାନଙ୍କ ସୁରକ୍ଷା ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା। ଏହା ସହିତ ଅନଲାଇନ୍ ଠକେଇ, ସାଇବର ଅପରାଧର ବିଭିନ୍ନ ପ୍ରକାର ଏବଂ ଡିଜିଟାଲ୍ ମାଧ୍ୟମର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା।

ଏହିପରି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀମାନଙ୍କୁ ସଚେତନ, ଦାୟିତ୍ୱବାନ ଏବଂ ସୁରକ୍ଷିତ ନାଗରିକ ଭାବେ ଗଢ଼ି ତୋଳିବା ସହ ଏକ ସୁସ୍ଥ, ସୁରକ୍ଷିତ ଓ ବାଲ୍ୟବିବାହମୁକ୍ତ ସମାଜ ଗଠନ କରିବାକୁ ସୁନ୍ଦରଗଡ଼ ପୁଲିସ ପ୍ରତିବଦ୍ଧ।

## ତୁଳସୀ ମହାବିଦ୍ୟାଳୟରେ ଉତ୍ତେଜନା

# ନିର୍ବାଚନ ବାତିଲ, ଅନିର୍ଦ୍ଦିଷ୍ଟ କାଳ ପାଇଁ କଲେଜ ବନ୍ଦ



କେନ୍ଦ୍ରାପଡ଼ା,୯।୧୦(ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନକୁ କେନ୍ଦ୍ରକରି କେନ୍ଦ୍ରାପଡ଼ା ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ଉତ୍ତେଜନା ଦେଖା ଦେବାରୁ କଲେଜ କର୍ତ୍ତୃପକ୍ଷ ନିର୍ବାଚନକୁ ବାତିଲ କରିଦେଇଛନ୍ତି। ଏହାସହ କଲେଜକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ଛୁଟି ଘୋଷଣା କରିଦେଇଛନ୍ତି । ଏ ସଂକ୍ରାନ୍ତରେ କଲେଜ ଅଧ୍ୟକ୍ଷ ଡ. ବାସନ୍ତୀ ଶୁକ୍ଳା ଜିଲ୍ଲାପାଳ, ଏସପି, ଉଚ୍ଚଶିକ୍ଷା ବିଭାଗ ନର୍ଦ୍ଦେଶକ, କେନ୍ଦ୍ରାପଡ଼ା ଟାଉନ ଥାନା, ହଷ୍ଟେଲ ଅଧୀକ୍ଷକ ଓ କେନ୍ଦ୍ରାପଡ଼ା ତହସିଲଦାରଙ୍କୁ ଅବଗତ କରାଇଛନ୍ତି। ଛାତ୍ରୀନିବାସ ଖାଲି କରିବା ପାଇଁ ଅନ୍ତେବାସୀମାନଙ୍କୁ ସୂଚନା ଦିଆଯାଇଛି ।

ସୂଚନା ଥାଉକି ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିବା ପାଇଁ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ସମୟ ଥିଲା। ହେଲେ ଏହାପରେ କେତେକ ଆଶାୟୀ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବା ପାଇଁ ଜିଦ୍ ଧରିଥିଲେ । ଏହି ସମୟରେ କଲେଜ କର୍ତ୍ତୃପକ୍ଷ କଲେଜର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ । କିନ୍ତୁ କେତେକ ଛାତ୍ରୀ କଲେଜ ଫାଟକ ତାଲା ଭାଙ୍ଗି ଭିତରେ ପଶିଥିଲେ । ଏହାସହ କଲେଜ ଫାଟକ ସମ୍ମୁଖରେ ଟାୟାର ଜାଳି ନାମାଙ୍କନପତ୍ର ଦାଖଲ କରିବା ପାଇଁ ଦାବି କରିଥିଲେ । ଏହାକୁ ନେଇ କଲେଜରେ ଉତ୍ତେଜନା ପ୍ରକାଶ ପାଇଥିଲେ ।

ଏହି ଆଶାୟୀ ଛାତ୍ରୀମାନେ ନାମାଙ୍କନପତ୍ର ଦାଖଲ କରିବା ପାଇଁ ଜିଦ ଧରିଥିଲେ । ଫଳରେ କଲେଜରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବାଧ୍ୟ ହୋଇ କଲେଜ କର୍ତ୍ତୃପକ୍ଷ କେନ୍ଦ୍ରାପଡ଼ା ଟାଉନ୍ ଥାନାକୁ ଫୋନ କରିଥିଲେ । ଟାଉନ୍ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ହେଲେ ପୋଲିସ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରି ନଥିଲା । କାରଣ ବିଶୃଙ୍ଖଳା କରୁଥିବା ଛାତ୍ରୀମାନେ ଶାସକ ଦଳର ସମର୍ଥିତ ପ୍ରାର୍ଥୀ ଥିଲେ । ତେଣୁ ପୋଲିସ ମଧ୍ୟ ନିରବ ରହିଥିଲା। କଲେଜ କର୍ତ୍ତୃପକ୍ଷ ଏ ନେଇ ଜରୁରୀ ବୈଠକ ଡକାଇଥିଲେ। ସନ୍ଧ୍ୟାରେ ଜରୁରୀ ବୈଠକରେ ଛାତ୍ର ସଂସଦ ନିର୍ବାଚନକୁ ବାତିଲ ସଂକ୍ରାନ୍ତରେ ନିଷ୍ପତ୍ତି ହେବା ପରେ ବିଜ୍ଞପ୍ତି ଜାରି କରାଯାଇଥିବା କଲେଜ ଅଧ୍ୟକ୍ଷା ଡ. ଶୁକ୍ଳା କହିଛନ୍ତି ।

## ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଫୁଲବାଣୀ,୯।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଷ୍ଟାଡିୟମରେ ଶୁକ୍ରବାର ଜିଲାସ୍ତରୀୟ କ୍ରୀଡା ପ୍ରତଯୋଗିତା ଉଦ୍‌ଘାଟିତ ହୋଇଯାଇଛି ।

ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପାଠ ପଢ଼ିବା ସହ ଶାରୀରିକ ସୁସ୍ଥତା ପାଇଁ କ୍ରୀଡା ନିହାତି ଆବଶ୍ୟକ । ଆଜିକାଲି କ୍ରୀଡାକୁ ନେଇ କ୍ୟାରିୟର କରି ହେଉଛି । ଖେଳ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତାର ମନୋଭାବ ଆଣେ। ତେଣୁ ସବୁବେଳେ ଖେଳର ଗୁରୁତ୍ୱ ରହିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଏମ୍ପିଙ୍କ ପିଏ ଅଜିତ ପଟ୍ଟନାୟକ, ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ, ବିଇଓ ବିନୋଦ ଦିଗାଲ ଶୁଭସମିତା ପଟ୍ଟନାୟକ ଓ ଅତିରିକ୍ତ ଶିକ୍ଷା ଅଧିକାରି ମାନସ ରଞ୍ଜନ ଦାସ ଓ ବାପୁଜୀ ଦିଗାଲ ଏବଂ ପ୍ରମୋଦ ମଲ୍ଲିକ, ଜିଲା ଶାରୀରିକ କ୍ରୀଡା ଅଧିକାରୀ ସଂଜୟ ପାତ୍ର ପ୍ରମୁଖ ଯୋଗଦେଇ ସେମାନଙ୍କ ଅଭିଭାଷଣ ରଖିଥିଲେ।

ଜିଲ୍ଲାର ସମସ୍ତ ୧୨ଟି ବ୍ଲକରୁ ୯୦୦ ପାଖାପାଖି ଛାତ୍ରୀଛାତ୍ର ଏହି। ୧୪ ବର୍ଷରୁ କମ୍ ବାଳିକା ଓ ବାଳକ, ୧୫ ବର୍ଷରୁ କମ ବାଳିକା ଓ ବାଳକ, ୧୭ ବର୍ଷରୁ କମ ବାଳିକା ଓ ବାଳକ ମାନଙ୍କ ମଧ୍ୟରେ ଖୋଖୋ, ବ୍ୟାଡମିଂଟନ, ହକି, କ୍ରିକେଟ, ଯୋଗ ଆଦି ପ୍ରତିଯୋଗିତା ହେବ ।

## ଭୟଙ୍କର ସଡ଼କ ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ



ନବରଙ୍ଗପୁର,ଡାବୁଗାଁ,୯।୧୦ (ସଂଚାର ବ୍ୟୁରୋ): ନବରଙ୍ଗପୁରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଅକାଳରେ ଚାଲିଗଲା ଦମ୍ପତିଙ୍କ ଜୀବନ। ଗଛରେ ପିଟିହେଲା କାର୍, ଘଟଣାରେ ସ୍ୱାମୀ ଓ ସ୍ତ୍ରୀଙ୍କ ମୃତ୍ୟୁ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଡାବୁଗାଁ ବ୍ଲକ ଧାମନାଗୁଡ଼ା ଅଞ୍ଚଳରେ। ମୃତକ ଦୁହେଁ ହେଉଛନ୍ତି ନବରଙ୍ଗପୁର ସହରର ଇଚ୍ଛାବତୀଗୁଡ଼ା ଅଞ୍ଚଳର ସୁଶାନ୍ତ ପାଣିଗ୍ରାହୀ ଓ ତାଙ୍କ ପତ୍ନୀ ମିନାକ୍ଷୀ ପାଣିଗ୍ରାହୀ। ସୂଚନା ଅନୁଯାୟୀ, ଉଭୟ ଏକ କାର୍‌ରେ ଯାଉଥିବା ବେଳେ କାର୍‌ଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା। ଦୁର୍ଘଟଣା ପରେ ଅଗ୍ନିଶମ ବାହିନୀର ସହାୟତାରେ ଉଭୟଙ୍କୁ ଉଦ୍ଧାର କରାଯାଇ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ମୃତ ଘୋଷଣା କରିଥିଲେ।

## ସିନ୍ଧ୍ରିମାଳ ଆଞ୍ଚଳିକ ସାଧନ କେନ୍ଦ୍ର ଠାରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ମାଲକାନଗିରି,୯।୧୦ (ସଂଚାର ବ୍ୟୁରୋ): ମାଲକାନଗିରି ବ୍ଲକ ଅଧୀନ ସିନ୍ଧ୍ରିମାଳ ଆଞ୍ଚଳିକ ସାଧନ କେନ୍ଦ୍ର ସୁରଭି କାର୍ଯ୍ୟକ୍ରମ ତଥା ଶିଶୁ ମହୋତ୍ସବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମନୁଷକୋଣ୍ଡା ଠାରେ ସିଆରସିସି ଚିନ୍ମୟୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଶ୍ରୀ ଘାସି ନାୟକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହରି ପଡିଆମି ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ଧୂପ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୬୦ ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ୨୬ଟି ଭିନ୍ନ ଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଉଦଯାପନ ଉତ୍ସବରେ ସରପଞ୍ଚ ସହ ଅନ୍ୟାନ ଉପସ୍ଥିତ ଅଥିତିମାନଂକ ଦ୍ୱାରା ଛତ୍ରଛାତ୍ରୀ ମାନଂକୁ ୮୦ ଗୋଟି ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ।

## ମଙ୍ଗଳା ପୀଠରୁ ମଙ୍ଗଳା କ୍ୟାମ୍ପସ

# ୩ ଦଳର ୩ ମହିଳା ଶକ୍ତି ମୁହାଁମୁହିଁ

### ରେଶ୍ମି - ଅଳକାନନ୍ଦା - ସ୍ମୃତି ମଧ୍ୟରେ ତ୍ରିମୁଖୀ ଲଢେଇ, ପୁରୁଷ ପ୍ରାର୍ଥୀ ସୁମନ୍ତ



କାକଟପୁର/ଅସ୍ତରଙ୍ଗ,୯।୧୦ (ସଂଚାର ବ୍ୟୁରୋ): ବାଜା ବାଣ, ଢୋଲ ରୋଷଣୀ ଆଉ ଶଙ୍ଖ ହୁଳହୁଳିରେ ଶୁକ୍ରବାର ଦୁଲୁକି ଉଠିଥିଲା କାକଟପୁର। ପୁରୀ ଜିଲ୍ଲାର ଐତିହାସିକ କାକଟପୁର ମଙ୍ଗଳା ମହାବିଦ୍ୟାଳୟ ପରିସର। ଛାତ୍ର ସଂସଦ ନିର୍ବାଚନକୁ ନେଇ ସକାଳୁ ସାରା କ୍ୟାମ୍ପସ ଉତ୍ସବ ମୁଖର ହୋଇ ପଡିଥିଲା। ତିନି ପ୍ରମୁଖ ଛାତ୍ର ସଂଗଠନ ବିଜୁ ଛାତ୍ର ଜନତା ଦଳ, ଏବିଭିପି ଓ ଛାତ୍ର କଂଗ୍ରେସ ପକ୍ଷରୁ ମହିଳା କାର୍ଡ ଖେଳାଯାଇଛି। ତିନି ଦଳ ସଭାପତି ପଦ ପାଇଁ ତିନି ଜଣ ଦମଦାର ମହିଳା ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଇଛନ୍ତି। ଫଳରେ ଏଥର ମଙ୍ଗଳା କଲେଜରେ ତ୍ରିମୁଖୀ ଲଢେଇ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ଜୋର ଧରିଛି।

ଶୁକ୍ରବାର ସକାଳ ୧୦ ଟାରୁ ଦିନ୧ ଘଟିକା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ପ୍ରକ୍ରିୟା ଚାଲିଥିଲା। ଅପରାହ୍ନ ୨ଟାରୁ ୪ ଟା ଯାଏଁ ନାମାଙ୍କନ ପତ୍ର ଯାଞ୍ଚ କରାଯାଇଥିଲା। ସନ୍ଧ୍ୟା ୫ ଟାରେ କଲେଜ ଇଲେକ୍ସନ କମିଟି ପକ୍ଷରୁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏ ନେଇ ଇଲେକ୍ସନ କମିଟି ଚେୟାରପର୍ସନ ବେନଜୁଲତା ସ୍ୱାଇଁ ସୂଚନା ଦେଇଛନ୍ତି ଯେ, ଚଳିତ ବର୍ଷ ମୋଟ ବୋନାଫାଇଡ ଭୋଟର ୮୬୦ ଜଣ। ଶାନ୍ତି ଶୃଙ୍ଖଳା ପାଇଁ କାକଟପୁର ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ଯେପରି ନ ଘଟେ ସେଥିପାଇଁ ଅଧ୍ୟାପକ, ଅଧ୍ୟାପିକା ମାନେ ସଜାଗ ରହିଥିଲେ।

ସବୁଠୁ ଆକର୍ଷଣୀୟ ଥିଲା ଏବିଭିପିର ଶୋଭାଯାତ୍ରା। ସଭାପତି ପ୍ରାର୍ଥୀ ରେଶ୍ମୀ ନାୟକଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀ, ଛାତ୍ର ମା' ମଙ୍ଗଳାଙ୍କ ପୀଠରୁ ଏକ ବିରାଟ ରାଲି ବାହାର କରିଥିଲେ। ରାଷ୍ଟ୍ରବାଦୀ ନାରା, ହାତରେ ପତାକା ଧରି ଶୃଙ୍ଖଳିତ ଭାବେ କଲେଜ ପରିସରରେ ପ୍ରବେଶ କରିଥିଲେ। ଛାତ୍ରୀ ସୁରକ୍ଷା, ରାଗିଂ ମୁକ୍ତ କ୍ୟାମ୍ପସ, ଶିକ୍ଷାର ଗୁଣାତ୍ମକ ବିକାଶ ଓ କ୍ୟାମ୍ପସରେ ସଂସ୍କାର ତାଙ୍କର ମୁଖ୍ୟ ପ୍ରସଙ୍ଗ।

ଏପଟେ ବିଜୁ ଛାତ୍ର ଜନତା ଦଳ ମଧ୍ୟ ନିଜର ଦମ ଦେଖାଇଛି। ସଭାପତି ପ୍ରାର୍ଥୀ ଅଳକାନନ୍ଦା ବେହେରାଙ୍କ ନେତୃତ୍ୱରେ ମା' ମଙ୍ଗଳାଙ୍କ ପୀଠରୁ ଏକ ବିଶାଳ ରାଲି ବାହାରିଥିଲା। ବିଜୁ ବାବୁଙ୍କ ଆଦର୍ଶ, ନବୀନ ବାବୁଙ୍କ ବିକାଶ ମନ୍ତ୍ରରେ ଅନୁପ୍ରାଣିତ ହୋଇ ଛାତ୍ରଛାତ୍ରୀ ନାରା ଦେଉଥିଲେ। କଲେଜର ସର୍ବାଙ୍ଗୀନ ବିକାଶ, ଖେଳ ପଡିଆ ଉନ୍ନତି, ଲାଇବ୍ରେରୀ ଓ ନୂତନ ମହିଳା ଶୌଚାଳୟ ନିର୍ମାଣ ତାଙ୍କ ପ୍ରତିଶ୍ରୁତି।

ଛାତ୍ର କଂଗ୍ରେସ ବି ପଛରେ ନାହିଁ। ସଭାପତି ପ୍ରାର୍ଥୀ ସ୍ମୃତି ପ୍ରିୟା ସାହୁ ମା' ମଙ୍ଗଳାଙ୍କ ଦର୍ଶନ ସାରି ରୋଡ ସୋ ଥିଲା ସବୁଠୁ ଉତ୍ସାହଜନକ। ଯୁବ ଗର୍ଜନ, ଗଣତନ୍ତ୍ର ରକ୍ଷା, ଛାତ୍ର ଅଧିକାର ପାଇଁ ସ୍ୱର ଉଠାଇବା ତାଙ୍କ ମୂଳ ଲକ୍ଷ୍ୟ। କଲେଜରେ ଫି ବୃଦ୍ଧି ବିରୋଧ, ଛାତ୍ରୀ ସୁରକ୍ଷା ଓ ଅଭିବ୍ୟକ୍ତିର ସ୍ୱାଧୀନତା ପାଇଁ ସେ ଲଢେଇ କରିବେ ବୋଲି କହିଛନ୍ତି।

ଏଥର ତିନି ମହିଳା ଶକ୍ତିଙ୍କ ମଧ୍ୟରେ କଡା ଟକ୍କର ହେବ। ଏହାସହ ମହିଳାଙ୍କ ମଧ୍ୟରେ କଡା ଟକ୍କର ହେଉଥିବା ବେଳେ ଜଣେ ଛାତ୍ର ସୁମନ୍ତ ପରିଡା ମଧ୍ୟ ସଭାପତି ପ୍ରାର୍ଥୀ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଶେଷରେ କିଏ ମାରିବ ବାଜି, ତାହା ୮୬୦ ବୋନାଫାଇଡ ଭୋଟର ସ୍ଥିର କରିବେ।

## ହରପାର୍ବତୀ ପୂଜା ଅବସରରେ ଆର୍ଯ୍ୟ ସାଂସ୍କୃତିକ ପରିଷଦର ପ୍ରସ୍ତୁତି ବୈଠକ



ନିଶ୍ଚିନ୍ତକୋଇ,୯।୧୦ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଗତ କାଜିହାଟ ଠାରେ ଥିବା ଆର୍ଯ୍ୟ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ହରପାର୍ବତୀ ପୂଜା ଅବସରରେ ଏକ ପ୍ରସ୍ତୁତି ବୈଠକ ତବଲିଗ୍ ନଗର ପ୍ରୋଜେକ୍ଟ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୮ତାରିଖ ଠାରୁ ହରପାର୍ବତୀଙ୍କ ପୂଜା ଆରମ୍ଭ ହୋଇ ୨୫ ତାରିଖରେ ଅନୁଷ୍ଠିତ ହେବାକୁଥିବା ଭଷାଣୀ ଉତ୍ସବକୁ ଶାନ୍ତିଶୃଙ୍ଖଳା ସହ କରାଯିବା ଓ ରାତ୍ର ୧୦ଘଟିକା ମଧ୍ୟରେ ଭଷାଣୀ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ନିଶ୍ଚିନ୍ତକୋଇଲି ଅତିରିକ୍ତ ତହସିଲଦାର ଅଭୟ କୁମାର ପ୍ରତିହାରୀ, ପରିଷଦର ସଭାପତି ହିମାଂଶୁଶେଖର ଦାସ, ସମ୍ପାଦକ ମନୋଜ କୁମାର ଚୌଧୁରୀ, ସଭ୍ୟ ରମେଶ ଚନ୍ଦ୍ର ସ୍ୱାଇଁ, ସେକ୍ ସନା ଉଲ୍ଲା, ସେକ୍ ରହସୁଦ୍ଦିନ୍, ପ୍ରଫୁଲ୍ଲ ବେହେରା, ଗଙ୍ଗାଧର ବେହେରା, ଉମେଶ ଦାସ, ଚକ୍ରଧର ଦାସ, ଏସ.ପି.ଡ଼ିଆର ମହାପାତ୍ର, ଅର୍ଜୁନ ବେହେରା, ବୈଷ୍ଣବ ବେହେରା, କାହ୍ନୁଚରଣ ସାମଲଙ୍କ ସମେତ ଶାନ୍ତି କମିଟିର ବହୁ ମୁସଲିମ୍ ଓ ହିନ୍ଦୁ ବ୍ୟକ୍ତି ଯୋଗ ଦେଇଥିଲେ। କମିଟିର ଦୁଇ ଜଣ ସଭ୍ୟଙ୍କ ବିୟୋଗ ହୋଇଥିବାରୁ ସେମାନଙ୍କ ଆତ୍ମାର ସଦଗତି ପାଇଁ ଉପସ୍ଥିତ ସଦସ୍ୟମାନେ ୧ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

# ୩୦ ବର୍ଷରେ ବାର୍ଦ୍ଧକ୍ୟ ଯନ୍ତ୍ରଣା

## କମ୍ ବୟସରୁ ବାହାରୁଛି ଆଣ୍ଠୁ,ଗଣ୍ଠି ରୋଗ



ପୂର୍ବରୁ ୮୦ ବର୍ଷ ନ ପୂରିଲେ ଲୋକ ବାଙ୍କୁଲୀ ବାଡ଼ି ଧରୁନଥିଲେ କିନ୍ତୁ ଆଜିର ସମୟରେ ୬୦ ଟପିଛି କି ନାହିଁ ଲୋକ ବିଛଣା ଧରିବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନର ସମୟରେ ୩୦ କି ୪୦ ବର୍ଷ ହୋଇଗଲେ ଶରୀରର ହାଡ଼ ଦୁର୍ବଳ ହେବାକୁ ଲାଗୁଛି। ଯେଉଁ କାରଣରୁ ପିଠିରୁ ଆରମ୍ଭ କରି କାନ୍ଧ,ଆଣ୍ଠୁ ସବୁ ବିନ୍ଧା ହେଉଛି। ହାଡ଼ ଦୁର୍ବଳ ହେବାର ଏକ ବଡ଼ କାରଣ ହେଉଛି ଶରୀରରେ ଭିଟାମିନ୍ ଡି ର ଅଭାବ ହେବା। ଏହି ଅଭାବକୁ ଦୂର କରିବାକୁ କିଛି ଲୋକ ଭିଟାମିନ୍ ଡି ବଟିକା ଖାଉଥିବା ବେଳେ ଆଉ କିଛି ଲୋକ ଇଞ୍ଜେକ୍ସନ୍ ନେଇଥା'ନ୍ତି। କିନ୍ତୁ ଏହା ପରେ ବି ଯନ୍ତ୍ରଣା କମିବାର ନାଁ ନେଇନଥାଏ। ତେବେ ଏଭଳି କାହିଁକି ହୁଏ ଏବଂ ଏନେଇ କ'ଣ କୁହନ୍ତି ଏକ୍ସପର୍ଟ ଜାଣିବା।

ଆରଏମଏଲ୍ ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗର ପୂର୍ବତନ ଡାକ୍ତର ସଂକଳ୍ପ ମେହେଟ୍ଟା କୁହନ୍ତି ଯେ ଭିଟାମିନ୍ 'ଡି' ହାଡ଼ ଦୁର୍ବଳତାର ଏକ ପ୍ରମୁଖ କାରଣ। ବର୍ତ୍ତମାନ ସମୟରେ କେହି ଚାହୁଁନାହାନ୍ତି ଯେ ତାଙ୍କ ଉପରେ ସୂର୍ଯ୍ୟ କିରଣ ପଡ଼ୁ। ଭିଟାମିନ୍ ଡି ଅଭାବ ଦୂରାଇବାକୁ ଲୋକ ସପ୍ଲିମେଣ୍ଟ୍ ନିଅନ୍ତି ସତ କିନ୍ତୁ ପ୍ରାକୃତିକ ସୂର୍ଯ୍ୟକିରଣକୁ ଗ୍ରହଣ କରନ୍ତି ନାହିଁ। ତେବେ ହାଡ଼ ଷ୍ଟ୍ରଙ୍ଗ୍ କରିବା ପାଇଁ କେବଳ ଭିଟାମିନ୍ 'ଡି' ଜରୁରୀ ନୁହେଁ କ୍ୟାଲସିୟମ ସ୍ତର ମଧ୍ୟ ନିହାତି ଆବଶ୍ୟକ। ଅନେକ ଲୋକଙ୍କ କ୍ଷେତ୍ରରେ କ୍ୟାଲସିୟମର ଅଭାବ ଥାଏ ଏବଂ ସେମାନେ ଏଥିପାଇଁ ପରୀକ୍ଷା କରାନ୍ତି ନାହିଁ ବରଂ ଭିଟାମିନ୍ 'ଡି' ସପ୍ଲିମେଣ୍ଟ୍ ବାଛନ୍ତି। ଫଳସ୍ୱରୂପ ହାଡ଼ ଠିକ୍ ଭାବରେ ମରାମତି ହୋଇପାରେ ନାହିଁ। ଡାକ୍ତର ମେହେଟ୍ଟା କୁହନ୍ତି ଯେ ଶରୀରରେ ଭିଟାମିନ୍ 'ଡି' ଠିକ୍ ଭାବରେ ସେତେବେଳେ କାମ କରେ ଯେତେବେଳେ କ୍ୟାଲସିୟମ ପର୍ଯ୍ୟାପ୍ତ ପରିମାଣରେ ଥାଏ। ଯଦି କ୍ୟାଲସିୟମ କମ୍ ରୁହେ ତେବେ ଭିଟାମିନ୍ ଡି ଗ୍ରହଣ ସତ୍ତ୍ୱେ ହାଡ଼ ମଜବୁତ ହୋଇପାରେ ନାହିଁ। ତେଣୁ ଏହାକୁ ଏକାଠି ରହିବା ଗୁରୁତ୍ୱପୂର୍ଣ୍ଣ। ଭିଟାମିନ୍ ଡି ସହିତ କ୍ୟାଲସିୟମ ନ ନେବା ଦ୍ୱାରା ଅଷ୍ଟିଓପୋରୋସିସ୍ ହେବାର ଆଶଙ୍କା ବଢ଼ିଯାଏ। ଏହାଦ୍ୱାରା କମ୍ ବୟସରେ ହାଡ଼ ପତଳା ଏବଂ ଦୁର୍ବଳ ହୋଇଯାଏ ଯାହା ଫଳରେ ଫ୍ରାକ୍ଟର ହେବାର ଆଶଙ୍କା ବଢ଼ିଯାଏ। ଏମିତିକି ମାଂସପେଶୀ ଯନ୍ତ୍ରଣା ଏବଂ ଥକ୍କାପଣ ମଧ୍ୟ ସୃଷ୍ଟି କରିପାରେ। ଯେଉଁମାନେ ସୂର୍ଯ୍ୟ କିରଣର ପ୍ରଭାବରେ କମ୍ ଥାଆନ୍ତି। ଅଫିସରେ ଦୀର୍ଘ ସମୟ ଧରି ବସି ରୁହନ୍ତି। ପ୍ରତିଦିନ ଜଙ୍କ ଫୁଡ୍ ଖାଆନ୍ତି ଏବଂ ମହିଳାମାନଙ୍କ କ୍ଷେତ୍ରରେ ୩୦ ବର୍ଷ ପରେ ଏହି ସମସ୍ୟା ଅଧିକ ଦେଖାଯାଏ। ତେବେ ବୟସ୍କଙ୍କ କ୍ଷେତ୍ରରେ ଦୈନିକ ପ୍ରାୟ ୬୦୦ ରୁ ୮୦୦ ଆଇୟୁ ଭିଟାମିନ୍ 'ଡି' ଆବଶ୍ୟକ ହୁଏ। କ୍ୟାଲସିୟମ କଥା କହିଲେ ପ୍ରତିଦିନ ଡାକ୍ତରଙ୍କ ପରାମର୍ଶ ଅନୁସାରେ ୮୦୦ ରୁ ୧୦୦୦ ମିଗ୍ରା କ୍ୟାଲସିୟମ ଆବଶ୍ୟକ।



# ହୃଦ୍‌ଘାତର ଲକ୍ଷଣକୁ ଭାବନ୍ତୁନି ଗ୍ୟାସ୍ ବା ଥକ୍କାପଣ

ପ୍ରାୟ ଲୋକଙ୍କର ଧାରଣା ରହିଆସିଛି ଯେ ଛାତିରେ ଯନ୍ତ୍ରଣା ହେବାଅର୍ଥାତ୍ ଏହା ହୃଦ୍‌ଘାତର ଲକ୍ଷଣ। ହାର୍ଟ ଆଟାକ୍ ନାଁଶୁଣିଲେ ଆମ ଆଖି ଆଗରେ ଜଣେ ବ୍ୟକ୍ତି ଛାତି ଯନ୍ତ୍ରଣାସହ୍ୟ କରି ନପାରି ଛାତିକୁ ହାତରେ ଧରି ଟଳି ପଡୁଛି। ହୃଦ୍‌ଘାତକୁନେଇ ଫିଲ୍ମ ଓ ବିଜ୍ଞାପନରେ ଆସୁଥିବା ଏହି ଛବି ଲୋକଙ୍କ ମନରେ ଘର କରିସାରିଛି। କିନ୍ତୁ ଜାଣନ୍ତି କି ଏହିଲକ୍ଷଣ ହୃଦ୍‌ଘାତକୁସେତେଟା କ୍ଲିୟର୍ କରି ନଥାଏ। ହୃଦ୍‌ରୋଗୀଙ୍କର କେବଳ ଛାତିରେ ଯନ୍ତ୍ରଣା ହୋଇ ନଥାଏ। ବରଂ ଅନ୍ୟ ଲକ୍ଷଣ ମଧ୍ୟ ଦେଖା ଦେଇଥାଏ। ସମୟରେ ଏହି ଲକ୍ଷଣକୁ ଚିହ୍ନଟ କଲେ ରୋଗୀକୁ ମୃତ୍ୟୁ ମୁଖରୁ ବଞ୍ଚାଇପାରିବେ।

**ନିଶ୍ୱାସ-ପ୍ରଶ୍ୱାସରେ ସମସ୍ୟାଃ** ଯଦି କୌଣସି ଭାରୀ କାମ ନ କରିବା ସତ୍ତ୍ୱେ ମଧ୍ୟ ନିଶ୍ୱାସ- ପ୍ରଶଯବାସ୍ ଫୁଲୁଥାଏ, ତେବେ ଏହା ହୃଦ୍‌ଘାତର ଲକ୍ଷଣ ହୋଇପାରେ। ଯେତେବେଳେ ହୃଦୟ ଶରୀରର ଅନ୍ୟ ଅଙ୍ଗକୁ ରକ୍ତ ପହଞ୍ଚାଇପାରି ନଥାଏ, ସେତେବେଳେ ଫୁସ୍‌ଫୁସ୍ ଉପରେ ଚାପ ଚାପ ପଡିଥାଏ। ଫଳରେ ପ୍ରଶ୍ୱାସ-ନିଶ୍ୱାସରେ ସମସ୍ୟା ଆସିଥାଏ।

**ଅନ୍ୟ ଅଙ୍ଗରେ ଯନ୍ତ୍ରଣା ସହ ଥକ୍କାପଣଃ** ହୃଦ୍‌ଘାତର ଯନ୍ତ୍ରଣା କେବଳ ଛାତିରେ ସୀମିତ ନଥାଏ, ବରଂ ଶରୀରର ଅନ୍ୟ ଅଙ୍ଗ ଯେପରିକି କାନ୍ଧ, ବେକ, ମୁହଁ, ପିଠି ବା ହାତରେ ଅନୁଭବ ହୋଇଥାଏ। ଅନେକ ସମୟରେ ମୁହଁର ଯନ୍ତ୍ରଣାକୁ ଲୋକମାନେ ଦାନ୍ତର ଯନ୍ତ୍ରଣା ବୋଲି ଧରି ନେଇଥାନ୍ତି। କିନ୍ତୁ ଏହା ହୃଦ୍‌ଘାତର ଲକ୍ଷଣ। ଅଧିକ ଥକ୍କାପଣ ଓ ଦୁର୍ବଳଃ ଯଦି କିଛିଦିନ ଧରି ବିନା କାରଣରରେ ଥକ୍କାପଣ ଅନୁଭବ କରୁଥାନ୍ତି। ତେବେ ସାବଧାନ ହୋଇଯାନ୍ତୁ। ବିଶେଷକରି ମହିଳାମାନଙ୍କ କ୍ଷେତ୍ରରେ ହୃଦ୍‌ଘାତର ପ୍ରଥମ ସପ୍ତାହରେ ଅଧିକ ଦୁର୍ବଳ ଅନୁଭବ କରିଥାନ୍ତି। ଏହି ଥକ୍କାପଣ ସମୟରେ ନିୟମିତ କାମ କରିବା ମଧ୍ୟ କଷ୍ଟକର ହୋଇପଡେ।

**ଝାଳ ବାହାରିବା ସହ ମୁଣ୍ଡ ବୁଲାଇବାଃ** ବିନା ଗରମରେ କିଛ କାମ ନ କରିବା ସତ୍ତ୍ୱେ ଶରୀରରୁ ଝାଳ ବାହାରିବା ସବୁଠାରୁ ବଡ଼ ଚେତାବନୀ। ଏହାସହିତ ଯଦି ମୁଣ୍ଡ ବୁଲାଇ ବେହୋସ ହେଉଥାନ୍ତି। ଏହି ସମୟରେ ହୃଦୟକୁ ରକ୍ତ ପ୍ରବାହିତ କମ୍ ହୋଇଥାଏ। ଏହାମଧ୍ୟ ହୃଦ୍‌ଘାତର ସଙ୍କେତ। ପେଟରେ ଗଡବଡଃ ଅନେକ ସମୟରେ ହୃଦ୍‌ଘାତର ଲକ୍ଷଣକୁ ଏସିଡିଟି କିମ୍ବା ବଦ୍‌ହଜମୀ ଭାବିନିଅନ୍ତି। ପେଟର ଉପର ଭାଗରେ ଚାପ ଅନୁଭବ ହେବା କିମ୍ବା ବାନ୍ତି ହେବା ମଧ୍ୟ ହୃଦ୍‌ଘାତର ଲକ୍ଷଣ। ଯଦି ଆପଣ ବାରମ୍ବାର ଏପରି ସମସ୍ୟାର ଶିକାର ହେଉଥାନ୍ତି, ତେବେ ଡାକ୍ତର ପରାମର୍ଶ ନିଶ୍ଚୟ କରନ୍ତୁ। ଲକ୍ଷଣ ଅନୁଭବ ହେଲେ କ'ଣ କରିବେ ? ତୁରନ୍ତ ସାହାଯ୍ୟ ମାଗନ୍ତୁ କିମ୍ବା ଡାକ୍ତରଙ୍କ ପାଖକୁ ଯାଆନ୍ତୁ। ଏହି ସମୟରେ ଶାନ୍ତ ରୁହନ୍ତୁ। ନଚେତ୍ ହୃଦୟର ଚାପ ବଢ଼ିଯାଇପାରେ।

# କେତେ କାମ କରେ ଡିଟକ୍ସ ଡ୍ରିଙ୍କସ୍



ଆଖି ବନ୍ଦ କରି ଡିଟକ୍ସ ପାନୀୟ ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ସତରେ କଣ ଡିଟକ୍ସ ପାନୀୟ ଶରୀରର ବର୍ଜ୍ୟବସ୍ତୁକୁ ବାହାର କରିଥାଏ ? ଚାଲନ୍ତୁ ଜାଣିବା ଏ ବିଷୟରେ ଅଧିକ କିଛି। ଶରୀରରେ ଅନେକ ସମୟରେ ବିଷାକ୍ତ ପଦାର୍ଥ ରହିଯାଇଥାଏ, ଯାହାକୁ ବାହାରକୁ ବାହାର କରିବାକୁ ଯାଇ କିଛି ଲୋକ ଡିଟକ୍ସ ପାନୀୟ ବ୍ୟବହାର କରିଥାନ୍ତି। ବାସ୍ତବରେ ଦେଖିବାକୁ ଗଲେ ଆମ ଶରୀରକୁ ଡିଟକ୍ସ କରିବା ପାଇଁ କୌଣସି ବାହାରି ଜୁସ୍ର ଆବଶ୍ୟକତା ନଥାଏ। କାରଣ ଶରୀରର ବିଭିନ୍ନ ଅଙ୍ଗ ଏଥିପାଇଁ ୨୪ ଘଣ୍ଟା କାମ କରୁଛନ୍ତି।

**ଲିଭରଃ**ଏହା ଔଷଧ, ମଦ, ହର୍ମୋନ୍ ଓ ମେଟାବଲିଜିମ୍ର ବର୍ଜ୍ୟକୁ ଏମିତି ବଦଳାଇ ଦିଏ, ଯାହା ଶରୀରରୁ ବାହାରିବା ସହଜ ହୋଇପଡେ।

**କିଡନୀଃ** ଆମର କିଡନୀ ନିୟମିତ ପ୍ରାୟ ୧୫୦-୧୮୦ ଲିଟର ଯାଏ ରକ୍ତକୁ ଫିଲଟର କରିଥାଏ। ସେ ୟୁରିଆ, କ୍ରିଏଟିନିନ୍ ଓ ଅତିରିକ୍ତ ଲୁଣ ପରି ବିଷାକ୍ତ ପଦାର୍ଥକୁ ବାହାରକୁ ବାହାର କରିଥାଏ। ଯଦି ଏହି ଦୁଇଟି ଅଙ୍ଗ ଠିକ୍ ଭାବେ କାମ କରୁଥାଏ, ତେବେ ଡିଟକ୍ସ ପାନୀୟ ପିଇବା ଅନାବଶ୍ୟକ। କିନ୍ତୁ ଯଦି ଏହି ଦୁଇ ଅଙ୍ଗ ଠିକ୍ ଭାବେ କାମ କରୁ ନଥାଏ, ତେବେ କୌଣସି ପାନୀୟ ଏହାକୁ ଠିକ୍ କରିପାରିବନି।

**କିଡନୀ ସମସ୍ୟାଃ** ବିଟ୍, ଟମାଟୋ ଓ ଲାଉ ଆଦିରେ ବହୁ ମାତ୍ରାର ପୋଟାସିୟମ୍ ରହିଥାଏ, ପୋଟାସିୟମର ବଢୁଥିବା ସ୍ତର ହୃଦସ୍ପନ୍ଦନକୁ ଅଚାନକ ଅନିୟନ୍ତ୍ରିତ କରିଦେଇପାରେ।

**ପଥୁରୀଃ** ବିଟ୍ ଓ ପାଳଙ୍ଗ ଜୁସ୍ ପିଇବା ଦ୍ୱାରା ଅକ୍ସଲେଟ୍ ବଢିଥାଏ, ଯାହା ପେଟରେ ପଥର ସମସ୍ୟାକୁ ବଢାଇ ଦେଇଥାଏ।

**ମଧୁମେହଃ** ଜୁସ୍ କରିବା ଦ୍ୱାରା ଫଳ ଓ ପରିବାରେ ଥିଭା ଫାଇବର ନଷ୍ଟ ହୋଇପଡିଥାଏ। ଫଳରେ ରକ୍ତରେ ଶର୍କରା ମାତ୍ରା ତୀବ୍ର ବେଗରେ ବଢିଥାଏ।

**ଲିଭର୍ ସମସ୍ୟାଃ** ଅବଶ୍ୟ ଏହାର କୌଣସି ପ୍ରମାଣ ନାହିଁ ଯେ ପରିବା ବା ଫଳର ଜୁସ୍ ଲିଭର୍ ବା ଫାଇବ୍ରୋସିସ୍ ଠିକ୍ କରିପାରେ।

**ହାପୋନେଟ୍ରିମିୟାଃ** ଡାଏଟ୍ରେ କେବଳ ପାନୀୟ ନେବା ଦ୍ୱାରା ଶରୀରରେ ସୋଡିୟମ୍ର ସ୍ତର କମ୍ ହୋଇଯାଇପାରେ।

ଏମିତି କୌଣସି କ୍ଲିନିକାଲ ପ୍ରମାଣ ନାହିଁ ଯେ ଡିଟକ୍ସ ଜୁସ୍ ଓଜକନ କମାଇବା ଓ କୌଣସି ଅଙ୍ଗ ସଫା କରିବାରେ ସାହାଯ୍ୟ କରିଥାଏ। ଡିଟକ୍ସ ପରେ ପ୍ରାୟ ଲୋକ ପ୍ରୋସେସଡ୍ ଫୁଡ୍କୁ ଛାଡିବା, କମ୍ କ୍ୟାଲୋରୀଯୁକ୍ତ ଖାଦ୍ୟ ଖାଇବା ଓ ଉପଯୁକ୍ତ ହାଇଡ୍ରେସନ୍ କାରଣରୁ ସୁସ୍ଥ ଅନୁଭବ କରିଥାନ୍ତି। କିନ୍ତୁ ଡିଟକ୍ସିଫିକେସନ୍ ପ୍ରକ୍ରିୟା ଯୋଗୁ ନୁହେଁ।

- ସତେଜ ଫଳ ଓ ପରିବା ଖାଆନ୍ତୁ। ଶରୀରକୁ ଆବଶ୍ୟକ ଫାଇବର ମିଳିଯିବ।
- ମଦ୍ୟପାନଠାରୁ ଦୂରେଇ ରହିବା ସହ ଭରପୂର ମାତ୍ରାର ପାଣି ନିଶ୍ଚୟ ପିଅନ୍ତୁ।
- ନିୟମିତ ବ୍ୟାୟାମ ସାଙ୍ଗକୁ ଶାନ୍ତିର ନିଦରେ ଶୁଅନ୍ତୁ।
- ମଧୁମେହ, ରକ୍ତଚାପ ଓ କୋଲେଷ୍ଟରେଲ୍କୁ ନିୟନ୍ତ୍ରିତ ରଖନ୍ତୁ।

# ପିରିୟଡ୍ ଯନ୍ତ୍ରଣାକୁ ଆରାମ ଦେବ ଅଦା, ଅଖରୋଟ୍, ଗୁଡ଼ ଚା'

ମାସର ସେ ଦିନ, ଅନେକଙ୍କ ପାଇଁ ଯନ୍ତ୍ରଣା, ଚିଡ଼ଚିଡ଼ାପଣ ଆଉ ହାଲିଆରେ ଭରିଥିବା ସମୟ। ଯନ୍ତ୍ରଣାରୁ ମୁକ୍ତି ପାଇବାକୁ ମେଡିସିନ୍ ଖାଇଥାନ୍ତି ,ଯାହାର ସାଇଡ୍ ଇଫେକ୍ଟ ବି ଦେଖାଯାଇପାରେ। ହେଲେ କିଛି ଘରୋଇ ଉପଚାର ବି ପିରିୟଡ୍ସ ଯନ୍ତ୍ରଣାରୁ ମୁକ୍ତି ଦେଇପାରିବ। ଘରେ ଏଭଳି ମ୍ୟାଜିକାଲ ଚା' ବନାନ୍ତୁ ଯାହା ମାସିକ ଯନ୍ତ୍ରଣାରୁ ରିଲିଫ୍ ଦେଇପାରିବ। ଅଦା, ଅଖରୋଟ୍ ଏବଂ ଗୁଡ଼କୁ ମିଶାଇ ହର୍ବାଲ ଚା' ବନାଇପାରିବେ ଯାହା କେବଳ ପେଟ ଯନ୍ତ୍ରଣାରୁ ମୁକ୍ତି ଦେବା ତା ନୁହେଁ ବରଂ ମୁଡ୍ ସ୍ୱିଙ୍ଗ ସମସ୍ୟାରୁ ବି ରିଲାକ୍ସ କରିବ। ସୋସିଆଲ ମିଡିଆରେ ଏଭଳି ଚା'ର ରେସିପି ସେୟାର କରିଛନ୍ତି ନ୍ୟୁଟ୍ରିସନିଷ୍ଟ ଶ୍ୱେତା ଶାହ। ଅଖରୋଟ୍ ଗୁଣ୍ଡ ୧ ବଡ଼ ଚାମଚ, ଅଦା ଛେଚା ଅଧା ଚାମଚ, ଗୁଡ଼ ୧ ବଡ଼ ଚାମଚ ମାତ୍ରାରେ ନେଇ ୨ କପ୍ ପାଣିରେ ଫୁଟାନ୍ତୁ। ଧୀମା ଅଞ୍ଚରେ ଫୁଟାଇବେ। ପାଣି ଫୁଟି ଗୋଟିଏ କପ୍ ମାତ୍ରାରେ ରହିଲେ ଏହାକୁ ନଖ ଉଷୁମ ଥାଇ ପିଇବେ। ଦିନକୁ ୨ / ୩ଥର ପିବା ଦ୍ୱାରା ପରିୟଡ୍ସ ସମୟରେ ହେଉଥିବା ପେଟ ଯନ୍ତ୍ରଣା ସହ ଚିଡ଼ଚିଡ଼ାପଣ ଦୂର ହୁଏ।



ଅଖରୋଟ୍ଃ ଏଥିରେ ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ମ୍ୟାଗ୍ନେସିୟମ୍ ଭରପୂର ମାତ୍ରାରେ ରହିଛି , ଯାହା ମାଂସାପେଶୀକୁ ଆରାମ୍ ଦିଏ। ଶରୀରର ଯନ୍ତ୍ରଣା ଦୂର କରେ। ଅଦାଃ ଏହା ଏକ ପ୍ରାକୃତିକ ଆଣ୍ଟି ଇନଫ୍ଲେମେଟରୀ ମସଲା ଭାବେ କାର୍ଯ୍ୟ କରେ , ଯାହା ଯନ୍ତ୍ରଣାକୁ କମାଇବା ସହ ପିରିୟଡ୍ସ ସମୟରେ ଅନୁଭୂତ ଅସହଜପଣକୁ ଦୂର କରେ। ଗୁଡ଼ଃ ଗୁଡ଼ ଶରୀରକୁ ତୁରନ୍ତ ଏନର୍ଜି ଦିଏ ଏବଂ ପରିୟଡ୍ସ ସମୟରେ ହେଉଥିବା ପେଟ ଫୁଲିବା ସମ୍ୟା ବା ବ୍ଲୋଟିଙ୍ଗ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ। ମାସିକ ଋତୁସ୍ରାବ ସମୟରେ ଏହି ହର୍ବାଲ ଚା' ଶରୀରକୁ ପୋଷଣ ଦେବା ସହ ଆଭ୍ୟନ୍ତରୀଣ ଶାନ୍ତି ଦିଏ। ତେଣୁ ଯେବବି ମେନଷ୍ଟ୍ରୁଆଲ୍ ଯନ୍ତ୍ରଣା ଅନୁଭବ କରନ୍ତି ତାହେଲେ ମେଡିସିନର ସାହାଯ୍ୟ ନନେଇ ବରଂ ଘରେ ଏହିଁ ଚା' ବନାଇ ପିଇଲେ ଆରାମ ମିଳିବ ନିଶ୍ଚୟ।



# ଇନ୍ଦ୍ରାବତୀ ଡ୍ୟାମ୍‌ରେ ଶବ ସହ ୫ କି.ମି ଜଳଯାତ୍ରା

ଧର୍ମଗଡ଼,୯।୧୦(ସଂଚାର ବ୍ୟୁରୋ): ଜୀବନ ବଞ୍ଚାଇବାକୁ ଡଙ୍ଗା ଭରସା ଓ ମୃତ୍ୟୁ ପରେ ବି ଶେଷଯାତ୍ରାରେ ଡଙ୍ଗା ପାଲଟିଲା ସାହାରା। ରାସ୍ତା ସୁବିଧା ନ ଥିବାରୁ ପରିବାର ଲୋକେ ଆତ୍ମୀୟଙ୍କ ମୃତଦେହକୁ ଇନ୍ଦ୍ରାବତୀ ଜଳଭଣ୍ଡାରର ଅକାତକାତ ପାଣିରେ ପ୍ରାୟ ୫କିମି ଜଳଯାତ୍ରା କରିଛନ୍ତି। କଳାହାଣ୍ଡି ଜିଲ୍ଲା ଇନ୍ଦ୍ରାବତୀ ଜଳଭଣ୍ଡାର ଘେରା ଥୁଆମୂଳ ରାମପୁରର ଦୁର୍ଗମ ଅଞ୍ଚଳରୁ ଆସିଛି ଏଭଳି ଦୁଃଖଦ ଚିତ୍ର। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ମାଲିଗାଁ ପଞ୍ଚାୟତର ଦୁର୍ଗମ ସୂର୍ଯ୍ୟଲତ ଗ୍ରାମର ଗୁରୁଧର ଟାକ୍ରି ଅସୁସ୍ଥ ଥିଲେ। ମଙ୍ଗଳବାର ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡ଼ିଥିଲା। ପରିବାର ତାଙ୍କୁ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଟିକିରି ଉଷାପବ୍ରାହିତ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରୁ ମଧ ତାଙ୍କୁ ଫେରାଇ ଦିଆଯାଇଥିଲା। ପରିବାର ଲୋକେ ଗୁରୁବାର ଏକ ଅଟୋରେ ଗୁରୁଧରଙ୍କୁ ନବରଙ୍ଗପୁର ଜିଲ୍ଲା ଖାତିଗୁଡ଼ା ଦେଇ ଘରକୁ ଫେରାଇ ଆଣୁଥିବା ବେଳେ ଖାତିଗୁଡ଼ା ନିକଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ପରିବାର ଲୋକଙ୍କ ମଧରେ ଭାଳେଣି ପଡ଼ିଲା। ଅନ୍ୟ ଉପାୟ ନ ଥିବାରୁ ଇନ୍ଦ୍ରାବତୀ ଡ୍ୟାମ ପାର୍ ହୋଇ ମୃତଦେହ ଘରକୁ ଆଣିବାକୁ ସେମାନେ ନିଷ୍ପତି ନେଇଥିଲେ। ମୃତଦେହକୁ ଅଟୋ ସହାୟତାରେ ଇନ୍ଦ୍ରାବତୀ ଜଳଭଣ୍ଡାର କୂଳ ଲୁଦୁକୁଡ଼ି ଘାଟକୁ ଅଣାଯାଇଥିଲା। ସେତେବେଳେକୁ ସଞ୍ଜ ନଇଁ ଆସୁଥିଲା। ଏହାପରେ ଆରମ୍ଭ ହୋଇଥିଲା ଶେଷଯାତ୍ରାର ଆଉ ଏକ ଦୁଃଖଦ ଅଧ୍ୟାୟ। ପ୍ରାୟ ୫କିମି ଡଙ୍ଗାରେ ଜଳପଥ ପାର ହେବା ପରେ ରାତିରେ ମୃତଦେହ କଣାସୁକୁଲି ଘାଟରେ ପହଂଚି ଥିଲା। ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ଶବବାହକ ଗାଡ଼ିକୁ ସୂଚନା ଦେଇଥିଲେ। ଥୁଆମୂଳ ରାମପୁରରୁ ଶବବାହକ ଗାଡ଼ି ଯୋଗେ ମୃତଦେହକୁ ସୂର୍ଯ୍ୟଲତ ଗାଁକୁ ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ଥୁଆମୂଳ ରାମପୁର ବ୍ଲକର ଅନେକ ଗାଁ ପାଇଁ ଏବେ ବି ଇନ୍ଦ୍ରାବତୀ ଜଳଭଣ୍ଡାର ଦୁଃଖ ସାଜିଛି। ସଡ଼କ ଯୋଗାଯୋଗ ସୁବିଧା ନ ଥିବାରୁ ଅଞ୍ଚଳବାସୀ ନହିଁ ନ ଥିବା ହନସ୍ତା ହେଉଛନ୍ତି।

● ଛାତ୍ର ନିର୍ବାଚନରେ ବଢୁଛି ଉତ୍ସାହ

## ଅତାବିରା କଲେଜରେ ୨୪ ନାମାଙ୍କନ ଦାଖଲ



ଅତାବିରା,୯।୧୦(ସଂଚାର ବ୍ୟୁରୋ): ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହେଉଥିବା ବେଳେ ଅତାବିରା କଲେଜରେ ନିର୍ବାଚନୀ ଉତ୍ସାହ ଦେଖିବାକୁ ମିଳିଛି। କଲେଜର ବିଭିନ୍ନ ପଦପଦବୀ ପାଇଁ ଛାତ୍ରଛାତ୍ରୀମାନେ ନିଜ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପ୍ରାପ୍ତ ତଥ୍ୟ ଅନୁଯାୟୀ, ସଭାପତି ପଦ ପାଇଁ ୨ଜଣ, ଉପସଭାପତି ପଦ ପାଇଁ ୩ଜଣ, ସାଧାରଣ ସମ୍ପାଦକ ପଦ ପାଇଁ ୪ଜଣ ଏବଂ ଯୁଗ୍ମ ସମ୍ପାଦକ ପଦ ପାଇଁ ୩ଜଣ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ଆଥଲେଟିକ୍ସ ସମ୍ପାଦକ ପଦ ପାଇଁ ୩ଜଣ, ଯୁଗ୍ମ ଆଥଲେଟିକ୍ସ ସମ୍ପାଦକ ପଦ ପାଇଁ ୩ଜଣ, ଡ୍ରାମାଟିକ୍ସ ସମ୍ପାଦକ ପଦ ପାଇଁ ୨ଜଣ ଏବଂ ଯୁଗ୍ମ ଡ୍ରାମାଟିକ୍ସ ସମ୍ପାଦକ ପଦ ପାଇଁ ଜଣେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଏହିପରି ଉପରୋକ୍ତ ପଦବୀଗୁଡ଼ିକ ପାଇଁ ମୋଟ ୨୪ଟି ନାମାଙ୍କନ ଦାଖଲ ହୋଇଥିବା ତଥ୍ୟରୁ ଜଣାପଡ଼ିଛି। ଦୀର୍ଘ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେଉଥିବାରୁ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏବେ ସମସ୍ତଙ୍କ ନଜର ନିର୍ବାଚନ ଉପରେ। କେଉଁ ପ୍ରାର୍ଥୀ କେଉଁ ପଦବୀରେ ବିଜୟୀ ହେବେ, ତାହା ନିର୍ବାଚନ ଫଳାଫଳ ପରେ ସ୍ପଷ୍ଟ ହେବ।

## 'ସେବା ସଂକଳ୍ପ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲିପାଟଣା,୯।୧୦ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀଙ୍କ ଜନ୍ମମାସ ଉପଲକ୍ଷେ ସାଧାରଣ ଜନତାଙ୍କ ଅଭିଯୋଗର ତୁରନ୍ତ ନିରାକରଣ ଏବଂ ସରକାରୀ ଯୋଜନାର ସୁଫଳକୁ ସିଧାସଳଖ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ବାଲିପାଟଣା ବ୍ଲକର ସମ୍ମିଳନୀ କକ୍ଷରେ'ସେବା ସଂକଳ୍ପ ଅଭିଯାନ' ସେବା ସେତୁ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉନ୍ନୟନ ଅଧିକାରୀ ଶୁଭାଂଶୁ ଶେଖର ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଆଞ୍ଚଳିକ ବାସିନ୍ଦା ଓ ସେମାନଙ୍କ ସୁରକ୍ଷା ସହାୟତା ବିଷୟରେ ଅଧିକାରୀମାନେ ସୂଚନା ଦେବା ସହ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଉପକରଣ ବଣ୍ଟନ କରିଥିଲେ। ବାୟୋମେଟ୍ରିକ୍ ସମସ୍ୟା ଯୋଗୁଁ ଭତ୍ତା ପାଉଥିବାରୁ ବଞ୍ଚିତ ହେଉଥିବା ହିତାଧିକାରୀମାନେ ନିଜର ବାୟୋମେଟ୍ରିକ୍ ଅପଡେଟ୍ କରି ଆଣିଲେ ସୁଫଳ ମିଳିବ ଏବଂ ଏହା ପରେ ବି ଯଦି କୌଣସି ଜଟିଳତା ଦେଖାଦିଏ, ତେବେ ସିଧାସଳଖ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିବାକୁ ସାମାଜିକ ସୁରକ୍ଷା ଅଧିକାରୀ ପରାମର୍ଶ ଦେଇଥିଲେ। ଏହି



ଯୋଗଦେଇ ଶ୍ରମିକ ସୁରକ୍ଷା, ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା, ଗ୍ରାମୀଣ ଆବାସ ଏବଂ ମହିଳା ସ୍ୱାବଲମ୍ବୀ ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରମିକ ପଞ୍ଜୀକରଣ ଆଲୋଚନାଚକ୍ର ଓ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ ଏବଂ ପ୍ରେସ କ୍ଲବ ସଭାପତି ଜିଲ୍ଲାପ ଓଝାଙ୍କ ସମେତ ଅନେକ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଗୋଟିଏ କୋଠରିରେ ଦୁଇଟି ଶ୍ରେଣୀର ପାଠପଢ଼ା



ବରଗଡ଼,୯।୧୦(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ କନ୍ଦାଡଙ୍ଗର ଗ୍ରାମରେ ୧୯୪୦ରେ ପ୍ରତିଷ୍ଠିତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ପ୍ରତି ବିଭିନ୍ନ ସମସ୍ୟାଘେରରେ ରହିଛି। କେବଳ ଶ୍ରେଣୀ କୋଠରି କିମ୍ବା ଶିକ୍ଷୟିତ୍ରୀଶିକ୍ଷକ ନୁହେଁ, ଏଠାରେ ଛାତ୍ରୀଛାତ୍ରଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଛି। ଫଳରେ ଛାତ୍ରୀଛାତ୍ରଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଶିଶୁ ବାଟିକାଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏଠାରେ ରହିଛି। ଗତବର୍ଷ ୧୦୪ ଛାତ୍ରୀଛାତ୍ର ଏଠାରେ ପଢୁଥିବାବେଳେ ଏବର୍ଷ ଏହା ହ୍ରାସ ପାଇ ୮୮ରେ ପହଞ୍ଚିଲାଣି। ବିଦ୍ୟାଳୟରେ ଶ୍ରେଣୀ ଓ ଛାତ୍ରୀଛାତ୍ରଙ୍କ ଅନୁପାତରେ ଶ୍ରେଣୀଗୃହର ଅଭାବ ରହିଛି। ୨ଟି ବ୍ଲକରେ ୬ଟି କୋଠରି ରହିଛି। ସେଥିମଧ୍ୟରୁ କେବଳ ୨ଟି ଭଲ ସ୍ଥିତିରେ ଥିବାବେଳେ ଅନ୍ୟ ୪ଟିରେ ଥରକୁ ଥର ମରାମତି ଚାଲିଛି। କେଉଁ କୋଠରିର ଝରକା ନାହିଁ ତ ଆଉ କେଉଁଠି କବାଟ ଭଙ୍ଗାଦଦରା ଅବସ୍ଥାରେ ରହିଛି। ଏହାସହିତ ବିଭିନ୍ନ ସମୟରେ ଶ୍ରେଣୀ କୋଠରି ଛାତରୁ ପାଣି ମଧ୍ୟ ଗଳୁଛି। ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପାଠପଢ଼ା ଗୋଟିଏ କୋଠରିରେ ଚାଲିଛି। ଅନୁରୂପଭାବେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ଛାତ୍ରୀଛାତ୍ର ଗୋଟିଏ କୋଠରି ଏବଂ ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ଆଉ ଗୋଟିଏ କୋଠରିରେ ଏକାଠି ପଢୁଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଖପର ଛାତ ରହିଥିବା ଅନ୍ୟ କୋଠରିଟି ରୋଷେଇଘର ପାଲଟିଛି। ଫଳରେ ବାରଣ୍ଡାରେ ପଟି ପକାଇ ପିଲାମାନେ ମଧ୍ୟାହ୍ନଭୋଜନ କରୁଛନ୍ତି। ଶ୍ରେଣୀ କୋଠରିଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ପାଇଁ ପର୍ଯ୍ୟାପ୍ତ ବେଞ୍ଚ, ଡେସ୍କ ନାହିଁ। ଫଳରେ ଅନେକ ଛାତ୍ରୀଛାତ୍ର ଚଟାଣରେ ବସି ପାଠ ପଢୁଛନ୍ତି। ଏଥିସହିତ ସ୍ୱତନ୍ତ୍ର ଅଫିସ ଗୃହ ନାହିଁ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ପାଠପଢ଼ା ଚାଲିଥିବା କୋଠରିର କିଛି ଅଂଶକୁ ଅଫିସ ଭାବେ ବ୍ୟବହାର କରାଯାଉଛି। ୮୬ ବର୍ଷର ପୁରୁଣା ଏହି ବିଦ୍ୟାଳୟ ପରିସରରେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୀମା ପ୍ରାଚୀର ନିର୍ମାଣ ହୋଇପାରି ନାହିଁ। ବିଦ୍ୟାଳୟର ସମ୍ମୁଖଭାଗରେ କେବଳ ପ୍ରାଚୀର ଥିବାବେଳେ ଅନ୍ୟ ତିନିପାର୍ଶ୍ୱ ଖୋଲା ରହିଛି। ଫଳରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ବିଦ୍ୟାଳୟରେ ଖେଳପଡ଼ିଆ ନ ଥିବାରୁ ପିଲାମାନେ ଖେଳକୁଦ କରିପାରୁ ନ ଥିବାବେଳେ ସେମାନଙ୍କ ଶାରୀରିକ ବିକାଶ ଦିଗରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡୁଛି। ବିଦ୍ୟାଳୟରେ ପାନୀୟଜଳ ଯୋଗାଣ ମଧ୍ୟ ଚିନ୍ତାଜନକ। ବୋରୱେଲ(ଗଭୀର ନଳକୂପ) ଖୋଳାଯାଇଛି। ହେଲେ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅନ୍ୟପଟେ ବିଦ୍ୟାଳୟରେ ରହିଥିବା ପାଣିଟାଙ୍କିକୁ ପଞ୍ଚାୟତ ପକ୍ଷରୁ ପାଇପ୍ ଯୋଗେ ଯୋଗାଇ ଦିଆଯାଉଥିବା ପାନୀୟଜଳ ଆସୁଛି। କିନ୍ତୁ ପାଣିଟାଙ୍କିରୁ ପାଣି ଲିକେଜ୍ ହୋଇଯାଉଛି।

**ପ୍ରତିବର୍ଷ ଛାତ୍ରାଛାତ୍ରୀଙ୍କ ସଂଖ୍ୟା ହ୍ରାସ ହେବାକୁ ଲାଗିଲାଣି**

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଆମ ବିଜ୍ଞାନ ମେଳା



ବୈଶିଙ୍ଗା,୯।୧୦ (ସଂଚାର ବ୍ୟୁରୋ): ପଣସିଆ-ଖୁଣ୍ଟାପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେ ଚଳିତ ବର୍ଷ ୨୦୨୬-ଆମ ବିଜ୍ଞାନ ମେଳା ଆଜି ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି। ଶିକ୍ଷାକେନ୍ଦ୍ରର ମୂଖ୍ୟ ପରିଚାଳକ କାହ୍ନୁ ଚରଣ ପତିଙ୍କ ପରିଚାଳନା ରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳା ରେ ମୂଖ୍ୟ ଅତିଥି ଭାବେ ମହେଶ୍ୱର ଖୁଣ୍ଟିଆ, ସମ୍ମାନୀତ ଅତିଥି ଭାବେ ବ୍ରଜ କୁମାର ଦାସ ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଉଦଘାଟନ କରିଥିଲେ। ଶିକ୍ଷାକେନ୍ଦ୍ର ର ପ୍ରଧାନ ଗୁରୁମା ରଞ୍ଜିତା ପତି ବିବରଣୀ ପାଠ ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁନି କୁନି ପିଲାମାନଙ୍କ ର ୪୦ ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପଦର୍ଶିତ ହୋଇଥିଲା। ଉତ୍ତମ ପ୍ରକଳ୍ପ ପାଇଁ ପ୍ରମାଣପତ୍ର ସହିତ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷାକେନ୍ଦ୍ରର ସମସ୍ତ ଗୁରୁମା/ଗୁରୁଜୀ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟରେ ଶିଶୁ ଉତ୍ସବ ସୁରଭି କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର,୯।୧୦ (ସଂଚାର ବ୍ୟୁରୋ): ସୋନପୁର ସଦର ପୌରାଞ୍ଚଳ ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଡବଜାର ଠାରେ ପ୍ରାୟ ୨୫୦ ଛାତ୍ର ଛାତ୍ରୀ ଙ୍କ ଗହଣ ରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି ଓ ସିଆରସିସି ଶ୍ରୀଯୁକ୍ତ ବୁଦ୍ଧଦେବ ସା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉଦଘାଟନୀ କାଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସମ୍ମାନନୀୟା ଶ୍ରୀମତୀ ସରସ୍ୱତୀ ନାୟକ ଓ



ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସମ୍ମାନନୀୟା ସୁଶ୍ରୀ ରୀତା ଗ୍ଲୋରିଆ ଏକ୍କା ଯୋଗଦାନ କରିଥିଲେ। ନାୟକ ଓ ସୁଶ୍ରୀ ଏକ୍କା ଜୀବନରେ ସଫଳତା ପାଇବାକୁ ହେଲେ ସଙ୍ଘର୍ଷ, କଠିନ ପରିଶ୍ରମ ଓ ସକାରାତ୍ମକ ମନୋଭାବ ନିତାନ୍ତ ଆବଶ୍ୟକ ବୋଲି ମତ ରଖିଥିଲେ।ତାଙ୍କ ବକ୍ତବ୍ୟ ରେ ଶିକ୍ଷା ଏକ ସ୍ୱତନ୍ତ୍ର ଅସ୍ତ୍ର ଯାହା ମାଧ୍ୟମରେ ଜୀବନର ଚଲାପଥରେ ଆସୁଥିବା ସମସ୍ତ ଆହ୍ୱାନ କୁ ଅତିକ୍ରମ କରି ସମାଜ ରେ ପ୍ରତିଷ୍ଠିତ ହେବାକୁ ବାଟ କଢାଇ ଥାଏ। ଉଦଯାପନୀ ସଭାରେ ସହକାରି ଗୋଷ୍ଠୀ ଶିକ୍ଷଧିକାରୀ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପଣ୍ଡା ନିଜର ପ୍ରତିଭା କୁ ପ୍ରସ୍ଫୁଟିତ କରିବା ପାଇଁ ସୁରଭି ଏକ ବଳିଷ୍ଠ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ କୁ ପରିଚାଳନା ପାଇଁ ବିଚାରକ ଭାବେ ଶ୍ୟାମ ସୁନ୍ଦର ମେହେର, ଖରଝୁରା ସିଆରସିସି ଦୁର୍ଯ୍ୟୋଧନ ମେହେର, ଶିକ୍ଷକ ଭରଦ୍ୱାଜ ଦାଶ, ମଝିପଡା ଉପ୍ରା ବିଦ୍ୟାଳୟ ର ଶିକ୍ଷୟିତ୍ରୀ ଗୀତାଞ୍ଜଳି ତାଣ୍ଡି, ପଟାଭାଡି ପ୍ରାଥମିକ ବିଦ୍ୟାଳୟ ରୁ ପୁଷ୍ପା ସିଂହ, ବାଳିକା ଉଚ୍ଚ ବିଦ୍ୟାଳୟ ରୁ ମମିତା ଭୋଇ, ମାମି ବଢ଼ିଆ, ଆଲୋକ ଗହନ, ବଡବଜାର ଉପ୍ରା ବିଦ୍ୟାଳୟ ରୁ ତପସ୍ୱିନୀ ଦାଶ, ଭାରତୀ କର୍ଣ୍ଣ, ଗୀତାଞ୍ଜଳୀ ଦରୱାନ, ସବିତା ସାହୁ, ସୁରେଶ୍ୱରୀ ପ୍ରାଥମିକ ବିଦ୍ୟାଳୟ ରୁ ରୀତାରାଣୀ କର, ଟାଉନ୍ ପ୍ରାଥମିକ ବିଦ୍ୟାଳୟ ରୁ ଆରତୀ ବହିଦାର ସହଯୋଗ କରିଥିଲେ।ବରିଷ୍ଠ ଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀ କାର୍ଯ୍ୟକ୍ରମର ଇଭେଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ ତୁଲାଇ ଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ ସାମଗ୍ରିକ ପର୍ଯ୍ୟବେକ୍ଷଣ କରୁଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଦରୱାନ ମଞ୍ଚ ପରିଚାଳନା କରିଥିଲେ।

## ଛାତ୍ର ସଂସଦ ନିର୍ବାଚନ, ନାମାଙ୍କନ ପତ୍ର ଦାଖଲ ଶେଷ



ଧର୍ମଶାଳା,୯।୧୦ (ସଂଚାର ବ୍ୟୁରୋ): କଲେଜ ଗୁଡିକରେ ହେବାକୁଥିବା ଛାତ୍ର ସଂସଦ ନିର୍ବାଚନ ପାଇଁ ଆଜି ନାମାଙ୍କନ ଦାଖଲ କରିବାକୁ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ଧର୍ମଶାଳା ମହାବିଦ୍ୟାଳୟରେ କେବଳ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମର୍ଥୀତ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଥିବାରୁ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ଅଜି କଲେଜ ଗୁଡିକରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଦିନ ୧୦ ରୁ ଦିନ ୧ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ରହିଥିଲା। ତେବେ ଆଜି କେବଳ ଏବିଭିପି ସମର୍ଥୀତ ୧୭ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ଦାଖଲ କରିଥିବା ବେଳେ ଅନ୍ୟ କୌଣସୀ ଦଳ ସମର୍ଥିତ କିମ୍ବା ସ୍ୱାଧିନ ଭାବେ କୌଣସୀ ପ୍ରାର୍ଥୀ ନାମାଙ୍କନ ଦାଖଲ କରିନଥିଲେ। ଫଳରେ ଆଜି ନାମାଙ୍କନ ଦାଖଲ କରିଥିବା ଏବିଭିପି ସମର୍ଥୀତ ସମସ୍ତ ପ୍ରାର୍ଥୀଙ୍କ ବିଜୟ ହୋଇଛି। ଆଜି ଏବିଭିପି ସମର୍ଥୀତ ସମସ୍ତ ପ୍ରାର୍ଥୀମାନେ ଜାରକା ଜେମାଶୁଣୀ ପୀଠରେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ କଲେଜ ପର୍ଯ୍ୟନ୍ତ ଯାଇ ସେଠାରେ ୧୭ ଗୋଟି ପୋଷ୍ଟ ଲାଗି ତିନି ସେଟ ଲେଖାଏଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଦିନ ୨ଟାରୁ ୪ ମଧ୍ୟରେ ନାମାଙ୍କନ ପତ୍ର ଯାଂଚ କରାଯାଇଥିବା ବେଳେ ଏବିଭିପି ସମର୍ଥୀତ ସମସ୍ତ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଥିଲା।

● ଟ୍ରେଡ ୟୁନିଅନ ସମନ୍ୱୟ ସମିତି ତରଫରୁ

## ଗୋପବନ୍ଧୁ ଦାସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ

ସୁବର୍ଣ୍ଣପୁର,୯।୧୦ (ସଂଚାର ବ୍ୟୁରୋ): ଭାରତ ବର୍ଷ ସ୍ୱାଧୀନତା ଆନ୍ଦୋଳନର ଆଗଧାଡିର ନେତା ସମାଜ ସଂସ୍କାରକ, ସମାଜସେବୀ, ଶିକ୍ଷାବିତ, କବି, ପଞ୍ଚସଖା ର ଅଗ୍ରଣୀ ନେତା ଉତ୍କଳ ମଣୀ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଏକ ସ୍ମରଣୀୟ ସଭା ଉପ ଶ୍ରମ ଆୟୁକ୍ତ, ସୁବର୍ଣ୍ଣପୁର ଙ୍କ ଦପ୍ତର ପ୍ରାଙ୍ଗଣରେ ଶ୍ରମିକ ନେତା କର୍ମଯୋଗୀ ଗୋବିନ୍ଦ ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ଗାମ୍ଭିର୍ଯ୍ୟପୂର୍ଣ୍ଣ ପରିବେଶର ଅନୁଷ୍ଠିତ ହୋଇ ଉତ୍କଳ ମଣୀ ଗୋପବନ୍ଧୁ ଦାସଙ୍କ ପ୍ରତି ଜନ୍ମଦିନରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲାର ସମସ୍ତ କାର୍ଯ୍ୟରତ ଶ୍ରମିକ ସଂଗଠନର ନେତୃମଣ୍ଡଳୀ ଯୋଗଦେଇଥିଲେ।



ସଭାପତି ଗୋବିନ୍ଦ ମହାରଣା ଙ୍କ ସମେତ ସୂର୍ଯ୍ୟକାନ୍ତ ରାଉଲ, ରମେଶ ନନ୍ଦ, ବୀଶେଶ୍ୱର ଷାଣ୍ଡ, କୃଷ୍ଣଚନ୍ଦ୍ର କର୍ଣ୍ଣ, ଗୋପବନ୍ଧୁ ଦାସ ଙ୍କ ଜୀବନ ସଂଗ୍ରାମର ବିଭିନ୍ନ ଦିଗ ଆଲୋଚନା କରି ବିଶେଷ କରି ବ୍ରିଟିଶ୍ ରାଜରେ ଗୋପବନ୍ଧୁ ଦାସ ଙ୍କ ନେତୃତ୍ୱରେ ଶ୍ରମିକ ସଂଗଠନ ଗଢ଼ି ଶ୍ରମିକ ଶ୍ରେଣୀକୁ ଶୋଷଣରୁ ମୁକ୍ତ କରିବା ପାଇଁ ଯେଉଁ ସାଧନା ଓ ନିଷ୍ଠାପର ସଂଗ୍ରାମ ଜାରି ରଖିଥିଲେ ତାଉପରେ ଆଲୋକପାତ କରିଥିଲେ।

## ସେବା ଓ ମହନତାର ପ୍ରତୀକ ଗୋପବନ୍ଧୁ ଦାଶ



ବେତନଟୀ,୯।୧୦ (ସଂଚାର ବ୍ୟୁରୋ): ପୁଣ୍ୟାତ୍ମା ଗୋପବନ୍ଧୁ ଦାଶଙ୍କର ୧୫୦ ତମ ଜୟନ୍ତୀକୁ ମହା ଆଡମ୍ବର ସହକାରେ ପାଳନ କରିଛି, ବାହାନଡାର ଗୋପବନ୍ଧୁ ସ୍ମୃତି କମିଟି ଓ ସମାଜ ସମ୍ବାଦପତ୍ର। ପ୍ରାତଃ ୮ ଘଣ୍ଟାରେ ବାହାନଡା ଗ୍ରାମର ମୁଖ୍ୟ ଛକରେ ପ୍ରତିଷ୍ଠିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଗୋପବନ୍ଧୁ ଜ୍ୟୋତିର ଗ୍ରାମ୍ୟ ପ୍ରଦକ୍ଷିଣ ସହ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ବିମଳ କୁମାର ଜେନାଙ୍କ ଅଧ୍ୟକ୍ଷତା ତଥା ସଂଯୋଜନାରେ ଅନୁଷ୍ଠିତ ସଭାରେ ସମାଜ ଖବର କାଗଜ ପାଠକ, ସିଭିଲ ସୋସାଇଟିର ସଭ୍ୟଗଣ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ । ବୟୋଜ୍ୟେଷ୍ଠ ବ୍ୟକ୍ତି ସୁରେନ୍ଦ୍ର ନାଥ ଲେଙ୍କା ପୁଷ୍ପ ମାଲ୍ୟ, ଧୂପ ଅର୍ପଣ କରିଥିଲେ। ସଭାରମ୍ଭରେ ରୋଟାରୀ କ୍ଲବ୍ ଉପସଭାପତି ରବୀନ୍ଦ୍ର ନାଥ ମିଶ୍ର ଗୋପବନ୍ଧୁ ମାନବ ସେବା ମାଧ୍ୟମରେ ମାଧବ ସେବାର ତୁଳନାତ୍ମକ ବିବରଣୀ ପ୍ରଦାନ କରିଥିଲେ । ସିଭିଲ ସୋସାଇଟିର ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ତାଙ୍କ ବକ୍ତବ୍ୟରେ ଗୋପବନ୍ଧୁ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ଉଦାହରଣ ସହ ବକ୍ତବ୍ୟ ରଖିଥିଲେ ।

## ଚଳନ୍ତା ସ୍କୁଲ ବସ୍‌ରୁ ବାହାରିଲା ନାଗସାପ

କେସିଙ୍ଗା,୯।୧୦ (ସଂଚାର ବ୍ୟୁରୋ): କଳାହାଣ୍ଡି ଓ ବଲାଙ୍ଗୀର ସୀମାନ୍ତରେ ଥିବା ସଇଁତଳା ବ୍ଲକର ବେଲଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନିୟୋଜିତ ଥିବା ବସ୍ ନଂ ଓଡ଼ି-୦୩-ଏନ, ୬୯୪୫ରେ ଏକ ୫ ଫୁଟର ନାଗ ସାପ ରହିଥିଲା। ସ୍କୁଲ ଛୁଟି ହେବାପରେ କେସିଙ୍ଗା ବ୍ଲକର ନୁନମାଠ, ତୁର୍ଲାଖମାନ ଓ ତୁଣ୍ଡଲା ଗ୍ରାମର ପ୍ରାୟ ୪୦-୫୦ଜଣ ଛାତ୍ରୀଛାତ୍ର ବସ୍‌ରେ ବସି ଘରୁ ଡ୍ରାଇଭର ଛାଡ଼ିବା ପାଇଁ ନେଉଥିଲେ। ପ୍ରତ୍ୟେକ ଗ୍ରାମରେ ଛାତ୍ରୀଛାତ୍ରଙ୍କୁ ଜଣଙ୍କ ପରେ ଜଣଙ୍କୁ ବସ୍‌ରୁ ଓହ୍ଲାଇ ଖାଲି ବସ୍ ସହ ଡ୍ରାଇଭର ଲବ ବାଗ ଓ ଜଣେ ଶିକ୍ଷକ ବେଲଗାଁ ଫେରୁଥିବା ସମୟରେ ତୁର୍ଲାଖମନ ଗ୍ରାମର ବଜ୍ରଗଡ଼ ଜଙ୍ଗଲର ଜାତୀୟ ରାଜପଥ ୪୯ ନିକଟସ୍ଥ ଉପ ପ୍ରାଣୀ ଚିକିତ୍ସାଳୟ ନିକଟରେ ଡ୍ରାଇଭରଙ୍କ ପାଦରେ ନାଗସାପ ଥିବାର ଦେଖି ଡ୍ରାଇଭର ଜଣକ ପ୍ରାଣ ବିକଳରେ ବସ ଅଟକାଇ ବସ୍‌ରୁ ଡେଇଁପଡ଼ିଥିଲେ। ନାଗସାପ ମଧ୍ୟ ଇଞ୍ଜିନ ଗରମ ଯୋଗୁ ପଦାକୁ ଡେଇଁପଡି ବସ୍ ତଳେ ରହିଥିଲା।

● ଶିଶୁ ଅନନ୍ତ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ

## ୧୮ ପ୍ରାର୍ଥୀଙ୍କ ମନୋନୟନ ପତ୍ର ଦାଖଲ



ବାଲିପାଟଣା,୯।୧୦ (ସଂଚାର ବ୍ୟୁରୋ): ଶିଶୁ ଅନନ୍ତ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ପାଇଁ କଲେଜ ମାହୋଲ ସରଗରମ ହେବାରେ ଲାଗିଛି। ଆଜି ବିଭିନ୍ନ ପଦବୀ ପାଇଁ ମୋଟ ୧୮ ଜଣ ପ୍ରାର୍ଥୀ ଆଶାୟୀ ଭାବେ ନିଜ ନିଜର ମନୋନୟନ ପତ୍ର ଦାଖଲ କରିଛନ୍ତି। ଆସନ୍ତାକାଲି ଦାଖଲ ହୋଇଥିବା ପ୍ରାର୍ଥୀପତ୍ରଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମିଳିଥିବା ସୂଚନା ଅନୁଯାୟୀ, ଗୁରୁତ୍ୱପୂର୍ଣ୍ଣ ସଭାପତି ପଦବୀ ପାଇଁ ବିଶାଳ ଜେନା, ଅଭିଲିପସା ବାରିକ, ସୌମ୍ୟ ରଞ୍ଜନ ବିଶ୍ୱାଳ, ଶୁଭମ୍ ଜେନା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଉପସଭାପତି ପଦ ପାଇଁ ରଶ୍ମିତା ନାଥ ଓ ସବ୍ୟସାଚୀ ଶତପଥୀ ମଇଦାନକୁ ଓହ୍ଲାଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦବୀ ପାଇଁ ସୁଶ୍ରୀ ସଂଗୀତା ଭୋଇ, ଲେସଲି ଭୋଇ, ସୁସ୍ମିତା ଡାକୁଆ, ସତ୍ୟଜିତ ଷଡ଼ଙ୍ଗୀ, କୃତ୍ତିକା ମହାପାତ୍ର ମନୋନୟନ ପତ୍ର ଭରିଥିବା ବେଳେ ସହ ସାଧାରଣ ସମ୍ପାଦକ ପାଇଁ ଅମିତ ପ୍ରସାଦ ସ୍ୱାଇଁ ଓ ସୁଭାଶିଷ ପାଣି ଦାବିଦାର ଅଛନ୍ତି।ଅନ୍ୟାନ୍ୟ ପଦବୀ ମଧ୍ୟରେ ଖେଳ ସମ୍ପାଦକ ପାଇଁ ଶୁଭଶ୍ରୀ ପ୍ରିୟଦର୍ଶିନୀ ଭୋଇ, ରାକେଶ ସାହୁ ଓ ପୃଥ୍ୱୀରାଜ ସ୍ୱାଇଁ, ନୃତ୍ୟ ସମ୍ପାଦକ ପାଇଁ ଇତିଶ୍ରୀ ପରିଡା ଏବଂ ମହିଳା କମନ୍‌ରୁମ୍ ସମ୍ପାଦିକା ପାଇଁ କଲ୍ୟାଣୀ ଦାସ ନିଜ ନିଜର ପ୍ରାର୍ଥୀପତ୍ର କଲେଜ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିଛନ୍ତି।କଲେଜ କ୍ୟାମ୍ପସରେ ରାଜନୈତିକ ସରଗରମ ବୃଦ୍ଧି ପାଇଥିବା ବେଳେ, ଦଳୀୟ ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ସଭାପତି ପଦ ପାଇଁ ସୌମ୍ୟ ରଞ୍ଜନ ବିଶ୍ୱାଳ ଏବିଭିପି ସମର୍ଥିତ ପ୍ରାର୍ଥୀ ଭାବେ ଏବଂ ବିଶାଳ ଜେନା ଛାତ୍ର ୟୁନିଅନ ତରଫରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନେଇ ଶୁଣିବାକୁ ମିଳୁଛି। ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ ପରେ ଚିତ୍ର ଅଧିକ ସ୍ପଷ୍ଟ ହେବ।

## ଛୁରାମାଡ଼ରେ ଜଣେ ମୃତ, ଅନ୍ୟଜଣେ ଗୁରୁତର

କଲ୍ୟାଣସିଂହପୁର,୯।୧୦ (ସଂଚାର ବ୍ୟୁରୋ): କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଶିଖରପାଇ ବାଲିଯାତ୍ରାରେ ଘଟିଛି ଏକ ଅଭାବନୀୟ ଘଟଣା। ସାମାନ୍ୟ ବଚସାକୁ କେନ୍ଦ୍ର କରି ଦୁଇ ଯୁବକଙ୍କ ଉପରେ ମରଣାନ୍ତକ ଛୁରାମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ମହେଶ କାଡ୍ରାକା ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ରହନ କାଡ୍ରାକା ନାମକ ଅନ୍ୟ ଜଣେ ଯୁବକ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଶିଖରପାଇ ବାଲିଯାତ୍ରା ଚାଲିଥିବା ସମୟରେ କୌଣସି ଏକ କଥାକୁ ନେଇ କିଛି ଯୁବକଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ପରେ ଏହା ଉଗ୍ରରୂପ ଧାରଣ କରିବାରୁ ଦୁଇ ଯୁବକଙ୍କ ଉପରେ ଅତର୍କିତ ଭାବେ ଛୁରାମାଡ଼ କରାଯାଇଥିଲା। ଫଳରେ ମହେଶ ଓ ରହନ ରକ୍ତାକ୍ତ ଅବସ୍ଥାରେ ଘଟଣାସ୍ଥଳରେ ପଡ଼ିଯାଇଥିଲେ। ଖବର ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଭୟ ଆହତଙ୍କୁ ଉଦ୍ଧାର କରି କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ମହେଶଙ୍କୁ ମୃତ ଘୋଷଣା କରିଥିଲେ।

## ବାଇକ ଦୁର୍ଘଟଣାରେ ଯୁବକ ଗୁରୁତର

ବୈଶିଙ୍ଗା,୯।୧୦ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା- ମାଣତ୍ରୀ ରାସ୍ତାର ଓଲଡିହ ଠାରେ ଜନୈକ ବାଇକ ଚାଳକ ହଠାତ୍ ଗାଡି ରୋକିବାକୁ ଯାଇ ଦୁର୍ଘଟଣାର ଶୀକାର ହୋଇଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଏହି ଥାନା ଅନ୍ତର୍ଗତ ବାଲିଆପିଟା ଗ୍ରାମର ପୋଟଳ ସିଂ (୨୫) ନିଜର ପଲସର ବାଇକ ରେ ବୈଶିଙ୍ଗା ଅଭିମୂଖେ ଆସୁଥିବା ବେଳେ ଓଲଡିହ ପୋଲ ନିକଟର ବିପଦ ପୂର୍ଣ୍ଣ ରାସ୍ତାରେ ନିଜକୁ ବଞ୍ଚାଇବାକୁ ଯାଇ ଖାଲ ଖମାରେ ପଡ଼ି ଦଶ ଫୁଟ ରାସ୍ତା ଘୁଷୁରି ଯାଇଥିଲେ। ପାଖ ଦୋକାନୀ ଙ୍କ ସହଯୋଗରେ ବୈଶିଙ୍ଗା ଡାକ୍ତରଖାନା ଅଣା ଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ବାଲେଶ୍ୱର ରେଫର କରାଯାଇଥିବା ଜଣା ଯାଇଛି।

# ନିଶା ନିବାରଣ ଓ ନାବାଳିକା ଯୌନ ନିର୍ଯାତନା ସଚେତନତା



ବୈଶିଙ୍ଗା,୯।୧୦ (ସଂଚାର ବ୍ୟୁରୋ): ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଶା ନିବାରଣ, ସାଇବର ଠକେଇ ଏବଂ ନାବାଳିକାଙ୍କ ପ୍ରତି ଯୌନ ନିର୍ଯ୍ୟାତନା ଭଳି ସମ୍ବେଦନଶୀଳ ବିଷୟକୁ ନେଇ ବୈଶିଙ୍ଗା ଥାନା ପକ୍ଷରୁ ଏକ ସଚେତନତା ଓ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏଥିରେ ବୈଶିଙ୍ଗା ଥାନାର ଆଇଆଇସି ଶ୍ରୀଯୁକ୍ତ ବାବା ଶଙ୍କର ସରାଫ ଙ୍କ ସମେତ ପୁଲିସ ଟିମ୍, ବିଦ୍ୟାଳୟର ଅଧ୍ୟକ୍ଷ, ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକାମାନେ ଯୋଗଦେଇଥିଲେ। ଏହି ଅବସରରେ ଆଇଆଇସି ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ଜଣେ ଭଲ ମଣିଷ ହେବା ସହ ଉତ୍ତମ ଚରିତ୍ର ଗଠନ, ଶୃଙ୍ଖଳା, ନୈତିକ ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱବୋଧକୁ ଜୀବନରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ନିଶା ସେବନ ଯୁବପିଢ଼ିର ଭବିଷ୍ୟତକୁ କିପରି ପ୍ରଭାବିତ କରେ, ସେ ସମ୍ପର୍କରେ ସଚେତନ କରାଇବା ସହ ସାଇବର ଠକେଇରୁ ରକ୍ଷା ପାଇବା ପାଇଁ ଅଜଣା ଲିଙ୍କ୍‌ରେ କ୍ଲିକ୍ ନ କରିବା, ନିଜର ଗୁପ୍ତ ତଥ୍ୟ, ଓଟିପି ଓ ବ୍ୟାଙ୍କ ସମ୍ବନ୍ଧୀୟ ସୂଚନା ଅନ୍ୟ କାହାକୁ ନ ଦେବା ଭଳି ସତର୍କତାମୂଳକ ପରାମର୍ଶ ଦିଆଯାଇଥିଲା। ସେହିପରି ନାବାଳିକାଙ୍କ ପ୍ରତି ଯୌନ ନିର୍ଯ୍ୟାତନା ଏକ ଗୁରୁତର ଅପରାଧ ବୋଲି ଉଲ୍ଲେଖ କରି ପିଲାମାନଙ୍କ ସୁରକ୍ଷା, ସଚେତନତା ଏବଂ ଏପରି ଘଟଣା ଘଟିଲେ ଭୟ ନ କରି ଅଭିଭାବକ, ଶିକ୍ଷକ କିମ୍ବା ପୁଲିସଙ୍କର ସହାୟତା ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।